# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ନଭେମ୍ବର ୧୮/୨୦୧୯ (୧୬ ପୃଷ୍ଠା) Sambalpur, Monday, November 18 / 2019 ★★

୧୫ଶ ଭାଗ ୩୩୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ଟି୨୦ରେ ନେଗିଙ୍କ ରେକର୍ଡ**

ଅଭୟ୍ ନେଗି ସୟଦ ମୁସ୍ତାକ ଅଲି ଟି୨୦ କ୍ରିକେଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ ସହ ରେକର୍ଡ କରିଛନ୍ତି। ୧୪

୦୨ **ଅସୁସ୍ଥ ପରିଣୀତି**

ଲୋକପ୍ରିୟ ବ୍ୟାଡ୍‌ମିଣ୍ଟନ୍ ତାରକା ସାଇନା ନେହ୍ୱାଲ୍‌ଙ୍କ ବାୟୋପିକ୍ ପାଇଁ ବ୍ୟାଡ୍‌ମିଣ୍ଟନ୍ ଟ୍ରେନିଂ ବେଳେ ପରିଣୀତିଙ୍କୁ ଆଘାତ ଲାଗିଛି। ଏନେଇ ସେ ଫିଜିଓଥେରପି ସେସନ୍ ଆରମ୍ଭ କରିଛନ୍ତି।



# ନାବାଳିକାଙ୍କୁ ଗଣବଳାତ୍କାର

**ବଣାଇ,୧୭।୧୧(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ ଲହୁଣୀପଡା ଥାନା ଅନ୍ତର୍ଗତ ଟେନସାବସ୍ତିରେ ଶୁକ୍ରବାର ରାତିରେ ଜଣେ ନାବାଳିକା (୧୪)ଙ୍କୁ ଗଣବଳାତ୍କାର କରାଯାଇଛି। ରବିବାର ଘଟଣାରେ ସମ୍ପୃକ୍ତ ୨ନାବାଳକ ସହ ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ କହିଛି।

ଶୁକ୍ରବାର ଏକ ନିର୍ବନ୍ଧ ଉତ୍ସବରେ ଯୋଗଦେବା ପାଇଁ ଉକ୍ତ ଅଞ୍ଚଳର ନାବାଳିକା ଯାଇଥିଲେ। ଜଣେ ନାବାଳକ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଟେନସା ଡାକବଙ୍ଗଳା ନିକଟକୁ ନେଇଯାଇଥିଲେ। ପରେ ଆଉ ଦୁଇଜଣ ସେଠାରେ ପହଞ୍ଚି ଥିଲେ। ଶେଷରେ ସମସ୍ତେ ତାଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଶନିବାର ଟେନ୍‌ସା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱ

### ୨ ନାବାଳକଙ୍କ ସମେତ ୩ ଅଟକ

ଦେଇ ନ ଥିଲା। ପରେ ସ୍ଥାନୀୟ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ମହିଳା ଫାଣ୍ଡି ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ପୋଲିସ ଅଭିଯୋଗକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲା। କେଉଁ କାରଣରୁ ପୋଲିସ ଏହି ଘଟଣାକୁ ଚାପି ଦେବାକୁ ଚେଷ୍ଟା କରୁଥିଲା ତାହା ଜଣାପଡିନାହିଁ। ମହିଳାଙ୍କ ଆନ୍ଦୋଳନ ପରେ ପୋଲିସ ଚାପରେ ଏକ ମାମଲା ରୁଜୁ କରିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ଲହୁଣୀପଡା ଥାନାରେ ଏକ ମାମଲା (ନଂ.୧୨୧/୨୦୧୯) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପୋଲିସ ପ୍ରଥମରୁ ଏହି ଘଟଣାକୁ ଚାପିଦେବାକୁ ଚେଷ୍ଟା କରୁଥିବାରୁ ତଦନ୍ତର ଦିଗ କୁଆଡେ ଯାଉଛି ତା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଅଯୋଧ୍ୟା ରାୟକୁ ଚ୍ୟାଲେଞ୍ଜ ନିଷ୍ପତ୍ତି

- ୫ ଏକର ଜମି ନେବାକୁ ମନାକଲା ଏଆଇଏମ୍‌ପିଏଲ୍‌ବି
- ରାୟ ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରିବ ଜମାଇତ୍



**ଲକ୍ଷ୍ନୌ/ନୂଆଦିଲ୍ଲୀ,୧୭।୧୧ (ପି.ଟି./ଆଇଏଏନ୍‌ଏସ୍)**

ସୁପ୍ରିମକୋର୍ଟଙ୍କ ଅଯୋଧ୍ୟା ରାୟ ପରେ ମଧ୍ୟ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦର ସମାଧାନ ହୋଇପାରି ନାହିଁ। ଏହି ଐତିହାସିକ ରାୟକୁ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡ ସ୍ୱାଗତ କରିଥିବାବେଳେ ଦୁଇଟି ମୁସ୍‌ଲିମ ସଙ୍ଗଠନ ଏକତରଫା ଓ ଭିତ୍ତିହୀନ ଦର୍ଶାଇ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିବାକୁ ଯାଉଛନ୍ତି। ଜମାଇତ୍-ଉଲେମା-ହିନ୍ଦ୍ ଏବଂ ଅଲ୍ ଇଣ୍ଡିଆ ମୁସ୍‌ଲିମ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ରାୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସର୍ବୋଚ୍ଚ ଅଦାଲତରେ ରିଭ୍ୟୁ ପିଟିଶନ ଦାଏର କରିବାକୁ ରବିବାର ନିଷ୍ପତ୍ତି ନେଇଛନ୍ତି।

ସୁପ୍ରିମକୋର୍ଟ ଗତ ୯ ତାରିଖରେ ଅଯୋଧ୍ୟାର ଶତାବ୍ଦୀ ପୁରୁଣା ଜମି ବିବାଦ ମାମଲାର ରାୟ ଶୁଣାଇଥିଲେ। ଅଯୋଧ୍ୟାସ୍ଥିତ ୨.୭୭ ଏକର ବିବାଦୀୟ ଜମି ଅନ୍ୟତମ ହିନ୍ଦୁ ପକ୍ଷ ରାମ ଲାଲାଙ୍କୁ ମନ୍ଦିର ନିର୍ମାଣ ନିମନ୍ତେ ଦିଆଯିବ ଏବଂ ମସ୍‌ଜିଦ ପାଇଁ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡକୁ ବିକଳ୍ପ ୫ ଏକର ଜମି ପ୍ରଦାନ କରାଯିବ ବୋଲି ୫ ଜଣିଆ ସାମ୍ବିଧାନିକ ପୀଠ ଘୋଷଣା କରିଥିଲେ। ଏହାକୁ ୱାକଫ୍ ବୋର୍ଡ ସ୍ୱାଗତ କରିଛି। ରାୟ ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରାଯିବ ନାହିଁ ବୋଲି ୱାକଫ୍ ବୋର୍ଡ ଅଧ୍ୟକ୍ଷ ଜଫର୍ ଫାରୁକି ସ୍ପଷ୍ଟ କରିସାରିଛନ୍ତି। ହେଲେ ଶୀର୍ଷ ଅଦାଲତ ନିଷ୍ପତ୍ତି ଶୁଣାଇବାର ସପ୍ତାହେ ନ ପୂରୁଣୁ ଜମାଇତ୍ ଆପତ୍ତି ଉଠାଇଛି। ଜମାଇତ୍ ମୁଖ୍ୟ ମୌଲାନା ଅର୍ଷଦ ମଦାନି ଏକ ବିବୃତିରେ କହିଛନ୍ତି, ଅଯୋଧ୍ୟା ରାୟ ପ୍ରମାଣ ଓ ଯୁକ୍ତି ଆଧାରିତ ନୁହେଁ। କାରଣ ସୁପ୍ରିମକୋର୍ଟ ସମସ୍ତ ମୁସ୍‌ଲିମ ପକ୍ଷଙ୍କ ଯୁକ୍ତି ଓ ପ୍ରମାଣକୁ ଗ୍ରହଣ କରିବା ସତ୍ତ୍ୱେ ହିନ୍ଦୁ ପକ୍ଷଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି। ଆମକୁ ସମ୍ପୂର୍ଣ୍ଣ ନ୍ୟାୟ ମିଳି ନ ଥିବାରୁ ମୁସ୍‌ଲିମମାନେ ମସ୍‌ଜିଦକୁ ଅନ୍ୟତ୍ର ସ୍ଥାନାନ୍ତର କରିପାରିବେ ନାହିଁ।

ଜମାଇତ୍‌ର (ଉତ୍ତରପ୍ରଦେଶ) ପୂର୍ବତନ ସାଧାରଣ ସମ୍ପାଦକ ଏମ୍. ସିଦ୍ଦିକି ଏହି ମାମଲାର ଅନ୍ୟତମ ମୂଳ ଆବେଦନକାରୀ ଥିଲେ। ବର୍ତ୍ତମାନ ତାଙ୍କ ପଦରେ ଥିବା ଅଶାଦ୍ ରାଶ୍‌ଦି ପରବର୍ତ୍ତୀ ସମୟରେ ମାମଲାର ଆବେଦନକାରୀ ହୋଇଥିଲେ ବୋଲି ଜମାଇତ୍ ସମ୍ପାଦକ ଫଜ୍‌ଲୁର ରହମନ କହିଛନ୍ତି। ଜମାଇତ୍‌ର ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ କାର୍ଯ୍ୟକାରୀ କମିଟିର ସମ୍ମତି ପରେ ରାୟକୁ ଚ୍ୟାଲେଞ୍ଜ କରିବା ପାଇଁ ସ୍ଥିର କରାଯାଇଛି। ଏ ସଂକ୍ରାନ୍ତରେ ବିଶେଷଜ୍ଞ ଓ ଆଇନଜୀବୀମାନଙ୍କ ପରାମର୍ଶ ନିଆଯାଇଛି। ରାୟ ବିରୋଧରେ ପୁନର୍ବିଚାର ଆବେଦନ କରାଯିବ। ରିଭ୍ୟୁ ପିଟିଶନ ଦାଏର କରିବା ପାଇଁ ଭାରତର ସମ୍ବିଧାନରେ ବିକଳ୍ପ ବ୍ୟବସ୍ଥା ଥିବାରୁ ଏହା ଚୂଡ଼ାନ୍ତ ରାୟ ନୁହେଁ ବୋଲି ସେ କହିଛନ୍ତି।

ରାୟକୁ ନେଇ ଏଆଇଏମ୍‌ପିଏଲ୍‌ବି ମଧ୍ୟ ଅନୁରୂପ ଭାବେ ଅସନ୍ତୋଷ ବ୍ୟକ୍ତ କରିବା ସହ ମସ୍‌ଜିଦ ନିର୍ମାଣ ପାଇଁ ବିକଳ୍ପ ୫ ଏକର ଜମି ଗ୍ରହଣ କରିବାକୁ ମନା କରିଦେଇଛି। ଏହି ସଙ୍ଗଠନର ବରିଷ୍ଠ ସଦସ୍ୟ ତଥା ଅଲ୍ ଇଣ୍ଡିଆ ବାବ୍ରୀ ମସ୍‌ଜିଦ୍ ଆକ୍ସନ କମିଟି (ଏଆଇବିଏମ୍‌ଏସି) ଆବାହକ ଜଫରୟାବ୍ ଜିଲାନି କହିଛନ୍ତି, ମସ୍‌ଜିଦ ଜମି ଆଲ୍ଲାଙ୍କର ଓ ଶାରିଆ ଅଧୀନ। ତେଣୁ ଏହାକୁ କାହାକୁ ଦିଆଯାଇ ପାରିବ ନାହିଁ। ମସ୍‌ଜିଦ ନିର୍ମାଣ ପାଇଁ ଅନ୍ୟ କୌଣସି ସ୍ଥାନରେ ଜମି ଗ୍ରହଣ କରିବୁ ନାହିଁ। ୧୯୪୯ ଡିସେମ୍ବର ୨୩ ରାତିରେ ବାବ୍ରୀ ମସ୍‌ଜିଦ ଭିତରେ ଭଗବାନ ରାମଙ୍କ ମୂର୍ତ୍ତି ସ୍ଥାପନା କରିବା ଅସାମ୍ବିଧାନିକ ଥିଲା। ତେଣୁ ସୁପ୍ରିମକୋର୍ଟ ରାମମୂର୍ତ୍ତିଙ୍କୁ 'ଆରାଧ୍ୟ' ବୋଲି କିପରି ବିବେଚନା କଲେ। ୫ ଏକର ଜମି ପ୍ରଦାନ କରାଯିବା ଦ୍ୱାରା ସନ୍ତୁଳନ ରକ୍ଷା କରାଯାଇ ପାରିବ ନାହିଁ କି କ୍ଷତି ପୂରଣ ହୋଇ ପାରିବ ନାହିଁ। ପୂର୍ବରୁ ମୁସଲମାନମାନଙ୍କ ପକ୍ଷରୁ ଏହି ମାମଲା ଦାଏର କରାଯାଇଥିଲା। ବୋର୍ଡ ଏହି ସମ୍ପ୍ରଦାୟର ଭାବବେଗର ପ୍ରତିନିଧିତ୍ୱ କରୁଥିଲା। ତେଣୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ରାୟ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ରିଭ୍ୟୁ ପିଟିଶନ ଦାଏର କରାଯିବ। ଏବେ ସୁନ୍ନି ୱାକଫ୍ ବୋର୍ଡ ମୁସଲମାନ ସମ୍ପ୍ରଦାୟର ଏହି ମତକୁ ସମ୍ମାନ ଦେବା ଉଚିତ ବୋଲି ଏଆଇଏମ୍‌ପିଏଲ୍‌ବି ପକ୍ଷରୁ କୁହାଯାଇଛି।

## ■ ଆଜିଠାରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ

# ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ: ପ୍ରଧାନମନ୍ତ୍ରୀ

### ସର୍ବଦଳୀୟ ବୈଠକରେ ଫାରୁକଙ୍କ ଅଟକ ପ୍ରସଙ୍ଗ ଉଠାଇଲେ ବିରୋଧୀ




**ନୂଆଦିଲ୍ଲୀ,୧୭।୧୧(ପି.ଟି.)**

ପାର୍ଲାମେଣ୍ଟର ଶୀତ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ରବିବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିବା ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷରେ ବିରୋଧୀ ଦଳଗୁଡ଼ିକ ଲୋକ ସଭା ଏମ୍‌ପି ଫାରୁକ୍ ଅବଦୁଲ୍ଲାଙ୍କ ଅଟକ ପ୍ରସଙ୍ଗ ଉଠାଇଥିଲେ। ଗୃହକାର୍ଯ୍ୟରେ ଯୋଗଦେବା ଲାଗି ତାଙ୍କୁ ମୁକ୍ତ କରାଯାଉ ବୋଲି ବିରୋଧୀ ନେତାମାନେ ଦୃଢ଼ ଦାବି କରିଥିଲେ। ସରକାରଙ୍କ ପକ୍ଷରୁ ଡକାଯାଇଥିବା ଏହି ସର୍ବଦଳୀୟ ବୈଠକରେ ବିରୋଧୀମାନେ ଆର୍ଥିକ ମାନ୍ଦାବସ୍ଥା, ବେରୋଜଗାରୀ ବୃଦ୍ଧି, କୃଷକମାନଙ୍କ ସମସ୍ୟା ପ୍ରସଙ୍ଗ ଉଠାଇ ଏହା ଉପରେ ଅଧିବେଶନରେ ଆଲୋଚନା କରିବେ ବୋଲି ଦାବି କରିଥିବା କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି।

୨୭ଟି ଦଳର ନେତା ବୈଠକରେ ଉପସ୍ଥିତ ଥିଲେ। ଗୃହରେ ଆଲୋଚନା ଓ ବିତର୍କ କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ପୂର୍ବ ଅଧିବେଶନ ଭଳି ଏହାକୁ ଫଳପ୍ରଦ କରାଇବା ପାଇଁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଗଣମାଧ୍ୟମକୁ କହିଛନ୍ତି। ବୈଠକରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏମ୍‌ପି ହସନୈନ ମାସୁଦି ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକଙ୍କ ଅଟକ ପ୍ରସଙ୍ଗ ଉଠାଇ ତାଙ୍କୁ ସଂସଦୀୟ ଅଧିବେଶନରେ ଯୋଗଦେବାର ବ୍ୟବସ୍ଥା କରିବା ସରକାରଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ବୋଲି କହିଥିଲେ। ବେଆଇନ ଭାବେ ଜଣେ ଏମ୍‌ପିଙ୍କୁ ଅଟକ ରଖାଯାଇପାରିବ ନାହିଁ। ତାଙ୍କୁ ତୁରନ୍ତ ଛଡ଼ାଯାଉ ବୋଲି ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ କହିଥିଲେ। ସୂଚନାଯୋଗ୍ୟ ଫାରୁକଙ୍କୁ ଜନନିରାପତ୍ତା ☞ପୃଷ୍ଠା-୪

### ବିଜେଡି ଫୋକସ୍‌ରେ ବିଧାନ ପରିଷଦ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ରାଜ୍ୟରେ ବିଧାନ ପରିଷଦ ଗଠନ ନେଇ ଓଡ଼ିଶା ବିଧାନସଭାରେ ପୂର୍ବରୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ହେଲେ ଏଥିପାଇଁ ପାର୍ଲାମେଣ୍ଟରେ ବିଧେୟକ ଆସି ଗୃହୀତ ହେବା ସହ ରାଷ୍ଟ୍ରପତିଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ତେଣୁ ଚଳିତ ଶୀତ ଅଧିବେଶନର ସଂସଦୀୟ କାର୍ଯ୍ୟସୂଚୀରେ ଏହାକୁ ସାମିଲ କରିବା ପାଇଁ ବିଜେଡି ଚାହୁଁଛି। ଲୋକ ସଭାରେ ଦଳର ନେତା ପିନାକୀ ମିଶ୍ର ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମଧ୍ୟ ଏହି ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି। ତେଣୁ ଓଡ଼ିଶା ବିଧାନ ପରିଷଦ ସମ୍ବନ୍ଧୀୟ ବିଧେୟକ ଚଳିତ ଅଧିବେଶନରେ ଆଗତ ହେଉଛି ନା ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିବ।

ସୂଚନାନୁଯାୟୀ, ଓଡ଼ିଶା ସମେତ ମୋଟ ୪ଟି ରାଜ୍ୟ ବିଧାନ ପରିଷଦ ପାଇଁ ଚେଷ୍ଟା ଚଳାଇଛନ୍ତି। ଓଡ଼ିଶା ଏହି କ୍ରମରେ ୪ର୍ଥରେ ଥିବା ଜଣାପଡ଼ିଛି। ଚଳିତ ଅଧିବେଶନର ଶେଷଆଡ଼କୁ ଏହାକୁ ଗୃହରେ ଉପସ୍ଥାପନ ପାଇଁ ଦଳ ପକ୍ଷରୁ ସଂସଦୀୟ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ଯଦି ଏଥର ଏହି ବିଧେୟକ ଆସିବ ନାହିଁ, ତେବେ ବିଜେଡିକୁ ଆସନ୍ତା ବଜେଟ ଅଧିବେଶନକୁ ଅପେକ୍ଷା କରିବାକୁ ପଡିବ। ଏହି ବିଧେୟକ ଆଗତ ପୂର୍ବରୁ ବିଜେଡି ଏବଂ କେନ୍ଦ୍ରରେ କ୍ଷମତାସୀନ ଭାଜପା ମଧ୍ୟରେ ମିଳିତ ସହମତି ପାଇଁ ଚେଷ୍ଟା ଅବ୍ୟାହତ ରହିଛି। ଉପକୂଳ ଓଡ଼ିଶାର ଜଣେ ବିଜେଡି ଏମ୍‌ପି ଭାଜପାର ଶୀର୍ଷ ନେତୃତ୍ୱଙ୍କୁ ମନାଇବା ପାଇଁ ନୂଆଦିଲ୍ଲୀରେ ପ୍ରୟାସ କରୁଥିବା ଜଣାପଡ଼ିଛି।

**କେନ୍ଦ୍ରୀୟ ଅନୁଦାନ, ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ**

**ଟୋକନ ବ୍ୟବସ୍ଥାକୁ ଚାଷୀଙ୍କ ବିରୋଧ**

୩

### ଆଜିର ମନ୍ତବ୍ୟ

"ଝାଡ଼ଖଣ୍ଡରେ ବୁଡ଼ିଯାଉଥିବା ଜାହାଜ ଛାଡ଼ୁଛନ୍ତି ଭାଜପା ସହଯୋଗୀ"

-ହେମନ୍ତ ସୋରେନ, ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ

### କିଛି ତଥ୍ୟ

ଚଳିତ ମାସ ବର୍ତ୍ତମାନ ସୁଦ୍ଧା ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ୧୯,୨୦୩କୋଟି ଟଙ୍କା ନିବେଶ କରିଛନ୍ତି।

– ପୁଞ୍ଜି ବଜାର ଡିପୋଜିଟୋରୀ ତଥ୍ୟ

### ଆଜିର ସମ୍ପାଦକୀୟ

**କାହାର ମଙ୍ଗଳ**


Vencobb CHICKEN — Taste the difference!

17.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply

Issued in the Interest of Consumers


# ସ୍ମିତାରାଣୀ ପ୍ରସଙ୍ଗ ଉଠାଇବ ଭାଜପା

### ଓଡ଼ିଶାର ସ୍ୱାର୍ଥ କଥା ଭୁଲିଯାଉଛି ବିଜେଡି: ବସନ୍ତ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ସୋମବାରଠାରୁ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଭାଜପାର ରାଜ୍ୟ ଏମ୍‌ପିମାନଙ୍କ ପକ୍ଷରୁ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଯିବ ବୋଲି ସୂଚନା ମିଳିଛି। ସେଥିମଧ୍ୟରେ ପ୍ରମୁଖ ହେଉଛି ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗ। ଏହି ପ୍ରସଙ୍ଗକୁ ନେଇ ଓଡ଼ିଶା ବିଧାନସଭାରେ ଶାସକ ଦଳକୁ ଉଭୟ ଭାଜପା ଏବଂ କଂଗ୍ରେସ ଟାର୍ଗେଟ କରିବାରେ ଲାଗିଛନ୍ତି। ସ୍ମିତାରାଣୀଙ୍କୁ ଶାସକ ଦଳର କେତେଜଣ ନେତା ଓ କର୍ମୀ ହତ୍ୟା କରିଛନ୍ତି, ତେଣୁ ଏହାର ସିବିଆଇ ତଦନ୍ତ କରିବାକୁ ଭାଜପା ପକ୍ଷରୁ ବିଧାନସଭାରେ ଦାବି କରାଯାଉଛି। ଭାଜପା ଏମ୍‌ପି ବସନ୍ତ ପଣ୍ଡା କହିଛନ୍ତି ଯେ, ରାଜ୍ୟରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ସ୍ମିତାରାଣୀଙ୍କୁ ହତ୍ୟା କରାଯାଇଥିବା ବେଳେ ଏଥିରେ ଶାସକ ଦଳ ନେତାଙ୍କ ସମ୍ପୃକ୍ତି ଥିବାରୁ ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଉଛି। ଏକଥା ପାର୍ଲାମେଣ୍ଟରେ ଉଠାଯିବ। ଆବଶ୍ୟକ ପଡ଼ିଲେ ଦଳ ନ୍ୟାୟାଳୟର ଆଶ୍ରୟ ନେବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ବିଧାନ ପରିଷଦ ବିଲ୍ ପାସ୍ କରାଇବାକୁ ଚାହୁଁଥିବା ପ୍ରସଙ୍ଗରେ ପଣ୍ଡା କହିଛନ୍ତି, ବିଜେଡି ନିଜର ପରାଜିତ ନେତାଙ୍କୁ ଥଇଥାନ କରିବା ସକାଶେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ କଥାକୁ ଭୁଲିଯାଉଛି। ଓଡ଼ିଶା ଏକ ଗରିବ ରାଜ୍ୟ, ଏଠାରେ ରାଜ୍ୟର ବିକାଶ କଥାକୁ ସେମାନେ ପ୍ରାଧାନ୍ୟ ଦେବା କଥା। ପାର୍ଲାମେଣ୍ଟରେ ଭାଜପା ଅପପୁଷ୍ଟି, ଏନ୍‌ଏଚ୍‌ଏଆଇ(ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ) ଏବଂ ଜଳସେଚନ ଆଦି ପ୍ରସଙ୍ଗ ଉଠାଇବ ବୋଲି ପଣ୍ଡା କହିଛନ୍ତି। ସେହିପରି କଂଗ୍ରେସ ନେତା ତଥା କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି, ସ୍ମିତାରାଣୀ ପ୍ରସଙ୍ଗକୁ ଲୋକ ସଭାରେ ଜୋର୍‌ଦାର ଭାବେ ଉଠାଇବି। କୁନ୍ଧୁଲି ଗଣବଳାତ୍କାର ଘଟଣାର ସିବିଆଇ ତଦନ୍ତ ଓ ଚିଟ୍‌ଫଣ୍ଡ ପ୍ରସଙ୍ଗ ମଧ୍ୟ ଉଠାଇବି ବୋଲି ସେ କହିଛନ୍ତି।

### କଂଗ୍ରେସ ବି ଦେବ ଗୁରୁତ୍ୱ

ଭାଜପା ଓ କଂଗ୍ରେସ ପକ୍ଷରୁ ସ୍ମିତାରାଣୀ ପ୍ରସଙ୍ଗ ଉଠାଯିବ ବୋଲି କୁହାଯିବାପରେ ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଲୋକମାନେ ସବୁକିଛି ଠିକ୍‌ରେ ବୁଝୁଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶ କଥା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛୁ। ମହିଳା, ଚାଷୀଙ୍କ ସ୍ୱାର୍ଥ ପ୍ରସଙ୍ଗରେ ବିଜେଡି ସ୍ୱର ଉଠାଇବ। ପ୍ରାକୃତିକ ବିପର୍ଯ୍ୟୟରେ ଓଡ଼ିଶା ଚଳିତଳାନ୍ତ ହୋଇଗଲାଣି, ସେକଥା ଉପରେ ଗୁରୁତ୍ୱ ଦିଆଯିବ।





FOR TRADE-RELATED QUERIES CONTACT : DHEERENDRA KUMAR (STATE HEAD) +91 9935279225, RAJESH KUMAR (ASM) +91 8709987942, B. UMA SANKAR (ASM) +91 7873096108

ସପ୍ଲାଇ ଏବଂ ସର୍ଭିସର ସମ୍ବନ୍ଧିତ କୌଣସି ଅଭିଯୋଗ କରିବାକୁ ସଂପର୍କ କରନ୍ତୁ : ✆ RSPL CARE 1800 120 2800



ବ୍ୟବସାୟୀ ରାଜ କୁନ୍ଦ୍ରା ଓ ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କ ସମ୍ପର୍କକୁ ନେଇ ଲୋକେ ସେମାନଙ୍କ ଉପରେ ଚାପ ପକାଉଛନ୍ତି। ତେଣୁ ଜୀବନଟା ଜଟିଳ ହୋଇଯାଇଛି ବୋଲି ଟିକ୍‌ଟକ୍‌ରେ ଶିଳ୍ପା କହିଛନ୍ତି।



# ଗଛ ପାଇଁ ସମର୍ପିତା ଅନସୂୟାମ୍ମା

**ସାଙ୍ଗାରେଡ୍ଡୀ:** ଏକ ଶୀତୁଆ ସକାଳ। ଆଖି ଖୋଲିବାବେଳକୁ ସ୍ୱାମୀ ହାତ ଛାଡ଼ିସାରିଥିଲେ। କାନ୍ଧରେ ହାତ ରଖି ସାହସ ଦେବା ବଦଳରେ ପିଠି କରିସାରିଥିଲେ ପରିବାର ଲୋକେ। ଆଖିର ସବୁ ସ୍ୱପ୍ନ ହୋଇସାରିଥିଲା ମଳିଚିଆ। ଏପରି ଦୁର୍ଦ୍ଦିନ ସମୟରେ ଗଛ ପାଇଁ ଜାଗିଉଠିଲା ତାଙ୍କର ଭଲପାଇବା। ପରିବେଶ ସଂରକ୍ଷଣ ପାଇଁ ସେ କରିଚାଲିଲେ ନିରନ୍ତର ଉଦ୍ୟମ। ଡେରିରେ ହେଲେ ମଧ୍ୟ ତାଙ୍କର ଏହି ଚେଷ୍ଟା ଏବେ ପ୍ରଶଂସା ହୋଇ ଫେରିଛି ତାଙ୍କ ପାଖକୁ। ୟୁନେସ୍କୋ ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଇଛି ସ୍ୱତନ୍ତ୍ର ସମ୍ମାନ। ପଡ଼ିଆ ଜମିରେ ସବୁଜିମାର ସ୍ୱପ୍ନ ଦେଖୁଥିବା ଏକ ଗଛ ମା' ହେଲେ ଚିଲାକାପଲ୍ଲୀ ଅନସୂୟାମ୍ମା।

କୁହାଯାଏ ନିଷ୍ଠାପର ଉଦ୍ୟମ କେବେ ବୃଥା ଯାଏନାହିଁ, ଯାହାକୁ ପ୍ରମାଣିତ କରି ଦେଖାଇଛନ୍ତି ଅନସୂୟାମ୍ମା। ତାଙ୍କ ଘର ସାଙ୍ଗାରେଡ୍ଡୀ ଜିଲାର ପାସ୍ତାପୁର ଗ୍ରାମରେ। ନିଜର ସଂଘର୍ଷମୟ ଜୀବନଯାତ୍ରା ସମ୍ପର୍କରେ ସେ କୁହନ୍ତି, ଏପରି ସମ୍ମାନ ତାଙ୍କ ପାଇଁ ଏକ କଳ୍ପନା ମାତ୍ର। ସେ କେବେ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲେ ତାଙ୍କର ଏହି କାମ ଏତେ ପ୍ରତିଷ୍ଠା ଆଣିଦେବ।



ସାଙ୍ଗାରେଡ୍ଡୀ ଜିଲାର ଡେକ୍କନ ଡେଭଲପମେଣ୍ଟ ସୋସାଇଟି (ଡିଡିଏସ୍)ର ଅନ୍ୟତମ ବରିଷ୍ଠ ସଦସ୍ୟା ହେଉଛନ୍ତି ଅନସୂୟାମ୍ମା। ଡିଡିଏସ୍ ଏବଂ ଅନସୂୟାମ୍ମାଙ୍କ ମିଳିତ ପ୍ରଚେଷ୍ଟାରେ ଜିଲାର ୨୨ ଗ୍ରାମରେ ସୃଷ୍ଟି ହୋଇଛି ୧୨ ନୂଆ ଜଙ୍ଗଲ। ଏଯାଏ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲାଗିଛି ଅନାବାଦୀ ପଡ଼ିଆ ଜମିରେ। ଏପରି ମହତ୍ କାର୍ଯ୍ୟ ପାଇଁ ସବୁ ଶ୍ରେୟ ଯାଏ ଅନସୂୟାମ୍ମାଙ୍କୁ। ଏଥି ଲାଗି ୟୁନେସ୍କୋ ପକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଛି। ଡିଡିଏସ୍ ପାଖରେ ମହିଳାଙ୍କୁ ନେଇ ଏକ ବଡ଼ ଟିମ୍ ରହିଛି। ଅଧିକାଂଶ ମହିଳା ନିପଟ ମଫସଲରୁ ଆସିଛନ୍ତି। ଅନୁପଯୋଗୀ ଭୂମିରେ ପାରମ୍ପରିକ ଉପାୟରେ ସବୁଜ ବନାନୀ ସୃଷ୍ଟି କରିବାକୁ ପ୍ରତି ସଦସ୍ୟ ଅହରହ ଉଦ୍ୟମ ଚଳାଇଛନ୍ତି। ଏହି କାର୍ଯ୍ୟ ପାଇଁ ପ୍ରେରଣା ଯୋଗାଉଛନ୍ତି ଅନସୂୟାମ୍ମା। ବ୍ୟାପକ ବନୀକରଣ ଦ୍ୱାରା ଜଙ୍ଗଲ ସୃଷ୍ଟି କରାଯାଇଥିବା ଗ୍ରାମଗୁଡ଼ିକରେ ପାଣି କଷ୍ଟ ଦୂର ହୋଇପାରିଛି। ପୂର୍ବରୁ ଭୂତଳ ଜଳସ୍ତର ନିମ୍ନରେ ଥିଲା। ହେଲେ ଗଛ ପାଇଁ ଏହି ସମସ୍ୟାର ସମାଧାନ ହୋଇଯାଇଛି। ଅନସୂୟାମ୍ମାଙ୍କ ହସହସ ମୁହଁ ପଛରେ ଲୁଚିରହିଛି ଦୁଃଖର ଅଜସ୍ର ବେଦନା। ୧୯୯୩ରେ ତାଙ୍କ ଉପରେ ଛିଣ୍ଡି ପଡ଼ିଥିଲା ଦୁଃଖର ପାହାଡ଼, ଯେତେବେଳେ ସ୍ୱାମୀ ତାଙ୍କୁ ଏକାକୀ କରି ଛାଡ଼ି ଚାଲିଗଲେ। ସେତେବେଳେ ଅନସୂୟାମ୍ମାଙ୍କ ବୟସ ମାତ୍ର ୨୫। ଏହାପରେ ତାଙ୍କ ଜୀବନରେ ଉଠିଲା ଝଡ଼। ପାଖପଡ଼ୋଶୀଙ୍କ ନିର୍ଯାତନା, ପରିବାର ଲୋକଙ୍କ ଅସହଯୋଗ ତାଙ୍କୁ ପୂରା ଏକୁଟିଆ କରିଦେଇଥିଲା। ଅଧିକ ପାଠ ପଢ଼ି ନ ଥିବାରୁ ସେହି ସମୟରେ ଚାକିରି କରିବା ମଧ୍ୟ ସମ୍ଭବ ହେଲାନାହିଁ। ଏସବୁ ଭିତରେ ସେ ଯୋଡ଼ିହୋଇଗଲେ ଡିଡିଏସ୍ ସହିତ। ଆଉ ତା'ପରେ ଯାହା ଘଟିଲା ସେସବୁ ଇତିହାସ। ଗଛ ପାଇଁ ସମର୍ପିତା ଅନସୂୟାମ୍ମାଙ୍କୁ ଏବେ ବିଶ୍ୱବ୍ୟାପୀ ଅଜସ୍ର ସମ୍ମାନ ମିଳୁଥିବାବେଳେ ଦେଶ ପାଇଁ ସେ ପାଲଟିଛନ୍ତି ପ୍ରେରଣା।

**ୟୁନେସ୍କୋ ଦେଲା ସ୍ୱତନ୍ତ୍ର ସମ୍ମାନ**

# ଫିଜିଓଥେରାପି କରାଉଛନ୍ତି ପରୀ

**ମୁମ୍ବାଇ:** ବଲିଉଡ୍ ନାୟିକା ପରିଣୀତି ଚୋପ୍ରା ଓରଫ ପରୀଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ଦୁଃଖ ଖବର। ବ୍ୟାଡ୍‌ମିଣ୍ଟନ୍ ତାରକା ସାଇନା ନେହ୍ୱାଲ୍‌ଙ୍କ ବାୟୋପିକ୍ ପାଇଁ ଟ୍ରେନିଂ ନେଉଥିବା ସମୟରେ ପରୀଙ୍କୁ ଆଘାତ ଲାଗିଛି। କିଛିଦିନ ତଳେ ଆମେ ଆପଣଙ୍କୁ ପରୀଙ୍କ ବ୍ୟାଡ୍‌ମିଣ୍ଟନ୍ ଟ୍ରେନିଂ ବିଷୟରେ ଜଣାଇଥିଲୁ। ସେହି ଟ୍ରେନିଂ ସମୟରେ ହିଁ ପରୀ ଆହତ ହୋଇଛନ୍ତି ଏବଂ ଏବେ ସେ ଜଲ୍‌ଦି ସୁସ୍ଥ ହେବାକୁ ଫିଜିଓଥେରାପି ସେସନ୍ ଆରମ୍ଭ କରିଦେଇଛନ୍ତି। ଏନେଇ ଖୋଦ୍ ପରୀ ନିଜ ଅଫିସିଆଲ୍ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌ରେ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। ଫିଜିଓଥେରାପୀ ସେସନ୍‌ର ପ୍ରଥମ ଦିନର ଏକ ଭିଡିଓ ଶେୟାର କରି କ୍ୟାପଶନ୍‌ରେ ଥେରାପିଷ୍ଟ ଅପୂର୍ବାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ତାଙ୍କର ସମଗ୍ର ଶରୀରରେ ଯନ୍ତ୍ରଣା ଅନୁଭବ କରୁଥିବା ମଧ୍ୟ ସେ ଲେଖିଛନ୍ତି। ଏହାପୂର୍ବରୁ ପରୀଙ୍କୁ ବେକରେ ଆଘାତ ଲାଗିଥିଲା। ଏନେଇ ସେ ଲେଖିଥିଲେ, "ମୁଁ ଆଉ 'ସାଇନା'ର ପୂରା ଟିମ୍ ଯେତେ ଚେଷ୍ଟା କରୁଛୁ ମୋତେ ଆଘାତ ନ ଲାଗୁ, କିନ୍ତୁ କିଛି ନା କିଛି ଗଡ଼ବଡ଼ ହୋଇଯାଉଛି। ଆଗକୁ ଯଥାସମ୍ଭବ ଆରାମ କରିବି ଏବଂ ସୁସ୍ଥ ହୋଇ ପୁଣି ବ୍ୟାଡ୍‌ମିଣ୍ଟନ୍ ଖେଳିବି।" ଫିଲ୍ମ 'ସାଇନା' ପାଇଁ ପରିଣୀତି ବହୁତ ପରିଶ୍ରମ କରୁଛନ୍ତି। ଦିନରାତି ବ୍ୟାଡ୍‌ମିଣ୍ଟନ୍ ଖେଳିବା ଶିଖୁଛନ୍ତି। ତା'ପୁଣି ସାଇନା ନେହ୍ୱାଲ୍‌ଙ୍କ ପରି। ଏହାଛଡ଼ା ନିକଟରେ ସେ ସାଇନାଙ୍କ ହାଇଦ୍ରାବାଦସ୍ଥିତ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ୍ କରି ଫେରିଛନ୍ତି। ଜୋର୍‌ଦାର୍ ତାଲିମ୍ ଭିତରେ ଏବେ ପରୀ ହୋଇପଡ଼ିଛନ୍ତି ଅସୁସ୍ଥ। ତେବେ ଏହି ଫିଲ୍ମ ପାଇଁ ପ୍ରଥମେ ଶ୍ରଦ୍ଧା କପୁରଙ୍କୁ ଅଫର୍ ମିଳିଥିବାବେଳେ ସମୟର ଅଭାବ କାରଣରୁ ସେ ମନା କରିଦେଇଥିଲେ। ପରୀ ଜଲ୍‌ଦି ସୁସ୍ଥ ହୋଇ ଫିଲ୍ମ ଶୁଟିଂ ଆରମ୍ଭ କରନ୍ତୁ ଏହା ହିଁ କାମନା। ସାଇନା ନେୱାଲ୍‌ଙ୍କ ବାୟୋପିକ୍ ବ୍ୟତୀତ 'ସନ୍ଦୀପ୍ ଔର୍ ପିଙ୍କି ଫେରାର୍' ଏବଂ 'ଦ ଗାର୍ଲ ଅନ୍ ଦ ଟ୍ରେନ୍' ଫିଲ୍ମରେ ମଧ୍ୟ ପରିଣୀତିଙ୍କୁ ଦେଖିବାକୁ ମିଳିବ।



# ଇଣ୍ଟରନେଟ୍ ସେନ୍‌ସେଶନ ପାଲଟିଛି କୁକୁର ଛୁଆ

**ଆମେରିକା:** ଆମେରିକାରେ ଜନ୍ମିତ ଏକ କୁକୁର ଛୁଆ ଏବେ ଇଣ୍ଟରନେଟ୍ ସେନ୍‌ସେଶନ୍ ପାଲଟିଛି। ମୁଣ୍ଡରେ ଲାଞ୍ଜ ଥିବା ଯୋଗୁ ଏହି କୁକୁର ଛୁଆକୁ ନେଇ ଏବେ ଖୁବ୍ ଚର୍ଚ୍ଚା। ମାତ୍ର ଅଢ଼େଇ ମାସର ଏହି କୁକୁରଟି କ୍ଷତବିକ୍ଷତ ହେବା ସହ ଥଣ୍ଡା ଯୋଗୁ ଅସୁସ୍ଥ ଥିଲା। ଶନିବାର ଆମେରିକାର ଏକ ଦାତବ୍ୟ ସଂସ୍ଥା 'ମେକ୍ସ ମିଶନ' ସଦସ୍ୟାମାନେ ତାକୁ ଉଦ୍ଧାର କରି ଚିକିତ୍ସା କରାଇଛନ୍ତି। ଏହାର ନାଁ ଦିଆଯାଇଛି 'ନବାହଲ୍' ଦ ଲିଟିଲ୍ ମ୍ୟାଜିକଲ ଫୁରୀ ୟୁନିକର୍ନ। ସମସ୍ତେ କୁକୁରଟିର ମୁଣ୍ଡରେ ଲାଞ୍ଜ ଦେଖି ଆଶ୍ଚର୍ଯ୍ୟ ହେଉଥିବା ବେଳେ ଇତିମଧ୍ୟରେ ତାକୁ ପୋଷ୍ୟ ଭାବେ ଗ୍ରହଣ କରିବା ପାଇଁ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆବେଦନ କରିଥିବା ଜଣାପଡ଼ିଛି। ଟୁଇଟର୍‌ରେ 'ଉଇ ରେଟ୍ ଡଗ୍ସ' ପକ୍ଷରୁ ଏହି କୁକୁର ଛୁଆର ପୋଷ୍ଟ କରାଯାଇଥିବା ବେଳେ ଏଥିରେ ଲେଖାଯାଇଛି, ନବାହଲ୍‌ର ମୁଣ୍ଡରେ ଥିବା ଲାଞ୍ଜକୁ ଏ ପର୍ଯ୍ୟନ୍ତ ହଲାଇନାହିଁ। କିନ୍ତୁ ସେ ବହୁତ ଉଦ୍ୟମ କରୁଛି। ତା'ର ଏହି ଲାଞ୍ଜ ଶରୀରର



ଅନ୍ତରୀଣ ଅଙ୍ଗ ସହ ଯୋଡ଼ି ହୋଇ ନ ଥିବାରୁ ତାକୁ ଏଥିଯୋଗୁ କୌଣସି ଅସୁବିଧା ହେଉନାହିଁ। ତେଣୁ ଏହି ଲାଞ୍ଜ ତା' ଶରୀରରୁ ଅଲଗା କରିବା କିଛି ଆବଶ୍ୟକ ନାହିଁ। 'ମେକ୍ସ ମିଶନ'ର ପ୍ରବକ୍ତା କହିଛନ୍ତି, ନୂତନ ପ୍ରକାରର କୁକୁର ପାଳିବାକୁ ଇଚ୍ଛା କରୁଥିବା ଲୋକମାନେ ନବାହଲ୍‌କୁ ନେବା ପାଇଁ ଆବେଦନ କରୁଛନ୍ତି। ମାତ୍ର ଏହି ଛୁଆଟି ନିଜଠାରୁ ବଡ଼ ଏକ କୁକୁର ସହ ରହୁଥିବାରୁ ସେ ଅସୁସ୍ଥ ହୋଇପଡ଼ିଥିଲା। ଏବେ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ହେବା ସହ ଟିକାକରଣ ପରେ ନବାହଲ୍‌କୁ ପୋଷ୍ୟ ଭାବେ ଦିଆଯିବ।

**ପୋଷ୍ୟ ନେବାକୁ ୫୦ରୁ ଊର୍ଦ୍ଧ୍ୱ ଆବେଦନ**

# ସଂସ୍କୃତ ସ୍କୁଲ୍‌ର ୮୦ ପ୍ରତିଶତ ଛାତ୍ର ମୁସଲମାନ

**ଜୟପୁର:** ପଦ୍ମାସନରେ ବସି ଛାତ୍ରମାନଙ୍କୁ ସଂସ୍କୃତ ଶ୍ଳୋକ ଉଚ୍ଚାରଣ କରୁଥିବା ଦେଖି ଯେ କେହି ଭାବିବେ ଯେ ଏହା ଏକ ପ୍ରାଚୀନ ଗୁରୁକୁଳ। କିନ୍ତୁ ଏହା ହେଉଛି ରାଜସ୍ଥାନର ଜୟପୁରର ଠାକୁର ହରି ସିଂ ଶେଖାୱତ ମଣ୍ଡାୱା ପ୍ରବେଶିକା ସଂସ୍କୃତ ବିଦ୍ୟାଳୟ। ଏହି ସ୍କୁଲରେ ୮୦ ପ୍ରତିଶତ ମୁସଲମାନ ଛାତ୍ର ପଢୁଛନ୍ତି। ଦେବଭାଷା କୁହାଯାଉଥିବା ସଂସ୍କୃତକୁ ଏମାନେ ମୁଖସ୍ଥ କରିଦେଇଛନ୍ତି। ସଂସ୍କୃତରେ ମଧ୍ୟ କଥା ହୋଇପାରୁଛନ୍ତି। ଉକ୍ତ ସ୍କୁଲ୍‌ର ମୋଟ୍ ୨୭୭ ଜଣ ଛାତ୍ରଙ୍କ ମଧ୍ୟରୁ ୨୨୨ ଜଣ ଛାତ୍ର ହେଉଛନ୍ତି ମୁସଲମାନ। ଏମାନେ କେବଳ ସଂସ୍କୃତରେ କଥା ହେଉନାହାନ୍ତି, ବରଂ ସଂସ୍କୃତ ଶ୍ଳୋକ ସ୍ପଷ୍ଟ ଭାବେ ଉଚ୍ଚାରଣ କରୁଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ବେଦନିଧି ଶର୍ମା କୁହନ୍ତି, ଏହି ସ୍କୁଲ୍‌ର ଛାତ୍ରମାନେ ସଂସ୍କୃତ , ହିନ୍ଦୀ, ପାର୍ସୀ ଓ ଉର୍ଦ୍ଦୁ ଭାଷା ମଧ୍ୟ ଭଲ ଭାବେ ଜାଣନ୍ତି। ସ୍କୁଲରେ ବେଶି ଗରିବ ପରିବାରର ପିଲାମାନେ ପଢୁଛନ୍ତି । ସଂସ୍କୃତରେ ଶିକ୍ଷାଲାଭ କରି ମୁସଲମାନ ପିଲାମାନେ ସେମାନଙ୍କ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କୁହନ୍ତି ପ୍ରଧାନଶିକ୍ଷକ।





# 'ମଲଙ୍ଗ'ର ପ୍ରଥମ ଲୁକ୍ ରିଲିଜ୍

## ଆଦିତ୍ୟ-ଦିଶାଙ୍କ ଜମିବ କେମିଷ୍ଟ୍ରି

**ମୁମ୍ବାଇ:** ଆଦିତ୍ୟ ରାୟ କପୁର ଏବଂ ଦିଶା ପଟାନୀଙ୍କ ଅଭିନୀତ ଫିଲ୍ମ 'ମଲଙ୍ଗ'ର ପ୍ରଥମ ଲୁକ୍ ରିଲିଜ୍ ହୋଇଯାଇଛି। ଫିଲ୍ମର ନିର୍ଦ୍ଦେଶକ ମୋହିତ ସୁରୀ ଫିଲ୍ମର ପ୍ରଥମ ଲୁକ୍ ସୋସିଆଲ ମିଡିଆରେ ଶେୟାର କରି ଆଦିତ୍ୟଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ତେବେ ଆଦିତ୍ୟ ଏବଂ ଦିଶାଙ୍କୁ ବିଦେଶୀମାନଙ୍କ ମଧ୍ୟରେ ଝୁମୁଥିବା ଏଥିରେ ଦେଖିବାକୁ ମିଳିଛି। ଏହି ଫ୍ରେଶ୍ ଯୋଡ଼ିକୁ ଦର୍ଶକ ପସନ୍ଦ କରିବେ ନିଶ୍ଚୟ।

ମୋହିତ୍ ଶେୟାର କରିଥିବା ଫଟୋରେ ଆଦିତ୍ୟ-ଦିଶାଙ୍କୁ ଦେଖିଲେ ଫିଲ୍ମ 'ଜିନ୍ଦେଗୀ ନା ମିଲେଗି ଦୋବାରା'ରେ ହ୍ରିତିକ୍-କ୍ୟାଟ୍ରିନାଙ୍କ ଯୋଡ଼ି ମନେପଡ଼ିଯାଉଛି। ଆଦିତ୍ୟ ବନ୍ଦନା, ସନ୍-ଗ୍ଲାସ୍ ପିନ୍ଧି ପୂରା ମସ୍ତି ମୁଡ୍‌ରେ ଥିବାଭଳି ଦେଖିବାକୁ ମିଳିଛି। ଏହାସହ ତାଙ୍କ ଆବ୍‌ସ ଆଉ ଫିଟ୍‌ନେସ୍ ସବୁଠାରୁ ଆକର୍ଷଣୀୟ ଲାଗୁଛି। ସେହିପରି ଦିଶା ମଧ୍ୟ ଆଦିତ୍ୟଙ୍କ ସହ ବେଶ୍ ଷ୍ଟାଇଲିସ୍ ଲାଗୁଛନ୍ତି। ଫିଲ୍ମରେ ଅନିଲ କପୁର, କୁନାଲ୍ ଖେମୁ ଏବଂ ଅମୃତା ଖାନ୍‌ୱିଲକର ମଧ୍ୟ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟି ରୋମାଣ୍ଟିକ୍ ଥ୍ରିଲର୍ ହୋଇଥିବାବେଳେ ଏହାର ଅଧିକାଂଶ ଶୁଟିଂ ଗୋଆରେ ଏବଂ କିଛି ମରିସସ୍‌ରେ ମଧ୍ୟ ଶୁଟିଂ ହୋଇଛି। ଫିଲ୍ମ 'କଲଙ୍କ'ରେ ଆଦିତ୍ୟଙ୍କୁ ଦେଖିବାକୁ ମିଳିଥିଲା। ବକ୍ସ-ଅଫିସ୍‌ରେ ଫିଲ୍ମଟି ଖରାପ ପ୍ରଦର୍ଶନ କରିଥିଲା। ଉଭୟ ସମୀକ୍ଷକ ଏବଂ ଦର୍ଶକ ଫିଲ୍ମକୁ ସମାଲୋଚନା କରିଥିଲେ। ଅନ୍ୟପଟେ ଦିଶା ଏହା ପୂର୍ବରୁ ଫିଲ୍ମ 'ଭାରତ'ରେ ନଜରକୁ ଆସିଥିଲେ। ଫିଲ୍ମଟି ବକ୍ସ-ଅଫିସ୍‌ରେ ଭଲ ବ୍ୟବସାୟ କରିଥିଲା। 'ଭାରତ'ରେ ଲିଡ୍ ରୋଲ୍‌ରେ ସଲ୍‌ମାନ-କ୍ୟାଟ୍ରିନା ଥିଲେ ମଧ୍ୟ ଦିଶାଙ୍କୁ ବି ଖୁବ୍ ପ୍ରଶଂସା ମିଳିଥିଲା। ଦିଶା ଖୁବ୍‌ଶୀଘ୍ର ସଲ୍‌ମାନ ଖାନ୍‌ଙ୍କ ସହ ଫିଲ୍ମ 'ରାଧେ: ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'ରେ ନଜରକୁ ଆସିବେ।

# ଫେରିଲେ ମୃତ ଘୋଷିତ

**ପାଟନା:** ତିନିମାସ ପୂର୍ବରୁ ଭିଡ଼ହିଂସାରେ ମୃତ ଘୋଷିତ ଜଣେ ବ୍ୟକ୍ତି ଜୀବିତ ଫେରିବା ଖବର ଏବେ ସାମନାକୁ ଆସିଛି ବିହାରରେ। ନୌବତପୁରର ମହମ୍ମଦପୁର ଗାଁରେ ତିନିମାସ ତଳେ ଭିଡ ହିଂସାରେ କୃଷ୍ଣ ମାନ୍‌ଝୀ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ୨୩ ଜଣଙ୍କୁ ଗିରଫ କରି ଜେଲ୍ ପଠାଇଦେଇଥିଲା। ମୃତ କୃଷ୍ଣଙ୍କୁ ତାଙ୍କ ପତ୍ନୀ, ପିତା ଓ ଭାଇ ଚିହ୍ନଟ କରିଥିଲେ। କୃଷ୍ଣଙ୍କ ମୁହଁ କ୍ଷତବିକ୍ଷତ ହୋଇଯାଇଥିବାରୁ ତାଙ୍କ ହାତରେ କୃଷ୍ଣ ମାନ୍‌ଝୀ ଲେଖାଯାଇଥିଲା ଓ ପିନ୍ଧିଥିବା ପୋଷାକକୁ ଦେଖି ଏମାନେ ଚିହ୍ନଟ କରିଥିଲେ। ଏହାପରେ ମର ଶରୀରକୁ ପୋଲିସ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଥିଲା ଓ ତାହାକୁ ସେମାନେ ଦାହ ସଂସ୍କାର କରିଥିଲେ। କଂସା ବାସନ ବନ୍ଧାପକାଇ ଶୁଦ୍ଧିକ୍ରିୟା ମଧ୍ୟ ସମାପନ କରିଥିଲେ । ମୃତ କୃଷ୍ଣ ଓ ଏବେ ଯେଉଁ କୃଷ୍ଣ ଘରକୁ ଫେରିଛନ୍ତି ଉଭୟଙ୍କ ହାତରେ କୃଷ୍ଣ ମାନଝୀ ଲେଖାଥିଲା ବୋଲି ନୌବତପୁର ଥାନାଅଧିକାରୀ କହୁଥିବାବେଳେ ଯାଞ୍ଚ ପରେ ଏହା ଦେଖିବାକୁ ମିଳିନି ବୋଲି ସିଟି ପୋଲିସ ପକ୍ଷରୁ ପ୍ରକାଶ କରାଯାଇଛି। ସେଦିନ ଯଦି କୃଷ୍ଣର ମୃତ୍ୟୁ ହୋଇ ନାହିଁ ତେବେ ସେହି ମୃତ ବ୍ୟକ୍ତି ଜଣକ କିଏ ଜାଣିବା ଲାଗି ପୋଲିସ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏହି ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଛି ଓ ସେମାନଙ୍କ ମଧ୍ୟରୁ ଦୁଇଜଣ ପାଟନା ହାଇକୋର୍ଟ ଓ ଜଣେ ଦାନାପୁର କୋର୍ଟରୁ ଜାମିନ ପାଇସାରିଛନ୍ତି। ତେବେ ଏହି ମାମଲାର ମୋଡ କ'ଣ ହେବ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସେ ପୁଣେରେ କାମ କରିବାକୁ ଯାଇଥିଲେ ଓ ଏଠାରେ କ'ଣ ଘଟିଛି ସେ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଛନ୍ତି କୃଷ୍ଣ।



# ୨୯୯ ଟଙ୍କାରେ ଶୁଦ୍ଧ ବାୟୁ

**ନୂଆଦିଲ୍ଲୀ:** ପ୍ରଦୂଷଣ ଏବେ ଭାରତୀୟଙ୍କ ପାଇଁ ଚିନ୍ତାଜନକ ବିଷୟ ହୋଇଛି। ଶୁଦ୍ଧ ବାୟୁ ଟିକିଏ ପାଇବା ଦିଲ୍ଲୀବାସୀଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ହେଲେ ବିଷାକ୍ତ ପରିବେଶରେ ବଞ୍ଚୁଥିବା ରାଜଧାନୀବାସୀ ଏବେ ଶୁଦ୍ଧ ବାୟୁ ପାଇପାରିବେ। ଦିଲ୍ଲୀର ସକେତ୍‌ସ୍ଥିତ 'ସିଲେକ୍ଟ ସିଟ୍ ମଲ୍'ଠାରେ ଖୋଲିଥିବା 'ଅକ୍ସି ପ୍ୟୁଓର' ନାମକ ଅକ୍ସିଜେନ୍ ବାର୍‌ରେ ଏହା ଉପଲବ୍ଧ। ଚଳିତବର୍ଷ ମେ ମାସରେ ଆର୍ଯ୍ୟବର କୁମାରଙ୍କ ଦ୍ୱାରା ଏହି ବାର୍ ଖୋଲାଯାଇଥିଲା। ଏଠାରେ ସର୍ବନିମ୍ନ ୨୯୯ ଟଙ୍କା ଦେଇ ଏଠାରେ ୧୫ମିନିଟ ପାଇଁ ଗ୍ରହଣ କରିପାରିବେ ଶୁଦ୍ଧ ବାୟୁ(ଅମ୍ଳଜାନ)। ଏକ ଟ୍ୟୁବ୍ ମାଧ୍ୟମରେ ଲୋକେ ଏହି ଅମ୍ଳଜାନ ଗ୍ରହଣ କରିପାରିବେ। ଏପରିକି ଗ୍ରାହକଙ୍କ ପାଇଁ ପୋର୍ଟେବଲ୍ ଅକ୍ସିଜେନ୍ କ୍ୟାନ୍‌ର ବ୍ୟବସ୍ଥା ମଧ୍ୟ ରହିଥିବା ବାର୍ ପକ୍ଷରୁ କୁହାଯାଇଛି। ୭ଟି ଭିନ୍ନ ଫ୍ଲେଭର୍‌ରେ ଏହା ଉପଲବ୍ଧ ରହିଛି। ଏହି ଅକ୍ସିଜେନ୍ ଦିନରେ ଥରେ ନେଇପାରିବେ ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟ ରହିଛି। ଏହାଦ୍ୱାରା ଶରୀରରେ ଠିକ୍‌ଭାବେ ଅମ୍ଳଜାନର ସଞ୍ଚାଳନ ହୋଇପାରିବ। ଫଳରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ।

■ ପାର୍ଲାମେଣ୍ଟ ଶୀତ ଅଧିବେଶନ ପାଇଁ ବିଜେଡିର ରଣନୀତି

# କେନ୍ଦ୍ରୀୟ ଅନୁଦାନ, ପର୍ଯ୍ୟଟନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱରରୁ ଦୁବାଇକୁ ସିଧା ବିମାନ ଉଡ଼ାଣ, କଟକ ବାଲିଯାତ୍ରାକୁ ଜାତୀୟ ସାମୁଦ୍ରିକ ଐତିହ୍ୟ ମାନ୍ୟତା ଦାବି କରାଯିବ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ପାର୍ଲାମେଣ୍ଟର ଶୀତକାଳୀନ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଛି। ଏହି ଅଧିବେଶନରେ ଦଳ କେଉଁ କେଉଁ ପ୍ରସଙ୍ଗ ଉପସ୍ଥାପନ କରିବ, ସେନେଇ ବିଜେଡି ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ଗଣମାଧ୍ୟମ ସଂଯୋଜକ ସସ୍ମିତ୍ ପାତ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ଜରୁରିକାଳୀନ ପାଣି ବାବଦକୁ ୨୦୨ କୋଟି ଟଙ୍କା ରାଜ୍ୟ ପାଇବାକୁ ବାକି ରହିଛି। ବିଭିନ୍ନ ଯୋଜନା ଏବଂ ଅନୁଦାନରେ ରାଜ୍ୟ ପାଇବାକୁ ଥିବା ୮୧୮ କୋଟି ଟଙ୍କାର ପ୍ୟାକେଜ୍ ମଧ୍ୟ ଏଯାବତ୍ ପ୍ରଦାନ କରାଯାଇନାହିଁ। ଯଥାଶୀଘ୍ର କେନ୍ଦ୍ର ଏହାକୁ ପ୍ରଦାନ କରୁ ବୋଲି ଦାବି କରାଯିବ। କେନ୍ଦ୍ରୀୟ ଯୋଜନାରେ ଫନୀ ପ୍ରଭାବିତ ଏବଂ ଅନ୍ୟ ହିତାଧିକାରୀଙ୍କୁ ସାମିଲ ସହ ଜିଓ ଟ୍ୟାଗିଂ ପାଇଁ କୁହାଯିବ। ସିବିଏସ୍ଇ ଦ୍ୱାରା କରାଯାଇଥିବା ଫି' ବୃଦ୍ଧିକୁ ପ୍ରତ୍ୟାହାର ନେଇ ଦାବି କରାଯିବ ବୋଲି ସସ୍ମିତ୍ କହିଛନ୍ତି। ପିଡିଏସ୍ ବାବଦରେ ୨୦୧୭-୧୮ ଆର୍ଥିକ ବର୍ଷରେ କେନ୍ଦ୍ର ଓଡ଼ିଶାକୁ ୨୧୨୩ କୋଟି, ୨୦୧୮ରୁ ଗତ ସେପ୍ଟେମ୍ବର ସୁଦ୍ଧା ୧୩୪୫ କୋଟି ଟଙ୍କା ଦେବାକୁ ରହିଛି। ଏହି ଅର୍ଥ ଅବିଳମ୍ବେ ପ୍ରଦାନ ପାଇଁ ରାଜ୍ୟ ପକ୍ଷରୁ କୁହାଯିବ। ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଉ। ଏ ସମ୍ପର୍କିତ ବିଲ୍ ଗୃହରେ ଆଣିବା ସହ ଗୃହୀତ କରାଇବା ପାଇଁ ବିଜେଡି ଦାବି କରିବ। ସେହିଭଳି ସାରା ରାଜ୍ୟରେ ବ୍ୟାଙ୍କିଙ୍ଗ୍ ଏବଂ ଟେଲି ଯୋଗାଯୋଗ, ଜାତୀୟ ରାଜପଥର ଦୈର୍ଘ୍ୟ ବୃଦ୍ଧି ପାଇଁ ପଦକ୍ଷେପ ନେବା ଲାଗି କୁହାଯିବ ବୋଲି ସସ୍ମିତ୍ ସୂଚନା ଦେଇଛନ୍ତି।

ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମିର ଅଭାବ ନାହିଁ। ଏହାକୁ ପର୍ଯ୍ୟଟକଙ୍କ ପ୍ରମୁଖ ପସନ୍ଦର ସ୍ଥାନ କରିବାକୁ କେନ୍ଦ୍ର ସରକାର ସମସ୍ତ ସହଯୋଗ କରିବା ଦରକାର ବୋଲି ବିଜେଡି ପକ୍ଷରୁ କୁହାଯାଇଛି। କେନ୍ଦ୍ର ଦ୍ୱାରା ଚିହ୍ନଟ କରାଯାଇଥିବା ୧୭ଟି ପର୍ଯ୍ୟଟନସ୍ଥଳୀ ମଧ୍ୟରେ ରାଜ୍ୟର ଅନ୍ୟୂନ ୨ଟି ସ୍ଥଳୀକୁ ସ୍ଥାନ ଦେବା ପାଇଁ ଦାବି କରାଯାଇଛି। ଅନୁରୂପଭାବେ ରାଜଧାନୀ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ପାଇଁ ଦାବି କରାଯିବ। ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଅତୀତର ଗୌରବଗାଥା ବହନ କରିଥାଏ। ଏହାର ସ୍ମୃତି ବହନ କରୁଥିବା କଟକର ପ୍ରସିଦ୍ଧ ବାଲିଯାତ୍ରାକୁ ଜାତୀୟ ସାମୁଦ୍ରିକ ଐତିହ୍ୟର ମାନ୍ୟତା ଦେବା ପାଇଁ ବିଜେଡି ପକ୍ଷରୁ ଦୃଢ଼ ଦାବି କରାଯିବ ବୋଲି ସସ୍ମିତ୍ କହିଛନ୍ତି। ଅପରପକ୍ଷରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରିବା ପାଇଁ ମଧ୍ୟ ବିଜେଡି ପକ୍ଷରୁ ଦାବି କରାଯିବ ବୋଲି ଜଣାପଡ଼ିଛି।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଅନୁଭୂତି ବରାଳ



ଭବ୍ୟ ଏବଂ ଭାସ୍ୱତୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଟୋକନ ବ୍ୟବସ୍ଥାକୁ ଚାଷୀଙ୍କ ବିରୋଧ



ଗୋଡ଼ଭଗାରେ ଅନୁଷ୍ଠିତ ଚାଷୀ ସମାବେଶ ।

■ ଗୋଡ଼ଭଗାରେ ୪ ଜିଲାର ଚାଷୀ ସମାବେଶ

■ ବ୍ଲକ, ତହସିଲ ଅଫିସ ଆଗରେ ଧାନ ଗଦା କରିବେ

■ ମନ୍ତ୍ରୀ କହିଲେ, ଚାଷୀ ନୁହେଁ ମଧ୍ୟସ୍ଥ ବିରୋଧ କରୁଛନ୍ତି

ବରଗଡ଼ ଅଫିସ/ଅତାବିରା, ୧୭।୧୧(ଡି.ଏନ.ଏ.)

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଗତ ୧୫ ତାରିଖରୁ ମଣ୍ଡିଗୁଡ଼ିକ ଖୋଲିଥିଲେ ମଧ୍ୟ ରବିବାର ସୁଦ୍ଧା ବସ୍ତାଟିଏ ଧାନ ବିକ୍ରି ହୋଇ ପାରିନାହିଁ। ଚଳିତଥର ଧାନ ସଂଗ୍ରହ ପ୍ରକ୍ରିୟାରେ ବାଧ୍ୟତାମୂଳକ କରାଯାଇଥିବା ରାଜ୍ୟସ୍ତରୀୟ ଅନ୍‌ଲାଇନ ଟୋକନ ବ୍ୟବସ୍ଥା ଏଥିରେ ପ୍ରତିବନ୍ଧକ ସାଜିଛି। ଚାଷୀମାନେ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକରେ ଦାବି କରିଥିଲେ। ହେଲେ ତାକୁ ଉଚ୍ଛେଦ କରାଯାଇ ନ ଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି ହୋଇଛି।

ଅନ୍ୟପକ୍ଷେ ଏହାକୁ ନେଇ ଚାଷୀ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ଏହି କ୍ରମରେ ରବିବାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ଗୋଡ଼ଭଗା ମଣ୍ଡି ପରିସରରେ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର, ବଲାଙ୍ଗୀର, ସୋନପୁର ଜିଲାର ବିଭିନ୍ନ କୃଷକ ସଙ୍ଗଠନର ପ୍ରତିନିଧି ଏବଂ ଚାଷୀମାନଙ୍କୁ ନେଇ ଏକ ସମାବେଶ ହୋଇଥିଲା। ସୋମବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ମଣ୍ଡିଗୁଡ଼ିକରେ ବିନା ଟୋକନରେ ଧାନ କିଣା ନ ଗଲେ ଏସବୁ ଜିଲାର ଚାଷୀମାନେ ସମ୍ପୃକ୍ତ ଅଞ୍ଚଳର ବ୍ଲକ, ତହସିଲ ଅଫିସ ଆଗରେ ଧାନ ଗଦା କରିବା ପାଇଁ ଚେତାବନୀ ଦେଇଛନ୍ତି। ଟୋକନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ, ଧାନକ୍ରୟ ସଂସ୍ଥା ବସ୍ତା ଯୋଗାଇବା, ମଣ୍ଡିରେ ଧାନର ଗୁଣମାନ ନିର୍ଦ୍ଧାରଣ ଏବଂ ଓଜନ କରାଯିବା ପାଇଁ ସମାବେଶରେ ଦାବି ହୋଇଥିଲା। ଏହି ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ବ୍ୟାପକ କରିବା ପାଇଁ ଚାଷୀମାନେ ନିଷ୍ପତ୍ତି ନେଇଥିଲେ। ଚାଷୀନେତା ଗୌରଚନ୍ଦ୍ର ଖମାରୀ, ଲକ୍ଷ୍ମଣ ପ୍ରଧାନ, ଅଶୋକ ପ୍ରଧାନ, ଦୟାସାଗର ମେଣ୍ଡଲି, ରାହାସ କର୍ଣ୍ଣ, ଭୀଷ୍ମଦେବ ପଣ୍ଡା, ପି. ପାପାରାଓ ଚୌଧୁରୀ, ରାହାସ କର୍ଣ୍ଣ, ଅରୁଣ ସାହୁ ପ୍ରମୁଖ ସମାବେଶରେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ସମବାୟ ବିଭାଗ ପକ୍ଷରୁ ଏପରି ଅଭିଯୋଗକୁ ଖଣ୍ଡନ କରାଯାଇଛି। ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ, ଅନ୍‌ଲାଇନ ଟୋକନ ବ୍ୟବସ୍ଥାକୁ ଚାଷୀମାନେ ବିରୋଧ କରୁନାହାନ୍ତି, ମଧ୍ୟସ୍ଥମାନେ ବିରୋଧ କରୁଛନ୍ତି।

# ୨ଶହ କେଜି ଚନ୍ଦନ କାଠ ଜବତ

ରାୟଗଡ଼(ଗଜପତି)/ପାରଳାଖେମୁଣ୍ଡି, ୧୭।୧୧(ଡି.ଏନ୍.ଏ./ସ୍ୱ.ପ୍ର.)



ଜବତ ଟ୍ରକ, ଚନ୍ଦନ କାଠ ସହ ଗିରଫ ଅଭିଯୁକ୍ତ।

■ ପଇଡ଼ ବୋଝେଇ ମିନି ଟ୍ରକରେ ହେଉଥିଲା ଚାଲାଣ

■ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ

ଗଜପତି ଜିଲା ରାୟଗଡ ବ୍ଲକ ନାରାୟଣପୁର ବନାଞ୍ଚଳ ତଥା ଗାରବନ୍ଧ ଥାନା ଅଧୀନ ଲାବଣ୍ୟଗଡ ଗାଁ ନିକଟରୁ ଏକ ପଇଡ ବୋଝେଇ ମିନି ଟ୍ରକରେ ଚାଲାଣ ହେଉଥିବା ପ୍ରାୟ ୨ ଶହ କିଲୋ ଦୁର୍ଲଭ ରକ୍ତ ଚନ୍ଦନ କାଠକୁ ବନ ବିଭାଗ ରବିବାର ଜବତ କରିଛି। ଏହି ଘଟଣାରେ ବନ ବିଭାଗ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ମଧ୍ୟପ୍ରଦେଶ ଗୋଆଲିଅର ଅଞ୍ଚଳର ଡ୍ରାଇଭର ବିକାଶ ଯାଦବ(୩୨), ହେଲପର ଅଭିଷେକ ମାଝି(୧୯) ଓ ଉତ୍ତରପ୍ରଦେଶ ବେଟା ଜିଲା ଅଲିଗଞ୍ଜ ଗାଁର ମହମ୍ମଦ ଆଶିଫ(୪୧)।

ପ୍ରକାଶଯେ, ଗତ ସେପ୍ଟେମ୍ବର ୧୮ତାରିଖରେ ଗଣ୍ଡାହାତୀ ବିଟ୍ ଅଧୀନ ମୁନିଙ୍ଗାବାଡ ଗ୍ରାମ ନିକଟ ଜଙ୍ଗଲରୁ କେତେ ଜଣ ଦୁର୍ବୃତ୍ତ ଦୁଇଟି ରକ୍ତ ଚନ୍ଦନ ଗଛ କାଟି ନେଇଥିଲେ। ବନ ବିଭାଗ ପକ୍ଷରୁ ଏହାର ତଦନ୍ତ ଜାରି ରଖିଥିଲା। ସେହି କାଠଗୁଡିକୁ ଓଡିଶା ଓ ପଡୋଶୀ ଆନ୍ଧ୍ରପ୍ରଦେଶ ସୀମାନ୍ତ ସାନଧୁରୁ ଗ୍ରାମ ନିକଟରେ ଲୁଚାଇ ରଖାଯାଇଥିବା ବନବିଭାଗ ଜାଣିବାକୁ ପାଇଥିଲା। କାଠ ମାଫିଆମାନେ ଶନିବାର ସେଗୁଡିକୁ ଏକ ପଇଡ ବୋଝେଇ ମିନି ଟ୍ରକ ଭିତରେ ରଖି ଚାଲାଣ କରୁଥିବା ବନବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ବିବେକ କୁମାର ତ୍ୟାଗୀଙ୍କ ନିର୍ଦ୍ଦେଶ କ୍ରମେ ନାରାୟଣପୁର ରେଞ୍ଜର କିବିନ ପରିଚ୍ଛାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଫରେଷ୍ଟର ସନ୍ତୋଷ ରଥ, ପୂର୍ଣ୍ଣ ଗୌଡ, ସନ୍ତୋଷ ସାହୁ, ପିତର ଶବର, ପ୍ରଦୀପ ଚୌଧୁରୀ, ପ୍ରସାଦ ନାୟକ ପ୍ରମୁଖ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ଅଭିଯୁକ୍ତଙ୍କୁ ଧରିବାକୁ ସଜାଗ ହୋଇଥିଲେ। ଶନିବାର ବିଳମ୍ବିତ ରାତିରେ ପଇଡ ବୋଝେଇ ମିନିଟ୍ରକ(ଏମ୍‌ପି-୦୭ ଜିଏ-୫୫୬୮)ରେ ୫ଖଣ୍ଡ ରକ୍ତ ଚନ୍ଦନ କାଠ ନିଆଯାଉଥିଲା। ପୂର୍ବ ଯୋଜନା ଅନୁଯାୟୀ ବନବିଭାଗ ଲାବଣ୍ୟଗଡ ନିକଟରେ ଚନ୍ଦନ କାଠକୁ ଜବତ କରିବାରେ ସଫଳ ହୋଇଥିଲା। ଜବତ ଚନ୍ଦନ କାଠର ପରିମାଣ ୨୦୦କେଜି ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୬ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ୨ଜଣ ଖସି ପଳାଇବାରେ ସଫଳ ହୋଇଛନ୍ତି। ଏହି ର୍‍ୟାକେଟରେ ଅନ୍ୟ କିଛି ଲୋକଙ୍କ ସମ୍ପୃକ୍ତି ରହିଛି। ଅତିଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ରେଞ୍ଜ ଅଧିକାରୀ ପରିଚ୍ଛା ସୂଚନା ଦେଇଛନ୍ତି।

# ମାଓବାଦୀଙ୍କ ସ୍ମୃତିସ୍ତମ୍ଭକୁ ବିସ୍ଫୋରଣ କରି ଉଡାଇ ଦେଲେ ଯବାନ

ମାଲକାନଗିରି,୧୭।୧୧(ସ୍ୱ.ପ୍ର.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲାର ଅରନପୁର ଥାନା ଅନ୍ତର୍ଗତ ପୋଟାଲି ମିଲକାନା ପାରା ଜଙ୍ଗଲ ଅଞ୍ଚଳରେ ଯବାନମାନେ ଲାଲବାହିନୀକୁ ଏକ ଶକ୍ତ ଝଟକା ଦେଇଛନ୍ତି। ଉକ୍ତ ଅଞ୍ଚଳରେ ମାଓବାଦୀଙ୍କ ନିର୍ମିତ ଶହୀଦ ସ୍ତମ୍ଭକୁ ଯବାନମାନେ ବୋମା ବିସ୍ଫୋରଣ କରି ଉଡାଇ ଦେଇଛନ୍ତି। ଏହି ଜଙ୍ଗଲରେ ମାଓବାଦୀମାନେ ସ୍ତମ୍ଭ ନିର୍ମାଣ କରି ଶହୀଦଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିଲେ। ତେବେ ରବିବାର ଦାନ୍ତେୱାଡା ଜିଲା ପୋଲିସ ଓ ସିଆରପିଏଫ୍ ଯବାନମାନେ କୋମ୍ବିଂ ଅପରେଶନ ବେଳେ ମାଓବାଦୀଙ୍କ ଏହି ସ୍ମୃତିସ୍ତମ୍ଭ ଦେଖି ଏହାକୁ ବିସ୍ଫୋରଣ କରି ଉଡାଇ ଦେଇଥିଲେ।

■ ଆଜି ଶ୍ରୀମନ୍ଦିରରେ ପଇତାଲାଗି

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ, ୧୭।୧୧:** ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ଏହି ନୀତି ପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କୁ ପଇତାଲାଗି କରିବେ। ପ୍ରାୟ ୪ ଘଣ୍ଟା ଧରି ଏହି ନୀତି ଚାଲିବ। ଏହି ନୀତି ସମ୍ପନ୍ନ ପରେ ପୁଣି ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିପାରିବେ ବୋଲି ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

# 'ସେବାରେ ଶାନ୍ତି ମିଳିଥାଏ'

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ମଣିଷ ଜୀବନରେ ସବୁଠାରୁ ବଡ଼ ଲକ୍ଷ୍ୟ ହେଉଛି ଶାନ୍ତି। ଶାନ୍ତି ପାଇଁ ଆମେ ସବୁବେଳେ ଉଦ୍ୟମ କରୁଛେ। କେବଳ ସତ୍ ମାର୍ଗ, ସତ୍‌ସଙ୍ଗ ଏବଂ ସେବାରେ ହିଁ ଶାନ୍ତି ମିଳିଥାଏ। ସମସ୍ତଙ୍କୁ ଭଲ ପାଇବା, ଅନ୍ୟକୁ ସମ୍ମାନ ଦେବା ଉପରେ ଆମେ ସବୁବେଳେ ଗୁରୁତ୍ୱ ଦେବା ଦରକାର। ସତ୍ୟ, ସେବା ଓ ଭଲପାଇବା ଜରିଆରେ ହିଁ ଆମେ ଶାନ୍ତି ପାଇପାରିବା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭୁବନେଶ୍ୱରରେ ସତ୍‌ସଙ୍ଗ ପକ୍ଷରୁ ଆୟୋଜିତ ନିଖିଳ ଓଡ଼ିଶା 'ସୁଧା ସର୍ଜନା' ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଓଡ଼ିଶାରେ ଶ୍ରୀ ଶ୍ରୀ ଠାକୁରଙ୍କ ଭକ୍ତମାନଙ୍କ ବହୁତ ବଡ଼ ସଙ୍ଗଠନ ରହିଛି। ଆପଣମାନେ ମଧ୍ୟ ଭଲ କାମ କରୁଛନ୍ତି। ଭଲ କାମ ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସମାଜ ଆମକୁ ବହୁତ କିଛି ଦେଇଛି। ସମାଜକୁ ଆମେ ଯଦି କିଛି ଦେଇପାରିବା, ତେବେ ତାହା ଭଗବାନଙ୍କ ଶ୍ରେଷ୍ଠ ପୂଜା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମଞ୍ଚେଶ୍ୱରସ୍ଥିତ ରେଲୱେ ସ୍ପୋର୍ଟସ କମ୍ପ୍ଲେକ୍ସ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଏମ୍‌ପି ଅଚ୍ୟୁତ ସାମନ୍ତ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ସୁଶାନ୍ତ ରାଉତ, ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସତ୍‌ସଙ୍ଗର ବିନାୟକ ମହାପାତ୍ର ଏବଂ ଶ୍ରୀଧର ସୁନ୍ଦର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାର କୋଣାନୁକୋଣରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅତିଥିମାନେ ସ୍ମରଣିକା 'ତର୍ପଣ'କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ସରକାରୀ ତଥା ବେସରକାରୀ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତରମାନେ ମାଗଣାରେ ଚିକିତ୍ସା ସେବା ଯୋଗାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ନିଖିଳ ଓଡ଼ିଶା 'ସୁଧା ସର୍ଜନା' ମହୋତ୍ସବରେ ଅତିଥିମାନେ ସ୍ମରଣିକା 'ତର୍ପଣ'କୁ ଉନ୍ମୋଚନ କରୁଛନ୍ତି।

■ ଆଇଏନ୍‌ଏସ୍ ପକ୍ଷରୁ ଚିଲିକାରେ ନୌଚାଳନା ପ୍ରତିଯୋଗିତା

# 'ତଟ ସୁରକ୍ଷାରେ ମତ୍ସ୍ୟଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବାଲୁଗାଁ,୧୭।୧୧(ଡି.ଏନ.ଏ.)




ଆଇଏନ୍‌ଏସ୍ ଚିଲିକା ପକ୍ଷରୁ ଅନୁଷ୍ଠିତ ନୌଚାଳନା ପ୍ରତିଯୋଗିତା ପରେ ଅତିଥିଙ୍କ ଗହଣରେ କୃତୀ ମତ୍ସ୍ୟଜୀବୀ।

ଚିଲିକା ତଥା ସମୁଦ୍ର ତଟ ସୁରକ୍ଷା ଦିଗରେ ମତ୍ସ୍ୟଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜଳପଥରେ ସେମାନେ ହେଲେ କର୍ଣ୍ଣଧାର ତଥା ଆଖି ଓ କାନ ସଦୃଶ। ନୌସେନା ବିଭାଗ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଓ ସମନ୍ୱୟ ରହିପାରିଲେ ତଟରକ୍ଷା କ୍ଷେତ୍ରରେ କୌଣସି ଅଘଟଣ ଏଡ଼ାଇବା ସହଜ ହେବ। ରବିବାର ସ୍ଥାନୀୟ ବଡ଼କୁଳଠାରେ ଆଇଏନ୍‌ଏସ୍ ଚିଲିକା ପକ୍ଷରୁ ଅନୁଷ୍ଠିତ ନୌଚାଳନା ପ୍ରତିଯୋଗିତା ଅବସରରେ ଭାରତୀୟ ନୌସେନା ଚିଲିକା ଶାଖା ଅଧିକାରୀ ତଥା କମୋଡ଼ର ଋତୁରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ଭାରତୀୟ ନୌସେନା ବିଭାଗର ୪୦ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ନୌସେନା ଓ ଜିଲା ମତ୍ସ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ବଡ଼କୁଳ ପାନ୍ଥନିବାସ ଜେଟିଠାରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ନେଇ ନୌଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମୋଡ଼ର ସାହୁ ପ୍ରତଯୋଗିତା ଉଦ୍‌ଘାଟନ କରିଥିଲେ। କାତମରା ଓ ଆହୁଲା ଦୁଇ ପର୍ଯ୍ୟାୟରେ ନୌଚାଳନା ପ୍ରତିଯୋଗିତା ହୋଇଥିଲା। ଆହୁଲାରେ ୧୦ ଓ କାତମରାରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତି ଦଳରେ ଜଣେ ଦଳପତିଙ୍କ ସହ ୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଚିଲିକା ମଧ୍ୟସ୍ଥ ଜଟିଆନାଶି ପାହାଡ଼ଠାରୁ ବଡ଼କୁଳ ପାନ୍ଥନିବାସ ପର୍ଯ୍ୟନ୍ତ ପ୍ରାୟ ଦେଢ଼କିଲୋମିଟର ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିଲା। ପ୍ରାରମ୍ଭରେ ଅନୁଷ୍ଠିତ ଆହୁଲା ପ୍ରତିଯୋଗିତାରେ ମା'ନାରାୟଣୀ ଟିମ୍ (ଶାନ୍ତିନଗର) ପ୍ରଥମ, ମା'କାଳିଜାଇ ଟିମ୍ (ଶାନ୍ତିନଗର) ଦ୍ୱିତୀୟ ଓ ହରିଚାନ୍ଦ ଠାକୁର ଟିମ୍ (ସନ୍ନ୍ୟାସୀନଗର) ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କାତମରା ପ୍ରତିଯୋଗିତାରେ ଜୟନ୍ତପୁର ଟିମ୍ ପ୍ରଥମ, ମା' ଚିଲିକାରାଣୀ ଟିମ୍ (ଚନ୍ଦ୍ରାପୁଟ) ଦ୍ୱିତୀୟ ଓ ଗଙ୍ଗାଦେବୀ ଟିମ୍ (ପଥରା,ଗଞ୍ଜାମ) ତୃତୀୟ ସ୍ଥାନ ହାସଲ କରିଥିଲେ। କମୋଡ଼ର ସାହୁ କୃତିତ୍ୱ ଅର୍ଜନ କରିଥିବା ଟିମ୍‌କୁ ଯଥାକ୍ରମେ ୧୦ହଜାର, ୬ହଜାର ଓ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ନୌସେନା ବିଭାଗର ବହୁ ଅଧିକାରୀ, ବାଲୁଗାଁ ଏସ୍‌ଡ଼ିପିଓ ସୁରେଶ କୁମାର ଦାଶ, ଆଇଆଇସି ରମାକାନ୍ତ ମହାଲିକ୍‌ଙ୍କ ସମେତ ପାନ୍ଥନିବାସ କର୍ତ୍ତୃପକ୍ଷ, ସ୍ଥାନୀୟ ଡ଼ଙ୍ଗା ମାଲିକ ସଂଘର ସଦସ୍ୟ ବୃନ୍ଦ ଓ ମତ୍ସ୍ୟଜୀବୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ମାଳତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହୀରାକୁଦ ଡ୍ୟାମ୍ ପରିଦର୍ଶନ କଲେ ଛତିଶଗଡ଼ ଟିମ୍

- ପାଣିର ବ୍ୟବହାର ଉପରେ ଆଲୋଚନା
- କମ୍ପାନୀକୁ ଯାଉଥିବା ପାଣିର ପରିମାଣ ଦେଖିଲେ

ସମ୍ବଲପୁର, ୧୭।୧୧ (ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ଡ୍ୟାମ୍‌କୁ ରବିବାର ଛତିଶଗଡ଼ ଜଳସମ୍ପଦ ବିଭାଗର ଏକ ୧୧ ଜଣିଆ ଉଚ୍ଚସ୍ତରୀୟ ଟିମ୍ ପରିଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ଏକ୍ସପର୍ଟ, ୨ଜଣ ଆଇନଜୀବୀ ଓ ୭ଜଣ ଇଞ୍ଜିନିୟର ରହିଛନ୍ତି। ଏମାନେ ହେଲେ କେ.ଏସ. ଧୋନିକ, ଆର୍.ଏସ୍. ନାଇଡୁ, ଏ.କେ. ସୋନୱାର, ଆର୍.କେ. ନାଗରିଆଙ୍କ ସମେତ ୧୧ଜଣ ସଦସ୍ୟ। ସେହିପରି ଓଡ଼ିଶାର ଗୋପାଳ ରାୟ, ଆଶୁତୋଷ ଦାସ, ହରମନ୍ ପ୍ରଧାନ, ଭକ୍ତରଞ୍ଜନ ମହାନ୍ତି, ନିରାକାର ବିଶି, ସାଗର ମହାନ୍ତି, ପ୍ରତୀକ ଦୀକ୍ଷିତ, ସୁମିତ କୁଜୁର ପ୍ରମୁଖ ବିଭାଗୀୟ ଇଞ୍ଜିନିୟର ଓ ଏକ୍ସପର୍ଟ ଏହି ପ୍ରତିନିଧିଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ରହିଥିଲେ। ହୀରାକୁଦ ଡ୍ୟାମର ପାଣି କି ଭଳି ଭାବେ ପରିଚାଳନା କରାଯାଉଛି ମୁଖ୍ୟତଃ ସେହି ବିଷୟରେ ଆଲୋଚନା କରାଯାଇଥିଲା। ଓପିଜିସି, ଭୂଷଣ, ବେଦାନ୍ତ, ହିନ୍ଦ ବରାତ ଓ ଅନ୍ୟାନ୍ୟ କମ୍ପାନୀଗୁଡ଼ିକୁ କେତେ ପରିମାଣର ପାଣି ଦିଆଯାଉଛି ତାହା ଏହି ଟିମ୍ ଅନୁଧ୍ୟାନ କରିଛି। ସେହିପରି ଶାସନ କେନାଲରେ ଚାଷୀମାନଙ୍କ ପାଇଁ କେତେ କ୍ୟୁସେକ ପାଣି ଯାଉଛି ତାହା ମଧ୍ୟ ପରିଦର୍ଶନ କରି ରିପୋର୍ଟ ସଂଗ୍ରହ କରିଛନ୍ତି। ଏହାସହ ହୀରାକୁଦ ଡ୍ୟାମର ଉପରମୁଣ୍ଡ ବର୍ଷା ଓ ତଳ ମୁଣ୍ଡରେ ବର୍ଷା ପରିମାଣ, କେତେ ପାଣି ଛଡା ଯାଉଛି ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ତେବେ ବର୍ଷା ସମୟରେ ଡ୍ୟାମ୍‌ରେ ପଟୁମାଟି ପୋତି ହୋଇଯାଉଛି। ଏହାକୁ ନେଇ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ମହାନଦୀ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ମାମଲା ବିଚାରାଧୀନ ରହିଛି। ଅନ୍ୟପଟେ ଓଡ଼ିଶା ଓ ଛତିଶଗଡ ରାଜ୍ୟ ଜଳସମ୍ପଦ ବିଭାଗ ସମନ୍ୱୟ ରଖିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏଣୁ ଏହାକୁ ନେଇ ରବିବାର ଛତିଶଗଡ଼ ଜଳସମ୍ପଦ ବିଭାଗର ଏହି ୧୧ ଜଣିଆ ଟିମ୍ ଓଡ଼ିଶା ଗସ୍ତରେ ଆସିଥିଲେ। ଓଡ଼ିଶାରୁ ମଧ୍ୟ ବିଭିନ୍ନ ସମୟରେ ଟିମ୍ ଯାଇ ଛତିଶଗଡ଼ ଜଳସମ୍ପଦ ବିଭାଗ ସହ ବୈଠକ ଓ ଆଲୋଚନା କରିଛନ୍ତି। ନିୟମିତ ଭାବେ ଉଭୟ ରାଜ୍ୟ ପକ୍ଷରୁ ଏଭଳି ସମନ୍ୱୟ ରକ୍ଷା କରି ଆଲୋଚନା ଓ ପରିଦର୍ଶନ କରାଯାଉଛି ବୋଲି ହୀରାକୁଦ ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ସୁନୀଲ କୁମାର ନାୟକ କହିଛନ୍ତି।





ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତ୍ରୀ ଶୀତଲଙ୍କ ଅଭିନୟ ଜୀବନ ଯାତ୍ରା କେମିତି ତାହା ଦେଖନ୍ତୁ ଏହି ଭିଡିଓରେ

YouTube /dharitrilive


# ବଜ୍ରକାପ୍ତା ଉଦ୍ଧାର, ୪ ଗିରଫ

ପାଲଲହଡ଼ା, ୧୭।୧୧(ଡି.ଏନ.ଏ.)



ଅନୁଗୋଳ ଜିଲା ପାଲଲହଡ଼ା ବନବିଭାଗ ପକ୍ଷରୁ ରବିବାର ଏକ ବଜ୍ରକାପ୍ତା ଉଦ୍ଧାର ସହ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଟାମୁଣ୍ଡ ଗାଁର ସନ୍ତୋଷ ମହାକୁଲ, କୈଳାସ ନାୟକ, ଟାଇଁସିରା ଗାଁର ଗଣନାଥ ନାୟକ ଏବଂ ଜଗମୋହନପୁର ମୁନା ମୁଣ୍ଡା। ଫେରାର ଥିବା ଅନ୍ୟଜଣେ ସହଯୋଗୀଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ବନବିଭାଗ କହିଛି। ସୂଚନା ମୁତାବକ, ପ୍ରାୟ ମାସେ ହେବ ଗିରଫ ବ୍ୟକ୍ତିମାନେ ଏହି ବଜ୍ରକାପ୍ତାକୁ ଜଙ୍ଗଲରୁ ଧରି ଘରେ ରଖି ବିକ୍ରିକରିବା ପାଇଁ ଯୋଜନା କରୁଥିଲେ। ଖବରପାଇ ବିଭାଗୀୟ କର୍ମଚାରୀମାନେ ବେପାରୀ ଭାବେ ଯାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଉଦ୍ଧାର ବଜ୍ରକାପ୍ତାର ଓଜନ ୧୦ କେଜି ହେବ ବୋଲି ଜଣାପଡିଛି। ବଜ୍ରକାପ୍ତାର ଡାକ୍ତରୀ ପରୀକ୍ଷା ପରେ ଏହାକୁ ଜଙ୍ଗଲରେ ଛଡ଼ାଯିବ କି ନନ୍ଦନକାନନକୁ ନିଆଯିବ ସେ ନେଇ ନିଷ୍ପତ୍ତି ନିଆଯିବ ବୋଲି ରେଞ୍ଜର ଦୁର୍ଯ୍ୟୋଧନ ଜେରେଇ କହିଛନ୍ତି। ଏହି ଚଢ଼ାଉରେ ଡେପୁଟି ରେଞ୍ଜର ମହେନ୍ଦ୍ର କୁମାର ସାହୁ, ଫରେଷ୍ଟର ମନ୍ମଥ ବେହେରା, ପୁଲିନ ବିହାରୀ ପ୍ରଧାନ, ରୋହିତ ନାୟକ ଫରେଷ୍ଟଗାର୍ଡ, ସୁରେନ୍ଦ୍ର କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

# ୫ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି, ୧୭।୧୧ (ଡିଏନ୍.ଏ.)

ମାଲକାନଗିରି ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ରବିବାର ଅବକାରୀ,ପୋଲିସ ଓ ବନ ବିଭାଗ ପକ୍ଷରୁ ମିଳିତ ଭାବେ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ନଷ୍ଟ କରିଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୫ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ମାଲକାନଗିରି, ଜୟପୁର, ନବରଙ୍ଗପୁର ଅବକାରୀ ବିଭାଗ, ମାଲକାନଗିରି ପୋଲିସ ଓ ବନ ବିଭାଗ ମିଳିତ ସହଯୋଗରେ ମାଲାକନଗିରି ଥାନା ଅଞ୍ଚଳର କର୍ତନଗୁଡ଼ା, ବାଟଗୁଡ଼ା ଓ ବାପନପାଲି ଗ୍ରାମ ନିକଟ ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୩୯ ଏକର ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛଗୁଡ଼ିକୁ କାଟି ନିଆଁ ଲଗାଇ ପୋଡ଼ି ଦିଆଯାଇଥିଲା। ଏହି ୩ଟି ସ୍ଥାନରୁ ମୋଟ ୫୮ହଜାର ୫୦୦ ଗଛ କଟାଯାଇଥିବା ସେଠ୍ କହିଛନ୍ତି।

# ଜଳ ଯୋଗାଣ ଟ୍ୟାଙ୍କରରେ ଗଞ୍ଜେଇ ଚୋରା ଚାଲାଣ

ମାଲକାନଗିରି, ୧୭।୧୧(ଡି.ଏନ୍.ଏ.)

ଏକ ଅଭିନବ ଉପାୟରେ ଗଞ୍ଜେଇ ଚୋରା ଚାଲାଣକୁ ମାଲକାନଗିରି ଜିଲା ମାଥିଲି ପୋଲିସ ଧରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ପରିମାଣ ଦେଢ ଟନ୍ ହେବ ବୋଲି ଏସପି ଋଷିକେଶ ଡି. ଖିଲାରୀ କହିଛନ୍ତି। ମାଥିଲି ଥାନା ମାଡ଼କାପଦର ଅଞ୍ଚଳରୁ ଏକ ପାଣି ଟ୍ୟାଙ୍କର ଜୟପୁର ଅଭିମୁଖେ ଯାଉଥିଲା। ଗୋବିନ୍ଦପାଲି ଛକଠାରେ ମାଥିଲି ଓ ଗୋବିନ୍ଦପାଲି ପୋଲିସ ଏହାକୁ ସନ୍ଦେହ କରି ଅଟକାଇ ପାଣି ଟ୍ୟାଙ୍କରକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେଥିରୁ ୧୪୪୩ କେଜି ଗଞ୍ଜେଇ ମିଳିଥିଲା। ଏହି ଗଞ୍ଜେଇ ଚୋରା ଚାଲାଣ କରୁଥିବା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ପଞ୍ଚାୟତ ସର୍ଗିଗୁଡା ଗ୍ରାମର ସଦନ ପାଙ୍ଗି ଓ ଉତ୍ତର ପ୍ରଦେଶ ମାଥୁର ଜିଲା ସାଜିଦପୁର ଗ୍ରାମର ଡ୍ରାଇଭର ଉଦୟ ଚାନ୍ଦଙ୍କୁ ଗିରଫ କରାଯାଇଥିଲା ବୋଲି ଏସ୍‌ପି କହିଛନ୍ତି।

# ବିସ୍ଫୋରଣ ଘଟି ବାଳକ ଗୁରୁତର

## ବାରହା ଶିକାର ପାଇଁ ରଖାଯାଇଥିଲା ଦେଶୀ ବୋମା

କେନ୍ଦୁଝର, ୧୭।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢଙ୍ଗରଡିହା ଗ୍ରାମ ନିକଟ ଜଙ୍ଗଲରେ ବାରହା ଶିକାର ପାଇଁ ରଖାଯାଇଥିବା ଏକ ଦେଶୀ ବୋମାର ବିସ୍ଫୋରଣ ଘଟିବାରୁ ମନୋଜ ମୁଣ୍ଡା ନାମକ ଜଣେ ୮ ବର୍ଷର ବାଳକ ଗୁରୁତର ଆହତ ହୋଇଛନ୍ତି। ଜଙ୍ଗଲରେ ଗାଈ ଚରାଉଥିବା ବାପା ରଜ ମୁଣ୍ଡାଙ୍କ ପାଇଁ ସେ ଭାତ ନେଇ ଯାଉଥିବା ବେଳେ ବୋମା ଉପରେ ତାଙ୍କ ଗୋଡ ପଡ଼ିଯାଇଥିଲା। ଏଥିରେ ବୋମାର ବିସ୍ଫୋରଣ ଘଟିବାରୁ ମନୋଜଙ୍କ ଡାହାଣ ଗୋଡରେ ଗୁରୁତର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଗାଁ ଥାନା ପୋଲିସ ଏହାର ତଦନ୍ତ ଚଳାଇଛି। ଧାନ ଫସଲ ଖାଇବାକୁ ଜଙ୍ଗଲରୁ ଚାଲିଆସୁଥିବା ବାରହାଙ୍କୁ ଶିକାର କରିବା ଲାଗି କେହି ଶିକାରୀ ଏହି ବୋମା ରଖିଥିବା ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି।

# ସବୁ ପ୍ରସଙ୍ଗରେ...

ଆଇନ (ପିଏସ୍‌ଏ) ବଳରେ ଅଟକ ରଖାଯାଇଛି। ଫାରୁକଙ୍କ ବାପା ତଥା ଏନ୍‌ସିର ପ୍ରତିଷ୍ଠାତା ଶେଖ୍ ମହମ୍ମଦ ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ଥିଲାବେଳେ ଏହି ଆଇନକୁ କାର୍ଯ୍ୟକାରୀ କରିଥିଲେ।

ସର୍ବଦଳୀୟ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଅଧ୍ୟକ୍ଷ ଅମିତ୍ ଶାହ, କେନ୍ଦ୍ରମନ୍ତ୍ରୀ ଥାୱରଚନ୍ଦ ଗେହଲଟ, ରାଜ୍ୟ ସଭାରେ ବିରୋଧୀ ଦଳ ଉପନେତା ଆନନ୍ଦ ଶର୍ମା, ଟିଏମ୍‌ସି ନେତା ଡେରେକ୍ ଓ ବ୍ରିଏନ, ଏଲଜେପିରୁ ଚିରାଗ ପାଶ୍ୱାନ, ସମାଜବାଦୀ ପାର୍ଟିରୁ ରାମଗୋପାଳ ଯାଦବ, ଟିଡିପିରୁ ଜୟଦେବ ଗାଲ୍ଲା ଏବଂ ଭି. ବିଜୟସାଇ ରେଡ୍ଡୀ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଏବଂ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ମେଘୱାଲ ବୈଠକ ଡାକିଥିଲେ। ଶନିବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସର୍ବଦଳୀୟ ବୈଠକରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବା ପାଇଁ ସମସ୍ତଙ୍କର ସହଯୋଗ ନିମନ୍ତେ ଅନୁରୋଧ କରିଥିଲେ।

ଡିସେମ୍ବର ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ନାଗରିକତ୍ୱ (ସଂଶୋଧନ) ବିଲ୍, ବ୍ୟକ୍ତିଗତ ଡାଟା ସୁରକ୍ଷା ବିଲ୍ ସମେତ ୩୫ଟି

## ପ୍ରଥମ ପୃଷ୍ଠାରୁ...

ବିଧେୟକ ଆଣିବାକୁ ଯୋଜନା କରିଛନ୍ତି। ଏହା ବ୍ୟତୀତ ଇ-ସିଗାରେଟ ଅଧ୍ୟାଦେଶକୁ ଆଇନରେ ପରିଣତ କରିବା ଲାଗି ବିଲ୍ ଆସିବାକୁ ଥିବାବେଳେ ଟ୍ରାନ୍ସଜେଣ୍ଡର (ଅଧିକାର ସୁରକ୍ଷା) ବିଲ୍, ଶିଳ୍ପ ସମ୍ପର୍କ କୋଡ୍ ବିଲ୍, ଚିଟଫଣ୍ଡ ଆଇନ ସଂଶୋଧନ ବିଲ୍, କମ୍ପାନୀ (ଦ୍ୱିତୀୟ ସଂଶୋଧନ) ବିଲ୍, ଚିଟ୍‌ଫଣ୍ଡ (ସଂଶୋଧନ) ବିଲ୍, ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ ସିଷ୍ଟମ୍ ଅଫ୍ ମେଡିସିନ୍ ବିଲ୍, ସରୋଗେସି (ନିୟନ୍ତ୍ରଣ) ବିଲ୍ ଏବଂ ଜାଲିଆନାୱାଲା ବାଗ୍ ଜାତୀୟ ସ୍ମାରକୀ (ସଂଶୋଧନ) ବିଲ୍ ଆଦି ଅଣାଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — କୌଣସି ନୂଆ କାମଟିଏ ଆରମ୍ଭ କରିବା ସକାଶେ ବ୍ୟୟ ଅଟକଳ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ହୋଟେଲ ଶିଳ୍ପ,ଛୋଟ ଦୋକାନରୁ ସୁଫଳ ମିଳିବ। ଅଫିସ୍ କାମରେ ବୁଝାମଣା ନେଇ ସହମତି ଦେଖାଦେଇପାରେ। ପ୍ରକାଶନ, ପ୍ରଶାସନ, ସଙ୍ଗଠନ ଓ ରାଜନୈତିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ** — ଆଜି ଶ୍ରୁତିମଧୁର କଥା ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରଭାବିତ କରିବାରେ ସମର୍ଥ ହେବେ। ଅଟକି ରହିଯାଇଥିବା କାମଗୁଡ଼ିକ ସୁବିଧାରେ ନ ହେଉଥିବା କାରଣରୁ ମନ ଭଲ ରହିନପାରେ। ସଭା ସମିତି, କଚେରି ମାମଲା, ଚୁକ୍ତିପତ୍ର ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ।

**ମିଥୁନ** — ମଧ୍ୟାହ୍ନ ପରେ ପରେ ପରିବାରରେ ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବନ୍ଧୁଙ୍କ ପରାମର୍ଶକୁ ଯଦି ଗ୍ରହଣ କରିବେ ତେବେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର ଓ ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିବା କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ଆଶଙ୍କା ରହିଛି।

**କର୍କଟ** — ଆଜି ସକାଳୁ ସକାଳୁ ଘରୋଇ କାମ ସଙ୍ଗକୁ ଅଫିସ୍ କାମର ଜାଲ ବଢିଯିବ, ଫଳରେ ବ୍ୟସ୍ତତା ମଧ୍ୟରେ ସମୟ କଟାଇବେ। ଭୁଲ୍ ବୁଝାମଣାବଶତଃ ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବ, ଫଳରେ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବେ।

**ସିଂହ** — ଆର୍ଥିକ ଉନ୍ନତି ଓ କାର୍ଯ୍ୟ ହାସଲରୁ ଖୁସିରହିବେ। କିନ୍ତୁ ଯେତିକି ପାଇବେ ତାହାଠାରୁ ବହୁ ଗୁଣରେ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଅନ୍ୟ ମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ଲାଗି ରହିଥିବା ବିବାଦୀୟ ଘଟଣାରେ ଅବଶ୍ୟ ବିଜୟୀ ହେବେ।

**କନ୍ୟା** — ଦିନଟିରେ ମନ ଖୁସି ହେଲାଭଳି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। ରପ୍ତାନି ବାଣିଜ୍ୟ, ଜମିଜମା ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ। କର୍ମକ୍ଷେତ୍ରରୁ ଅଚାନକ ଭାବରେ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ପାରନ୍ତି। ସାମାଜିକ ସ୍ତରରେ ଅନ୍ୟାୟ ବିରୋଧରେ ଲଢ଼ିଲେ ସମର୍ଥନ ପାଇବେ ନାହିଁ।

**ତୁଳା** — ଘରୋଇ ସମସ୍ୟା ସମାଧାନ ନ ହୋଇପାରିବା କାରଣରୁ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ କିଛି ନୂତନ କାମ ସୃଷ୍ଟି କରିବା ସକାଶେ ଚିନ୍ତା କରି ପାରନ୍ତି। ଦୀର୍ଘଦିନରୁ ରହିଆସିଥିବା ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା** — ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇଲେ ମଧ୍ୟ ବିଭିନ୍ନ ଦିଗରୁ ରୋଜଗାର କିଛି କମ୍ ହେବନି। ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଖୁସି ହେବେ। କାମରେ ଅବହେଳା କରିବା କାରଣରୁ ମନରେ ବିରକ୍ତିଭାବ ସୃଷ୍ଟି ହେବ ଓ କଟୁକ୍ତି ଶୁଣିବାକୁ ପଡ଼ିପାରେ। ପରିବାରରେ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହୋଇପାରେ।

**ଧନୁ** — ଦିନଟି ଆପଣଙ୍କ ପାଇଁ ଆଜି ସବୁ ପ୍ରକାର ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟି କରିବାରେ ସହାୟକ ହେବ। ଦୀର୍ଘଦିନର ଅପୂରଣୀୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ମାତ୍ର ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ।

**ମକର** — ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇପାରନ୍ତି। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବାକୁ ପଡିପାରେ। ନିର୍ମାଣ, କଳା,ସାହିତ୍ୟ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରୁ ଖୁସି ରହିବେ। ଆଜି ଫେରିବା ବାଟରେ କୌଣସି ଅଚିହ୍ନା ଲୋକ ସେହିମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରି ପାରନ୍ତି।

**କୁମ୍ଭ** — ଆଜିର ସମୟ ବନ୍ଧୁମାନଙ୍କ ସହ ଆଲୋଚନାରେ ଅତିବାହିତ ହେବ। ଶିଳ୍ପ, ବ୍ୟବସାୟରେ ଶିଥିଳତା ଦେଖାଦେବ। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ ଏବଂ ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିର୍ମାଣ କାମ ଧିମେଇ ଯିବ ଓ ଆବଶ୍ୟକତା ପୂରଣ ପାଇଁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ମୀନ** — ଆଜି ଯାହାକୁ ଯାହା କହିବେ କିମ୍ବା କରିବେ ତାହା ସମସ୍ତଙ୍କର ମନକୁ ପାଇବ। କିନ୍ତୁ କୌଣସି ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ, ମାଲିମକଦ୍ଦମାରୁ ଚିନ୍ତାକୁଳ ହୋଇପାରନ୍ତି କିନ୍ତୁ ବନ୍ଧୁଙ୍କ ସହ ଆଲୋଚନା ପରେ ଆଶ୍ୱସ୍ତି ଲାଭ କରିବେ। ରାଜନୀତି, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

ଆଜି ମାର୍ଗଶିର କୃଷ୍ଣ ଷଷ୍ଠୀ ସୋମବାର, ନଭେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ, ଦିବା ଘ୮।୫୭ମି. ଗତେ ଘ୧୧।୧୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୨୨ମି. ଗତେ ଘ୧୧।୫୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭।୨୮ମି. ଗତେ ଘ୮।୫୨ମି.ମଧ୍ୟେ, ଘ୧୧।୩୯ମି. ଗତେ ଘ୧୨।୦୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭।୨୩ମି. ଗତେ ଘ୮।୪୬ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

automobile

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

real estate

**SALE**

ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320. D-68426

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

କଟକ-ଗୋପାଳପୁର ଧାକୁଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440. D-68409

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରୀ ପ୍ଲଟ୍ @ 500/- ରେ ମିଳୁଛି। 8093465134, 9668194157. D-68608

ଭୁବନେଶ୍ୱର ନୁଆଗାଁରେ Yellowzone ଘରବାରି ପ୍ଲଟ୍ 1200sqft. @2300/- ବିକ୍ରିହେବ- 9861082584. D-68417

Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148. D-68420

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9040008777. D-68428

3BHK duplex for sale at Gothapatana, Bhubaneswar, 2.5km from SUM Hospital 9861444497, 8917665342. D-68510

Plot sale near AIIMS Hospital, Bhubaneswar yellow zone 30' Road- 8280037688. D-68425

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

100ft. Revenue ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948. D-68430

to-let

3500sqft. Godown Cum Office/ Staff quarter available for rent in N-3 area of IRC Village, Nayapali, please, Contact: 9437020530, 8826869805. D-68183

healthcare

Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies & gents smart therapist, 9040900385. D-68701

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Ayurvedic full body massage ladies & gents smart therapist, 9668814589. D-68702

Newly open full body massage by ladies, gents therapist. 8018656899 D-60850

Ayurvedic full body massage by ladies, gents therapist. 7008773793 D-60851

Refresh your mind and soul with best therapy at Orchid Salon/Spa. 9937287222. D-68703

Refresh your body with smart and expert therapist, Contact: 6370668486. D-68182


**AFFIDAVIT**

I, Sri Tripati Padhi S/o Gokul Chandra Padhi of Radhakanta Math, P.O/P.S- Odagaon Dist- Nayagarh have changed my Title in consequence upon accepting Baishnab Dikhya and Sisatwa from Guru Mahanta Padma Charan Das became Tripati Das Guru Late Mahanta Padma Charan Das caste Baishnab of Radhakanta Math, At/P.O/P.S- Odagaon Dist- Nayagarh for all purpose. I have Swear an Affidavit on 13.11.2019 before Executive Magistrate, Odagaon. D-15293


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଜିଲା ଚିଠି
## ଦେବଗଡ଼

# ରାସ୍ତା ଉପରେ ବସ୍‌ଷ୍ଟାଣ୍ଡ

ଦୀର୍ଘ ବର୍ଷ ଧରି ଦେବଗଡ଼ ସଦର ମହକୁମାସ୍ଥିତ ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ରାସ୍ତା ଉପରେ ଚାଲିଛି। ସହରର ଛାତି ଉପରେ ଥିବା ଏହି ବସଷ୍ଟାଣ୍ଡରୁ ପ୍ରତିଦିନ ୭୦ରୁ ଊର୍ଦ୍ଧ୍ୱ ବସ୍ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛି। କୁନି କୁନି ଛାତ୍ରୀଛାତ୍ରଙ୍କ ସମେତ ଶହଶହ ଯାତ୍ରୀ ଏହି ବସଷ୍ଟାଣ୍ଡ ଉପରେ ନିର୍ଭର କରୁଛନ୍ତି। ବସଷ୍ଟାଣ୍ଡର ଚାରିପାଖରେ ୫ ସ୍କୁଲ ସହ ୯ ଟି ବ୍ୟାଙ୍କ ରହିଛି। ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ ବି ଅଛି। ଦୋକାନ,ବଜାର ବି ସେହି ଅଞ୍ଚଳକୁ ସଙ୍କୁଚିତ କରିଛି। ଏଥିପାଇଁ ଉପରୋକ୍ତ ଅଞ୍ଚଳରେ ଟ୍ରାଫିକ ନିୟନ୍ତ୍ରଣ କରିବା କାଠିକାର ପାଠ ହୋଇଛି। ବିଶେଷ କରି ଛାତ୍ରୀଛାତ୍ର ତଥା ଜନସାଧାରଣ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତାରେ ଯିବା ଆସିବା ବିପଦପୂର୍ଣ୍ଣ ହୋଇପଡିଛି। ଟିକେ ଅସାବଧାନ ହେଲେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣା ବି ଘଟୁଛି। ଏହାପରେ ବି ଏହି ବସଷ୍ଟାଣ୍ଡ ସମସ୍ୟାର ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ଯାତ୍ରୀମାନଙ୍କ ସୁବିଧା ପାଇଁ ଯାତ୍ରୀ ନିବାସ, ଶୌଚାଳୟ, ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ନାହିଁ। ବିଭିନ୍ନ ସମୟରେ ବହୁ ଅନୁଷ୍ଠାନ ପକ୍ଷରୁ ବସଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି ହୋଇଛି। ହେଲେ ତାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନାହିଁ। ଦେବଗଡ଼ ସହରଠାରୁ ୪ କିଲୋମିଟର ଦୂର ବିଶ୍ରାମ ଭବନ ନିକଟ ୪୯ ନମ୍ବର ଜାତୀୟ ରାଜପଥ ନିକଟରେ ପ୍ରସ୍ତାବିତ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ସରିବାର ନାଁ ନେଉନାହିଁ। ୨୦୧୬ ଡିସେମ୍ବର ୨୩ରେ ଏହି ବସଷ୍ଟାଣ୍ଡ ନିର୍ମାଣର ଶୁଭାରମ୍ଭ ହୋଇଥିଲା। ଇତିମଧ୍ୟରେ ୩ ବର୍ଷ ପୂରିବାକୁ ବସିଥିବା ବେଳେ କେବେ ଉକ୍ତ ବସଷ୍ଟାଣ୍ଡ ନିର୍ମାଣ ସରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପାଇଁ ଜିଲା ପ୍ରଶାସନ ଚୁପ୍ ହୋଇ ବସିବା ଅଞ୍ଚଳବାସୀଙ୍କୁ ଅଡୁଆରେ ପକାଇଛି। ୧୯୮୫ ମସିହାରୁ ନିର୍ମିତ ହୋଇଥିବା ଏହି ଅସ୍ଥାୟୀ ବସଷ୍ଟାଣ୍ଡରୁ ପ୍ରଥମେ ପ୍ରାୟ ୩୦ଟି ବସ ଓଡିଶାର ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିଲା। ବର୍ଦ୍ଧିତ ଯାତ୍ରୀସଂଖ୍ୟାକୁ ତାଳ ଦେଇ ଏବେ ବସ ସଂଖ୍ୟା ବଢ଼ିଛି। ଫଳରେ ଅସ୍ଥାୟୀ ବସଷ୍ଟାଣ୍ଡକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଜରୁରୀ ହୋଇପଡିଛି। ଏହା ପରେ ବି ବିଭାଗୀୟ ଅଧିକାରୀମାନେ ସେଥିପ୍ରତି ଗୁରୁତ୍ୱ ନ ଦେବା ଦେବଗଡ଼ବାସୀଙ୍କୁ ବ୍ୟଥିତ କରିଛି।

–ଶଶାଙ୍କ ଶେଖର ଝାଙ୍କର

# ଜାତୀୟ ସ୍ତରରେ ଓଡ଼ିଶା ସ୍ୱାସ୍ଥ୍ୟସେବାକୁ ପ୍ରଶଂସା

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଓଡ଼ିଶାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସା କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଓ ଅଭିନବ ପଦକ୍ଷେପ ଯୋଗୁ ଗୁଜରାଟର ଗାନ୍ଧୀନଗରଠାରେ ଆୟୋଜିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଷଷ୍ଠ ଜାତୀୟ ସମ୍ମିଳନୀରେ ରାଜ୍ୟକୁ ଏଭଳି ପ୍ରଶଂସା ମିଳିଛି। ଏଥିସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ରାଜ୍ୟର ସବୁଠାରୁ ଉତ୍ତମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବୋଲି ଦର୍ଶାଯାଇଛି। ତିନିଦିନିଆ ଏହି ଜାତୀୟ ଶିବିରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସମସ୍ତ ଅଭିନବ ପଦକ୍ଷେପ ଓ ତାହାର ସଫଳତା ଉପସ୍ଥାପନ କରିଥିଲେ। ଏହାସହ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା 'ବିଏସ୍‌କେୱାଇ'ର ମାଧ୍ୟମରେ ରୋଗୀ ସନ୍ତୁଷ୍ଟୀକରଣ କାର୍ଯ୍ୟକାରିତା ଏବଂ 'ମୋ ସରକାର' ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ।



ଗୁଜରାଟରେ ଆୟୋଜିତ ଷଷ୍ଠ ଜାତୀୟ ସମ୍ମିଳନୀରେ ଯୋଗଦେବା ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ।

ଡାକ୍ତର ଅଭାବଜନିତ ସମସ୍ୟାର ମୁକାବିଲା ଲାଗି ସରକାର ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା, ଆନୁଷ୍ଠାନିକ ପ୍ରସବ ହାର ବୃଦ୍ଧି, ବାଇକ୍ ଓ ବୋଟ୍ ଆମ୍ବୁଲାନ୍ସ, ଭ୍ରାମ୍ୟମାଣ ପ୍ରସୂତିଯାନ ଠାରୁ ଆରମ୍ଭ କରି ପ୍ରସୂତିଗୃହ, ଯାତାୟାତ ଖର୍ଚ୍ଚ ଆଦି ବିଭିନ୍ନ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଲୋକଙ୍କୁ ଘରୋଇ ଚିକିତ୍ସାଳୟରେ ଉନ୍ନତମାନର ସେବା ଯୋଗାଇ ଦେବାକୁ ୧୯୭ ଘରୋଇ ହସ୍ପିଟାଲ ସହିତ ରାଜ୍ୟ ସରକାର ଅନୁବନ୍ଧିତ ହୋଇଛନ୍ତି। ରାଜ୍ୟର ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକରେ ମାଗଣା ରୋଗ ନିରୂପଣ ଓ ଜଟିଳ ରୋଗର ଚିକିତ୍ସା ତଥା ବିନାମୂଲ୍ୟରେ ଔଷଧ ଯୋଗାଣ, ଡାଏଲିସିସ୍, କେମୋଥେରାପି ଆଦି ବ୍ୟବସ୍ଥା ମଧ୍ୟ କରାଯାଇଛି। ୭୦ଲକ୍ଷ ପରିବାରଙ୍କୁ 'ବିଏସ୍‌କେୱାଇ' ଯୋଜନାରେ ସାମିଲ କରାଯାଇଛି। 'ମୋ ସରକାର' ଯୋଜନାରେ ରୋଗୀଙ୍କଠାରୁ ମତାମତ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନିଆଯାଉଛି। ବର୍ଷକ ମଧ୍ୟରେ ସରକାରୀ ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକର ଓପିଡି ଓ ଆଇପିଡିରେ ରୋଗୀଙ୍କ ସଂଖ୍ୟା ୩୩% ବୃଦ୍ଧି ପାଇ ୬କୋଟି ୭୦ଲକ୍ଷକୁ ଟପିଛି। ସରକାରଙ୍କ ଚିକିତ୍ସା ବ୍ୟବସ୍ଥାକୁ ନେଇ ୯୨%ରୁ ଅଧିକ ରୋଗୀ ସନ୍ତୋଷ ପ୍ରକାଶ କରିଛନ୍ତି। ରୋଗୀମାନଙ୍କ ନିଜସ୍ୱ ଚିକିତ୍ସା ଖର୍ଚ୍ଚ ଆଶାତୀତ ଭାବେ ହ୍ରାସ ପାଇଛି। ସ୍ୱାସ୍ଥ୍ୟ ମିଶନକୁ ବାଦ୍ ଦେଇ ରାଜ୍ୟ ସରକାର ନିଜସ୍ୱ ବଜେଟରୁ ୧୭୧୨ କୋଟିରୁ ଅଧିକ ଟଙ୍କା ରୋଗୀଙ୍କ ପାଇଁ ବ୍ୟୟ କରୁଛନ୍ତି। ଶାଳିନୀ ପଣ୍ଡିତ ରାଜ୍ୟ ସରକାରଙ୍କ ଉପରୋକ୍ତ ପଦକ୍ଷେପଗୁଡ଼ିକୁ ଜାତୀୟ ସମ୍ମିଳନୀରେ ଉପସ୍ଥାପିତ କରିଥିବାବେଳେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପ୍ରଶଂସା ସାଉଁଟିଛି।

# ଗଣମାଧ୍ୟମ ସରକାରଙ୍କ ପାଇଁ ସ୍ୱଚ୍ଛ ଆଇନା ସଦୃଶ: ମାନସ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)



- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇଲେ କୃତଜ୍ଞତା
- ସରକାରୀ ବିଜ୍ଞାପନ, ଖବରଦାତା କଲ୍ୟାଣ କଥା ବୁଝିବେ

ଗଣମାଧ୍ୟମ ସରକାରଙ୍କ ପାଇଁ ସ୍ୱଚ୍ଛ ଆଇନା ସଦୃଶ। ଏହା ଜରିଆରେ ସରକାର ନିଜ ଦୋଷ ତ୍ରୁଟି ଦେଖିପାରନ୍ତି ଆଉ ଭଲ କାର୍ଯ୍ୟ ପାଇଁ ପ୍ରଶଂସା ସାଉଣ୍ଟିଆନ୍ତି। ପ୍ରଶାସନିକ ଦାୟିତ୍ୱ ପ୍ରତି ଗଣମାଧ୍ୟମ ସରକାରଙ୍କୁ ଅଧିକ ଯତ୍ନଶୀଳ କରାଇଥାଏ। ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ସେତୁ ହୋଇ କାର୍ଯ୍ୟ କରିବା ଏକ ଚ୍ୟାଲେଞ୍ଜ ସହ ଗୌରବର ବିଷୟ ବୋଲି ମାନସ ମଙ୍ଗରାଜ କହିଛନ୍ତି।

ଶନିବାର ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସଙ୍କୁ ପୂର୍ବ ଦାୟିତ୍ୱ ସହ ଏକାଧିକ ନୂଆ ଦାୟିତ୍ୱ ଦିଆଯାଇଛି। ଏଣିକି ମାନସ ସରକାରୀ ବିଜ୍ଞାପନ(ବୈଦ୍ୟୁତିକ/ମୁଦ୍ରିତ) ବିତରଣ, ଖବରଦାତାଙ୍କ କଲ୍ୟାଣ ବୁଝିବା ସହ ସୂଚନା ଓ ଲୋକସମ୍ପର୍କ ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଅତିଥି ଭାବେ ଯୋଗଦେବେ। ନୂଆ ଦାୟିତ୍ୱ ମିଳିବା ପରେ ମାନସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମାନସଙ୍କୁ ଗତ ସେପ୍ଟେମ୍ବର ୭ରେ ରାଜ୍ୟ ସରକାରଙ୍କ ପରାମର୍ଶଦାତା(ଗଣମାଧ୍ୟମ ଓ ଲୋକସମ୍ପର୍କ) ଭାବେ ନିଯୁକ୍ତି ଦିଆଯାଇଥିଲା। ଏଥିସହିତ ରାଜ୍ୟ ସରକାର ତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ସହ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ପ୍ରଦାନ କରିଛନ୍ତି। ନିଜର ଏହି ନୂଆ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମାନସ ଦୃଢ଼ ଆଶାବାଦୀ ଅଛନ୍ତି।

# ନାଗା ବେଶରେ ଦର୍ଶନ ଦେଲେ ସିଦ୍ଧ ମହାବୀର



ପୁରୀ ଅଫିସ, ୧୭।୧୧

କାର୍ତ୍ତିକ ପୂର୍ଣ୍ଣିମା ଯିବାର ପଞ୍ଚମ ଦିବସରେ ପୁରୀସ୍ଥିତ ସିଦ୍ଧମହାବୀରଙ୍କ ନାଗାବେଶ ହୁଏ। ତେଣୁ ରବିବାର ଠାକୁରଙ୍କ ନାଗା ବେଶ ଅନୁଷ୍ଠିତ ହୋଇଛି। ସିଦ୍ଧମହାବୀରଙ୍କ ଏହି ଦିବ୍ୟ ବେଶ ଦର୍ଶନ ଲାଗି ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ ନାଗା ବେଶ ଦର୍ଶନ କରିଥିଲେ। ଦ୍ୱାର ଫିଟା ପରେ ମଙ୍ଗଳ ଆଳତି, ମାଜଣା, ଅବକାଶ, ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବାଳଭୋଗ (ବଲ୍ଲଭ) ହୋଇ ଅନ୍ୟାନ୍ୟ ନୀତି ବଢିଥିଲା। ଅନ୍ନଭୋଗ ଲାଗି ହେବା ପରେ ମହାବୀରଙ୍କ ନାଗା ବେଶ ହୋଇଥିଲା। ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ରାତି ପର୍ଯ୍ୟନ୍ତ ଠାକୁରଙ୍କ ଦର୍ଶନ ଜାରି ରହିଥିଲା। ଏଥିପାଇଁ ମନ୍ଦିରକୁ ଫୁଲରେ ସୁସଜ୍ଜିତ କରାଯାଇଥିଲା। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀମହାବୀର ବୀରତ୍ୱ ପ୍ରଦର୍ଶନ କରି ଶ୍ରୀକ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଏହି ସ୍ମୃତିରେ ଶ୍ରୀକ୍ଷେତ୍ର ପରିକ୍ରମା ଅବସରରେ ସିଦ୍ଧମହାବୀର ନାଗା ବେଶରେ ବିଭୂଷିତ ହୋଇଥାନ୍ତି। ଏହି ଦିନ ସିଦ୍ଧ ମହାବୀରଙ୍କ ନିକଟରେ ଭକ୍ତମାନେ ଚୁଡ଼ାଘଷା ଏବଂ ରସଗୋଲା ଭୋଗ କରିଥାନ୍ତି।

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ଜିଲ୍ଲା: ପୁରୀ
**ସଂଶୋଧନ ପତ୍ର**
ତା.୧୫.୧୧.୨୦୧୯ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ 'ଅନ୍‌ଲାଇନ ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ'ର କ୍ର. ନଂ. ୧୦ ଏବଂ ୧୮ରେ ଦର୍ଶିତ ଆଞ୍ଚଳିକ କାର୍ଯ୍ୟାଳୟ, ପିପିଲିର ଠିକଣାରେ ଜିଲ୍ଲା: ଖୋର୍ଦ୍ଧା ପରିବର୍ତ୍ତେ ଜିଲ୍ଲା: ପୁରୀ ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୧୬.୧୧.୨୦୧୯ / କ୍ଷମତାପ୍ରାପ୍ତ ଅଧିକାରୀ

## ଆଜି କ'ଣ କେଉଁଠି

**ଅମରପାଲି**
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ବୀରମହାରାଜପୁର ବ୍ଲକ ସଭାଗୃହ, ପୂର୍ବାହ୍ନ ୧୦ଟା।

**ଭେଡେନ**
- ୧୧ତମ ବାର୍ଷିକ ସଂକ୍ରାନ୍ତି ଉତ୍ସବ ଉଦ୍‌ଯାପନୀ, ଅଇଁଳାପାଲି, ମଧ୍ୟାହ୍ନ ୧୨ଟା।

**ଦେଓଗାଁ**
- ସୁରେନ୍ଦ୍ର ମେହେର ମେମୋରିଆଲ ଅଲ ଓଡିଶା ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ୟୁନାଇଟେଡ ସ୍ପୋର୍ଟ୍ସ ରାଉରକେଲା ବନାମ ଏପିଜେ ଅବଦୁଲ କାଲାମ ଲୋଇସିଂହା, ଜରାସିଂହା ମିନି ଷ୍ଟାଡିୟମ, ଅପରାହ୍ନ ୩।୧୫।

**ଦେବଗଡ଼**
- ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ଇନ୍ଦିରା ଗାନ୍ଧି ଷ୍ଟାଡ଼ିୟମ, ସକାଳ ୮ଟା।

## ଦେଶରେ ପ୍ରଥମ ସ୍ୱତନ୍ତ୍ର ଶୀତକାଳୀନ-ଗ୍ରେଡ୍ ଡିଜେଲ୍ ଯୋଗାଣର ଶୁଭାରମ୍ଭ

# ଲଦାଖର ଉର୍ଜା ଆବଶ୍ୟକତାକୁ ପୂରଣ କରିବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)


ଶୀତକାଳୀ-ଗ୍ରେଡ୍ ଡିଜେଲ୍ ଯୋଗାଣର ଶୁଭାରମ୍ଭ ଅବସରରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହ, ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଲଦାଖରେ ପ୍ରଥମ ଆଇଓସିଲ ଦ୍ୱାରା ତିଆରି ହୋଇଥିବା ସ୍ୱତନ୍ତ୍ର ଶୀତକାଳୀନ-ଗ୍ରେଡ୍ ଡିଜେଲ୍ ଯୋଗାଣର ଶୁଭାରମ୍ଭ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଶାହ ଏହି ପଦକ୍ଷେପ ପାଇଁ ଭାରତ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେବାସହ ଏହି ଐତିହାସିକ ପଦକ୍ଷେପ ଦ୍ୱାରା କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖର ବିକାଶରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଏହି ପଦକ୍ଷେପ ଲଦାଖର ଅର୍ଥନୀତି ଓ ଲୋକଙ୍କ ଜୀବନଶୈଳିକୁ ଗତି ଦେବ। ଆଗାମୀ ଦିନରେ ଲଦାଖର ବିକାଶରେ ବହୁତ ବଡ ପରିବର୍ତ୍ତନ ହେବ ବୋଲି ଶାହ କହିଛନ୍ତି। ସେହିପରି ଆଗାମୀ ୪ବର୍ଷ ମଧ୍ୟରେ ଲଦାଖରେ ପ୍ରାୟ ୫୦ହଜାର କୋଟି ଟଙ୍କା ବ୍ୟୟରେ ଦେଶର ସର୍ବବୃହତମ ତଥା ୭୫୦୦ ମେଗାୱାଟର ସୌର ପ୍ରକଳ୍ପ ଶେଷ ହେବ। ଏହାଦ୍ୱାରା ଲଦାଖର କେବଳ ବିକାଶ ହେବ ନାହିଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି ଶାହ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟି ଯୋଗୁ ଦେଶରେ ପ୍ରଥମ ଥର ପାଇଁ ଏପରି ପଦକ୍ଷେପ ନିଆଯାଇପାରିଛି। ମୋଦିଙ୍କ ନେତୃତ୍ୱରେ ନିଆଯାଇଥିବା ପଦକ୍ଷେପ ଲଦାଖର ଉର୍ଜା ଆବଶ୍ୟକତାକୁ ପୂରଣ କରିବ। ଶୀତଋତୁରେ ଲଦାଖରେ ଅତ୍ୟଧିକ ଶୀତ ତଥା ପାରଦରେ ମାତ୍ରା ମାଇନସ ଡିଗ୍ରୀ ରହିବା କାରଣରୁ ଡିଜେଲ୍ ବରଫ ଆକାର ହୋଇଯାଉଥିଲା। ଫଳରେ ଏହି ଅଞ୍ଚଳରେ ଡିଜେଲ ଚାଳିତ ଗାଡି ବନ୍ଦ ହେବା ଫଳରେ ବ୍ୟବସାୟ ଠପ୍ ହେବାସହ ପର୍ଯ୍ୟଟନରେ ବାଧା ଉପୁଜୁଥିଲା। ମାତ୍ର ଆଇଓସିଏଲ୍ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ଶୀତକାଳୀନ-ଗ୍ରେଡ୍ ଡିଜେଲ୍ -୩୩ ଡିଗ୍ରୀ ତାପମାତ୍ରାରେ ମଧ୍ୟ ରହିପାରିବାର କ୍ଷମତା ରଖିଛି। ଏହାକୁ ଆଇଓସିଏଲର ପାନିପଥ ରିଫାଇନାରୀରେ ତିଆରି କରାଯାଇଛି। ଏବେ ଏହି ବ୍ୟବସ୍ଥା ଫଳରେ ସୁରକ୍ଷା କର୍ମୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସୀନ୍ଦାଙ୍କ ପାଇଁ ଇନ୍ଧନ ଯୋଗାଣର ସୁନିଶ୍ଚିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ଏକ ଲୋକକଲ୍ୟାଣ ସରକାର ଥିବାରୁ ଗରିବ ଏବଂ ସାଧାରଣ ଲୋକଙ୍କ ସମସ୍ତ ଆବଶ୍ୟକତା ଏବଂ ମୌଳିକ ସୁବିଧାକୁ ପହଞ୍ଚାଇବା ପାଇଁ ଆମେ ପ୍ରଯତ୍ନଶୀଳ। ସାମାନ୍ୟ ତଥା ଗରିବ ଲୋକଙ୍କ ଜୀବନରେ ନୂଆ ଆଶା ସଞ୍ଚାର ହୋଇଛି।




# ଧର୍ମେନ୍ଦ୍ରଙ୍କୁ ଭେଟିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୧(ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ବାସଭବନରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି। ଉଭୟ ମନ୍ତ୍ରୀ ରାଜ୍ୟରେ ପେଟ୍ରୋଲିୟ, ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରଣାଳୟର ଅଧୀନରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ଜୈବ ଇନ୍ଧନ ଏବଂ ସିଟି ଗ୍ୟାସ ବିତରଣ(ସିଜିଡି) ପାଇଁ ଛତିଶଗଡ ଉତ୍କୃଷ୍ଟ ସ୍ଥାନ ହୋଇଥିବାବେଳେ ଏହି ଆଲୋଚନା କାଳରେ ଉଭୟ ମନ୍ତ୍ରୀ ଜୈବ ଇନ୍ଧନର କ୍ଷମତା ଓ ଉତ୍ପାଦନକୁ ବୃଦ୍ଧି କରିବା ଉପରେ ଚର୍ଚ୍ଚା କରିଛନ୍ତି। ସେହିପରି ଉଭୟ ମନ୍ତ୍ରୀ ଭିଲାଇ ଇସ୍ପାତ କାରଖାନାର ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଛତିଶଗଡ ସମଗ୍ର ବିକାଶ ପାଇଁ ବିଶେଷଭାବେ ଖଣି ଲିଜ୍‌ର ସମ୍ପ୍ରସାରଣ ସମେତ ଏନଏମଡିସିର ବର୍ତ୍ତମାନ ଏବଂ ଭବିଷ୍ୟତର ପ୍ରକଳ୍ପ ପାଇଁ ଧର୍ମେନ୍ଦ୍ର ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡିଛନ୍ତି।

# ଓଡ଼ିଶା ଶିଶୁ ଚିକିତ୍ସକ ସଂଘ ସଭାପତି ଭାବେ ପ୍ରସନ୍ନ ମନୋନୀତ


ବରିଷ୍ଠ ଶିଶୁ ବିଶେଷଜ୍ଞ ପ୍ରସନ୍ନ କୁମାର ସାହୁ

ଯାଜପୁର ଅଫିସ,୧୭।୧୧

ଯାଜପୁର ଜିଲା ବ୍ୟାସନଗର ସହରର ବରିଷ୍ଠ ଶିଶୁ ବିଶେଷଜ୍ଞ ପ୍ରସନ୍ନ କୁମାର ସାହୁ ଓଡ଼ିଶା ଶିଶୁ ଚିକିତ୍ସକ ସଂଘର ୨୦୨୦ ବର୍ଷ ପାଇଁ ସଭାପତିଭାବେ ମନୋନୀତ ହୋଇଛନ୍ତି। ଜଗନ୍ନାଥ ଧାମ ପୁରୀରେ ଆୟୋଜିତ ଉତ୍ତର ପୂର୍ବାଞ୍ଚଳର ୧୨ଟି ପ୍ରଦେଶର ଶିଶୁ ଚିକିତ୍ସକ ସଂଘର ୨୬ତମ ବାର୍ଷିକ ସମ୍ମିଳନୀ ଏବଂ ଓଡ଼ିଶା ଶିଶୁ ଚିକିତ୍ସକ ସଂଘର ୪୦ତମ ବାର୍ଷିକ ସମ୍ମିଳନୀରେ ଡାକ୍ତର ସାହୁଙ୍କୁ ଏହି ମର୍ଯ୍ୟାଦାଜନକ ପଦବୀ ମିଳିଛି। ଏହି ଅବସରରେ ସାହୁ ତାଙ୍କ ପ୍ରାରମ୍ଭିକ ଅଭିଭାଷଣରେ ତାଙ୍କର କାର୍ଯ୍ୟକାଳରେ ଓଡ଼ିଶାର ଶିଶୁଚିକିତ୍ସାକୁ ନୂତନ ମାର୍ଗଦର୍ଶନ ଦେଇ ସର୍ବଭାରତୀୟସ୍ତରରେ ପହଞ୍ଚାଇବାକୁ ପ୍ରୟାସ କରିବେ ବୋଲି ପ୍ରକାଶ କରିଥିଲେ। ଭାରତୀୟ ଚିକିତ୍ସକ ସଂଘ ଯାଜପୁର ରୋଡ଼ ଶାଖା ତରଫରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

**SAMALESWARI REGIONAL CO- OPERATIVE MILK PRODUCERS' UNION LTD.**
SAMUL omfed
Regd. No. 6/SM of 6th March 76, Sakhipara, Sarla Canal Road, Dhankauda, Dist- Sambalpur (Odisha)- 768006
Ref.No. SAMUL/ 779 Date- 16.11.2019

**NOTICE**

To, By speed Post
Sri K.N. Murty
Dy. Manager
Samaleswari Regional Co-op. Milk Producers' Union Ltd.
Sakhipada, Sarla Canal Road, Dhankauda, Dist- Sambalpur- 768006

Your leave applications w.e.f 21.09.2019 have been refused and you have been directed to resume duty as per notice published in the Local News Paper "The Prameya" and "The Dharitri" on dt. 07.11.2019. But again you have sent leave applications on Medical ground without support of Medical Prescription or Medical Certificate for the period from 11.11.2019 to 16.11.2019 is refused and you are directed to resume duties on pains of disciplinary action. You may note that you are no more General Manager as wholetime regular General Manager Sri Nagen Chandra Mishra has already resume duties since 10.10.2019 as per the Order of Managing Director, OMFED-cum Addl. R.C.S., Bhubaneswar which has been duly approved by Management Committee of SAMUL. Hence you have no locus-stand to post yourself as General Manager, SAMUL in any manner.

Sd/- President

**ODISHA** INDIA'S BEST KEPT SECRET.

**Government of Odisha**
**Department of Tourism**

No. 10010 /, Bhubaneswar, Date 16.11.2019
P.Land-II(S)-40/19

**Expression of Interest (EoI) for Selection of Operator(s) for setting up, operations and management of Beach Shacks and Bistros at Chandrabhaga Beach area, Puri District, Odisha on Operational Contract Basis**

**No.R:-** Department of Tourism intends to elevate the tourism potential of Chandrabhaga beach by provisioning new tourist facilities and services at the beach through public private participation. In this background, Expression of Interest (EoI) is invited from eligible agencies for the project 'Selection of Operator(s) for setting up, operations and management of Beach Shacks and Bistros at Chandrabhaga Beach area, Puri District, Odisha on Operational Contract Basis'.

The Terms of References may be collected from the Department of Tourism, Government of Odisha, Paryatan Bhawan, Bhubaneswar or may be downloaded from our website **www.odishatourism.gov.in**.

37001/11/0027/1920 Sd./- Director, Tourism

ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ। -ଶ୍ରୀମା

# କାହାର ମଙ୍ଗଳ

ଭାରତୀୟ ଅର୍ଥନୀତି ମାନ୍ଦାବସ୍ଥା କବଳରେ ପଡ଼ିଥିବାରୁ ବିଭିନ୍ନ ସର୍ଭେ ସଂସ୍ଥା ଆର୍ଥିକ ବ୍ୟାପାର ସହ ଜଡ଼ିତ ବିଷୟ ଉପରେ ଅନୁଶୀଳନ କରିବାରେ ଲାଗିଛନ୍ତି। ଏବେ ଏକ ବିଚିତ୍ର କୌତୂହଳ ପରିସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସରକାରୀ ସଂସ୍ଥା ଦ୍ୱାରା ପ୍ରସ୍ତୁତ କେତେକ ସର୍ଭେ ରିପୋର୍ଟକୁ ଖୋଦ୍ କେନ୍ଦ୍ର ସରକାର ନାକଚ କରିବାକୁ ବାଧ ହେଉଛନ୍ତି। ଉଦାହରଣ ସ୍ୱରୂପ, ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ ୨୦୧୭-୧୮ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳର ଉପଭୋକ୍ତା କରୁଥିବା ଖର୍ଚ୍ଚ ୧୦ ପ୍ରତିଶତ ହ୍ରାସ ପାଇଛି। ଏହା ୪୦ ବର୍ଷ ମଧ୍ୟରେ ପ୍ରଥମ ଥର ଏବଂ ସର୍ବାଧିକ। ବିବ୍ରତ କଲା ଭଳି ଏହି ପ୍ରକାରର ଖବରକୁ ସିଧାସଳଖ ବିରୋଧ କରିବାର ବ୍ୟବସ୍ଥା ସରକାରଙ୍କ ପାଖରେ ନାହିଁ। ଯେତେବେଳେ ଗଣମାଧ୍ୟମରେ ଏହି ତଥ୍ୟ ପ୍ରକାଶ ପାଇଲା, ତତ୍‌କ୍ଷଣାତ୍ ସରକାର ଏହି ତଥ୍ୟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ନାକଚ କରିବାର ଘୋଷଣା ୧୫ ନଭେମ୍ବରରେ କରିଦେଲେ। ତା' ପରେ ଏବେ କହିଛନ୍ତି ଯେ, ଖୁବ୍‌ଶୀଘ୍ର ସେହି ଏନ୍ଏସ୍ଓ ତରଫରୁ ସଦ୍ୟ ଡାଟା ପ୍ରକାଶ ପାଇବ। ଅର୍ଥାତ୍ ବିଳମ୍ବରେ ସରକାରଙ୍କ ଚେତା ପଶିବା ପରେ ଅର୍ଥନୈତିକ ପରିସ୍ଥିତିକୁ ସଜାଡ଼ିବାର ଚେଷ୍ଟା ନ କରି ଡାଟା ବା ତଥ୍ୟକୁ ବିଭ୍ରାନ୍ତ କରିବା ହୋଇପଡ଼ିଛି ମୁଖ୍ୟ ଉଦ୍ଦେଶ୍ୟ।

ବିଶେଷଜ୍ଞଙ୍କ ମତରେ ୮ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ଘୋଷଣା ହେବା ପରେ ଅର୍ଥନୀତିରେ ଧିମାବସ୍ଥା ଦେଖାଦେଇଛି। ବିମୁଦ୍ରୀକରଣ ପରେ ଅନ୍‌ଲାଇନ କାରବାରକୁ ଗୁରୁତ୍ୱ ଦିଆଯାଇଥିଲା। ସେବେଠାରୁ ଏହି କାରବାର ବଢ଼ୁଥିଲେ ମଧ୍ୟ ଲୋକେ ନଗଦକୁ ଅଗ୍ରାଧିକାର ଦେଉଥିବା ଜଣାପଡ଼ିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତଥ୍ୟ ମୁତାବକ ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ବିମୁଦ୍ରୀକରଣ ପରେ ବ୍ୟବସ୍ଥାରେ ନଗଦ ପରିମାଣ ୧୭ ପ୍ରତିଶତ ବଢ଼ି ୨୧.୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଇତିମଧ୍ୟରେ ଏହି ସଂଖ୍ୟା ନିଶ୍ଚିତ ଭାବେ ଆହୁରି ବଢ଼ିଯାଇଥିବ। ବିମୁଦ୍ରୀକରଣ ପୂର୍ବରୁ ନୋଟ୍ ପରିମାଣ ଥିଲା ୧୭.୯୭ ଲକ୍ଷ କୋଟି ଟଙ୍କା। ଏଥିରୁ ବୁଝିବାକୁ ହେବ ଯେ, ଲୋକେ ନଗଦ କାରବାର କରିବାକୁ ଅଧିକ ପସନ୍ଦ କରୁଛନ୍ତି। ବିମୁଦ୍ରୀକରଣ ବେଳେ କୁହାଯାଉଥିଲା ଯେ, ୫୦୦ ଓ ୧୦୦୦ ଟଙ୍କିଆ ପୁରୁଣା ବଡ଼ ନୋଟ୍‌କୁ ରଦ୍ଦ କରିଦିଆଗଲେ ଲୋକଙ୍କ ପାଖରେ କଳାଧନ ହ୍ରାସ ପାଇବ। କିନ୍ତୁ ୨୦୦୦ ଟଙ୍କିଆ ବଜାରକୁ ଆସିବା ପରେ କଳାଧନ ଚିତ୍ରକୁ ସମ୍ପୂର୍ଣ୍ଣ ଭିନ୍ନ କରିଦେଉଛି। ନଗଦ ଟଙ୍କା ଲୁକ୍କାୟିତ ରଖିବା ଏକ କଷ୍ଟକର କାର୍ଯ୍ୟ ବୋଲି ଆମେ ଭାବୁ। ୧୦୦୦ ଟଙ୍କିଆ ଥିଲା ପୂର୍ବର ସର୍ବବୃହତ୍ କାଗଜ ଟଙ୍କା। ସେହି ଟଙ୍କାରେ କୋଟିଏ ଟଙ୍କା ରଖିବା ପାଇଁ ଯେତିକି ସ୍ଥାନ ବ୍ୟବହୃତ ହେଉଥିଲା, ଏବେ କଳାଧନ ଅର୍ଜନକାରୀମାନେ ସେତିକି ସ୍ଥାନରେ ଦୁଇ କୋଟି ଟଙ୍କା ରଖିପାରୁଥିବେ। ଏଭଳି ସ୍ଥଳେ ଯେଉଁମାନେ ଟିକସ ଫାଙ୍କି ଅର୍ଥ ସାଇତି ରଖିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ୨୦୦୦ ଟଙ୍କିଆ ବରଦାନ ସାବ୍ୟସ୍ତ ହୋଇଛି। ଜନସାଧାରଣ ଏହା ମଧ୍ୟ ଲକ୍ଷ୍ୟ କରିପାରୁଥିବେ ଯେ ପୂର୍ବାପେକ୍ଷା ୨୦୦୦ ଟଙ୍କିଆ ନୋଟ୍‌ର ସର୍କୁଲେଶନ ବା ମୁଦ୍ରା ସଞ୍ଚାଳନ କମିବାରେ ଲାଗିଛି। ବ୍ୟାଙ୍କରେ ୨୦୦୦ ଟଙ୍କିଆ ମାଗିଲେ ଉତ୍ତର ମିଳୁଛି, ସେହି ନୋଟ୍ ଆଉ ବ୍ୟାଙ୍କକୁ ଫେରୁନାହିଁ। ଏଥିରୁ ଦୁଇଟି କଥା ବୁଝିହେବ। ପ୍ରଥମଟି ହେଲା ଯାହା ଜନସାଧାରଣଙ୍କ ପାଖକୁ ଯାଉଛି, କଳାଧନ ଭାବେ ଠୁଳ ହୋଇ ରହିଯାଉଛି। ଅନ୍ୟପଟେ ଯଦି ଜନସାଧାରଣ ରଖୁନାହାନ୍ତି ବୋଲି ଚିନ୍ତା କରାଯାଏ, ତେବେ ବ୍ୟାଙ୍କକୁ ଯାହା ଯାଉଛି ତାହାକୁ ବଜାରକୁ ଛାଡ଼ିବା ପାଇଁ ସରକାର ଅନିଚ୍ଛୁକ। ଉଭୟ ଭାରତୀୟ ଅର୍ଥନୀତି ପାଇଁ ମାରାତ୍ମକ।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) କହିଛି ଯେ, ଭାରତରେ ଏଟିଏମ୍‌ଗୁଡ଼ିକର ଉଚ୍ଚ ପରିଚାଳନା ଖର୍ଚ୍ଚ ଯୋଗୁ ନୂଆ ଏଟିଏମ୍ ଖୋଲିବାରେ ବାଧା ଉପୁଜୁଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ତୁଳନା କଲେ ଭାରତରେ ୧ ଲକ୍ଷ ଲୋକଙ୍କ ପାଇଁ ଏଟିଏମ୍ କମ୍ ରହିଛି। ବର୍ତ୍ତମାନର ସ୍ଥିତି ଦେଖିଲେ ଆଗକୁ ବ୍ୟାଙ୍କଗୁଡ଼ିକ ମଧ୍ୟରେ ମିଶ୍ରଣ ହେଲେ ଶାଖା ଓ ଏଟିଏମ୍ ସଂଖ୍ୟା ଆହୁରି କମିଯିବ। ଅର୍ଥନୈତିକ କାର୍ଯ୍ୟକ୍ରମକୁ ବୃଦ୍ଧି କରିବା ଲାଗି ଏହାର ଭିତ୍ତିଭୂମିକୁ ବଢ଼ାଇବା ନିତାନ୍ତ ଆବଶ୍ୟକ। ଅନ୍ୟପକ୍ଷରେ ଭାରତରେ ସବୁ ଶିକ୍ଷିତ ଲୋକ ଅନ୍‌ଲାଇନ୍ କାରବାର କରୁନାହାନ୍ତି। ସେଭଳିସ୍ଥଳେ ଗାଁ ଗହଳିରେ ବାସ କରୁଥିବା ବ୍ୟକ୍ତି ପାଇଁ ଏକ ନୂତନ ବ୍ୟବସ୍ଥା ସୁରକ୍ଷିତ ମନେହେଉ ନାହିଁ। ଏବର ଅର୍ଥନୈତିକ ସ୍ଥିତିରେ ଲୋକେ ବଜାରରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପସନ୍ଦ କରୁନାହାନ୍ତି। ମାନ୍ଦାବସ୍ଥାକୁ ସମ୍ମୁଖୀନ ହେବା ସକାଶେ ନିଜ ପାଖରେ ନଗଦ ଅର୍ଥ ସାଇତି ରଖିବାକୁ ଚେଷ୍ଟା କଲେଣି। କାରଣ ସେମାନେ ବୁଝିଲେଣି ଅସୁବିଧା ବେଳେ ନଗଦ ଅର୍ଥ କାମରେ ଆସିବ। ଏଠାରେ ଉଲ୍ଲେଖ କରାଯାଇପାରେ, ଯେତେବେଳେ ବିଗତ ଦିନରେ ବିମୁଦ୍ରୀକରଣ ସମର୍ଥକ ପାଲଟି ଯେଉଁମାନେ ବିଭିନ୍ନ ଉଚ୍ଚକୋଟୀର ଅର୍ଥନୈତିକ ମନ୍ତବ୍ୟ ଶୁଣାଉଥିଲେ, ସେମାନେ ଏବେ ଜନସାଧାରଣ ସହୁଥିବା କଷ୍ଟ ସମ୍ପର୍କରେ ଦେଶକୁ ବୁଝାଇବା ଉଚିତ।

ସବୁକିଛି ଅନ୍‌ଲାଇନ୍ କରିବା ଲାଗି ଦେଶବ୍ୟାପୀ ଯେଉଁ ଉଦ୍ୟମ କରାଯାଉଛି, ତାହା ଦ୍ୱାରା କାହାର କାର୍ଯ୍ୟ ତ୍ୱରାନ୍ୱିତ ହେଉଥାଇପାରେ, ସାଧାରଣ ନାଗରିକର କ୍ଷତି ଘଟୁଥିବା ପରିଲକ୍ଷିତ ହେଉଛି। ଓଡ଼ିଶାରେ ମଣ୍ଡିରେ ଧାନ ବିକ୍ରିକୁ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। ପଶ୍ଚିମ ଓଡିଶାରେ ଏବେ ଚାଷୀମାନେ ରାଜ୍ୟସ୍ତରୀୟ ଅନ୍‌ଲାଇନ୍ ବ୍ୟବସ୍ଥାରେ ମିଳୁଥିବା ଟୋକନ୍ ଯୋଗୁ ହଇରାଣ ହେଉଥିବା ଅଭିଯୋଗ କରୁଛନ୍ତି। ଧାନକୁ ମଣ୍ଡିରେ ଦିନ ଦିନ ଧରି ରଖିଥିଲେ ମଧ୍ୟ ତାହାକୁ ବିକ୍ରି କରିପାରୁ ନାହାନ୍ତି। ତେଣୁ ଟୋକନ୍ ବ୍ୟବସ୍ଥା ଉଚ୍ଛେଦ କରିବା ଲାଗି ଚାଷୀମାନେ ଦାବି କରୁଛନ୍ତି। ଦେଖିବାକୁ ଗଲେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ମଣ୍ଡି ସୁପରିଚାଳନାରେ ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇ କାର୍ଯ୍ୟକୁ ସୁରୁଖୁରୁରେ କିଭଳି କରାଯାଇପାରିବ ସେଥିଲାଗି ଚେଷ୍ଟା ହେବା ଦରକାର। ଅନ୍‌ଲାଇନ୍‌ରେ ସ୍ୱଚ୍ଛତା ଅଣାଯାଇ ବ୍ୟବସ୍ଥିତ କରାଯିବା ଲାଗି ସବୁ ପ୍ରକାର ପ୍ରୟାସ କରାଯାଉଛି ବୋଲି କେବଳ କହିଚାଲିଲେ ଚାଷୀକୁଳ ବୁଡ଼ିଯିବ। ଏଠାରେ ସନ୍ଦେହ ଉପୁଜୁଛି ଯେ, ଏଭଳି ଜୋରଜବରଦସ୍ତ ଅନ୍‌ଲାଇନ୍ ବ୍ୟବସ୍ଥା ଗିଳେଇବାର ଉଦ୍ୟମ କାହାର ମଙ୍ଗଳ ପାଇଁ ଉଦ୍ଦିଷ୍ଟ।

**ତଥାଗତ ସତପଥୀ**

# ବିପଦରେ ନଦୀ



**ଡ. ପ୍ରଫୁଲ୍ଲ କୁମାର ସାହୁ**

ନଦୀ ହେଉଛି ସଭ୍ୟତାର ଜନ୍ମଦାତ୍ରୀ। ନଦୀର ସ୍ୱଚ୍ଛତାରୁ ଜଣାପଡ଼େ ସଭ୍ୟତାର ସ୍ଥିତି। ମାତ୍ର ଭାରତବର୍ଷର ବଡ଼ବଡ଼ ସହର ପାର୍ଶ୍ୱରେ ବହିଯାଉଥିବା ଏମିତି ଗୋଟିଏ ନଦୀ ନାହିଁ, ଯାହାର ପାଣିକୁ ପିଇବା ତ ଦୂରର କଥା ଗାଧୋଇବା ବି ସୁରକ୍ଷିତ। ଭାରତୀୟମାନଙ୍କ ବିଶ୍ୱାସରେ ଗଙ୍ଗା କେବଳ ଏକ ନଦୀ ନୁହେଁ, ଉଦ୍‌ବେଳିତ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସର ଏକ ଅଖଣ୍ଡ ପ୍ରବାହ। ଏକ ପବିତ୍ର ତୀର୍ଥକ୍ଷେତ୍ର। ଯେଉଁ ତୀର୍ଥ ଜଳରେ ସ୍ନାନ କଲେ ଓ ତା'ର ପବିତ୍ର ଜଳକୁ ଦାନ କଲେ ବା ପାନ କଲେ ଧୋଇଯାଏ ପାପ। ସେଥିପାଇଁ ଲୋକେ ତାକୁ ନଦୀ ପରିବର୍ତ୍ତେ ଗଙ୍ଗାମାତା ବୋଲି ସମ୍ବୋଧନ କରନ୍ତି ଅତି ଭକ୍ତି ଓ ଶ୍ରଦ୍ଧାରେ। ମାତ୍ର ଯେଉଁ ଗଙ୍ଗାମାତା ଲୋକଙ୍କୁ ପବିତ୍ର କରିଥାଏ, ସେ ନିଜେ ଆଜି ଆବର୍ଜନାମୟ। ଏବେ ଗଙ୍ଗାଜଳକୁ ପାନୀୟ ଭାବରେ ବ୍ୟବହାର କରିବା ଦୂରର କଥା ତାହା କୃଷି କାର୍ଯ୍ୟ ପାଇଁ ବି ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଏକା ଗଙ୍ଗା ନୁହେଁ ଭାରତବର୍ଷର ସବୁ ବଡ଼ ବଡ଼ ନଦୀ ଏବେ ଭୟଙ୍କର ଭାବେ ପ୍ରଦୂଷିତ। ୨୦୧୮ ମାର୍ଚ୍ଚ ୨୬ରେ ରାଜ୍ୟ ସଭାରେ ଏକ ଉତ୍ତର ରଖି କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ କହିଛନ୍ତି, ପ୍ରଦୂଷଣ ବୋର୍ଡ ନଜର ରଖୁଥିବା ୨୭୫ଟି ନଦୀର ଅବବାହିକାରେ ଥିବା ୩୦୨ଟି ଅଞ୍ଚଳ ଆଜି ଭୀଷଣ ଭାବେ ପ୍ରଦୂଷିତ। ଏହି ପ୍ରଦୂଷିତ ଅଞ୍ଚଳ ମଧ୍ୟରୁ ୧୨ଟି ଅବସ୍ଥିତ ଆମ ଓଡ଼ିଶାରେ।

ପୁଣ୍ୟତୋୟା ମହାନଦୀ କେବଳ ଓଡ଼ିଶାର ବୃହତ୍ତମ ନଦୀ ନୁହେଁ ଅସୁମାରି ସ୍ୱପ୍ନ ଓ ସମ୍ଭାବନାର ଏକ ନିରନ୍ତର ପ୍ରବାହ। ନବଗଠିତ ଛତିଶଗଡ଼ର ଧମନ୍ତରି ଜିଲାରୁ ଉତ୍ପତ୍ତି ଲାଭ କରି ବହି ଆସିଥିବା ମହାନଦୀ ଓଡ଼ିଶାର ପାରାଦୀପଠାରେ ମୁହାଣ ମେଲି ନିଜକୁ ଅଜାଡ଼ି ଦେଇଛି ବଙ୍ଗୋପସାଗରରେ। ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଓଡ଼ିଶାରେ ଅତି ଉଦଣ୍ଡ ଥିଲା ତାହାର ଗତି। କୂଳ ଲଂଘୁଥିଲା ଫି ବର୍ଷ। ମାତ୍ର ହୀରାକୁଦଠାରେ ବହୁମୁଖୀ ଜଳଭଣ୍ଡାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେଲାପରେ ବନ୍ୟା ନିୟନ୍ତ୍ରଣ ସାଙ୍ଗକୁ ଜଳସେଚିତ ହେଲା ମହାନଦୀ ଅବବାହିକାରେ ଥିବା ୬୫ ହଜାର ୬୨୮ ବର୍ଗ କି.ମି. ପରିମିତ କୃଷି କ୍ଷେତ୍ର। ବୁର୍ଲା ଚିପିଲିମାଠାରେ ଉତ୍ପନ୍ନ ହେଲା ୩୪୭ ମେଗାୱାଟ ବିଜୁଳିଶକ୍ତି। ମାତ୍ର ହଜାର ହଜାର ଲୋକଙ୍କ ଲୁହଲହୁରେ ତିଆରି ହୋଇଥିବା ସେହି ହୀରାକୁଦ ନଦୀବନ୍ଧ ଯୋଜନା ତଥା ମହାନଦୀର ଅସ୍ତିତ୍ୱକୁ ନେଇ ଏବେ ସୃଷ୍ଟିହୋଇଛି ପ୍ରଶ୍ନବାଚୀ। ହୀରାକୁଦ ଜଳଭଣ୍ଡାରର ଗଚ୍ଛିତ ଜଳ ଉପରେ ନିର୍ଭର କରେ ଏହି ବହୁମୁଖୀ ଯୋଜନାର ସଫଳତା। ମାତ୍ର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ତା'ର ଜଳଧାରଣ କ୍ଷମତା। ଏହାର ପ୍ରଧାନ କାରଣ ହେଉଛି ଜଳଭଣ୍ଡାର ଭିତରକୁ ପ୍ରବେଶ କରୁଥିବା ପଟୁମାଟି ଓ କାରଖାନା ବର୍ଜ୍ୟ। ପ୍ରତିଦିନ ମହାନଦୀର ଅବବାହିକାରେ ଫିଙ୍ଗାଯାଉଛି ସେଠାରେ ଗଢିଉଠିଥିବା କଳକାରଖାନାରୁ ନିର୍ଗତ ଲକ୍ଷ ଲକ୍ଷ ଟନ୍ ତରଳ ଓ ଶୁଷ୍କ ବର୍ଜ୍ୟ। ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁସାରେ ରେଙ୍ଗାଲି ଓ ଝାଡ଼ସୁଗୁଡ଼ାରୁ ମହାନଦୀକୁ ପ୍ରତିଦିନ ଯାଉଛି ସେଠାରେ ଥିବା ସ୍ପଞ୍ଜ ଆଇରନ କାରଖାନାରୁ ନିର୍ଗତ ୪ହଜାର ଟନ୍ ପାଉଁଶ। ହୀରାକୁଦ ଜଳର ସିଂହଭାଗ ମାଲିକ ଏବେ ଛତିଶଗଡ଼ ଓ ଓଡ଼ିଶାରେ ଗଢିଉଠିଥିବା ଶିଳ୍ପ ପ୍ରତିଷ୍ଠାନ। ତଥ୍ୟ କହେ ହୀରାକୁଦରୁ ୩୩ଟି ଶିଳ୍ପ ପ୍ରତିଷ୍ଠାନ ଦୈନିକ ଶୋଷି ନେଉଛନ୍ତି ପାଖାପାଖି ଶହେ କୋଟି ଲିଟର ପାଣି।

କୌଣସି ଅଞ୍ଚଳର ଶ୍ରୀ ଓ ସମୃଦ୍ଧିରେ ସହାୟକ ହୁଏ ନଦୀ। ତେଣୁ ମହାନଦୀ କେବଳ ଓଡ଼ିଶାର ଅର୍ଥନୀତିକୁ ସୁଦୃଢ କରିନି, ବିଭିନ୍ନ ସ୍ଥାନରେ ପ୍ରକାଶ ପାଇଛି ତା'ର ସୌନ୍ଦର୍ଯ୍ୟମୟୀ ରୂପ। ଏହା ସବୁଠାରୁ ସୌନ୍ଦର୍ଯ୍ୟମୟୀ ହୋଇଉଠିଛି ସୁବର୍ଣ୍ଣପୁର ସହର ପାଦଦେଶରେ। ବିନିକାରୁ ସୁବର୍ଣ୍ଣପୁର ଦେଇ ବୌଦ୍ଧ ପର୍ଯ୍ୟନ୍ତ ଶୋଭାମୟୀ ମହାନଦୀକୁ କୁହାଯାଏ ଚିତ୍ରୋତ୍ପଳା। ଚିତ୍ରୋତ୍ପଳାକୁ ଯିଏ ଦେଖିନାହିଁ, ସିଏ ଆକଳନ କରିପାରିବ ନାହିଁ ମହାନଦୀର ସୁଷମା। ତାଜମହଲ ହେଉ କି କୋଣାର୍କ, ମଣିଷ ଯେତେସବୁ ଆଶ୍ଚର୍ଯ୍ୟଜନକ କୀର୍ତ୍ତି ସ୍ଥାପନ କରିଛି, ତାହା ପ୍ରାୟତଃ ନଦୀକୂଳରେ। ମହାନଦୀ କୂଳେ କୂଳେ ଗଢି ଉଠିଛି ଭଦ୍ରାମ୍ବିକା, ସୁବର୍ଣ୍ଣମେରୁ, ସମଲେଶ୍ୱରୀ, ସିଦ୍ଧେଶ୍ୱର, ନୀଳମାଧବ, ଚର୍ଚ୍ଚିକା, ରାମନାଥ, ନୃସିଂହନାଥ, ଚମ୍ପେଶ୍ୱର, ଭଟ୍ଟାରିକା, ଚଣ୍ଡୀ, ଧବଳେଶ୍ୱର ଓ ମା'ଗଡ଼ଚଣ୍ଡୀଙ୍କ ପୀଠ। ଅର୍ଥାତ୍ କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସହ ମହାନଦୀର ସମ୍ପର୍କ ଅଭିନ୍ନ। ମାତ୍ର ବିଡ଼ମ୍ବନାର ବିଷୟ ଆମର ଅପରିଣାମଦର୍ଶିତା ପାଇଁ ଶ୍ରୀହୀନ ହେଲାଣି ମା' ମହାନଦୀ। ଅପ୍ରାସଙ୍ଗିକ ହୋଇ ପଡ଼ିଲାଣି ଓଡ଼ିଶା ପ୍ରଗତିର ମାଇଲ୍‌ଖୁଣ୍ଟ କୁହାଯାଉଥିବା ହୀରାକୁଦ ନଦୀବନ୍ଧ ଯୋଜନା। ହୀରାକୁଦ ଜଳଭଣ୍ଡାରରେ ପଡ଼ିବା ପୂର୍ବରୁ ମହାନଦୀକୁ ଏବେ ଅତିକ୍ରମ କରିବାକୁ ପଡୁଛି ଛତିଶଗଡ଼ ସରକାରଙ୍କ ଦ୍ୱାରା ନିର୍ମିତ ୧୨ଟି ବନ୍ଧ, ଚେକ୍‌ଡ୍ୟାମ୍ ଓ ବ୍ୟାରେଜ। ଫଳରେ ବର୍ଷାଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ତା'ର ଖଣ୍ଡବିଖଣ୍ଡିତ ଜଳଧାରାକୁ ବଳିଗଲାଣି ପୋତିହୋଇ ପଡ଼ିଥିବା ବାଲିପଠାର ବିସ୍ତୃତି।

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ। ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରୁ ବାହାରିଥିବା ଦୁଇ ନଦୀ ଶଙ୍ଖ ଓ ଦକ୍ଷିଣ କୋଏଲ୍ ନଦୀର ସମ୍ମିଶ୍ରଣରେ ସୃଷ୍ଟି ହୋଇଛି ବ୍ରାହ୍ମଣୀ। ଏହାର ଉତ୍ପତ୍ତି ସ୍ଥଳର ନାମ ବେଦବ୍ୟାସ। ଇସ୍ପାତ ନଗରୀର ୯କି.ମି. ଦୂରରେ ଅବସ୍ଥିତ ଏହି ବେଦବ୍ୟାସ ଓଡ଼ିଶା ସଂସ୍କୃତିର ଏକ ଆଧ୍ୟାତ୍ମିକ ପୀଠ ହୋଇଥିବାରୁ ଏହା ଯୋଡ଼ିହୋଇ ରହିଛି ଲୋକଙ୍କ ଭାବାବେଗ ସହିତ। ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲା ମଧ୍ୟଦେଇ ପ୍ରବାହିତ ଏହି ନଦୀ ବୈତରଣୀ ସହିତ ମିଶି ବଙ୍ଗୋପସାଗରରେ ନିଜକୁ ଅଜାଡ଼ି ଦେଇଛି ଧାମରା ନିକଟରେ। ଓଡ଼ିଶା ଭିତରେ ଏହାର ଯାତ୍ରା ୪୮୦କି.ମି.ରୁ ଅଧିକ। ପାଖାପାଖି ୪୦ହଜର ବର୍ଗ କି.ମି. ଏହାର ଅବବାହିକାରେ ଆଶ୍ରିତ ଅସଂଖ୍ୟ ବୃକ୍ଷଲତା, ଜୀବଜନ୍ତୁ ଓ ଓଡ଼ିଶାର ୬୦ଲକ୍ଷରୁ ଅଧିକ ଲୋକ। ଏହାରି କୂଳରେ ମଥାଟେକିଛି ରାଉରକେଲା, ବଣେଇ, ତାଳଚେର, ରେଙ୍ଗାଲି, ଢେଙ୍କାନାଳ, ଅନୁଗୋଳ ଓ କଳିଙ୍ଗନଗର ଭଳି ଅନେକ ଛୋଟବଡ଼ ସହର। ଏହାର ଆଶୀର୍ବାଦରେ ସବୁଜିମାରେ ଭରପୂର ହୋଇଛି ଓଡ଼ିଶାର ବିସ୍ତୃତ ଅଞ୍ଚଳ। ପ୍ରକାଣ୍ଡକାୟ ଶିଳ୍ପସଂସ୍ଥାଗୁଡ଼ିକର ଅସରନ୍ତି ଶୋଷ ମେଣ୍ଟାଉଛି ବ୍ରାହ୍ମଣୀ। ମାତ୍ର ନଦୀର ନିର୍ମଳ ଜଳ ଶୋଷିନେଉଥିବା ଶିଳ୍ପସଂସ୍ଥାଗୁଡ଼ିକ ତା' ଦେହକୁ ଛାଡୁଛନ୍ତି ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ। ବିଭିନ୍ନ ରାସାୟନିକ ଧାତୁରେ ପ୍ରଦୂଷିତ ହଜାର ହଜାର ଗ୍ୟାଲନ ଜଳ ବ୍ରାହ୍ମଣୀ ଗର୍ଭକୁ ପ୍ରବେଶ କରୁଛି ପ୍ରତିମୁହୂର୍ତ୍ତରେ। କୂଳରେ ଗଢିଉଠିଥିବା ସହରର ନର୍ଦ୍ଦମା ପାଣି ଅବାଧରେ ମିଶୁଛି ତା' ଗର୍ଭରେ। ଫଳରେ ଜହର ପାଲଟିଗଲାଣି ବ୍ରାହ୍ମଣୀର ଅମୃତ ଧାରା। ତେଣୁ ଏହାକୁ ଅତି ପ୍ରଦୂଷିତ ନଦୀ ଭାବରେ ଚିହ୍ନଟ କରିସାରିଲାଣି ସେଣ୍ଟ୍ରାଲ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ।

ଧାର୍ମିକ ମହତ୍ତ୍ୱ ରଖୁଥିବା ବୈତରଣୀ ହେଉ କି ସୁବର୍ଣ୍ଣରେଖା ବା ବୁଢ଼ାବଳଙ୍ଗ, କ୍ରମାଗତ ବିଗିଡ଼ିବାରେ ଲାଗିଛି ସବୁ ନଦୀଜଳର ସ୍ଥିତି। ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁସାରେ ଦୈନିକ କୁଆଖାଇର ଜଳକୁ ପ୍ରଦୂଷିତ କରୁଛି ଲକ୍ଷ ଲକ୍ଷ ଟନ ବର୍ଜ୍ୟ। ସମାନ ଅବସ୍ଥା ଭୋଗକରୁଛି ରାଜଧାନୀ ଉପକଣ୍ଠରେ ପ୍ରବାହିତ ଦୟାନଦୀ। ଭୁବନେଶ୍ୱରରେ ବିଭିନ୍ନ ଶିଳ୍ପକାରଖାନା, ହୋଟେଲ, ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନର ହଜାର ହଜାର ଲିଟର ବର୍ଜ୍ୟ ଜଳ ଗଙ୍ଗୁଆ ନାଳଦେଇ ମିଶିଛି କୁଆଖାଇ ନଦୀରେ। ସେଥିପାଇଁ ଦୟା ଓ କୁଆଖାଇର ଜଳ ଏବେ ଗାଧୁଆ ପାଇଁ ବି ଅନୁପଯୁକ୍ତ। ସୂଚନାଯୋଗ୍ୟ ଯେ ଇଂରେଜ ରାଜତ୍ୱ କାଳରେ ନଦୀଜଳ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଥିଲା କଡ଼ାକଡ଼ି ଆଇନ। ଦୃଷ୍ଟାନ୍ତ ସ୍ୱରୂପ ୧୯୩୪ ମସିହାରେ କାଠଯୋଡ଼ି ନଦୀ ଜଳର ସ୍ୱଚ୍ଛତାକୁ ନେଇ ପ୍ରକାଶ ପାଇଥିଲା ବିଜ୍ଞପ୍ତି। ତଦନୁଯାୟୀ ଚାରିଘରିଆଠାରୁ ରାଜାବଗିଚା ପର୍ଯ୍ୟନ୍ତ କାଠଯୋଡ଼ି ନଦୀର ଜଳ ସଂରକ୍ଷିତ ରହିଥିଲା ପିଇବା, ଗାଧୋଇବା ଓ ରନ୍ଧନ କାର୍ଯ୍ୟ ପାଇଁ। ପଶୁମାନଙ୍କୁ ଗାଧୋଇଦେବା, ମଇଳା ଲୁଗା ସଫାକରିବା ଓ ଶୌଚକର୍ମ ଉପରେ କଟକଣା ଜାରିହୋଇଥିଲା ଏବଂ ଆଇନ ଅମାନ୍ୟକାରୀଙ୍କ ବିରୋଧରେ ବିହାର-ଓଡ଼ିଶା ମ୍ୟୁନିସିପାଲିଟି ଆଇନର ୨୨୭ ଧାରା ଅନୁଯାୟୀ ହେଉଥିଲା ଦଣ୍ଡ ବିଧାନ। ଏବେ ଆଉ ନାହିଁ ୮୫ବର୍ଷ ତଳର ସେ ସଚେତନତା। ଆମ ପ୍ରାଚୀନ ଜ୍ଞାନ ଓ ଆଧୁନିକ ବିଜ୍ଞାନ ନଦୀକୁ ସଭ୍ୟତାର ମୂଳ ବୋଲି କହିବା ସତ୍ତ୍ୱେ ନଦୀ ଏବେ ସବୁଠାରୁ ବିପଦଗ୍ରସ୍ତ।

ବିଜୁପଟ୍ଟନାୟକ ନଗର, ଭଦ୍ରକ,
ଫୋନ୍ - ୯୪୩୮୮୫୫୦୮୮

# ତର୍କ ବିତର୍କ

**ରମେଶ ଚନ୍ଦ୍ର ସାମଲ**

ଦୁନିଆରେ ଏଭଳି କିଛି ବିଷୟ ନାହିଁ ଯାହାକୁ ନେଇ କିଛି ତର୍କବିତର୍କ କରିହୁଏନା। କାରଣ ସବୁଥିରେ କିଛି ଭଲମନ୍ଦ ଦିଗ ଥାଏ। ଉଭୟ ସପକ୍ଷ ଓ ବିପକ୍ଷବାଦୀମାନେ ତାଙ୍କ ଯୁକ୍ତି ମାଧ୍ୟମରେ ଜନମତକୁ ତାଙ୍କ ଆଡକୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି। ଏସବୁରୁ ଗୋଟିଏ ଲାଭ ହୁଏ- ସମସ୍ତେ ଆଲୋଚ୍ୟ ବିଷୟର ଭଲମନ୍ଦ ଉଭୟ ଜାଣିବାର ସୁଯୋଗ ପାଆନ୍ତି। ବିଷୟଟିର ପୂର୍ଣ୍ଣାଙ୍ଗ ବିବରଣୀ ଜାଣି ଯାହାକୁ ଯାହା ପସନ୍ଦ ସେ ତାହା ଗ୍ରହଣ କରନ୍ତି।

ଯେ କୌଣସି ବିଷୟରେ ତର୍କବିତର୍କରେ ଭାଗ ନେଉଥିବା ଲୋକର ସେ ବିଷୟରେ ଗଭୀର ଜ୍ଞାନ ଥିବା ଦରକାର। ଆଗକାଳରେ ହାତଗଣତି ଗୁଣୀ ଜ୍ଞାନୀ ଲୋକ ଥିଲେ। ସେମାନେ ଯାହା କହୁଥିଲେ ତାହା ସମସ୍ତେ ଗ୍ରହଣ କରି ନେଉଥିଲେ। ଏବେ ଯୁଗ ବଦଳିଛି। ଶିକ୍ଷାର ପ୍ରସାର ହେତୁ ବହୁ ଲୋକଙ୍କର ଜ୍ଞାନଗରିମାର ପ୍ରସାର ଘଟିଛି। ଏଣୁ ଯେ କୌଣସି ତର୍କବିତର୍କ ହେଲେ ଆଲୋଚନା ସରଗରମ ହେଉଛି। ଆଗକାଳରେ ମୁଖ୍ୟତଃ ରାଜସଭାମାନଙ୍କରେ ତର୍କବିତର୍କ ହେଉଥିଲା। ଯେଉଁ ଗୁଣୀଜ୍ଞାନୀ ଲୋକ ବିତର୍କରେ ଶ୍ରେଷ୍ଠ ପ୍ରମାଣିତ ହେଉଥିଲେ ସେମାନଙ୍କୁ ରାଜା ରାଜସଭାରେ ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ରଖୁଥିଲେ। ରାଜା ବିକ୍ରମାଦିତ୍ୟ ତାଙ୍କ ରାଜସଭାରେ ଏଭଳି ନଅଜଣ ପଣ୍ଡିତଙ୍କୁ ରଖିଥିଲେ, ସେମାନଙ୍କୁ ନବରତ୍ନ ବୋଲି କୁହାଯାଏ। ସେମାନେ ହେଲେ-

ଧନ୍ୱନ୍ତରୀ କ୍ଷପଣାକାମରସିଂହ ଶଙ୍କୁଃ
ବେତାଳଭଟ୍ଟ ଘଟକର୍ପର କାଳିଦାସାଃ।
ଖ୍ୟାତୋ ବରାହମିହିରୋ ନୃପତେର୍ସଭାୟାଂ
ରତ୍ନାନି ବୈ ବରରୁଚିର୍ନବ ବିକ୍ରମସ୍ୟ॥

ଏମାନଙ୍କର ବିଭିନ୍ନ ବିଷୟରେ ପାରଦର୍ଶିତା ଥିଲା। ନିଜର ଧୀଶକ୍ତି ବଳରେ ସେମାନେ ରାଜାଙ୍କୁ ରାଜ୍ୟର ସୁପରିଚାଳନା ପାଇଁ ପରାମର୍ଶ ଦେଉଥିଲେ।

ରାଜା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜସଭାରେ ଚାଣକ୍ୟ ନାମରେ ଜଣେ ମନ୍ତ୍ରୀ ଥିଲେ। ତାଙ୍କର ଅସାଧାରଣ ବିଜ୍ଞତା ଓ ମୂଲ୍ୟବାନ ଉପଦେଶ ବଳରେ ସେ ନନ୍ଦବଂଶ ଧ୍ୱଂସ କରିବା ସହିତ ଚନ୍ଦ୍ରଗୁପ୍ତଙ୍କୁ ରାଜା କରି ମୌର୍ଯ୍ୟବଂଶ ସ୍ଥାପନ କରିଥିଲେ। ସେ ଏକାଧାରରେ ଜଣେ ଅର୍ଥନୀତିଜ୍ଞ, କୂଟନୀତିଜ୍ଞ ଓ ଦାର୍ଶନିକ ଥିଲେ। ତାଙ୍କର ମୂଲ୍ୟବାନ ଉପଦେଶ ପାଇଁ ସେ ସବୁ ସମୟରେ ସ୍ମରଣୀୟ ହୋଇ ରହିଛନ୍ତି। ସମ୍ରାଟ ଆକବରଙ୍କ ରାଜସଭାରେ ତାନସେନ ଓ ବୀରବଲଙ୍କ ପରି ପଣ୍ଡିତ ଥିଲେ। ସେହିଭଳି ଆଉ ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଆର୍ଯ୍ୟଭଟ୍ଟ। ଗୁପ୍ତଯୁଗରେ ସେ ପାଟଳିପୁତ୍ରରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ଗଣିତ ବିଶାରଦ ଓ ଜ୍ୟୋତିର୍ବିଜ୍ଞାନୀ ହିସାବରେ ପ୍ରସିଦ୍ଧି ଲାଭ କରିଥିଲେ। ନିଜକୁ ପ୍ରତିଷ୍ଠା କରିବା ପାଇଁ ତାଙ୍କୁ କିଛି କମ୍ ତର୍କବିତର୍କ ଓ ସମାଲୋଚନାର ଶିକାର ହେବାକୁ ପଡି ନ ଥିଲା। ବହୁ ତର୍କବିତର୍କର ସମ୍ମୁଖୀନ ହୋଇ ପଠାଣି ସାମନ୍ତ ନିଜକୁ ଜଣେ ଜ୍ୟୋତିର୍ବିଜ୍ଞାନୀ ଓ କବି ଯଦୁମଣି ଜଣେ ବିଦୂଷକ ଭାବେ ପ୍ରତିଷ୍ଠା ଲାଭ କରିପାରିଥିଲେ। ବହୁ ବୈଜ୍ଞାନିକ ଯଥା- ସାର୍ ରୋନାଲ୍ଡ ରସ, ଆଇଜାକ ନିଉଟନ, ଆର୍କିମେଡିସ ପ୍ରମୁଖଙ୍କୁ ପ୍ରାଥମିକ ସ୍ତରରେ ନିଜର ମତ ପାଇଁ ବହୁ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା।

କୁହାଯାଏ ନାନା ମୁନିଙ୍କର ନାନା ମତ। ଦୁଇଜଣ ବୁଦ୍ଧିମାନ ଲୋକ ଅନେକ ସମୟରେ ଏକମତ ହୋଇପାରନ୍ତିନି- Two wisemen never agree. ତର୍କବିତର୍କ ହେବା ଭଲ। କିନ୍ତୁ ଏହା ଗଠନମୂଳକ ହେବା ଉଚିତ। ବିତଣ୍ଡା ତର୍କର କିଛି ମାନେ ନ ଥାଏ। ଏହାଦ୍ୱାରା କୌଣସି ବିଷୟର ସମାଧାନ ହୋଇପାରେନା। ବରଂ ଏହା ଦୁଇପକ୍ଷ ମଧ୍ୟରେ ଅଶୋଭନୀୟ ପରିସ୍ଥିତି ସୃଷ୍ଟି କରେ। ତର୍କବିତର୍କର ପରିସର ଖୁବ୍ ବ୍ୟାପକ। କଥାରେ ଅଛି 'ଯହିଁ ଅନେକ ଲୋକ ମିଳି, ଅବଶ୍ୟ ଉପୁଜଇ କଳି।' ପରିବାରରେ ବିଭିନ୍ନ ପାରିବାରିକ ଘଟଣା, ଗ୍ରାମରେ ଗ୍ରାମର ଭଲମନ୍ଦ, ରାଷ୍ଟ୍ର ଓ ଅନ୍ତଃରାଷ୍ଟ୍ରୀୟ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ନେଇ ପକ୍ଷଭୁକ୍ତ ବାଦୀ ଓ ପ୍ରତିବାଦୀଙ୍କ ମଧ୍ୟରେ ଆଲୋଚନା ସମୟରେ ବହୁ ତର୍କବିତର୍କ ହୁଏ। ଏହା ନିଜ ମଧ୍ୟରେ ସମାଧାନ ହୋଇ ନ ପାରିଲେ ତୃତୀୟ ପକ୍ଷର ସାହାଯ୍ୟ ନିଆଯାଏ। ଏଥିରେ ସମାଧାନ ହୋଇ ନ ପାରିଲେ କୋର୍ଟକଚେରି ମାଧ୍ୟମରେ ସମାଧାନ ହୁଏ। ଅନ୍ତଃରାଷ୍ଟ୍ରୀୟ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ପାରସ୍ପରିକ ବୁଝାମଣାରେ ସମସ୍ୟାର ସମାଧାନ ହୋଇ ନ ପାରିଲେ ତୃତୀୟ ରାଷ୍ଟ୍ରର ମଧ୍ୟସ୍ଥତାରେ କିମ୍ବା ଅନ୍ତର୍ଜାତୀୟ ବିଚାରାଳୟରେ ମାମଲାର ସମାଧାନ ହୁଏ।

ତର୍କବିତର୍କର ଉଭୟ ଭଲମନ୍ଦ ଦିଗ ଅଛି। ଦୁଧରୁ ଦହି ଓ ଦହିରୁ ଲହୁଣି ଓ ସେଥିରୁ ଘିଅ ବାହାର କଲା ଭଳି ଯେ କୌଣସି ବିଷୟକୁ ବିଭିନ୍ନ ଦିଗରୁ ତର୍ଜମା କଲେ ସମାଧାନର ପନ୍ଥା ବାହାରିବା ସମ୍ଭବ ହୁଏ। ତେଲରୁ ପିଡିଆ ବାହାରି ଅଲଗା ହୋଇଯାଏ। ସୁନାକୁ ପୋଡିଲେ ସେଥିରୁ ଖାଦ ବାହାରିଯାଇ ସୁନାର ଔଜ୍ଜ୍ୱଲ୍ୟ ବୃଦ୍ଧି ହୁଏ। ଏଥିପାଇଁ କିନ୍ତୁ ଖୋଲାମନ ନେଇ ଆଲୋଚନା କରିବା ଉଚିତ। ଉଦ୍ଦେଶ୍ୟପୂର୍ଣ୍ଣ ଆଲୋଚନାରୁ କୌଣସି ସୁଫଳ ମିଳେନାହିଁ କାରଣ ଏଥିରେ ନିଜ ମତଲବ ଆଧାରରେ ଲୋକେ ବିତଣ୍ଡା ଯୁକ୍ତି ଉପସ୍ଥାପନ କରନ୍ତି। ଏଣୁ ପ୍ରକୃତ ତଥ୍ୟ ପଦାକୁ ଆସିପାରେନା। ଏହା ଚଷୁ କୁଟିବା ସଙ୍ଗେ ସମାନ। ଆଲୋଚନାରେ ଉପଯୁକ୍ତ ସଂଯୋଜକ ଥିଲେ ଅଧିକାଂଶ କ୍ଷେତ୍ରରେ ଆଲୋଚ୍ୟ ବିଷୟରୁ ପ୍ରକୃତ ତଥ୍ୟ ବାହାର କରିବା ସହଜ ହୁଏ। ତର୍କବିତର୍କ ଦ୍ୱାରା ମଣିଷର ଜ୍ଞାନର ପରିସୀମା ବୃଦ୍ଧି ହୁଏ। ଏଥିପାଇଁ ସ୍କୁଲକଲେଜଗୁଡିକରେ ବିଭିନ୍ନ ବିଷୟକୁ ନେଇ ତର୍କ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ। ଆଜିକାଲି ବହୁ ଟିଭି ଚାନେଲ ମାଧ୍ୟମରେ ଦେଶର ଅର୍ଥନୈତିକ, ସାମାଜିକ, ରାଜନୈତିକ ଆଦି ବିଭିନ୍ନ ବିଷୟକୁ ନେଇ ବିତର୍କ ହେଉଛି। ଏହାଦ୍ୱାରା ସାଧାରଣ ଲୋକେ ବହୁକିଛି ଜାଣି ପାରୁଛନ୍ତି। ରାଜ୍ୟ ଓ ଦେଶ ପରିଚାଳନା ପାଇଁ ଆବଶ୍ୟକ ନୀତିନିୟମ ଆଦି ରାଜ୍ୟର ବିଧାନସଭା ଓ ଦେଶର ପାର୍ଲାମେଣ୍ଟରେ ସଦସ୍ୟମାନଙ୍କ ଦ୍ୱାରା ବିସ୍ତୃତ ଭାବେ ଆଲୋଚନା ହୋଇ ବହୁମତ ଅନୁଯାୟୀ ନିୟମକାନୁନ୍ ତିଆରି ହେଉଛି। ତର୍କ ବିତର୍କ ଦ୍ୱାରା ବହୁ ଅଶୋଭନୀୟ ପରିସ୍ଥିତି ଉପୁଜୁଥିଲେ ମଧ୍ୟ ଏହା ସତ୍ୟ ଅନୁସନ୍ଧାନରେ ବହୁ ଭାବରେ ସାହାଯ୍ୟ କରେ। ଏହାର ନିର୍ଯାସକୁ କାର୍ଯ୍ୟକାରୀ କରିପାରିଲେ ଏହା ସମସ୍ତଙ୍କ ପାଇଁ ମଙ୍ଗଳକର ହେବ।

ମୋ-୯୪୩୯୮୭୯୦୨୨

## ଏଇ ଭାରତରେ

ଯୁବାବସ୍ଥାରେ ପୁତ୍ରର ଦୁର୍ଘଟଣାରେ ମୃତ୍ୟୁ ଘଟିଲା। ଏହା ସତ୍ତ୍ୱେ ଭାଙ୍ଗି ଯାଇନାହାନ୍ତି ଏକ ଦମ୍ପତି। ନିଜ ମନକୁ ଦୃଢ କରି ବସ୍ତିରେ ଶିକ୍ଷାର ପ୍ରସାର କରିବାରେ ଲାଗିପଡିଛନ୍ତି। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ଦିଲ୍ଲୀରେ। ଭାରତୀୟ ବାୟୁ ସେନାରେ ସ୍କ୍ୱାଡ୍ରନ୍ ଲିଡର ତଥା ସବିତା ଓ ଶରଦ ତିୱାରୀଙ୍କ ପୁଅ ଶିଶିରଙ୍କର ୨୦୧୭ରେ ହିମାଚଳ ପ୍ରଦେଶର ତାୱାଙ୍ଗରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଶିଶିରଙ୍କ ମୃତ୍ୟୁ ପରଠାରୁ ଗାଜିଆବାଦରେ ରହୁଥିବା ତାଙ୍କ ମା' ସବିତା ଓ ପିତା ଶରଦ ଏକ ଟ୍ରଷ୍ଟ ମାଧ୍ୟମରେ ବସ୍ତି ପିଲାମାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରୁଛନ୍ତି। ସେମାନେ ୨୦୧୮ ଦ୍ୱିତୀୟାର୍ଦ୍ଧରେ ପ୍ରଥମେ ଦିଲ୍ଲୀର ଯମୁନା ଖାଦର ବସ୍ତିରେ ୧୦୦ ପିଲାଙ୍କୁ ପଢାଇବା ପାଇଁ ଏକ ନନ୍‌ଫର୍ମାଲ ସ୍କୁଲ୍ ଆରମ୍ଭ କରିଥିଲେ। ଏଥିପାଇଁ ବସ୍ତି କମିଟି ଏକ ଘର ମଧ୍ୟ ଯୋଗାଇଦେବା ପରେ ସେଠାରେ ନିୟମିତ ପାଠପଢା ଆରମ୍ଭ ହୋଇଛି। ସେବା ମନସ୍କ ଏହି ଦମ୍ପତିଙ୍କ କାର୍ଯ୍ୟରେ ତାଙ୍କ ପରିବାର ଓ ବନ୍ଧୁମାନେ ମଧ୍ୟ ସହଯୋଗ କରୁଛନ୍ତି। ଏବେ ଏହି ସ୍କୁଲ୍‌ରେ ପ୍ରଥମରୁ ଦ୍ୱାଦଶ ଯାଏ ୩୫୦ ଜଣ ପିଲା ପଢୁଛନ୍ତି। ବସ୍ତିର ପିଲାମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପଢ଼ାଉଛନ୍ତି ଏହି ଦମ୍ପତି। ସ୍କୁଲ ସମୟ ପରେ ରିକ୍ସା ଚାଳକ, ଦିନ ମଜୁରିଆ ଓ ଅନ୍ୟ ଘରେ କାମ କରୁଥିବା ଲୋକଙ୍କ ପିଲାମାନଙ୍କୁ ବି ଏମାନେ ପଢାଉଛନ୍ତି। ୨୫ ଜଣ ସ୍ୱେଚ୍ଛାସେବୀ ହୋମ୍‌ୱାର୍କ ସହ ସବୁ ବିଷୟ ପଢ଼ାଇବାରେ ପିଲାମାନଙ୍କୁ ସାହାଯ୍ୟ କରୁଛନ୍ତି। ଦୁଇଟି ସିଫ୍ଟରେ ସପ୍ତାହକୁ ୫ ଦିନ ପଢାଯାଉଛି ଏଠାରେ। ପଞ୍ଚମ କିମ୍ବା ତଦୂର୍ଦ୍ଧ୍ୱ ଶ୍ରେଣୀରେ ପଢୁଥିବା ଆର୍ଥିକ ଅନଗ୍ରସର ବର୍ଗର ପିଲାମାନଙ୍କୁ ସରକାରୀ ସ୍କୁଲ୍‌ରେ ନାମ ଲେଖାଇବାରେ ମଧ୍ୟ ଏମାନେ ସାହାଯ୍ୟ କରୁଛନ୍ତି। ଯେଉଁ ଝିଅମାନେ ଅନ୍ୟ ସ୍କୁଲ୍‌ରେ ୮ମ କିମ୍ବା ଦଶମ ଯାଏ ପଢି ଘରେ ରହିଛନ୍ତି ସେମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଛି। ଏହି ଦମ୍ପତି ଦିଲ୍ଲୀର ଅନ୍ୟ ବସ୍ତିରେ ଏପରି ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରିବାକୁ ସ୍ଥିର କରିଛନ୍ତି।

## ଚିରନ୍ତନୀ

ମାନସେ ନାଚଇ ପାହାଡ ସେପାଖ ଛବି
କେଉଁ ଘରବାଡେ ହସୁଥିବ ଏହି ରବି!
କେଉଁ ଗ୍ରାମପଥେ କୁଟିର ଆଠ କି ଦଶ
ଡାହାଣିଆ ଖରା ହସୁଥିବ ଶେଷ ହସ।
(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୮ ନଭେମ୍ବର ୧୯୯୪

- ଆୟର୍ଲାଣ୍ଡର ପ୍ରଧାନମନ୍ତ୍ରୀ ରେନଲ୍‌ଡସଙ୍କ ଇସ୍ତଫା।
- ଭାରତୀୟ ସାହିତ୍ୟର ମର୍ଯ୍ୟାଦାସମ୍ପନ୍ନ ପୁରସ୍କାର ସରସ୍ୱତୀ ସମ୍ମାନ-୧୯୯୪ ହିନ୍ଦୀ ଭାଷାର ଲେଖକ ହରଭଜନ ସିଂଙ୍କୁ ପ୍ରଦାନ କରାଯାଇଛି।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | | 8 | | | 9 | | 0 | | | | | | A | |
| | | A | C | 0 | | 4 | | 6 | | B | | | 3 | |
| | | 4 | | | | 5 | | | | | 7 | | 2 | E |
| B | | | | | | | 8 | E | | 0 | | 6 | | |
| | | | | | B | | | | | 6 | | C | 7 | |
| | 1 | | 3 | | 2 | | | | E | | | | | A |
| E | | 9 | | 1 | C | | | D | | | | 0 | | |
| | | | | | 0 | | 2 | 3 | | | | 9 | E | |
| 7 | A | | | 5 | D | | | | 2 | | B | | | 6 |
| 4 | | | | A | | | | | | 7 | | 5 | 1 | 3 |
| | 7 | | 6 | | | A | | 1 | C | | 9 | | | |
| | 2 | 1 | A | 7 | | | | | 0 | E | | | | D |
| C | 4 | E | | | 3 | | B | | 8 | 1 | | | | |
| 6 | 5 | 0 | D | | | | | | | | | 7 | | |
| | | | B | | | | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 1 | C | 9 | 8 | 5 | 7 | D | 6 | E | B | 3 | 0 | 4 | 2 |
| 8 | 3 | 2 | 0 | C | 6 | B | 1 | 4 | 5 | D | A | E | 7 | 9 |
| 5 | 0 | E | B | 4 | 2 | 9 | A | 8 | 1 | C | 7 | 6 | 3 | D |
| 9 | 4 | B | 3 | 7 | D | 5 | C | E | 2 | 0 | 6 | 8 | 1 | A |
| 6 | D | 7 | E | A | 1 | 3 | 0 | 2 | 8 | 9 | 4 | C | B | 5 |
| B | 9 | 4 | A | 0 | 3 | E | 7 | 5 | 6 | 1 | 8 | 2 | D | C |
| 2 | 5 | 3 | C | D | 4 | 1 | 6 | B | A | E | 9 | 7 | 8 | 0 |
| C | 8 | D | 1 | 9 | E | 0 | 4 | A | B | 7 | 2 | 3 | 5 | 6 |
| 0 | 6 | A | 2 | B | 7 | 8 | 3 | 9 | C | 5 | D | 4 | E | 1 |
| 7 | E | 1 | 5 | 6 | 8 | C | 2 | D | 3 | 4 | 0 | 9 | A | B |
| D | A | 8 | 6 | E | 9 | 2 | B | C | 7 | 3 | 1 | 5 | 0 | 4 |
| 3 | 7 | 5 | 4 | 2 | A | 6 | 9 | 1 | 0 | 8 | B | D | C | E |
| E | B | 6 | D | 3 | 0 | A | 5 | 7 | 4 | 2 | C | 1 | 9 | 8 |
| 1 | C | 9 | 7 | 5 | B | 4 | 8 | 0 | D | 6 | E | A | 2 | 3 |
| 4 | 2 | 0 | 8 | 1 | C | D | E | 3 | 9 | A | 5 | B | 6 | 7 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ଭଦ୍ରକ ଷ୍ଟେଶନରେ ସବୁ ଟ୍ରେନ ୫ ମିନିଟ୍ ରହୁ

ମହାଶୟ,

ଭଦ୍ରକ ରେଳଷ୍ଟେଶନ ଉପରେ କେବଳ ଭଦ୍ରକ ଜିଲା ନୁହେଁ ବାଲେଶ୍ୱର, ଯାଜପୁର, କେନ୍ଦୁଝର, କେନ୍ଦ୍ରାପଡ଼ା ଜିଲାର ଲୋକେ ନିର୍ଭରଶୀଳ। ଏହି ଷ୍ଟେଶନଟି ପୂର୍ବତଟ ରେଳପଥ ଓ ଦକ୍ଷିଣ-ପୂର୍ବ ରେଳପଥର ଏକ ମୁଖ୍ୟସ୍ଥଳ। କିନ୍ତୁ ଏହି ଷ୍ଟେଶନରେ ସମସ୍ତ ଦ୍ରୁତଗାମୀ ଟ୍ରେନ ମାତ୍ର ୨ ମିନିଟ୍ ରହଣି କରେ। ଦୂର ସ୍ଥାନକୁ ଯିବା ପାଇଁ ଯାତ୍ରୀମାନେ ସଂରକ୍ଷିତ ଟିକଟରେ ଯାତ୍ରା କରିଥାନ୍ତି, ମାତ୍ର ଏତେ କମ୍ ସମୟ ମଧ୍ୟରେ ବୃଦ୍ଧାବୃଦ୍ଧ, ଶିଶୁ, ମହିଳା, ଦିବ୍ୟାଙ୍ଗମାନେ ନିଜ ନିଜର ସାମଗ୍ରୀ ନେଇ ଟ୍ରେନ ଚଢ଼ିବା ସମ୍ଭବ ହେଉନାହିଁ। ଫଳତଃ ଅନେକ ସମୟରେ ବୟସ୍କ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି ବା ଟ୍ରେନ୍ ଫେଲ ହେଉଛନ୍ତି। ତୁରନ୍ତ ସମସ୍ତ ଟ୍ରେନ ୫ ମିନିଟ୍ ରହଣି ପାଇଁ ରେଳବିଭାଗ ନିର୍ଦ୍ଦେଶ ଦେଉ।

ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ

### ଜଗତ୍‌ସିଂହପୁରରେ ମଶା ଉତ୍ପାତ

ଜଗତ୍‌ସିଂହପୁର ମ୍ୟୁନିସିପାଲିଟି ହେବା ଦିନଠାରୁ ଡ୍ରେନଗୁଡ଼ିକୁ ଭଲଭାବେ ସଫେଇ କରାଯାଉନାହିଁ। ଫଳରେ ପାଣି ଓ ଆବର୍ଜନା ଜମି ମଶା ବଂଶବୃଦ୍ଧି ଘଟୁଛି। ଝୁଣାଧୂଆଁ, ଗୁଡ୍‌ନାଇଟ୍, ଅଲଆଉଟ କାହାକୁ ଏମାନେ ଏହାକୁ ଖାତିର କରୁନାହାନ୍ତି। ଘରେ ଘରେ ମ୍ୟାଲେରିଆ ବ୍ୟାପିଲାଣି। ମ୍ୟୁନିସିପାଲିଟି ସହରବାସୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିଲେ ମଧ୍ୟ ଏଥିପ୍ରତି ଧ୍ୟାନ ନ ଦେବା ପରିତାପର ବିଷୟ। ତେଣୁ ଡ୍ରେନଗୁଡ଼ିକୁ ତୁରନ୍ତ ସଫା କରାଯାଉ।

ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

ନଭେମ୍ବର ୧୦- ଦେଶର ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣି ଚର୍ଚ୍ଚିତ ହୋଇଥିବା ଭାରତର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ପରଲୋକ।
୧୧- ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ମନମୋହନ ସିଂଙ୍କୁ ଅର୍ଥ ସଂକ୍ରାନ୍ତ ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ ମନୋନୀତ କରିଛନ୍ତି।
୧୨- ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି: ରାଜ୍ୟପାଳଙ୍କ ସୁପାରିସକୁ ରାଷ୍ଟ୍ରପତିଙ୍କ ମୋହର।
୧୩-ଭାରତର ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟକୁ ସୁପ୍ରିମକୋର୍ଟ ଏକ ସାଧାରଣ କର୍ତ୍ତୃପକ୍ଷଭାବେ ଅଭିହିତ କରିବା ସହ ସୂଚନା ଅଧିକାର ଆଇନ ପରିସରକୁ ଆଣିଛନ୍ତି।



ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ପାଇଁ ମେଣ୍ଟର ଜଣେ ଆବାହକ ନିଯୁକ୍ତ କରାଯିବା ଉଚିତ।

-ଚିରାଗ ପାଶ୍ୱାନ,
ଏଲ୍‌ଜେପି ଅଧ୍ୟକ୍ଷ



## ସଂକ୍ଷେପରେ

### ଏଲ୍‌ଓସିରେ ଯବାନ ଶହୀଦ

**ଜମ୍ମୁ,୧୭।୧୧(ପି.ଟି.):** ଜମ୍ମୁ-କଶ୍ମୀର ଅଖ୍‌ନୁର ସେକ୍ଟର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି) ନିକଟରେ ରବିବାର ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ସେନା ଯବାନମାନେ ପଲ୍ଲାନୱାଲା ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଏହି ବିସ୍ଫୋରଣ ଘଟିଥିଲା। ଏଥିରେ ହାବିଲଦାର ସନ୍ତୋଷ କୁମାରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଯବାନ ଆହତ ହୋଇଛନ୍ତି। ସନ୍ତୋଷଙ୍କ ଘର ଉତ୍ତରପ୍ରଦେଶର ଆଗ୍ରା ନିକଟସ୍ଥ ପୂରା ଭଦଉରିଆରେ । ପାକିସ୍ତାନ ପଟୁ ଏହି ଆଇଇଡି ଖଞ୍ଜାଯାଇଥିବା ଜଣାପଡ଼ିଛି।

### ବାଚସ୍ପତି ପଦରୁ ହଟିଲେ ନିର୍ମଳ ସିଂ

**ଜମ୍ମୁ,୧୭।୧୧(ପି.ଟି.):** ଜମ୍ମୁ-କଶ୍ମୀର ବିଧାନସଭା ବାଚସ୍ପତି ପଦରୁ ଭାଜପା ନେତା ନିର୍ମଳ ସିଂଙ୍କୁ ହଟାଇ ଦିଆଯାଇଛି। ବାଚସ୍ପତିଙ୍କ କାର୍ଯ୍ୟକାଳ ଶେଷ ହେଲା ବୋଲି ଉପରାଜ୍ୟପାଳ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ନେତୃତ୍ୱାଧୀନ ପ୍ରଶାସନ ଏକ ନୋଟିସ୍ ଜାରି କରିଛି। ପୂର୍ବରୁ ପ୍ରଚଳିତ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ନିର୍ମଳଙ୍କୁ ବାଚସ୍ପତି ନିଯୁକ୍ତି ମିଳିଥିଲା।



ଏବେ ଉକ୍ତ ସମ୍ବିଧାନ ରଦ୍ଦ ହୋଇଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଜମ୍ମୁ-କଶ୍ମୀର ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଛି। ବିଧାନସଭା ଭଙ୍ଗ ସତ୍ତ୍ୱେ ବାଚସ୍ପତି ପଦରେ ଭାଜପା ନେତା ରହିଥିବାରୁ ଏହାକୁ ନେଇ ନ୍ୟାଶନାଲ ପାନ୍ଥର୍ସ ପାର୍ଟି ସମେତ କେତେକ ଦଳ ପ୍ରଶ୍ନ ଉଠାଇଥିଲେ।

### ଇତିହାସର ଆଇନାରେ

### ନଭେମ୍ବର ୧୮ର ପ୍ରମୁଖ ଘଟଣା

୧୯୬୩ ନଭେମ୍ବର ୧୮ରେ ପ୍ରଥମ ବଟନଯୁକ୍ତ ଟେଲିଫୋନ ବଜାରକୁ ଆସିଥିଲା। ବେଲ୍ ଟେଲିଫୋନ କମ୍ପାନୀ କାର୍ନେଜି, ଗ୍ରୀନବର୍ଗ, ପେନ୍‌ସିଲଭାନିଆରେ ପ୍ରଥମେ ଏହି ଟେଲିଫୋନ ସଂଯୋଗ କରିଥିଲା।

୧୯୭୮ ନଭେମ୍ବର ୧୮ରେ ଦକ୍ଷିଣ ଆମେରିକାର ଗୟାନା ସହରରେ ୨୭୬ ଶିଶୁଙ୍କ ସମେତ ୯୧୪ ଜଣ ସାମୂହିକ ଆତ୍ମହତ୍ୟା କରିଥିଲେ। ପିପୁଲ୍ସ ଟେମ୍ପୁଲ୍‌ର ପ୍ରତିଷ୍ଠାତା ଜିମ୍ ଜୋନ୍ସ ତାଙ୍କର ଶିଷ୍ୟମାନଙ୍କୁ ଗଣଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିଲେ।



ହଂକଂରେ ସରକାର ବିରୋଧୀ ଆନ୍ଦୋଳନ ବେଳେ ପଲିଟେକ୍ନିକ୍ ୟୁନିଭର୍ସିଟିରେ ଧନୁତୀର ଧରି ପୋଲିସ ସହ ମୁହାଁମୁହିଁ ହେଉଛନ୍ତି ଜଣେ ବିକ୍ଷୋଭକାରୀ।



ମାଲୟାଲମ ମାସ 'ବୃଶ୍ଚିକୋମ୍'ର ପ୍ରଥମଦିନରେ ସାବରିମାଲା ମନ୍ଦିରରେ ଭଗବାନ ଆୟାପ୍ପାଙ୍କ ଦର୍ଶନ ପାଇଁ ଲମ୍ବାଧାଡ଼ିରେ ଶ୍ରଦ୍ଧାଳୁ।

# ଝାଡ଼ଖଣ୍ଡରେ ବଢ଼ୁଛି ଭାଜପା ଅଡୁଆ

**ରାଞ୍ଚି,୧୭।୧୧ (ପି.ଟି./ ଆଇଏଏନ୍‌ଏସ୍)**

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନକୁ ଦୁଇ ସପ୍ତାହରୁ କମ୍ ସମୟ ବାକି ଥିବାବେଳେ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛାଡ଼ିଛି। ଶାସକ ଭାଜପା ସହ ଅନ୍ୟତମ ସହଯୋଗୀ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ ୟୁନିୟନ୍ (ଏଜେଏସ୍‌ୟୁ)ର ମଧ୍ୟ ମତଭେଦ ବୃଦ୍ଧି ପାଇଛି। କେବଳ ଏତିକି ନୁହେଁ, ଟିକେଟ ବଣ୍ଟନକୁ ନେଇ ଭାଜପା ଭିତରେ ବି ମତଭେଦ ବୃଦ୍ଧି ପାଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ରଘୁବର ଦାସ ସରକାରଙ୍କ ଅଡୁଆ ବଢ଼ିବାରେ ଲାଗିଛି।

୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନଭେମ୍ବର ୩୦ରୁ ଡିସେମ୍ବର ୨୦ ମଧ୍ୟରେ ୫ ପର୍ଯ୍ୟାୟରେ ହେବ। ଏଥିପାଇଁ ସବୁ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ଗତ ସପ୍ତାହରେ ଚିରାଗ ପାଶ୍ୱାନଙ୍କ ଦଳ ଏଲ୍‌ଜେପି ଆସନ ବୁଝାମଣାକୁ ନେଇ ମତଭେଦ ହେବାରୁ ମେଣ୍ଟରୁ ଓହରିଯିବା ପରେ ୫୦ ଆସନରେ ପ୍ରାର୍ଥୀ ଘୋଷଣା କରିଥିଲା। ସେହିପରି ସହଯୋଗୀ ଦଳ ଏଜେଏସ୍‌ୟୁ ପକ୍ଷରୁ ଅଦ୍ୟାବଧି ତୃତୀୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ରବିବାର ପ୍ରକାଶିତ ତାଲିକାକୁ ମିଶାଇ ଏଜେଏସ୍‌ୟୁର ମୋଟ ୨୭ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇଛି। ଏହାସହ ଭାଜପା ଏବଂ ଏଜେଏସ୍‌ୟୁ ୧୯ ନିର୍ବାଚନମଣ୍ଡଳୀରେ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି। ଭାଜପା ପକ୍ଷରୁ ଏଯାଏ ୭୨ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ କେତେଜଣ ବରିଷ୍ଠ ନେତାଙ୍କୁ ଟିକେଟ ଦିଆଯାଇ ନାହିଁ, ଯାହାକୁ ନେଇ ଦଳ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରାର୍ଥୀ ତାଲିକାରେ ଖାଦ୍ୟ, ସାଧାରଣ ବଣ୍ଟନ ଓ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ସରୟୁ ରୟଙ୍କ ନାମ ନ ଥିବାରୁ ସେ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ଚ୍ୟାଲେଞ୍ଜ ଦେବାକୁ ବାହାରିଛନ୍ତି। ସେ ରଘୁବରଙ୍କ ବିରୋଧରେ ଜାମସେଦପୁର (ଇଷ୍ଟ) ଆସନରେ ସ୍ୱାଧୀନ ପ୍ରାର୍ଥୀ ହେବେ। ଏହାସହ ୨୦୧୪ରେ ଜିତିଥିବା ଜାମସେଦପୁର (ୱେଷ୍ଟ) ନିର୍ବାଚନମଣ୍ଡଳୀରୁ ମଧ୍ୟ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନାମାଙ୍କନପତ୍ର ଦାଖଲ କରିବା ଦିନ ସେ କ୍ୟାବିନେଟରୁ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ରଘୁବରଙ୍କ ବିରୋଧରେ କଂଗ୍ରେସ ଦଳର ଜାତୀୟ ମୁଖପାତ୍ର ଗୌରବ ବଲ୍ଲଭଙ୍କୁ ଟିକେଟ ଦେଇଛି। ଏହାକୁ ମିଶାଇ କଂଗ୍ରେସ ପକ୍ଷରୁ ୨୭ ପ୍ରାର୍ଥୀଙ୍କ ନାମ ଘୋଷଣା ଶେଷ ହୋଇଥିବାବେଳେ ଆଉ ୪ ଜଣଙ୍କୁ ଟିକେଟ ମିଳିବା ବାକି ଅଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍), କଂଗ୍ରେସ ଏବଂ ଲାଲୁ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଏଲ୍‌ଜେପି) ମଧ୍ୟରେ ପ୍ରାକ୍ ନିର୍ବାଚନୀ ମେଣ୍ଟ ଘୋଷଣା କରାଯାଇଛି। ମହାମେଣ୍ଟ ପକ୍ଷରୁ ଜେଏମ୍ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯାଇଛି। ଜେଏମ୍ଏମ୍ ୪୩ ଆସନରେ ଲଢ଼ିବାକୁ ଥିବାବେଳେ ଆର୍‌ଜେଡିକୁ ୭ ଆସନ ମିଳିଛି। ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏନ୍‌ଡିଏର ଅଂଶୀଦାର ହୋଇଥିଲେ ହେଁ ଝାଡ଼ଖଣ୍ଡରେ ଅଲଗା ନିର୍ବାଚନ ଲଢୁଛି।



ଉର୍ସ ପର୍ବର ଶେଷଦିନରେ ରାଞ୍ଚିର ବାବା ରେସଲଦାରଙ୍କ ସମାଧିରେ ଚାଦର ଚଢ଼ାଉଛନ୍ତି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ।

- ରଘୁବରଙ୍କ ବିରୋଧରେ ପ୍ରାର୍ଥୀ ହେବେ ତାଙ୍କ ମନ୍ତ୍ରୀ
- ଅଲଗା ଲଢ଼ୁଛନ୍ତି ସହଯୋଗୀ ଏଜେଏସ୍‌ୟୁ, ଜେଡିୟୁ, ଏଲ୍‌ଜେପି

### 'ଭାଜପା ବୁଡ଼ିଯାଉଥିବା ଜାହାଜ'

**ନୂଆଦିଲ୍ଲୀ,୧୭।୧୧(ପି.ଟି.):** ଭାଜପା ଏକ ବୁଡ଼ିଯାଉଥିବା ଜାହାଜ, ଯାହାକୁ ତା'ର ସହଯୋଗୀ ଦଳଗୁଡ଼ିକ ଛାଡ଼ିବାରେ ଲାଗିଛନ୍ତି ବୋଲି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ସମାଲୋଚନା କରିଛନ୍ତି। ଜେଏମ୍ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଭାଜପା ତା' କୁଶାସନରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ରାଷ୍ଟ୍ରବାଦୀ ପ୍ରସଙ୍ଗର ସାହାରା ନେଉଛି। ଏହା ଲୋକ ସଭା ନିର୍ବାଚନ ନୁହେଁ। ବିଧାନସଭା ନିର୍ବାଚନ ଜମି ଅଧିଗ୍ରହଣ ଓ ବେକାର ସମସ୍ୟା ଭଳି ସ୍ଥାନୀୟ ପ୍ରସଙ୍ଗକୁ ନେଇ ଲଢ଼ାଯିବ। ଝାଡ଼ଖଣ୍ଡବାସୀଙ୍କୁ ରଘୁବର ଦାସ ସରକାର ଆଉ ଭୁଆଁ ବୁଲାଇପାରିବେ ନାହିଁ। ଜେଡିୟୁ, ଏଲ୍‌ଜେପି ଏବଂ ଏଜେଏସ୍‌ୟୁ ଭିନ୍ନ ଭିନ୍ନ ଭାବେ ନିର୍ବାଚନ ଲଢୁଛନ୍ତି। ଭାଜପା ଡଙ୍ଗା ବୁଡ଼ିଯାଉଥିବାରୁ ସେମାନେ ତାକୁ ଛାଡ଼ିବାରେ ଲାଗିଛନ୍ତି ବୋଲି ହେମନ୍ତ କହିଛନ୍ତି।



# ଗୋଟାବାୟା ଶ୍ରୀଲଙ୍କା ରାଷ୍ଟ୍ରପତି

**କଲମ୍ବୋ,୧୭।୧୧(ପି.ଟି.)**

ଶ୍ରୀଲଙ୍କାର ପୂର୍ବତନ ପ୍ରତିରକ୍ଷା ସଚିବ ଗୋଟାବାୟା ରାଜପାକ୍ସେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଶନିବାର ଅନୁଷ୍ଠିତ ନିର୍ବାଚନରେ ସେ ଶାସକ ଦଳ ପ୍ରାର୍ଥୀ ସାଜିଥ୍ ପ୍ରେମଦାସାଙ୍କୁ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। ଫଳରେ ଶ୍ରୀଲଙ୍କାରେ ପୁଣିଥରେ ରାଜପାକ୍ସେ ଶାସନ ଫେରିଛି। ରାଷ୍ଟ୍ରପତି ସିରିସେନା ମୈତ୍ରୀପାଳଙ୍କ ଉତ୍ତରାଧିକାରୀ ତଥା ଦେଶର ସପ୍ତମ ରାଷ୍ଟ୍ରପତି ଭାବେ ୭୦ ବର୍ଷୀୟ ଗୋଟାବାୟା ସୋମବାର ଶପଥ ଗ୍ରହଣ କରିବେ। ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଗୋଟାବାୟାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ନେତୃତ୍ୱରେ ଭାରତ-ଶ୍ରୀଲଙ୍କା ସମ୍ପର୍କ ଅଧିକ ମଜଭୁତ ହେବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି।

ରାଜପାକ୍ସେ ପରିବାରର ଦ୍ୱିତୀୟ ସଦସ୍ୟ ଭାବେ ଗୋଟାବାୟା ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ତାଙ୍କ ବଡ଼ଭାଇ ମହିନ୍ଦା ରାଜପାକ୍ସେ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଶ୍ରୀଲଙ୍କାର ରାଷ୍ଟ୍ରପତି ଥିଲେ। ନିର୍ବାଚନରେ ଗୋଟାବାୟାଙ୍କୁ ୫୨.୨୫ ପ୍ରତିଶତ (୬୯,୨୪,୨୫୫) ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରେମଦାସାଙ୍କୁ ୪୧.୯୯ ପ୍ରତିଶତ (୫୫,୬୪,୨୩୯ ଖଣ୍ଡ) ଭୋଟ ମିଳିଛି। ଶ୍ରୀଲଙ୍କାର ନୂତନ ଯାତ୍ରାରେ ଯେପରି ସମସ୍ତେ ସାମିଲ ହେବେ ତାହା ମନେରଖିବାକୁ ହେବ ବୋଲି ଗୋଟାବାୟା କହିଛନ୍ତି। ନିର୍ବାଚନ ଜିତିଲେ ତାଙ୍କ ସରକାର ଚାଇନା ସହ ସମ୍ପର୍କ ବଢ଼ାଇବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଭାରତ ଓ ଆମେରିକା ସପକ୍ଷବାଦୀ ପ୍ରେମଦାସା ହାରିଯିବା ପରେ ଶାସକ ୟୁନାଇଟେଡ ନ୍ୟାଶନାଲ ପାର୍ଟି (ୟୁଏନ୍‌ପି)ର ଉପନେତା ପଦରୁ ଇସ୍ତଫା ଦେଇଛନ୍ତି।



ଗୋଟାବାୟା ରାଜପାକ୍ସେ

- ଶାସକ ଦଳ ପ୍ରାର୍ଥୀ ସାଜିଥ୍ ପ୍ରେମଦାସା ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ
- ପ୍ରତିରକ୍ଷା ସଚିବ ଥିବାବେଳେ ୩୦ ବର୍ଷ ଗୃହଯୁଦ୍ଧର ଅନ୍ତ ଘଟାଇଥିଲେ

ପ୍ରତିରକ୍ଷା ସଚିବ ଭାବେ ଗୋଟାବାୟା ଏଲ୍‌ଟିଟିଇ ସହ ପାଖାପାଖି ୩୦ ବର୍ଷ ଧରି ଲାଗି ରହିଥିବା ଗୃହଯୁଦ୍ଧର ଅନ୍ତ ଘଟାଇଥିଲେ। ଏଥିପାଇଁ ସେ ଶ୍ରୀଲଙ୍କାରେ ଜଣେ ସମ୍ମାନିତ ବ୍ୟକ୍ତିତ୍ୱ ହୋଇଥିଲେ ହେଁ ବିବାଦମୁକ୍ତ ନୁହନ୍ତି। ଶ୍ରୀଲଙ୍କାର ସଂଖ୍ୟାଗରିଷ୍ଠ ସିଂହଳୀ ବୌଦ୍ଧାବଲମ୍ବୀମାନେ ତାଙ୍କୁ ଯୁଦ୍ଧ ହିରୋ ଭାବେ ଅଭିହିତ କରୁଥିଲାବେଳେ ସଂଖ୍ୟାଲଘୁ ତାମିଲମାନେ ତାଙ୍କୁ ସବୁଠୁ ଧ୍ୱଂସକାରୀ ବୋଲି ସମାଲୋଚନା କରିଥାନ୍ତି। ପୂର୍ବତନ ସେନାଧିକାରୀ ଗୋଟାବାୟା ୧୯୮୦ରେ ଆସାମର ଯୁଦ୍ଧ ପ୍ରଶିକ୍ଷଣ ସ୍କୁଲରେ ତାଲିମ ନେଇଥିଲେ। ୧୯୮୩ରେ ସେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ପ୍ରତିରକ୍ଷା ପାଠ୍ୟକ୍ରମରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ମହିନ୍ଦା ରାଜପାକ୍ସେଙ୍କ ଶାସନ କାଳରେ ସେ ୨୦୦୫ରୁ ୨୦୧୪ ପ୍ରତିରକ୍ଷା ସଚିବ ରହିଥିଲେ। ଏହି ସମୟରେ ସେ ଦୁଇଥର ଭାରତ ଗସ୍ତରେ ଆସିଥିଲେ।

# ସିଜେଆଇ ପଦରୁ ଅବସର ନେଲେ ଜଷ୍ଟିସ୍ ଗୋଗୋଇ

**ନୂଆଦିଲ୍ଲୀ,୧୭।୧୧(ପି.ଟି.)**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ପଦରୁ ଜଷ୍ଟିସ୍ ରଞ୍ଜନ ଗୋଗୋଇ ରବିବାର ଅବସର ଗ୍ରହଣ କରିଛନ୍ତି। ଉତ୍ତରପୂର୍ବାଞ୍ଚଳରୁ ପ୍ରଥମ ବ୍ୟକ୍ତି ଭାବେ ସେ ସର୍ବୋଚ୍ଚ ଅଦାଲତର ଶୀର୍ଷ ପଦବୀ ମଣ୍ଡନ କରିଥିଲେ। ସିଜେଆଇ ଭାବେ କାର୍ଯ୍ୟକାଳର ଶେଷ ପର୍ଯ୍ୟାୟରେ ଗତ ୯ ତାରିଖରେ ସେ ରାଜନୈତିକ ଓ ଧର୍ମୀୟ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଅଯୋଧ୍ୟା ଜମି ବିବାଦ ମାମଲାରେ ରାୟ ପ୍ରଦାନ କରି ଦୀର୍ଘ ଦଶନ୍ଧିରୁ ଚାଲିଆସିଥିବା ଏହି ବିବାଦର ପରିସମାପ୍ତି ଘଟାଇଥିଲେ, ଯେଉଁଥିପାଇଁ ତାଙ୍କ ନାମ ଇତିହାସରେ ଲିପିବଦ୍ଧ ହୋଇରହିବ। ଏଥିସହିତ ଶେଷ ସପ୍ତାହରେ ତାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସାମରିମାଲା ମାମଲା, ରାଫାଲ ଯୁଦ୍ଧବିମାନ ଆଦି ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରଦାନ କରିଥିଲେ। ସାବରିମାଲା ରାୟ ଉପରେ ରିଭ୍ୟୁ ପିଟିଶନ୍‌କୁ ୭ ଜଣିଆ ପୀଠକୁ ଅନୁଧ୍ୟାନ ପାଇଁ ପଠାଇଥିଲାବେଳେ ରାଫାଲ ରିଭ୍ୟୁ ପିଟିଶନକୁ ସିଜେଆଇଙ୍କ ଖଣ୍ଡପୀଠ ଖାରଜ କରିଦେବା ସହ ନରେନ୍ଦ୍ର ମୋଦି ସରକାରଙ୍କୁ ଦ୍ୱିତୀୟ ଥର କ୍ଲିନ୍‌ଚିଟ୍ ଦେଇଥିଲେ। ସେହିପରି ସିଜେଆଇଙ୍କ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ପରିସରଭୁକ୍ତ ବୋଲି ଜଷ୍ଟିସ ଗୋଗୋଇଙ୍କ ଖଣ୍ଡପୀଠ ରାୟ ଦେଇଥିଲେ।



ତିରୁପତିସ୍ଥିତ ଭଗବାନ ଭେଙ୍କଟେଶ୍ୱର ମନ୍ଦିରରେ ପୂଜା କରି ଫେରୁଛନ୍ତି ଜଷ୍ଟିସ୍ ରଞ୍ଜନ ଗୋଗୋଇ ଓ ତାଙ୍କ ସ୍ତ୍ରୀ ରୂପାଞ୍ଜଳି।

ସର୍ବୋଚ୍ଚ ଅଦାଲତର ବିଚାରପତି ଓ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ଗୋଗୋଇଙ୍କର କାର୍ଯ୍ୟକାଳ ବିବାଦମୁକ୍ତ ନ ଥିଲା। ଜଣେ ପୂର୍ବତନ ମହିଳା କର୍ମଚାରୀ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ତେବେ ତାଙ୍କର ନ୍ୟାୟ ପ୍ରଦାନ କାର୍ଯ୍ୟରେ ଏହା ପ୍ରତିବନ୍ଧକ ସାଜି ନ ଥିଲା। ଗତବର୍ଷ ଜାନୁଆରୀରେ ତତ୍କାଳୀନ ସିଜେଆଇ ଜଷ୍ଟିସ୍ ଦୀପକ ମିଶ୍ରଙ୍କ କାର୍ଯ୍ୟକୁ ବିରୋଧ କରି ଜଷ୍ଟିସ୍ ଗୋଗୋଇଙ୍କ ସମେତ ୪ ଜଣ ବରିଷ୍ଠ ବିଚାରପତି ଖବରଦାତା ସମ୍ମିଳନୀ ଡାକିଥିଲେ। ସୁପ୍ରିମକୋର୍ଟ ଇତିହାସରେ ଏହା ଥିଲା ପ୍ରଥମ ଘଟଣା।

# କଶ୍ମୀରର ୩୪ ରାଜନୈତିକ ବନ୍ଦୀ ଏମ୍ଏଲ୍ଏ ହଷ୍ଟେଲକୁ ସ୍ଥାନାନ୍ତର

**ଶ୍ରୀନଗର,୧୭।୧୧(ପି.ଟି.)**

ଜମ୍ମୁ-କଶ୍ମୀରରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବାରୁ ଅଗଷ୍ଟ ୫ରୁ ସେଣ୍ଟାଉର୍ ହୋଟେଲରେ ରହିଥିବା ସମସ୍ତ ୩୪ ରାଜନୈତିକ ବନ୍ଦୀଙ୍କୁ ରବିବାର ଏମ୍ଏଲ୍ଏ ହଷ୍ଟେଲକୁ ସ୍ଥାନାନ୍ତର କରାଯାଇଛି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ସ୍ଥାନୀୟ ରାଜନେତା, ସାମାଜିକ କର୍ମୀମାନଙ୍କୁ ଅଟକ ରଖାଯାଇଥିଲା। ସେମାନଙ୍କୁ ଡାଲ ହ୍ରଦ କୂଳରେ ଥିବା ହୋଟେଲରେ ରଖାଯାଇଥିଲା। ଏବେ ରାଜ୍ୟରେ ତୁଷାରପାତ ସାଙ୍ଗକୁ ଅତ୍ୟଧିକ ଥଣ୍ଡା ପଡିଛି। ହୋଟେଲରେ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ଅଟକ ଥିବା ନେତାମାନଙ୍କୁ ମୌଲାନା ଆଜାଦ ରୋଡରେ ଥିବା ଏମ୍ଏଲ୍ଏ ହଷ୍ଟେଲକୁ ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ ହଷ୍ଟେଲକୁ ସହାୟକ ଜେଲ୍ ଘୋଷଣା କରାଯାଇଛି। ସେଠାକୁ ସ୍ଥାନାନ୍ତର ହୋଇଥିବା ରାଜନୈତିକ ବନ୍ଦୀଙ୍କ ମଧ୍ୟରେ ଅଛନ୍ତି ପିପୁଲ୍ସ କନ୍‌ଫରେନ୍ସ ନେତା ସାଜଦ ଲୋନ୍, ନ୍ୟାଶନାଲ କନ୍‌ଫରେନ୍ସର ଅଲି ମହମ୍ମଦ ସାଗର, ପିଡିପିର ନାଏମ ଅଖତର ଏବଂ ପୂର୍ବତନ ଆଇଏଏସ୍ ଅଫିସର ଶାହ ଫଏସଲ। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତିଙ୍କୁ ଶୁକ୍ରବାର ସ୍ଥାନାନ୍ତର କରାଯାଇଥିଲା।

# ଜଳିଗଲା ୧୧୭ ବର୍ଷ ପୁରୁଣା ଚର୍ଚ୍ଚ

**ଗୁଆହାଟୀ,୧୭।୧୧(ପି.ଟି.)**

ମେଘାଳୟ ରାଜଧାନୀ ସିଲଂରେ ଥିବା ୧୧୭ ବର୍ଷର ପୁରୁଣା ଚର୍ଚ୍ଚରେ ରବିବାର ଅଗ୍ନିକାଣ୍ଡ ଘଟି ବୃଦ୍ଧ ଦମ୍ପତି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। କ୍ୱାଲପାଟିଠାରେ ଥିବା ଏହି ଚର୍ଚ୍ଚ ୧୯୦୨ରେ ସ୍ଥାପିତ ହୋଇଥିଲା। ସେଠାରେ ମରାମତି

### ବୃଦ୍ଧ ଦମ୍ପତି ଦଗ୍ଧ

କାର୍ଯ୍ୟ ଚାଲିଥିବାବେଳେ ବିଦ୍ୟୁତ ତାରରୁ ସ୍ପାର୍କ ହୋଇ ନିଆଁ ଲାଗିଯାଇଥିବା ବିଶ୍ୱାସ କରାଯାଉଛି। ଚର୍ଚ୍ଚଟି ସମ୍ପୂର୍ଣ୍ଣ ଜଳିଯାଇଛି। ଚର୍ଚ୍ଚ ପାଖରେ ଥିବା ଏକ ଘରେ ବୃଦ୍ଧ ଦମ୍ପତି ରହୁଥିଲେ। ଶ୍ୱାସରୁଦ୍ଧ ହୋଇ ସେମାନଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଭୋର ୪ଟା ବେଳେ ସ୍ଥାନୀୟ ଲୋକେ ଚର୍ଚ୍ଚରେ ନିଆଁ ଲାଗିଥିବା ଦେଖିବାକୁ ପାଇଥିଲେ। ସେଠାରେ ଜଗୁଆଳି ଥିବାରୁ କେହି ନିଆଁ ଲଗାଇଥିବା ସମ୍ଭାବନାକୁ ପୋଲିସ ଅସ୍ୱୀକାର କରିଛି।



## ରାଜସ୍ଥାନରେ ପକ୍ଷୀମଡ଼କ

# ସମ୍ଭର ହ୍ରଦରେ ମଲେଣି ୧୦ ହଜାର

**ଜୟପୁର,୧୭।୧୧**

ରାଜସ୍ଥାନରେ ପକ୍ଷୀମଡ଼କ ଦେଖାଦେଇଛି। ରାଜଧାନୀ ଜୟପୁର ନିକଟରେ ଥିବା ସମ୍ଭର ହ୍ରଦ ପାଖରେ ସପ୍ତାହକ ମଧ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀ ପ୍ରାଣ ହରାଇଲେଣି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଦେଶାଗତ ପକ୍ଷୀ ବୋଲି ଜଣାପଡିଛି। ସେମାନେ ଆଭିଆନ୍ ବୋଟୁଲିଜମ୍‌ରେ ମରିଥିବା ଜଙ୍ଗଲ ବିଭାଗ ବିଶ୍ୱାସ କରୁଛି। ବିଷାକ୍ତ ପଦାର୍ଥ ଖାଇବା ଦ୍ୱାରା ଏଭଳି ହୋଇଥାଏ। ଶୀତଦିନେ ଉକ୍ତ ଲୁଣାହ୍ରଦକୁ ଲକ୍ଷାଧିକ ବିଦେଶାଗତ ପକ୍ଷୀ ଆସିଥାନ୍ତି। ଏହି ରୋଗ ଯେପରି ଅନ୍ୟ ପକ୍ଷୀଙ୍କୁ ନ ବ୍ୟାପିବ, ସେଥିପାଇଁ ବିପର୍ଯ୍ୟୟ ପରିଚାଳନା ବିଭାଗର ଏକ ୭୦ ଜଣିଆ ଟିମ୍ ସେଠାରେ ପହଞ୍ଚି ମୃତ ପକ୍ଷୀମାନଙ୍କୁ ପୋତି ଦେଉଛି। ପ୍ରାଣୀ ଚିକିତ୍ସା ବିଭାଗର କେତେକ ଟିମ୍ ମଧ୍ୟ ପକ୍ଷୀ ମୃତ୍ୟୁର କାରଣ ଅନୁଧ୍ୟାନ କରୁଛନ୍ତି। ବାର୍ଡ ଫ୍ଲୁରେ ପକ୍ଷୀ ମରୁଥିବା ପ୍ରଥମେ ସନ୍ଦେହ କରାଯାଉଥିଲା, ତେବେ ଭୋପାଳ ଲାବରେଟୋରୀ ରିପୋର୍ଟରେ ଏହାକୁ ଅସ୍ୱୀକାର କରାଯାଇଛି।




# ବାଲ୍ ଠାକ୍‌ରେଙ୍କ ଶ୍ରାଦ୍ଧବାର୍ଷିକୀରେ ରାଜନୀତି

**ମୁମ୍ବାଇ,୧୭।୧୧(ପି.ଟି.)**

ଶିବସେନା ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀରେ ରବିବାର ଉଭୟ ଭାଜପା ଓ ଶିବସେନା ନେତାମାନେ ଶିବାଜୀ ପାର୍କ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତେବେ ଉଭୟ ଦଳର ନେତା ପରସ୍ପରଠାରୁ ଦୂରେଇ ରହିବାକୁ ଉଦ୍ୟମ କରୁଥିବା ଦେଖାଯାଇଥିଲା। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇଥିଲାବେଳେ କେତେଜଣ ଶିବସେନା କର୍ମୀ ତାଙ୍କର ନିର୍ବାଚନ ବେଳର ସ୍ଲୋଗାନ ଦେଇଥିଲେ। ସେ କୌଣସି ପ୍ରତିକ୍ରିୟା ନ ଦେଖାଇ ସେଠାରୁ ଫେରିଥିଲେ। ଫଡ୍‌ନବିସ ଓ ଅନ୍ୟ ଭାଜପା ନେତାମାନେ ଯାଇଥିଲାବେଳେ ଶିବାଜୀ ପାର୍କରେ ଉଦ୍ଧବ ଠାକ୍‌ରେଙ୍କ ବ୍ୟକ୍ତିଗତ ସହକାରୀ ମିଲିନ୍ଦ ନର୍ଭେକରଙ୍କ ବ୍ୟତୀତ ଶିବସେନାର କୌଣସି ନେତା ନ ଥିଲେ। ଶିବସେନା ନେତାମାନେ ପୂର୍ବାହ୍ନ ୧୦ଟାରୁ ୧୨ଟା ମଧ୍ୟରେ ଶିବାଜୀ ପାର୍କ ଯାଇଥିଲାବେଳେ ଫଡ୍‌ନବିସ, ବିନୋଦ ତାୱଡେ, ପଙ୍କଜା ମୁଣ୍ଡେ ପ୍ରମୁଖ ଅପରାହ୍ନ ୧ଟା ପରେ ଯାଇଥିଲେ। ପୂର୍ବାହ୍ନରେ ଉଦ୍ଧବ ଠାକ୍‌ରେଙ୍କ ସହ ତାଙ୍କ ପରିବାର ସଦସ୍ୟ, ନବନିର୍ବାଚିତ ଶିବସେନା ବିଧାୟକ ଓ ଦଳର ଅନ୍ୟ ନେତାମାନେ ଯାଇ ବାଲାସାହେବଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଉଭୟ ଦଳ ମିଳିତ ଭାବେ ବିଧାନସଭା ନିର୍ବାଚନ ଲଢ଼ିଥିଲାବେଳେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ମତାନ୍ତର ହେବାରୁ ଶିବସେନା ଭାଜପାଠାରୁ ସମ୍ପର୍କ ଛିନ୍ନ କରିଛି। ସରକାର ଗଠନ ଲାଗି ଶିବସେନା ଏବେ କଂଗ୍ରେସ ଏବଂ ଏନ୍‌ସିପି ସହ ଆଲୋଚନା ଚଳାଇଛି।



- ଶ୍ରଦ୍ଧାଞ୍ଜଳି ଜଣାଇଲେ ଶିବସେନା, ଭାଜପା ନେତା
- ଦେବେନ୍ଦ୍ର ଫଡ୍‌ନବିସ୍ ହଟହଟା

**ସଂକ୍ଷେପରେ**

## ସିଦ୍ଧେଶ୍ୱର ବେର୍ଣ୍ଣାରେ ଶିଶୁ ଶିବିର

ସମ୍ବଲପୁର, ୧୭।୧୧ (ବ୍ୟୁରୋ)- ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତି ଶିଶୁ ମନ୍ଦିରରେ ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ଭକ୍ତପ୍ରସାଦ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦିଲୀପ ପାଢ଼ୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ । ଏହି ଅବସରରେ ଚିତ୍ରାଙ୍କନ, ସୁଲିଖନ, ସଂଗୀତ ଓ ରଙ୍ଗୋଲି ପ୍ରତିଯୋଗୀତା ହୋଇଥିଲା । ସ୍କୁଲ ପରିଚାଳନା ସମିତି କୋଷାଧକ୍ଷ ଶଙ୍କର ନାୟକ, ସହ ପ୍ରଧାନ ଆଚାର୍ଯ୍ୟ ପିତାମ୍ବର ପ୍ରଧାନ ଉତ୍ସବ ପରିଚାଳନା କରିଥିଲେ।

## ୨୪ରେ ଆନ୍ତଃ ଜିଲା କବାଡ଼ି ଟୁର୍ନାମେଣ୍ଟ ଜିଲା ଟିମ୍ ଚୟନ

ସମ୍ବଲପୁର, ୧୭।୧୧ (ବ୍ୟୁରୋ)- ଆନ୍ତଃ ଜିଲା କବାଡି ଟୁର୍ନାମେଣ୍ଟ ନଭେମ୍ବର ୩୦ରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡାଠାରେ ଅନୁଷ୍ଠିତ ହେବ। ନଭେମ୍ବର ୨୪ ତାରିଖ ବୀର ସୁରେନ୍ଦ୍ର ସାଏ ଟାଉନ ହଲ୍ ପଡିଆରେ ଜିଲା ଟିମ ଚୟନ ଶିବିର ହେବ । ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ କବାଡି ଖେଳାଳିମାନେ ଯୋଗଦେଇ ଶିବିରରେ ଭାଗ ନେଇପାରିବେ । ବରିଷ୍ଠ ପ୍ରଶିକ୍ଷକମାନେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରି ଜିଲା ଟିମ୍‌ରେ ସାମିଲ କରିବେ । ରବିବାର ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ଖେଳ ସମ୍ପାଦକ ପ୍ରଶାନ୍ତ ସେଠ ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି।

## ଫରେଷ୍ଟ ଗାର୍ଡ, ପରିବାର ମଧ୍ୟରେ ମାରପିଟ ଅଭିଯୋଗ

ସମ୍ବଲପୁର,୧୭।୧୧(ବ୍ୟୁରୋ) ସମ୍ବଲପୁର ଜିଲା ଯୁଯୁମୁରା ଥାନାରେ ଫରେଷ୍ଟ ଗାର୍ଡ ମଧୁମିତା ମହାପାତ୍ର ଓ କୟାକୁଦ ଗ୍ରାମର ନୀଳମଣି ଧରୁଆ ଉଭୟ ପୃଥକ ପୃଥକ ଅଭିଯୋଗ କରିଛନ୍ତି । ଫରେଷ୍ଟ ଗାର୍ଡ ମହାପାତ୍ରଙ୍କ ଅଭିଯୋଗ କ୍ରମେ ସେ କୟାକୁଦ ଗ୍ରାମର ନୀଳମଣିଙ୍କ ଘରେ ବେଆଇନ କାଠ ଓ କେନ୍ଦୁପତ୍ର ରଖିଥିବା ନେଇ ଖବର ପାଇବା ପରେ ଯାଞ୍ଚ କରିବାକୁ ଯାଇଥିଲେ। ହେଲେ ଘର ସମ୍ମୁଖରେ ପଚରା ଉଚୁରା କରୁଥିବା ସମୟରେ ନୀଳମଣି ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ । ଏପରିକି ଧକ୍କା ମାରିଥିଲେ । ଏହାକୁ ବିରୋଧ କରିବା ପରେ ତାଙ୍କ ସ୍ତ୍ରୀ ଓ ଅନ୍ୟ ଜଣେ ମହିଳା ମଧ ତାଙ୍କୁ ସହେଯୋଗ କରିଥିଲେ । ସେହିପରି ନୀଳମଣିଙ୍କ ଅଭିଯୋଗ କ୍ରମେ ଫରେଷ୍ଟ ଗାର୍ଡ ଘରକୁ ଆସି ଟଙ୍କା ମାଗିଥିଲେ । ଟଙ୍କା ନ ଦେବାରୁ ମାଡପିଟ କରିଥିଲେ । ସ୍ତ୍ରୀ ମାଧବି ଓ ପଡୋଶୀ ତିଳୋତ୍ତମାଙ୍କୁ ମଧ ମାଡପିଟ କରିଥିଲେ। ଲାଠିରେ ମାରିବାରୁ ଶରୀରରେ କ୍ଷତ ଚିହ୍ନ ରହିଛି ବୋଲି ଅଭିଯୋଗ କରିଥିଲେ। ଏଣୁ ପୋଲିସ ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ, ଫରେଷ୍ଟ ଗାର୍ଡ ମହାପାତ୍ରଙ୍କ ନାମରେ ଅଭିଯୋଗ ହେବାରୁ ତାଙ୍କୁ ଯୁଯୁମୁରା ଫରେଷ୍ଟ ବିଟ୍‌ରୁ କୟାକୁଦ ଫରେଷ୍ଟ ବିଟ୍‌କୁ ବଦଳି କରାଯାଇଥିଲା।

■ଇଷ୍ଟ ଇଣ୍ଡିଆ ଷ୍ଟ୍ରଙ୍ଗ ଓମ୍ୟାନ୍- ମ୍ୟାନ୍ ଚାମ୍ପିୟନଶିପ୍- ୨୦୧୯

# ଭାଗ ନେଲେ ୬୦ ପ୍ରତିଯୋଗୀ






ରବିବାର ସମ୍ବଲପୁର କଚେରି ଛକଠାରେ ଆୟୋଜିତ ଷ୍ଟ୍ରଙ୍ଗ ଓମ୍ୟାନ୍ ଓ ମ୍ୟାନ୍ ଚାମ୍ପିୟନଶିପର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ (ବାମ)। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି (ମଝି)। ଭାଗ ନେଇଥିବା ମହିଳାମାନେ ।

**ସମ୍ବଲପୁର, ୧୭।୧୧ (ବ୍ୟୁରୋ)**

■ମହିଳାରେ ରାଉରକେଲାର ପ୍ରିୟଦର୍ଶନୀ
■ପୁରୁଷରେ ଭୁବନେଶ୍ୱରର ସୌମ୍ୟରଞ୍ଜନ ଚାମ୍ପିୟନ

ଇଷ୍ଟ ଇଣ୍ଡିଆ ଷ୍ଟ୍ରଙ୍ଗ ଓମ୍ୟାନ୍ ଓ ମ୍ୟାନ୍ ଚାମ୍ପିୟନଶିପ୍-୨୦୧୯ ରବିବାର ସମ୍ବଲପୁର କଚେରି ଛକଠାରେ ଅନୁଷ୍ଠିତ ହୋଇଯାଇଛି । ରାଉରକେଲାର ପ୍ରିୟଦର୍ଶନୀ ବିଶୋଇ ଷ୍ଟ୍ରଙ୍ଗ ଓମ୍ୟାନ୍ ଓ ଭୁବନେଶ୍ୱରର ସୌମ୍ୟରଞ୍ଜନ ବେହେରା ଷ୍ଟ୍ରଙ୍ଗ ମେନ୍ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି । ଓଡିଶା ଷ୍ଟ୍ରଙ୍ଗ ମେନ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ ସମ୍ମାନୀତ ଅତିଥି ଥିଲେ । ବିଶ୍ୱମ୍ବର ବହିଦାରଙ୍କ ଅଧକ୍ଷତା ଓ ବିରୁପାକ୍ଷ ପ୍ରଧାନଙ୍କ ସଂଯୋଜନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆୟୋଜକ ଅନୁଷ୍ଠାନ ସମ୍ପାଦକ ସୋମନାଥ ପଟ୍ଟନାୟକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆସାମ, ବିହାର, ଝାଡ଼ଖଣ୍ଡ, ଓଡିଶା, କର୍ନାଟକରୁ ୬୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି ୬୦ଜଣଙ୍କ ମଧ୍ୟରୁ ୧୦ଜଣ ମହିଳା ଥିଲେ । ବରିଷ୍ଠ ପ୍ରଶିକ୍ଷକ ସନ୍ତୋଷ ଭୂୟାଁ, ଗଙ୍ଗାଧର ବିଶୋଇଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ରୂପ ସିଂ, ସୁଧୀର ପଟ୍ଟନାୟକ, ସୋମାଲିକା ପଟ୍ଟନାୟକ, କୁନାଲ ବାଗ, ସମୀର ହୋତା, ବିଜୟ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଫାର୍ମର ୱାର୍କ, ଡେଡଲିଫ୍ଟ, କ୍ଲିନପ୍ରେସ, ସେଣ୍ଟ ବ୍ୟାଗକେରି, ଟ୍ରକପୋଲିଂ, କାର ପୋଲିଂ ଇଭେଣ୍ଟ ହୋଇଥିଲା ।

## ମୁହଁ ଖୋଲିବାରୁ ମାମଲା

**ସମ୍ବଲପୁର,୧୭।୧୧(ବ୍ୟୁରୋ)**



ସମ୍ବଲପୁର-ସୋନପୁର ରାସ୍ତା ଭବାନୀ ଫିଲ୍ଡ ଛକରେ ରାସ୍ତାରୋକୋ କରାଯାଇଛି ।

ସମ୍ବଲପୁର ସହରରେ ସ୍ୱେରେଜ ପ୍ରକଳ୍ପ କାମ ଆରମ୍ଭରୁ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି । ରାସ୍ତା, ଗଳି କନ୍ଦି ସବୁଠି ମନ ଇଚ୍ଛା ଖୋଳି ଦିଆଯାଉଛି। ବାରମ୍ବାର ପ୍ରଶାସନ ପାଖରେ ଦାବି କଲେ ମଧ କେହି ଶୁଣୁ ନାହାନ୍ତି । କେବଳ ପ୍ରତିଶ୍ରୁତି ମିଳୁଛି। ତେବେ ଜନସାଧରଣଙ୍କ ପୁଞ୍ଜିଭୁତ ଅସନ୍ତୋଷ ରବିବାର ଉଗ୍ର ରୂପ ନେଇଥିଲା । ଭାବନୀ ଫିଲ୍ଡ ଅଞ୍ଚଳର ଶତାଧିକ ଲୋକ ସମ୍ବଲପୁର-ସୋନପୁର ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୩ ଘଣ୍ଟା ଧରି ରାସ୍ତା ଅବରୋଧ ହେବାରୁ ଦୁଇ ପାଖରେ ହଜାର ସଂଖ୍ୟାର ଗାଡି ଅଟକି ରହିଥିଲା । ସଦର ତହସିଲଦାର ଲକ୍ଷ୍ମଣ ଅମାତ, ସ୍ୱେରେଜ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ବିରଞ୍ଚିନାରାୟଣ ଦାସ, ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ସହ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ପ୍ରଥମେ ମରାମତି କରାଯାଉ ତା ପରେ ରାସ୍ତା ଅବରୋଧ ହଟିବ ବୋଲି ଲୋକେ ଜିଦ ଧରିଥିଲେ। ଏଣୁ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ୱେରେଜ ପ୍ରକଳ୍ପ ଠିକା ନେଇଥିବା କମ୍ପାନୀ କାମ ଆରମ୍ଭ କରିବା ପରେ ରାସ୍ତା ଅବରୋଧ ହଟିଥିଲା । ହେଲେ ଏହି ଘଟଣାରେ ଧନୁପାଲି ପୋଲିସ ଶଶିକାନ୍ତ ଶତପଥୀ ଓ ମନରଞ୍ଜନ ଶତପଥୀଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରି ନାଲି ଆଖି ଦେଖାଇବା ସହ ସେମାନଙ୍କ ମୁହଁ ବନ୍ଦ କରିଦେବାକୁ ଏକ ପ୍ରକାର ନିରମ ଧମକ ଦେଇଛି।

## ଡିସେମ୍ବର ୧୪ରେ ହୀରାକୁଦ ହାଇସ୍କୁଲ ହୀରକ ଜୟନ୍ତୀ

**ହୀରାକୁଦ, ୧୭।୧୧ (ଡି.ଏନ.ଏ.)**

ଆସନ୍ତା ଡିସେମ୍ବର ୧୪ ଓ ୧୫ ତାରିଖ ହୀରାକୁଦ ହାଇସ୍କୁଲର ହୀରକ ଜୟନ୍ତୀ ହାଇସ୍କୁଲ ପ୍ରାଙ୍ଗଣରେ ପାଳନ କରିବା ପାଇଁ ସ୍ଥିରିକୃତ ହୋଇଛି । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ କରିବା ପାଇଁ ହୀରକ ଜୟନ୍ତୀ ପାଳନ କମିଟି ନିଷ୍ପତ୍ତି ନେଇଛି । ତେଣୁ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀଛାତ୍ର ଏବଂ ପୂର୍ବତନ ପ୍ରଧାନଶିକ୍ଷକ ଓ ଅବସର ନେଇଥିବା ଶିକ୍ଷକ, ବର୍ତ୍ତମାନ ଶିକ୍ଷକମାନେ ନିଜ ନିଜର ଲେଖା ଆସନ୍ତା ନଭେମ୍ବର ୩୦ ମଧ୍ୟରେ ପଠାଇବା ପାଇଁ କମିଟି ତରଫରୁ ଅନୁରୋଧ କରାଯାଇଛି।

## ମାଳତୀ ନଦୀରେ ପଡି ଛାତ୍ରୀଙ୍କ ମୃତ୍ୟୁ

**ସମ୍ବଲପୁର,୧୭।୧୧(ବ୍ୟୁରୋ)**

ସମ୍ବଲପୁରରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ବଣଭୋଜି କରିବାକୁ ଯାଇଥିବା ବେଳେ ମାଳତୀ ନଦୀରେ ପଡିଯାଇ ମଦନାବତି ସ୍କୁଲର ଜଣେ ଅଷ୍ଟମଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଧନୁପାଲି ଥାନା କୁମ୍ଭାରପଡାର ମହମ୍ମଦ ଗୁଫରାନଙ୍କ ଝିଅ ଗୋସିଆ ବେଗମ (୧୪)। ଏହି ଖବର ପାଇ ଡାକ୍ତରଖାନାରେ ତାଙ୍କ ପରିବାର ଲୋକେ ପହଞ୍ଚି ଥିଲେ। ସେଠାରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ମହାନ୍ତିପଡାରେରେ କୋଚିଂ ସେଣ୍ଟର କରିଥିବା ଜଣେ ଶିକ୍ଷୟିତ୍ରୀ ୨୫ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ବାଉଶବୁଦା ପିକ୍‌ନିକ୍ ସ୍ପଟକୁ ଭୋଜି କରିବାକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ପ୍ରାୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ରନ୍ଧା ସାମଗ୍ରୀ ଧୋଇବାକୁ ନିକଟସ୍ଥ ମାଳତୀ ନଦୀକୁ ଯାଇଥିଲେ। ହେଲେ ଏହି ଛାତ୍ରୀଙ୍କ ଗୋଡ ଖସିଯିବାରୁ ସେ ନଦୀରେ ମୁହଁ ମାଡି ପଡିଯାଇଥିଲେ। ଛଟ ପଟ ହେବା ଏହା ଦେଖି ଅନ୍ୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଉଦ୍ଧାର କରିଥିଲେ। ଖବର ପାଇ ସେଠାରେ ସଦର ଥାନା ପିସିଆର ଭ୍ୟାନ୍ ପହଞ୍ଚି ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ସଦର ଡାକ୍ତରଖାନାକୁ ନେଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି।

## ପ୍ରତିଭା ପ୍ରକାଶକୁ ସୁଯୋଗ ମିଳୁନି



ସମ୍ବଲପୁର ପ୍ରେସ୍ ଭବନଠାରେ ମୁନ୍‌ମୁନ୍ ସିଂଙ୍କୁ ପୂର୍ବତନ ବିଧାୟିକା ସମ୍ମାନିତ କରୁଛନ୍ତି ।

**ସମ୍ବଲପୁର,୧୭।୧୧(ବ୍ୟୁରୋ)**

ଆଧୁନିକ ସମାଜରେ ମଧ ମହିଳାମାନଙ୍କୁ ସମାଜରେ ଉଚ୍ଚ ଶିକ୍ଷିତ କରିବା, ଚାକିରି ଓ ଅନ୍ୟ କ୍ଷେତ୍ରରେ କାମ କରିବା ପାଇଁ ବାଧା ଦିଆଯାଉଛି। ସମସ୍ତଙ୍କ ପାଖରେ ପ୍ରତିଭା ରହିଛି। ହେଲେ ସୁଯୋଗ ନ ମିଳିବାରୁ ଲୁଚି ଯାଉଛି। ତେଣୁ ଅଭିଭାବକମାନେ ପିଲାମାନଙ୍କ ପସନ୍ଦ ଓ ଇଚ୍ଛା ଅନୁସାରେ କାମ କରିବାକୁ ଉତ୍ସାହିତ କରିବା ଉଚିତ । ମରିସସରେ ମିସେସ ଇଣ୍ଡିଆ ୟୁନିଭର୍ସ-୨୦୧୯ ଟାଇଟଲ ବିଜେତା ମୁନମୁନ ସିଂଙ୍କୁ ରବିବାର ସମ୍ବଲପୁର ପ୍ରେସ୍ ଭବନଠାରେ ସମ୍ମାନିତ କରିବା ଅବସରରେ ପୂର୍ବତନ ବିଧାୟିକା ରାସେଶ୍ୱର ପାଣିଗ୍ରାହୀ ଏହା କହିଛନ୍ତି। ଆଜି ମୁନ୍‌ମୁନ୍ ଏହି ସ୍ଥାନରେ ପହଞ୍ଚିବା ପାଇଁ ଯେତିକି ପରିଶ୍ରମ କରିଛନ୍ତି ତାଙ୍କ ପରିବାର ମଧ ସେତିକି ସହଯୋଗ କରିଛନ୍ତି ବୋଲି ରାସେଶ୍ୱରୀ କହିଥିଲେ । ଏହି ଅବସରରେ ମୁନ୍‌ମୁନ୍ କହିଥିଲେ ଯେ, ସେ ଆଜି ଯେଉଁ ସ୍ଥାନରେ ଅଛନ୍ତି ସବୁ ତାଙ୍କ ପରିବାରର ଶ୍ରେୟ। ଶାଶୁ ଘର ପରିବାରର ସମସ୍ତେ ତାଙ୍କୁ ଝିଅ ଭଳି ବ୍ୟବହାର କରନ୍ତି । ଶ୍ୱଶୁର ସବୁ କ୍ଷେତ୍ରରେ ଉତ୍ସାହିତ କରନ୍ତି । ଦେଶ ବାହାରକୁ ଯାଇ ପ୍ରତିଯୋଗିତିରେ ସେ ଭାଗ ନେଇଥିଲେ। ସେଠାରେ ନର୍ଭସ ଲାଗିଥିଲା । ହେଲେ କେମିତି ଭଲ ପ୍ରଦର୍ଶନକରିହେବ ସେ ନେଇ ମନରେ ଭାବନା ଥିଲା। ଗୋଟିଏ ପରେ ଗୋଟିଏ ପର୍ଯ୍ୟାୟ ଆଗକୁ ବଢିଥିଲେ ଶେଷରେ ବିଜୟୀ ହୋଇଥିଲେ। ସମସ୍ତଙ୍କ ଆଶୀର୍ବାଦ ଓ ଭଲ ପାଇବା ରହିଲେ ସେ ଆଗାମୀ ଦିନରେ ଅନ୍ୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି କହିଛନ୍ତି। ତେବେ ଏହି କାର୍ଯ୍ୟକ୍ରମରେ ସଭାପତି ତ୍ରିବିକ୍ରମ ପ୍ରଧାନ ଅଧକ୍ଷତା କରିଥିଲେ। ସଂପାଦକ ଭାବାନୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦୁଷ୍ମନ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ବନ୍ଦ ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

## ରାଗରେ ହତ୍ୟା କରିଥିବା ସ୍ୱାମୀ ଗିରଫ

**ସମ୍ବଲପୁର,୧୭।୧୧(ବ୍ୟୁରୋ)**

ସମ୍ବଲପୁର ଟାଉନ ଥାନା ଅଧୀନ ମୁଦିପଡା ଘୁଷୁରିଯୋଡା ବନ୍ଧ ହିଡରେ ଥିବା ବସ୍ତିର ଏକ ବନ୍ଦ ଘର ଭିତରୁ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାରେ ପୋଲିସ ପର୍ଦ୍ଦାଫାସ କରିଛି। ୭୨ ଘଣ୍ଟା ପରେ ମୃତ ମହିଳାଙ୍କ ପରିଚୟ ମିଳିଛି। ସେ ଯୁଯୁମୁରା ଥାନା ଅନ୍ତର୍ଗତ କଂସର ଗ୍ରାମର ମେରୀ ବେର୍ଜୋ (୨୫)। ହତ୍ୟା ଅଭିଯୋଗରେ ସ୍ୱାମୀ ଜୌତିଷ ଟପୋନା (୨୬)ଙ୍କୁ ମଧ ପୋଲିସ ଗିରଫ କରିଛି। ତେବେ ଏହି ହତ୍ୟାର କାରଣ ହେଲା ଉଭୟଙ୍କ ମଧ୍ୟରେ ନିୟମିତ କଳି। ଘଟଣା ଦିନ ଅଧିକ ରାଗରେ ସ୍ୱାମୀ ତାଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ମେରୀଙ୍କୁ ତଣ୍ଟିଚିପି ହତ୍ୟା କରିଛନ୍ତି ବୋଲି ନିଜେ ଅଭିଯୁକ୍ତ ସ୍ୱାମୀ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଘରୁ ଦୁର୍ଗନ୍ଧ ବାହାରିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟାଉନଥାନା ଅଧିକାରୀ ରମେଶଚନ୍ଦ୍ର ଦୋରା ପୋଲିସ ଟିମ୍ ସହ ପହଞ୍ଚି ଥିଲେ । ରାତି ହୋଇଯିବାରୁ ଘର ଖୋଲା ଯାଇ ପାରି ନ ଥିଲା। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘର ତାଲା ଭାଙ୍ଗି ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ପୋଲିସ ଓ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ କରିଥିଲେ। ହେଲେ ୪ ବର୍ଷର ଶିଶୁପୁତ୍ରକୁ ନେଇ ସ୍ୱାମୀ ଫେରାର ହୋଇଯାଇଥିବାରୁ ପୋଲିସ ସନ୍ଦେହ କରିଥିଲା । ଏସ୍‌ଡିପିଓ ତପନ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ମୃତଦେହ ପାଖରେ ପଡିଥିବା ଫଟୋ ଓ ଘର ମାଲିକ ପଦ୍ମା ନାଏକଙ୍କ ପାଖରେ ଥିବା ଫୋନ୍ ନମ୍ବର ଯୋଗୁ ଶେଷରେ ମହିଳାଙ୍କ ପରିଚୟ ମିଳିବା ସହ ହତ୍ୟାକାରୀଙ୍କ ପାଖରେ ପୋଲିସ ପହଞ୍ଚି ପାରିଥିଲା।

■ନାଟ୍ୟୋତ୍ସବ-୨୦୧୯ ଉଦ୍‌ଯାପିତ

## ଶେଷ ରଜନୀରେ 'ପାଗଲ୍ ହେଇଯିବ' ମଞ୍ଚସ୍ଥ

**ସମ୍ବଲପୁର, ୧୭।୧୧ (ବ୍ୟୁରୋ)**

ସମ୍ବଲପୁରର ନାଟ୍ୟାନୁଷ୍ଠାନ କଖଗ ଦ୍ୱାରା ଆୟୋଜିତ ନାଟ୍ୟୋତ୍ସବ-୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି । ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଅନ୍ତିମ ରଜନୀରେ ସମ୍ବଲପୁରୀ ନାଟକ 'ପାଗଲ୍ ହେଇଯିବ' ମଞ୍ଚସ୍ଥ ହୋଇଥିଲା । ବ୍ରଜେନ୍ଦ୍ର ନାୟକଙ୍କ ରଚନା ଓ ନିର୍ଦ୍ଦେଶନାରେ ବରିଷ୍ଠ, କନିଷ୍ଠ ଓ ଶିଶୁ କଳାକାରମାନେ ବିଭିନ୍ନ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ନାଟକଟି ସଂପୂର୍ଣ୍ଣ ହାସ୍ୟ ରସାତ୍ମକ ହୋଇଥିଲା। ମଣିଷ ମନରେ ହୃଦୟରେ ମୋହ ଓ ଲୋଭ ଖୁନ୍ଦି ହୋଇ ରହିଛି । ମୋହଗ୍ରସ୍ତ ମଣିଷ ମୃତ୍ୟୁ ଭୟରେ ଉଦାର ଓ ଦୟାବାନ ହୋଇଥାଏ । କିନ୍ତୁ ମୃତ୍ୟୁର ଭୟ ହୃଦୟରୁ ଅପସରି ଗଲେ, ମଣିଷ ମନରେ ପୁଣି ଲୋଭ ଜାଗୃତ ହୋଇଥାଏ । ସେହି ସମୟରେ ସେ ପୁଅ, ଝିଅ, ନାତୁ ନାତୁଣୀ, ବନ୍ଧୁ ପରିଜନଙ୍କୁ ଭୁଲି ଧନ ସମ୍ପତିକୁ ନିଜର ବୋଲି ଭାବିଥାଏ । ଏହି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ବିଭିନ୍ନ ଭୂମିକାରେ ମନୋଜ ବେହେରା, ଡ. ଶ୍ୟାମସୁନ୍ଦର ଧର, ସୌମେନ୍ଦ୍ର ପୂଜାରୀ, ସୁଶିଲ ଦାଶ, ଲକ୍ଷ୍ମଣ ମେହେର, ସନ୍ତୋଷ ମିଶ୍ର, ସଞ୍ଜୟ ମିଶ୍ର, ସିର୍ଦ୍ଧାଥ ହୋତା, ପ୍ରଫୁଲ୍ଲ ମିତ୍ର, ପ୍ରିୟାଂଶୁ ପଣ୍ଡା, ସଂଯୁକ୍ତା ପଣ୍ଡା, ପ୍ରକୃତି ପଣ୍ଡା ଅଭିନୟ କରିଥିଲେ । ଡା. ରମାବଲ୍ଲଭ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ ।



ରବିବାର ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚରେ ଆୟୋଜିତ ପାଗଲ ହେଇଯିବ ନାଟକର ଏକ ଦୃଶ୍ୟ ।



ରବିବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାରଠାରେ ଅତିଥିମାନେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ବାମସେଫ୍ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ

**ସମ୍ବଲପୁର, ୧୭।୧୧ (ବ୍ୟୁରୋ)**

ବାମସେଫ୍ ପକ୍ଷରୁ ବୀର ବିର୍ସାମୁଣ୍ଡା ଜୟନ୍ତୀ ରବିବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଯୋଜକ ଯୋଗେଶ୍ୱର କୁମ୍ଭାରଙ୍କ ଅଧ୍ୟକ୍ଷତାରେ ସଭା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ପ୍ରାଧ୍ୟାପକ ଡ. ରଘୁମଣୀ ନାୟକ ମୁଖ୍ୟଅତିଥି, ବହୁଜନ ସମାଜ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ ଲୁହାରା ମୁଖ୍ୟବକ୍ତା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନୁସୂଚୀତ ଜାତି/ଜନଜାତି କର୍ମଚାରୀ ସଂଘ ସଭାପତି ନିହାଲ ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଭିମ୍‌ସାର ଏଏନ୍‌ଏମ୍ ବିନୋଦିନୀ ମେହେରଙ୍କୁ ସାବିତ୍ରୀ ବାଇ ଫୁଲେ ସମ୍ମାନୀ ପ୍ରଦାନ କରାଯାଇଥିଲା। ସେହିପରି ଅଶ୍ୱିନୀ ମେହେର ଓ ଦୀପକ ପ୍ରଧାନଙ୍କ ବିର୍ସାମୁଣ୍ଡା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଆଜି ସକାଳ ୮ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ

**ରେଢ଼ାଖୋଲ,୧୭।୧୧ (ଡି.ଏନ.ଏ.)-** ରେଢ଼ାଖୋଲ ଉପଖଣ୍ଡ ଅଞ୍ଚଳରେ ସୋମବାର ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଓପିଟିସିଏଲ୍ ପକ୍ଷରୁ ରେଢ଼ାଖୋଲ ୧୩୨/୩୩ କେଭି ଗ୍ରିଡ୍‌ରେ ଆବଶ୍ୟକ ବାର୍ଷିକ ମରାମତି ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ୱେସ୍କୋ ସହକାରୀ ଯନ୍ତ୍ରୀ ଦୀପକ ରାଉତ ଜଣାଇଛନ୍ତି। ଏ ନେଇ ସହରରେ ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ମଧ ଜଣାଇଦିଆଯାଇଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ରେଙ୍ଗାଲି,୧୭।୧୧ (ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ରମ୍ଭେଲା ବିଶିଫୁଟିଆରେ ରବିବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଜଣେ ବାଇକ୍ ଆରୋହୀ ରୋଡ୍ ଡିଭାଇଡରରେ ପିଟି ହୋଇ ଗୁରୁତର ହୋଇଛନ୍ତି। ସେ ହେଲେ ଝାରସୁଗୁଡା ସାରସମାଲ ଅଞ୍ଚଳର ରଞ୍ଜନ ମୁଣ୍ଡା (୨୯) । ସେ ଓଡି ୨୩ ସି- ୩୨୪୪ ନମ୍ବର ବିଶିଷ୍ଟ ଏକ ବାଇକ ଯୋଗେ ଝାରସୁଗୁଡାରୁ ସମ୍ବଲପୁର ଯାଉଥିଲେ। ଗୁରୁତର ଅବସ୍ଥାରେ ତୁରନ୍ତ ତାଙ୍କୁ ରୋଡ ସେଫ୍ଟି ଆମ୍ବୁଲାନ୍ସ ଯୋଗେ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା । ରେଙ୍ଗାଲି ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଜମନକିରା ବ୍ଲକ୍ ଚାଷୀ ସଂଗଠନର ସାଧାରଣ ସଭାରେ ନିଷ୍ପତ୍ତି

# ଆଜି ଜିଲାପାଳଙ୍କୁ ଘେରିବେ ଚାଷୀ

**ଜମନକିରା, ୧୭। ୧୧ ( ଡି.ଏନ୍.ଏ.)**

ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ସଦର ମହକୁମା ବଜାର ନିୟନ୍ତ୍ରିତ କମିଟି ପ୍ରାଙ୍ଗଣରେ ରବିବାର ଶ୍ରୀଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବରିଷ୍ଠ ସଭ୍ୟ ସନ୍ତୋଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ନବୀନ କୁମାର ପଟେଲ ସଭାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଅର୍ଜୁନମୋହନ ପଧାନ ପୂର୍ବ ବର୍ଷର ବିବରଣୀ ପଠନ କରିଥିବା ବେଳେ ସମୀକ୍ଷକ ପ୍ରଫୁଲ୍ଲ ପଟେଲ ଆୟ ଓ ବ୍ୟୟ ପଠନ କରିଥିଲେ। ବୈଠକରେ ମୁଖ୍ୟତଃ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଟୋକନ ବ୍ୟବସ୍ଥାକୁ ଦୃଢ଼ ବିରୋଧ କରାଯାଇଥିଲା। ଆସନ୍ତା ୩ ଦିନ ମଧ୍ୟରେ ଟୋକନ ବ୍ୟବସ୍ଥା ପୂର୍ବ ଭଳି କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚାଷୀମାନେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ୨୦୧୮–୧୯ ମସିହାରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଇନ୍‌ପୁଟ ସବସିଡ଼ି କେତେକ ଚାଷୀଙ୍କ ଆକାଉଣ୍ଟରେ ଜମା ହୋଇଥିବା ବେଳେ ଆହୁରି ଅଧିକ ଚାଷୀଙ୍କ ଏକାଉଣ୍ଟରେ ଜମା ହୋଇ ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏନେଇ ଚାଷୀ ସଂଗଠନର କର୍ମକର୍ତ୍ତା ପ୍ରଶାସନକୁ କହି ପ୍ରତିକାର କରାଯିବ ବୋଲି କହିଥିଲେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଗତ ୨୦୧୮–୧୯ ଖରିଫ ଧାନ ଚାଷ ଅଧିକ ଖରାପ ହୋଇଥିଲା। ଚାଷୀମାନେ ବୀମା ରାଶି ଗତ ୨୦୧୯ ଜୁନ ସୁଦ୍ଧା ପାଇଯିବା କଥା, ମାତ୍ର ବୀମା କମ୍ପାନୀ ବିଭିନ୍ନ ପ୍ରକାର ଆଳ ଦେଖାଇ କ୍ଷୟକ୍ଷତି ବୀମା ରାଶି ଅଦ୍ୟାବଧି ଜମାକରୁ ନାହିଁ। ଏ ନେଇ ଚାଷୀଙ୍କ ପକ୍ଷରୁ କୁଚିଣ୍ଡାରେ ଏକମାସରୁ ଅଧିକ ଦିନ ଧାରଣାରେ ବସି ସାରିଥିବା ବେଳେ ଏବେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟ ମାସେ ହେଲାଣି ଧାରଣାରେ ବସିଛନ୍ତି। ଏହା ସତ୍ତ୍ୱେ ସରକାର କିମ୍ବା ପ୍ରଶାସନ ପକ୍ଷରୁ ସମାଧାନର କରାଯାଉନାହିଁ। ପ୍ରଶାସନ ତଥା ସରକାରଙ୍କ ଏଭଳି ଆଚରଣକୁ ଚାଷୀମାନେ ତୀବ୍ର ବିରୋଧ କରିଛନ୍ତି। ୧୮ ତାରିଖ ସୋମବାର ହେବାକୁ ଥିବା ଜନ ଶୁଣାଣିରେ ଜଲାପାଳଙ୍କୁ ଚାଷୀମାନେ ଘେରିବେ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଉପଖଣ୍ଡ ଚାଷୀ ସଂଗଠନର ଆବାହକ କୁଷଧ୍ୱଜ ଚୌଧୁରୀ, ଧନେଶ୍ୱର ପଧାନ, ଚୁଡ଼ାମଣୀ ପଟେଲ, ସାଲେକରାମ ପଧାନ, ପିଛାଲୁ ଭୋଇ, ବିରେନ୍ଦ୍ର ଚୌଧରୀ, ଅରୁଣ ପଟ୍ଟନାୟକ, ରବୀନ୍ଦ୍ର ଦାନୀ, କ୍ଷମାନିଧି ମହାକୁଳ, କ୍ଷୀରୋଦ ସାହୁ, ନନ୍ଦଲାଲ ସାହୁ, ପୂର୍ଣ୍ଣଚନ୍ଦ୍ର ପଟେଲ, ବୈରାଗୀ ମହାନନ୍ଦ, ଅଖିଳ ଖୁଣ୍ଟିଆ, ଭୁବନେ ପଟେଲ, ଗୁରୁଚରଣ ପଟେଲ ପ୍ରମୁଖ ଆଲୋଚନାରେ ମୁଖ୍ୟ ଅଂଶଗ୍ରହଣ କରିଥିଲେ। ଶେଷରେ ଆଦିପ୍ରସାଦ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଉପସ୍ଥିତ ଚାଷୀ।




ଅତିଥି ଓ ଆୟୋଜକଙ୍କ ସହ ପିସ୍ ପୋଷ୍ଟର କଣ୍ଟେଷ୍ଟରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ପିସ୍ ପୋଷ୍ଟର କଣ୍ଟେଷ୍ଟରେ ଭାଗ ନେଲେ ୩୩ ଛାତ୍ରୀଛାତ୍ର

**ଟିପିଲିମା, ୧୭।୧୧ (ଡି.ଏନ.ଏ.)**

ବୁର୍ଲା ଲାୟନ୍ସ କ୍ଲବ୍ ଆନୁକୂଲ୍ୟରେ ସତ୍ୟ ସାଇ କିଡିଜ ଏ ବୋର୍ଡ ସ୍କୁଲ ପରିସରରେ ପିସ୍ ପୋଷ୍ଟର କଣ୍ଟେଷ୍ଟ ଆୟୋଜିତ ହୋଇଯାଇଛି । ଲାୟନ୍ସ କ୍ଲବ ସଭାପତି ଅରୁଣ କୁମାରଙ୍କ ତତ୍ତ୍ୱାବଧାନରେ ଅତିଥି ଭାବରେ ଜୋନ ଚେୟାରପର୍ସନ ରବୀନ୍ଦ୍ରନାଥ ସୁବୁଧି ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୩୩ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସୁନୀଲ ତୁଲି, ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୱତ୍ ପରିଷଦ ଗଠନ

**ହୀରାକୁଦ, ୧୭।୧୧ (ଡି.ଏନ.ଏ.)**

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୱତ୍ ପରିଷଦ ଟିମ୍ ଗଠିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସମସ୍ତ ସଦସ୍ୟମାନଙ୍କ ପରିଚୟ ପ୍ରଦାନ ସହ ବିଦ୍ୱତ୍ ପରିଷଦ ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବିଦ୍ୟାଳୟର ସଭାପତି ତଥା ବିଦ୍ୱତ୍ ପରିଷଦର ପ୍ରମୁଖ ଅବନୀ ବଲ୍ଲଭ ଆଚାର୍ଯ୍ୟ ବିଦ୍ୟାଳୟ ପ୍ରତି ବିଦ୍ୱତ୍ ପରିଷଦର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ବିଭିନ୍ନ ଦାୟିତ୍ୱ ନିର୍ବାହ ପାଇଁ ସୁରେନ୍ଦ୍ର କୁମାର ପାତ୍ର ସଭାପତି, ମନବୋଧ ପ୍ରଧାନ ସମ୍ପାଦକ, ଶ୍ରୀକାନ୍ତ ସ୍ୱାଇଁ, କୃଷ୍ଣ ମହାରଣା, ପ୍ରଶାନ୍ତ ନାଥ ଶର୍ମା, ବୀରେନ୍ଦ୍ର ପାଣିଗ୍ରାହୀଙ୍କୁ ଦାୟିତ୍ୱ ଦିଆ ଯାଇଛି।



ଅତିଥି ଓ ଆୟୋଜକଙ୍କ ସହ ଖେଳାଳିମାନେ।

ମୁନାଭାଇ ମେମୋରିଆଲ କବାଡ଼ି ଟୁର୍ଣ୍ଣାମେଣ୍ଟ

## ଏମ୍‌ସିଏଲ୍ ଚାମ୍ପିୟନ, ମଳେହିପଡ଼ା ରନର୍ସ ଅପ୍

**ନାକଟିଦେଉଳ,୧୭।୧୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ କବାଡ଼ି ଖେଳ କମିଟି ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଖେଳ ପଡ଼ିଆଠାରେ ମୁନା ଭାଇ ମେମୋରିଆଲ ଏକ ଦ୍ୱିବସୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ସମ୍ବଲପୁରର ଏମ୍‌ସିଏଲ୍ ଏବଂ ରିଆମାଳ ବ୍ଲକର ମଳେହିପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏମ୍‌ସିଏଲ୍ ସମ୍ବଲପୁର ୪ପଏଣ୍ଟ ଲିଳିଡ଼ରେ ଚାମ୍ପିୟନ ହୋଇଥିଲା । ନାକଟିଦେଉଳ ମହାବିଦ୍ୟାଳୟର ଖେଳ ଶିକ୍ଷକ ଜିତେନ୍ଦ୍ରିୟ ପ୍ରଧାନ ଏବଂ ଧନଞ୍ଜୟ ମହାକୁଡ଼, ହୃଦାନନ୍ଦ ସାହୁ, ଦୁର୍ଯ୍ୟୋଧନ ସାହୁ, ସମୀର କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଭାବେ ନାକଟିଦେଉଳ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ଚାମ୍ପିୟନ ଏମ୍‌ସିଏଲ୍ ଏବଂ ରନର୍ସ ଅପ ମଳେହିପଡ଼ାକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ବଳମ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ନେତ୍ରାନନ୍ଦ ରାଉଳ, ରମେଶ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଦୟାନନ୍ଦ ପବ୍ଲିକ ସ୍କୁଲରେ କଳା, ବିଜ୍ଞାନ ପ୍ରଦର୍ଶନୀ

**ପଡିଆବାହାଲ, ୧୭।୧୧ (ଡି.ଏନ.ଏ.)**

ଦୟାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନ ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଦୟାନନ୍ଦ ପବ୍ଲିକ ସ୍କୁଲ ସମୂହର ପଡିଆବାହାଲ, ଧନୁପାଲି, ପରମାଣପୁର ଓ ଗୋଶାଳାରୁ ବିଭିନ୍ନ ପ୍ରକାରର ୬୩ଟି ବିଜ୍ଞାନ ପ୍ରଦର୍ଶନୀରେ ୩ଶହରୁ ଅଧିକ ହସ୍ତକଳା ଓ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା । ଡା. ରାଜାରାମ ଷଡଙ୍ଗୀ, ଶିକ୍ଷାବିତ ଅଶ୍ୱିନୀ ମିଶ୍ର ଓ ଖବରଦାତା ରାଧାମୋହନ ଷଡଙ୍ଗୀ ଅତିଥି ରୂପେ ଯୋଗ ଦେଇ ଏହି ପ୍ରଦର୍ଶନକୁ ଉଦ୍‌ଘାଟନ କରିବା ସହ ପ୍ରକଳ୍ପଗୁଡିକ ବୁଲି ଦେଖିଥିଲେ। ଦୟାନନ୍ଦ ପବ୍ଲିକ ସ୍କୁଲ ସମୁହର ଚେୟାରମ୍ୟାନ ଈଶ୍ୱର ପାଣିଗ୍ରାହୀ, ସଂଯୁକ୍ତା ପାଣିଗ୍ରାହୀ, ପ୍ରିନ୍ସିପାଲ ସୁଶାନ୍ତ ପଧାନ, ରମାକାନ୍ତ ସାହୁ, ପ୍ରଦ୍ୟୁମ୍ନ ମହାଣା ପ୍ରମୁଖ ଉପସ୍ଥିତ ଥିଲେ । ଅନିଲ କୁମାର ଦୁଆନ, ଚିନ୍ମୟ ଚିନ୍ତନ ସାହୁ, ରଶ୍ମିରେଖା ପାଢ଼ୀ, ଦ୍ରୌପଦୀ ଖମାରୀ, ପ୍ରିୟାମ୍ବା ଭୋଇ, ମାନସି ପଣ୍ଡା, ରଶ୍ମିତା ମାଝୀ, ସସ୍ମିତା ପଧାନ ଯୋଗ ଦେଇଥିଲେ।



ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ୬୮୩ ଜଣ ଲର୍ନିଂ ଲାଇସେନ୍ସ ନେଲେ

**ଧମା, ୧୭।୧୧ (ଡି.ଏନ.ଏ.)**

ଝାଡେଶ୍ୱରୀ କଲେଜରେ ଦୁଇ ଦିନ ଧରି ଲର୍ନିଂ ଲାଇସେନ୍ସ ଶିବିର ଆୟୋଜିତ ହୋଇଯାଇଛି। ସମ୍ବଲପୁର ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏହି ଶିବିରରେ ୧୦୨ ଜଣ ଛାତ୍ରୀଛାତ୍ରଙ୍କ ସମେତ ସମୁଦାୟ ୬୮୩ ଜଣଙ୍କୁ ଲର୍ନିଂ ଲାଇସେନ୍ସ ପ୍ରଦାନ କରାଯାଇଛି। ଶିବିରକୁ ସମ୍ବଲପୁର ଆଞ୍ଚଳିକ ପରିବହନ ଅଧିକାରୀ ଲଳିତମୋହନ ବେହେରା, ମହାବିଦ୍ୟାଳୟର ଯୁକ୍ତ ୨ ଅଧ୍ୟକ୍ଷ ଅଶୋକକୁମାର ପୁରୋହିତ, ଯୁକ୍ତ ୩ ଅଧ୍ୟକ୍ଷ ଅନୀଲ ପ୍ରଧାନ ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ । ସମ୍ବଲପୁର ଆରଟିଓ ଅଫିସରେ ଲାଇସେନ୍ସ ପାଇଁ ହେଉଥିବା ଭିଡକୁ ଦୃଷ୍ଟିରେ ରଖି ଆୟୋଜିତ ହୋଇଥିବା ଏହି ଶିବିରରେ ଛାତ୍ରୀଛାତ୍ର ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଲାଇସେନ୍ସ ନେବା ପାଇଁ ସୁବିଧା ହୋଇଥିଲା । ଏହି ଶିବିରରେ ଲାଇସେନ୍ସ ପ୍ରଦାନ ସହ ଜନସାଧାରଣଙ୍କୁ ସଚେତନତା ପୁସ୍ତିକା ବଣ୍ଟନ କରାଯିବା ସହ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଯାନର ପ୍ରଦୂଷଣ ଯାଞ୍ଚ କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ସ୍ୱାଗତ ଶତପଥୀଙ୍କ ତତ୍ତ୍ୱାବଧାନରେ କବିଶ ଅଗସ୍ତି, ଅକ୍ଷୟ ପାମୀ, ସୁମିତା ପୁହାଣ, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ବିଜୟ ଦେହୁରୀ, ସୂର୍ଯ୍ୟନାରାୟଣ ସାହୁ, ବିଜୟ କୁମାର ବାଦୀ, ସନ୍ତୋଷ ଚୁରା, କମଳଲୋଚନଘୁଟା ଓ ମହାବିଦ୍ୟାଳୟ ତରଫରୁ ରବୀନ୍ଦ୍ରନାରାୟଣ ଠାକୁର, ରବିଶଙ୍କର ହୋତା, ସଞ୍ଜୟ ସାହୁ, ନିର୍ମଳ ତ୍ରିପାଠୀ, ଦିଲୀପ କୁମାର ଗୁରୁ, ଚୈତନ୍ୟ ସେନାପତି, ରତନ ଲୁହୁରା, ଯଦୁମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବାକ୍, ଶ୍ରବଣବାଧିତ ପିଲା, ଅଭିଭାବକଙ୍କୁ ତାଲିମ

**ସମ୍ବଲପୁର/ନାକଟିଦେଉଳ, ୧୭।୧୧ (ବ୍ୟୁରୋ/ ଡ଼ି.ଏନ.ଏ.)**

ବୁଢ଼ାରଜା ହାଇସ୍କୁଲ ସମ୍ମିଳନୀ କକ୍ଷରେ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ବାକ, ଶ୍ରବଣ ବାଧିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ପିଲାମାନଙ୍କ ମାନସିକ ବିକାଶ ପାଇଁ ଅଭିଭାବକମାନେ କିପରି କାମ କରିବେ ସେ ନେଇ ଆଲୋଚନା ହୋଇଥିଲା । ଦିବ୍ୟାଙ୍ଗ ଶିଶୁଙ୍କ ଭାଷାର ଉନ୍ନତି, ଭାରତୀୟ ସାଂକେତିକ, ଭାଷା ଶ୍ରବଣ ଯନ୍ତ୍ରର ବ୍ୟବହାର ଓ ଏହାର ଯତ୍ନ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଧନକଉଡା ବିଇଓ ମୂରଲୀଧର ବେହେରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ନପୂର୍ଣ୍ଣା ଦାଶ, ପ୍ରଭାତୀ ମିଶ୍ର, ପୂଜାର୍ଚ୍ଚନା ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ ତିନି ଦିନ ଧରି ସର୍ବଶିକ୍ଷା ଅଭିଯାନ ପକ୍ଷରୁ ବାକ୍ ଓ ଶ୍ରବଣ ବାଧିତ ଦିବ୍ୟାଙ୍ଗ ପିଲାମାନଙ୍କୁ ବିଶେଷ ପ୍ରକାରେ ଶିକ୍ଷା ପ୍ରଦାନ ଏବଂ ତାଙ୍କ ମାନସିକ ବିକାଶ ପାଇଁ ଅଭିଭାବକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଉଦ୍‌ଘାଟନ କରିଥିଲେ । ବାକ୍ ଏବଂ ଶ୍ରବଣ ବାଧିତ ପିଲାମାନଙ୍କର ବାଣୀ ଏବଂ ଭାଷାର ବିକାଶ ହୋଇପାରିଲେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ବିଇଓ ମତବ୍ୟକ୍ତ କରିଥିଲେ । ବିଆରପି ଈଶ୍ୱର ଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ପଦ୍ମିନୀ ପ୍ରଧାନ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ । ଏଥିରେ ୨୫ଜଣ ପିଲା ଏବଂ ୨୫ଜଣ ଅଭିଭାବକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ ଏହି ଶିବିରକୁ ପରିଚାଳନା କରିଥିଲେ । ସମସ୍ତ ସିଆରସିସି ଏବଂ ଆଇଭିମାନେ ଏଥିରେ ସହଯୋଗ କରିଥିଲେ।

ଶିଶୁବିଦ୍ୟା ମନ୍ଦିର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡା ସମାରୋହ

## ୯ ସ୍କୁଲର ୧୬୪ ଛାତ୍ରୀଛାତ୍ର, ୫୨ ଇଭେଣ୍ଟ

**ରେଢାଖୋଲ,୧୭।୧୧ (ଡି.ଏନ.ଏ.)**

ରେଢାଖୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖେଳପଡିଆରେ ରବିବାର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି କ୍ରୀଡା ସମାରୋହରେ ସଙ୍କୁଳ ଅଧୀନ ୯ଟି ବିଦ୍ୟାଳୟର ୧୬୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିଶୁ, ବାଲ୍ ଓ କିଶୋର ବର୍ଗରେ ୩ଟି ଦଳ ଗଠନ କରାଯାଇଥିଲା। ୫୨ଟି ଇଭେଣ୍ଟ ହୋଇଥିଲଶ। ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିା ଛାତ୍ରୀଛାତ୍ର ସମ୍ଭାଗସ୍ତରୀୟ କ୍ରୀଡା ଉତ୍ସବକୁ ମନୋନିତ ହୋଇଛନ୍ତି। ସଙ୍କୁଳ ଶାରୀରିକ ପ୍ରମୁଖ ସୁବାସ ପ୍ରଧାନ କ୍ରୀଡା ମହୋତ୍ସବକୁ ପରିଚାଳନା କରିଥିଲେ। ବିଭିନ୍ନ ଶିଶୁ ମନ୍ଦିରରୁ ଆସିଥିବା ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ। ଏହି କ୍ରୀଡା ସମାରୋହକୁ ରେଢାଖୋଲ ଥାନା ସବ୍ ଇନ୍ସପେକ୍ଟର ସୌଭାଗ୍ୟବାଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭ୍ୟ ତଥା ଆଇନଜୀବୀ ସୁଜିତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସମ୍ପାଦକ ବୀରବର ସାହୁ ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଯୋଗ ଦେଇ କୃତୀ କ୍ରୀଡାବିତଙ୍କୁ ପୁରସ୍କାର ବିତରଣ କରିଥିଲେ। ପରିଚାଳନା କମିଟିର ସଭାପତି ଗଣପତି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ସଙ୍କୁଳ ସଂଯୋଜକ ଦିଲ୍ଲୀପ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦେବରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ସମାରୋହରେ ମଞ୍ଚାସୀନ ଅତିଥି।

## ଚାଇଲ୍ଡ ଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ

**ବାମରା/ ଜମନକିରା, ୧୭।୧୧ (ଡି.ଏନ.ଏ)**

ବାମରା ଟ୍ରଷ୍ଟଫଣ୍ଡ ଯୁକ୍ତ ୨ ଉଚ୍ଚ ବିଦ୍ୟାଳୟଠାରେ ଚାଇଲ୍ଡ ଲାଇନ ସେ ଦୋସ୍ତି ସପ୍ତାହର ତୃତୀୟ ଦିବସ ପାଳିତ ହୋଇଛି। ଗୋବିନ୍ଦପୁର ଥାନାର କର୍ମଚାରୀ ଥୋମାସ କେର୍କେଟା, ବାମରା କଲେଜର ଅଧ୍ୟାପକ ପ୍ରଫୁଲ୍ଲ ସାହୁ, ହରେକୃଷ୍ଣ ମାଝି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚାଇଲ୍ଡ ଲାଇନ୍ ସବ୍‌ସେଣ୍ଟର କୁଚିଣ୍ଡାର ଟିମ୍ ମେମ୍ବର ଶ୍ୱେତାଙ୍ଗିନୀ ବାରିକ ବାଲ୍ୟବିବାହ, ଶିଶୁ ଶ୍ରମିକ, ନିଖୋଜ ଶିଶୁ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବିଷୟରେ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ବାମରା ବ୍ଲକର ଭାଗୀରଥି ବିଦ୍ୟାଳୟର ସମ୍ମୁଖରେ ଚାଇଲ୍ଡ ଲାଇନର ଏକ ଷ୍ଟଲ ଲଗାଯାଇଥିଲା ।

ଏହି ଷ୍ଟଲକୁ ମନୋଜ କୁମାର ରାଜ ଉଦ୍‌ଘାଟନ କରିଥିଲେ। ଟିମ୍ ମେମ୍ବର ସରୋଜ ପୃଷେଠ, ଜ୍ୟୋତି ସାମାଦ, ଶୁଭମ ସାହୁ, ରିଙ୍କୁ କୁସୁମ, ନିଳିମା ଛୁଟି ସହଯୋଗ କରିଥିଲେ। ସେହିଭଳି ଜମନକିରା ବ୍ଲକ୍ ତବଲାକଟାରେ ମଧ ସ୍ୱାମୀ ବିବେକାନନ୍ଦ ଶିଶୁ ସଂଘ ପକ୍ଷରୁ ଚାଇଲ୍ଡଲାଇନ୍ ସେ ଦୋସ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଗୌରୀ ବାରିକ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥିଭାବେ ଶିବାଞ୍ଜଳୀ ଠାକୁର, ବିମଳା ମାଝୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଟିମ୍‌ଲିଡ଼ର ତୃପ୍ତି ଦାଶ ପରିଚାଳନା କରିଥିବା ବେଳେ ଚାଇଲ୍ଡଲାଇନ୍ ସଭ୍ୟା ସ୍ୱେତାଙ୍ଗିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଚାଇଲ୍ଡଲାଇନ ସେ ଦୋସ୍ତିକୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ସ୍ୱାମୀ ବିବେକାନନ୍ଦ ଶିଶୁ ସଂଘର କର୍ମକର୍ତ୍ତାଙ୍କ ସହ ଗ୍ରାମର ବାଳିକା ଓ ବାଳକ ସାମିଲ ହୋଇ ବ୍ୟାନର, ପ୍ଲାକାର୍ଡ଼ ମାଧ୍ୟମରେ ଲୋକଙ୍କୁ ବାଲ୍ୟ ବିବାହ, କନ୍ୟାଭ୍ରୂଣ ହତ୍ୟା, ଯୁବତୀ ଚାଲାଣ ଏବଂ ଶିଶୁ ଶ୍ରମିକ ସମସ୍ୟା ନେଇ ସଚେତନ କରିଥିଲେ।



ଚାଇଲ୍ଡ ଲାଇନ ସେ ଦୋସ୍ତି କାର୍ଯ୍ୟକ୍ରମ ଅବସରରେ ସଚେତନତା ଲାଗି ଷ୍ଟଲ ଖୋଲାଯାଇଛି।



ଭାରତୀୟ ପରିବାର ବ୍ୟବସ୍ଥା ସମାଜରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଆଡ଼କୁ ଏକ ପଥ ବୋଲି ସାରା ବିଶ୍ୱର ଲୋକେ ହୃଦୟଙ୍ଗମ କରିଛନ୍ତି।

-ଏମ୍. ଭେଙ୍କାୟା ନାଇଡୁ,
ଉପରାଷ୍ଟ୍ରପତି

# ଲାଲା ଲଜପତରାୟଙ୍କ ବଳିଦାନ ଅବିସ୍ମରଣୀୟ

**ସମ୍ବଲପୁର, ୧୭।୧୧ (ବ୍ୟୁରୋ)**

ଲାଲା ଲଜପତ ରାୟ ଏକାଧାରରେ ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାପ୍ରେମୀ ଓ ଦକ୍ଷ ଆଇନଜ୍ଞ ଥିଲେ। ତାଙ୍କର ବୈପ୍ଲବିକ ନେତୃତ୍ୱ ଓ ଉଚ୍ଚକୋଟିର ବିଚାରଧାରା ଅତ୍ୟନ୍ତ ପ୍ରେରଣାଦାୟୀ ଥିଲା। ସେ ଜୀବନବ୍ୟାପୀ ଇଂରେଜଙ୍କ ବିରୋଧରେ ସଂଗ୍ରାମ କରିଥିଲେ। ଶେଷରେ ସାଇମନ କମିଶନକୁ ବିରୋଧ କଲା ବେଳେ ଲାଠି ପ୍ରହାରରେ ତାଙ୍କ ମୃତ୍ୟୁ ହୋଇଥିଲା। ରବିବାର ଆଇନ କଲେଜ ସଭା କକ୍ଷରେ ଆୟୋଜିତ ବଳିଦାନ ଦିବସରେ ବକ୍ତାମାନେ ଏହା କହିଛନ୍ତି। କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା।




ରବିବାର ସମ୍ବଲପୁର ଆଇନ କଲେଜଠାରେ ଆୟୋଜିତ ବଳିଦାନ ଦିବସରେ ଅଧ୍ୟକ୍ଷ ବିଜୟାନନ୍ଦ ବେହେରା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା, ସମ୍ବଲପୁର ଭାରତୀୟ ପ୍ରବନ୍ଧନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ରଘୁନାଥ ମିଶ୍ର ସମ୍ମାନିତ ଅତିଥି ଥିଲେ । ଛାତ୍ରୀ ରତୁପର୍ଣ୍ଣା ଦାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ଅଧ୍ୟାପକ ଡ. ବିକ୍ରମ କୁମାର ଦାସ ପ୍ରାରମ୍ଭିକ ସୂଚନା ଓ ସହକାରୀ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରସାର ଭାରତୀର ପୂର୍ବତନ ଉପମହାନିର୍ଦ୍ଦେଶକ ଅଭୟ ପାଢ଼ୀ, ମଧୁସୂଦନ ଆଇନ କଲେଜ ଅଧ୍ୟକ୍ଷ ଡ. ସୁକାନ୍ତ ନନ୍ଦ, ପ୍ରଫେସର ଗିରିଜା ଶଙ୍କର ଶର୍ମା ଯୋଗ ଦେଇ ସମ୍ମାନର ପ୍ରତିଭାଗୀମାନଙ୍କ ସହ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ଦୀପ୍ତିରେଖା ଦାସ, ଶ୍ୱେତା ଚକ୍ରବର୍ତ୍ତି, ବିବେସ୍ମିତା ନାଏକ ଓ ଅଭିଷେକ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ସଂକ୍ଷେପରେ

### ବୁର୍ଲା ହାଇସ୍କୁଲ ପୁରାତନ ଛାତ୍ର ସଂସଦ ବୈଠକ

ଚିପିଲିମା, ୧୭।୧୧ (ଡି.ଏନ.ଏ)- ସ୍ଥାନୀୟ ରୋଟାରୀ କ୍ଲବ ପ୍ରାଙ୍ଗଣରେ ରବିବାର ବୁର୍ଲା ସରକାରୀ ହାଇସ୍କୁଲର ପୁରାତନ ଛାତ୍ର ସଂସଦର ଏକ ବୈଠକ ସଭାପତି ଇଂ. ସୁରେନ୍ଦ୍ର ସିଂ କାବଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କଲାପରେ ଉପସ୍ଥିତ ସଭ୍ୟମାନେ ନିଜ ନିଜ ମତାମତ ପ୍ରଦାନ କରି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଦିଗରେ ସମସ୍ତେ ଯତ୍ନବାନ ରହିବାକୁ ସଂକଳ୍ପ କରିଥିଲେ । ଆଗାମୀ ଡିସେମ୍ବର ୧୫ତାରିଖ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବନ୍ଧୁମିଳନ କାର୍ଯ୍ୟକ୍ରମ ସହ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯିବ । ସରକାରଙ୍କର ମୋ ସ୍କୁଲ ଅଭିଯାନକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ । ପୂର୍ବତନ ସଭାପତି ପ୍ରଫେସର ଡ. ବିଜୟକ୍ରିଷ୍ଣା ତ୍ରିପାଠୀ, ଉପସଭାପତି ରାଜକିଶୋର ଜାଜୋଡିଆ, ସହସମ୍ପାଦକ ରଶ୍ମିରଞ୍ଜନ ଶତପଥୀ, ବରିଷ୍ଠ ସଭ୍ୟ ଇଂ. ବିଜୟ ଦାଶ, ଇଂ. ବସନ୍ତ ପଣ୍ଡା, ରବୀନ୍ଦ୍ର ନାୟକ, ସନ୍ତୋଷ ପଣ୍ଡା, ଶରତ ବାରିକ, ଇଂ. ନିକୁଞ୍ଜ ନାୟକ, ଇଂ. ବିଭୂତି ପଣ୍ଡା ପ୍ରମୁକ ମଞ୍ଚାସୀନ ଥିଲେ । ହରିଶ ଚନ୍ଦ୍ର ବାଲି, ସୁରେଶ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପିନାଥ ସେଠି, ଗୋପିନାଥ ବଡପଣ୍ଡା, ଦୀପ୍ତିକାନ୍ତ ଠାକୁର, ମନୋଜ କୁମାର ନନ୍ଦ, ଦୋଳଗୋବିନ୍ଦ ସେନାପତି, ସଦାନନ୍ଦ ପଟ୍ଟନାୟକ, ଅର୍ଜୁନ ମେହେର, ଶିବଶଙ୍କର ପ୍ରଧାନ, ପ୍ରତାପ ପଣ୍ଡା, ପ୍ରଦୀପ କୁମାର ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଇଂ. ପ୍ରଭଞ୍ଜନ ବେହେରା, ଜନାର୍ଦ୍ଦନ ନାୟକ, ତ୍ରିନାଥ ବେହେରା, ହୃଷିକେଶ ପଣ୍ଡା, ହରମୋହନ ସିଂ, ତାପସରଞ୍ଜନ ମହାନ୍ତି, ନିହାର ରଞ୍ଜନ ଦାଶ, ରାମଅବତାର ଅଗ୍ରୱାଲ, ସୁନୀଲ କୁମାର ମିଶ୍ର, ପିଭି ରମନ ପ୍ରମୁଖ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

### ସହରାଞ୍ଚଳ କୁଷ୍ଠରୋଗ ଚିହ୍ନଟ ଅଭିଯାନ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୧୭।୧୧ (ବ୍ୟୁରୋ)- ସମ୍ବଲପୁରଙ୍କ ଜିଲାପାଳ ଅଫିସ ସର୍ବଶିକ୍ଷା ଅଭିଯାନ ବିଭାଗ ସମ୍ମିଳନୀ କକ୍ଷରେ କୁଷ୍ଠରୋଗ ଚିହ୍ନଟ ଅଭିଯାନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ସହରାଞ୍ଚଳ ସମସ୍ତ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ ବାର୍ତ୍ତା ଦେବା, ଏହାସହ ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀଙ୍କ ସହଯୋଗ ନେଇ ପଡା ଗୁଡିକରେ ଏହି ରୋଗ ଚିହ୍ନଟ ଓ କିଭଳି ଭାବେ ନିରାକରଣ ହୋଇପାରିବ ସେ ଦିଗରେ ସଚେତନ କରାଇବା ପାଇଁ ସହଯୋଗ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଏଡିଏମ୍ଓ ଡା. ପଞ୍ଚାନନ ନାୟକ, ଡା. ହରପ୍ରସାଦ ପ୍ରଧାନ, ଡା. ମୌସୁମୀ ମିଶ୍ର, ଡିପିଏମ ଗୁରୁଦତ୍ତ ପୁରୋହିତ, ସିପିଏମ ଅଶ୍ୱିନୀ ମହାନନ୍ଦ, ଡିଏମସିଏଚ ଯଶୋବନ୍ତ ହୋତା, ପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ। ରେଢ଼ାଖୋଲ, କୁଚିଣ୍ଡା ଏନଏସି ଓ ସମ୍ବଲପୁର ମହାନଗର ନିଗମରେ ମୋଟ ୩୨୭ ଜଣ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ, ୪୮ ଜଣ ସ୍ୱାସ୍ଥ୍ୟ କର୍ମୀ, ୧୦ ଜଣ ଡାକ୍ତର, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏହି ସଚେତନ କାର୍ଯ୍ୟକ୍ରମରେ ସହଯୋଗ କରିବେ । ନଭେମ୍ବର ୧୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ସୂଚନା ଦିଆଯାଇଛି।

## ଡାହାଣୀ ସନ୍ଦେହରେ ମହିଳାଙ୍କୁ ବାନ୍ଧି ପିଟିବା ଘଟଣା ସମସ୍ୟା ସମାଧାନ ହେଲା

**ବାମରା, ୧୭।୧୧ (ଡି.ଏନ.ଏ.)**

ବାମରା ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଖୋକୋପଡାର ଜଣେ ମହିଳାଙ୍କୁ ଡାହାଣୀ ସନ୍ଦେହରେ ମାଡପିଟ ଘଟଣାକୁ ନେଇ ଗାଁରେ ସଭା ବସିବା ପରେ ସମାଧାନ ହୋଇଛି। ନାଏବ ସରପଞ୍ଚ ବିମଳ ଲାକ୍ରାଙ୍କ ସଭାପତିତ୍ୱରେ ପରମେଶ୍ୱର ପିଙ୍ଗ, ଶ୍ରୀକର କିସାନ, ମନସୀ ଛତ୍ରିଆଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସମାଧାନ ପାଇଁ ଉଦ୍ୟମ କରିଥିଲେ। ମହିଳାଙ୍କୁ ମାଡ ମାରିଥିବା ତିନି ଅଭିଯୁକ୍ତ ସଭାରେ ନିଜ ନିଜ ଭୁଲ୍ ବୁଝି ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲେ। ଏମାନଙ୍କୁ ଅର୍ଥଦଣ୍ଡ ଦିଆଯାଇଛି। ଏହା ସହ ଏକ ଭୋଜି ଆୟୋଜନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ମଧ୍ୟ କୁହାଯାଇଛି। ଶେଷରେ ଏହି ବିବାଦ ସମାଧାନ ହୋଇଛି।

## ଭିଏସଏସ କ୍ଲବ ପକ୍ଷରୁ ବିର୍ସାମୁଣ୍ଡା ଜୟନ୍ତୀ

**ସମ୍ବଲପୁର, ୧୭।୧୧ (ବ୍ୟୁରୋ)**

ଭିଏସଏସ କ୍ଲବ ପକ୍ଷରୁ ୧୪୪ତମ ବୀର ବିର୍ସାମୁଣ୍ଡା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି, ଅମ୍ବିରା ସୋସିଓ ଟ୍ରଷ୍ଟ ସଭାପତି ଜୟଲାଲ ବେହେରା, ଭାଜପା ନେତା ଗିରିଶ ପଟେଲ, ଭାଜପା ଯୁବ ସମ୍ପାଦକ ଅଶ୍ୱିନୀ କୁମାର ମାଝୀ, ମଣ୍ଡଳ ସଭାପତି ଗିରିଜା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାଯର୍ୟକ୍ରମ ହୋଇଥିଲା । ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ, ଯୁବତୀ, ଯୁବକ ସାମିଲ ହୋଇ ବିର୍ସାମୁଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।




ଭିଏସଏସ କ୍ଲବ ପକ୍ଷରୁ ବୀର ବିର୍ସାମୁଣ୍ଡା ଜୟନ୍ତୀରେ ଅତିଥିମାନେ।

## ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂକୁଳସ୍ତରୀୟ ବିଦ୍ୱଦ୍ ପରିଷଦ ଆଲୋଚନା ଚକ୍ର

**ରେଙ୍ଗାଲି, ୧୭।୧୧ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ସରସ୍ୱତୀ ଶିଶୁ ମନ୍ଦିରଠାରେ ବୁର୍ଲା ସଂକୁଳ ସ୍ତରୀୟ ବିଦ୍ୱଦ୍ ପରିଷଦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ରବିବାର ଅନୁଷ୍ଠିତ ଏହି ସଂକୁଳସ୍ତରୀୟ ଆଲୋଚନା ଚକ୍ର ସଂକୁଳସ୍ଥ ୭ଟି ବିଦ୍ୟାଳୟ ଯଥା ବୁର୍ଲା, ହୀରାକୁଦ, ଗୋବିନ୍ଦପାଲି, ଲପଙ୍ଗା, ମାଝିପାଲି, ରେଙ୍ଗାଲି, କତରବଗା ବିଦ୍ୟାଳୟର ଗୁଣି, ଜ୍ଞାନି, ଅନୁଭବି, ସଂସ୍କାରକ ଶିକ୍ଷାବିତମାନଙ୍କୁ ନେଇ ସା ବିଦ୍ୟା ୟା ବିମୁକ୍ତେ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା । ଏହି ଆଲୋଚନା ଚକ୍ରରେ ସମାଜ ସେବକ ଶଶିଭୂଷଣ ସାହୁ, ଅବସରପ୍ରାପ୍ତ ଜିଲାଶିକ୍ଷା ନିର୍ଦ୍ଦେଶକ ବସନ୍ତ ନାଏକ, ବିଦ୍ୟାଳୟର ସଭାପତି ରାଜୀବ ମିଶ୍ର, ସଂକୁଳ ସଂଯୋଜକ ଦେବରାଜ ତ୍ରିପାଠୀ, ରାମକୃଷ୍ଣ ରଥ, କୃଷ୍ଣ କୁମାର ଗୁପ୍ତା ଓ ବିଭିନ୍ନ ବିଦ୍ୟାଳୟର ବିଦ୍ୱଦ ପରିଷଦର ସଦସ୍ୟ, ପ୍ରଧାନଆଚାର୍ଯ୍ୟ, ଆଚାର୍ଯ୍ୟା, ଗୁରୁମା, ଗୁରୁଜୀମାନେ ଉପସ୍ଥିତ ରହି ଆଭିମୁଖ୍ୟ ରଖିଥିଲେ। ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁମନ୍ତ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ । ବିଦ୍ୟାଳୟର ସମ୍ପାଦକ ସରୋଜ ବିଶୋଇ, ଗୁରୁମୀ ଦିଲୀପ ମହାଣା, ଧବଳେଶ୍ୱର ମାହାଣା, ନୂତନ ସାହୁ, ଜୁଲି ବିଶ୍ୱାଳ, ଆରତୀ ସାହୁ, ଅମୂଲ୍ୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବାମରା ପ୍ରସିଦ୍ଧ ମକରମେଳା ପାଇଁ କମିଟି ଗଠିତ

**ବାମରା, ୧୭।୧୧ (ଡି.ଏନ.ଏ.)**

ପ୍ରତିବର୍ଷ ଭଳି ଆସନ୍ତା ୨୦୨୦ ମସିହାର ବାମରା ପ୍ରସିଦ୍ଧ ମକର ମେଳା ପାଇଁ ଏକ କମିଟି ଗଠିତ ହୋଇଛି । ରବିବାର ଗୋବିନ୍ଦପୁର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ପରିଚାଳନା ସଭାର ସଭାପତି କ୍ୟାପ୍ଟେନ ଶଶିଭୂଷଣ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ଶତାଧିକ ଗ୍ରାମବାସୀ ଓ ପରିଚାଳନା ସଭାର କର୍ମକର୍ତ୍ତା ସାମିଲ ହୋଇଥିଲେ । ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମିତକ୍ରମେ ପ୍ରମୋଦ ନାୟକ ସଭାପତି, କୁମାର ଚନ୍ଦ୍ର ପଟେଲ ଓ ଅଶୋକ ପଣ୍ଡାଙ୍କୁ ଉପସଭାପତି, ସୁଶିଲ ନାୟକଙ୍କୁ ସାଧାରଣ ସମ୍ପାଦକ, ଜ୍ଞାନରଞ୍ଜନ ମହାନ୍ତି ଯୁଗ୍ମ ସମ୍ପାଦକ, ଲଳିତ ମହାପାତ୍ର କୋଷାଧ୍ୟକ୍ଷ ଓ ସଞ୍ଜୟ ଖଣ୍ଡେଲୱାଲଙ୍କୁ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି । ବାମରା ତହସିଲଦାର ଅନିଲ କୁଲୁ, ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣା, ଚାଷୀନେତା ଯୋଗବିହାରୀ ପରିଡା, ବିଷ୍ଣୁ ଦେବ ଶର୍ମା, ଉଦ୍ଧବ ମେହେର, କୈଳାଶ ରାଜ, ମିନା ନାଏକ, ରେବତୀ ନାଏକ, ପୁଷ୍ପଲତା ମେହେର, ସୁଧୀର ରାୟ, ଜଗଦୀଶ ପାଲଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ କନକଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ

# କୁଣ୍ଡାପିଠାକୁ ହରାଇ ପଡିଆବାହାଲ ଚାମ୍ପିୟନ

**ଦେବଗଡ଼, ୧୭।୧୧ (ଡି.ଏନ.ଏ.)**

ଦେବଗଡ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ମନୋରମା କ୍ଲବ ମଠସାହି ତରଫରୁ ଚତୁର୍ଥ ରାଜ୍ୟସ୍ତରୀୟ ମା' କନକ ଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଟୁର୍ନାମେଣ୍ଟରେ ଦେବଗଡ ସମେତ ପଡୋଶୀ ସମ୍ବଲପୁର ଓ ସୁନ୍ଦରଗଡ ଜିଲାର ବଛାବଛା ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ପଡିହାବାହାଲ ଏବଂ କୁଣ୍ଡାପିଠା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ କୁଣ୍ଡାପିଠାକୁ ହରାଇ ପଡିଆବାହାଲ ଚାମ୍ପିୟନ ହେଇଥିଲା। ଧିରେନ୍ଦ୍ର ନାୟକ, ପ୍ରଦୀପ ସାହୁ, ସୁଧିର ଦାସ, ପ୍ରଦୀପ ଛତ୍ରିଆ, ମନୋଜ ନାୟକ, ପ୍ରଦୀପ ବେହେରା, ରାଜନ ଝାଙ୍କର, ଦୀନ ମୁଣ୍ଡା ଖେଳ ପରିଚାଳନା କରିଥିଲେ। ବେଣୁଧର ଗଡନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁ, ସମ୍ମାନୀୟ ଅତିଥି ଜିଲା କ୍ରିକେଟ ସଂଘ ସମ୍ପାଦକ ଇଂ. ସୁଜିତ ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପୂର୍ବତନ ଫୁଟବଲ ଖେଳାଳି ମାର୍କେଣ୍ଡେଶ୍ୱର ଶତପଥୀ, ଶୁଶିଲ କୁମାର କର, କ୍ରୀଡା ସମ୍ପାଦକ ଧିରେନ୍ଦ୍ର ନାଏକ, ଶଙ୍କରଲାଲ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ପଡିଆବାହାଲ ଟିମକୁ ୧୧,୧୧୧ ଏବଂ ରନର୍ସ ଅପ କୁଣ୍ଡାପିଠାକୁ ୮,୮୮୮ ଟଙ୍କା ସହ ସିଲଡ ଓ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ପ୍ରଭାତ ନାୟକ, ମ୍ୟାନ ଅଫ ଦି ମ୍ୟାଚ ଲିଲେଶ ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୩୦୦୦ ମିଟର ୱାକିଙ୍ଗରେ ଜାତୀୟସ୍ତରରେ ଖେଳିଥିବା ଦେବଗଡ ମଠସାହିର ନିଶା ବାରିକ, ଏବଂ ପୂର୍ବତନ ଖେଳାଳି ଅରୁଣ ପ୍ରଧାନ, ସରଦ ବେହେରା, ଅଜିତ କୁମାର ନାୟକ, ପ୍ରଭାସ ଚନ୍ଦ୍ର ମିଶ୍ର, କିଶୋର ଦାସଙ୍କୁ କ୍ଲବ ପକ୍ଷରୁ ସ୍ୱତନ୍ତ୍ରଭାବେ ସମ୍ମାନୀତ କରାଯାଇଥିଲା । ଟୁର୍ନାମେଣ୍ଟ ଆୟୋଜନରେ କ୍ଲବର ପ୍ରଦୀପ ବେହେରା, ମନମୋହନ ସାହୁ, ରାଘବ ମହାରଣା, ରାଜା ଝାଙ୍କର, କିଶୋର ବେହେରା, ମଛିନ୍ଦ୍ର ନାୟକ, ଅନନ୍ତ ମେହେର, ନନ୍ଦ ମାଝୀ ପ୍ରମୁଖ ସହଯୋଗ କରିଥିଲେ ।




ଚାମ୍ପିୟନ ପଡିଆବାହାଲ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

## ଯୁଯୁମୁରା ବ୍ଲକକୁ ଆଇଟିଡିଏ ମାନ୍ୟତା ଦାବି

**ସମ୍ବଲପୁର, ୧୭।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ପଞ୍ଚାୟତ ରାଜୀବ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକକୁ ଆଟିଡିଏ ମାନ୍ୟତା ନେଲେ ଉନ୍ନୟନ ମୂଳକ କାମ ହୋଇ ପରିବ । ଆଦିବାସୀମାନଙ୍କୁ ଅଧିକ ସୁବିଧା ମିଳିବ ବୋଲି ମତ ପ୍ରକାଶ ପାଇଥିଲା। ବୀରସଂଗଡ ସରପଞ୍ଚ ଅଶ୍ୱିନୀ କୁମୁରା, ମହେନ୍ଦ୍ର ନାଏକ, ପ୍ରଫୁଲ ମିର୍ଦ୍ଧା, ସୁରେନ୍ଦ୍ର ଭୋଇ, ଅଶ୍ୱିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ବୁର୍ଲାରେ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର, ୧୭।୧୧ (ବ୍ୟୁରୋ)**

କଳା ଓ କଳାକାର ପକ୍ଷରୁ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତା ବୁର୍ଲା ଓଏଚପିସି ଅଫିସର୍ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୩ଶହ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝୀ, ଗୌରିଦାସ ପଣ୍ଡା, ସୁବାଷ ସାହୁ, ପୁରୁଷୋତ୍ତମ ସାହୁ, ଅନୁପମ ପ୍ରଧାନ, ଶଶାଙ୍କ ଶଙ୍କର ବାରିକ ପରିଚାଳନା କରିଥିଲେ।



ରବିବାର ବୁର୍ଲାଠାରେ ଆୟୋଜିତ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ।



ରବିବାର ସମ୍ବଲପୁର ବିରାଟ ଶିକ୍ଷାନୁଷ୍ଠାନ ପରିସରରେ ତୃତୀୟ ପର୍ଯ୍ୟାୟ ମେଧାବୃତ୍ତି ପରୀକ୍ଷା ଚାଲିଛି ।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

**ଦେବଗଡ, ୧୭।୧୧ (ଡ଼ି.ଏନ୍.ଏ.)**

ଦେବଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ରାହୁଲ ଗାନ୍ଧୀଙ୍କର କୁଶପୁତ୍ତଳିକା ଦାହ କରାଯାଇଛି। ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୁିତଆଙ୍କ ଅଧ୍ୟକ୍ଷତାରେ ଦୟା ଶଙ୍କର ଦ୍ୱିବେଦୀ, ଡ଼ୋଳାମଣି ସୁହୁଳା, ଅମ୍ଳାଶୁ ପୂଜାରୀ, ସତ୍ୟମ୍ ଝାଙ୍କର, ସ୍ୱୟଂ ନାୟକ, ସାଗର ସାହୁ, ନିଲେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ରହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ବିରୋଧରେ ନାରାବାଜି କରିଥିଲେ। ରାଫେଲ ଯୁଦ୍ଧ ବିମାନ କିଣା ପ୍ରସଙ୍ଗରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଶାଳୀନ ଶବ୍ଦ ପ୍ରୟୋଗ କରି ଦେଶବାସୀଙ୍କୁ ବିଭ୍ରାନ୍ତ କରିଥିବାରୁ ମୋର୍ଚ୍ଚା ବିକ୍ଷୋଦ୍‌ଗାର କରିଛି। ରାହୁଲ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ମୋର୍ଚ୍ଚା ଦାବି କରିଛି।




ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗୋପବନ୍ଧୁ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ବଲ୍ ବାଜି ଅଗରଙ୍କ ନାକ ଫାଟିଲା




**ଆଡିଲେଡ୍, ୧୭।୧୧:** ଅଷ୍ଟ୍ରେଲିଆର ବାମହାତୀ ସ୍ପିନର ଆଷ୍ଟନ ଅଗର ଘରୋଇ ଏକଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ 'ମାର୍ଶ ଏକଦିବସୀୟ କପ୍'ରେ ଖେଳୁଥିବାବେଳେ ଗୁରୁତର ଆଘାତ ପାଇଛନ୍ତି। ଫିଲ୍ଡିଂ କରୁଥିବା ସମୟରେ ବଲ୍ ସିଧାସଳଖ ତାଙ୍କ ନାକରେ ବାଜିବାରୁ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ୱେଷ୍ଟର୍ନ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅଗର ରବିବାର ସାଉଥ୍ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଖେଳୁଥିବାବେଳେ ଏହି ଅଘଟଣ ଘଟିଥିଲା। ଆଷ୍ଟନ ମିଡ୍-ଅନ୍‌ରେ ଫିଲ୍ଡିଂ କରୁଥିବାବେଳେ ସାଉଥ୍ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ତଥା ତାଙ୍କ ଭାଇ ୱେସ୍ ଅଗର ବ୍ୟାଟିଂ କରୁଥିଲେ। ଏହି ସମୟରେ ୱେସ୍‌ଙ୍କ ଏକ ଜୋର୍‌ଦାର ଶଟ୍‌କୁ କ୍ୟାଚ୍ ନେବା ପାଇଁ ପ୍ରୟାସ କରୁଥିବାବେଳେ ଆଷ୍ଟନଙ୍କ ପାଦ ଖସିଯାଇଥିଲା। ଫଳରେ ବଲ୍ ସିଧା ତାଙ୍କ ନାମରେ ମାଡ଼ ହୋଇଥିଲା। ଗୁରୁତର ଅବସ୍ଥାନରେ ଆଷ୍ଟନ ପଡ଼ିଆରେ ମୁହଁମାଡ଼ି ପଡ଼ିଯାଇଥିବାବେଳେ ସାଥୀ ଖେଳାଳି ଝେ ରିଚାର୍ଡସନ ମେଡିକାଲ ସହାୟତା ପାଇଁ ସିଗ୍‌ନାଲ ଦେଇଥିଲେ। ଏହାପରେ ମେଡିକାଲ ସପୋର୍ଟ ଷ୍ଟାଫ୍‌ଙ୍କ ସହାୟତାରେ ଆଷ୍ଟନ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଏହି ମ୍ୟାଚ୍‌ରେ ୱେଷ୍ଟର୍ନ ଅଷ୍ଟ୍ରେଲିଆ (୨୫୨/୧୦) ୬ ରନରେ ସାଉଥ୍ ଅଷ୍ଟ୍ରେଲିଆ (୨୪୬/୧୦)କୁ ପରାସ୍ତ କରିଥିଲା।

### କବିରାଜ ଭୁବନେଶ୍ୱର ଜିଲା ବଡିବିଲ୍ଡିଂ ଆସୋସିଏଶନ ସଭାପତି

ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି): ପୁରୁଣା ଭୁବନେଶ୍ୱରସ୍ଥିତ ବଡ଼ଲଗଡ଼ ବ୍ୟାୟାମଶାଳାରେ ଭୁବନେଶ୍ୱର ଜିଲା ବଡିବିଲ୍ଡିଂ ଆସୋସିଏଶନର ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କବିରାଜ ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ଆସୋସିଏଶନର ସଭାପତି ମନୋନୀତ କରାଯାଇଛି।



୨୦୨୦ ଫେବୃୟାରୀ ୭ରୁ ୯ ପର୍ଯ୍ୟନ୍ତ ରାଜ୍ୟ ସିନିୟର ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା 'ମିଷ୍ଟର ଓଡ଼ିଶା' ଏବଂ ପୂର୍ବାଞ୍ଚଳ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ୨ଟି ଯାକ ପ୍ରତିଯୋଗିତା ନୂଆ ସଭାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱର ବଡିବିଲ୍ଡିଂ ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି।

### ରାଜ୍ୟ ସ୍ନୁକର, ବିଲିୟାର୍ଡସ ଆଜିଠାରୁ

କଟକ ଅଫିସ,୧୭।୧୧: ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା (ବିଏସ୍‌ଏଓ) ଆନୁକୂଲ୍ୟରେ ୨୬ତମ ଅଲ ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଂ ଚାମ୍ପିୟନଶିପ କଟକ କ୍ଲବଠାରେ ସୋମବାରଠାରୁ ଆରମ୍ଭ ହେବ। ଉଭୟ ଜୁନିୟର ଓ ସିନିୟର ବର୍ଗରେ ହେବାକୁ ଥିବା ଏହି ପ୍ରତିଯୋଗିତା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର ଓ ପୁରୀର ପ୍ରତିଯୋଗୀ ଭାଗ ନେବେ। ସିନିୟର ସ୍ନୁକରରେ ୪୨ଜଣ, ସିନିୟର ବିଲିୟାର୍ଡସରେ ୧୦ଜଣ, ଜୁନିୟର ସ୍ନୁକରରେ ୨ଜଣ ଓ ଜୁନିୟର ବିଲିୟାର୍ଡସରେ ୨ଜଣ ଭାଗ ନେବା ପାଇଁ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଜୁନିୟର ସ୍ନୁକର, ଜୁନିୟର ବିଲିୟାର୍ଡସ ଓ ସିନିୟର ବିଲିୟାର୍ଡସର ଚାମ୍ପିୟନ, ରନର୍ସଅପ ପ୍ରତିଯୋଗୀ ଆସନ୍ତା ଜାତୀୟ ଚାମ୍ପିୟନଶିପ ନିମନ୍ତେ ଯୋଗ୍ୟତା ହାସଲ କରିବେ। ସିନିୟର ସ୍ନୁକରରେ ଚାମ୍ପିୟନ, ରନର୍ସଅପ ସମେତ ୩ୟ ର୍‍ୟାଙ୍କରେ ଥିବା ପ୍ରତିଯୋଗୀ ଜାତୀୟ ଚାମ୍ପିୟନଶିପରେ ଭାଗ ନେବାର ସୁଯୋଗ ପାଇବେ ବୋଲି ବିଏସ୍‌ଏଓର ସଂଯୋଜକ ଗୋବିନ୍ଦ ଶର୍ମା ସୂଚନା ଦେଇଛନ୍ତି।

---

> ଅନ୍ତର୍ଜାତୀୟ ଫୁଟ୍‌ବଲରୁ କେବେ ଅବସର ନେବି ମୁଁ ଏକାକୀ ନିଷ୍ପତ୍ତି ନେବି। ଅନ୍ୟ କେହି ଏଥିରେ ମୁଣ୍ଡ ଖେଳାଇବା ଆବଶ୍ୟକ ନାହିଁ।
> –କରିମ୍ ବେଞ୍ଜିମା, ରିୟଲ ମାଡ୍ରିଡ ଷ୍ଟ୍ରାଇକର



> ୟୁରୋ ୨୦୨୦ ପାଇଁ ଯୋଗ୍ୟତା ହାସଲ କରିଥିଲେ ମଧ୍ୟ ମଙ୍ଗଳବାର ନର୍ଦ୍ଦର୍ନ ଆଇଲାଣ୍ଡକୁ ପରାସ୍ତ କରି ଗ୍ରୁପ୍ ସି'ର ଶୀର୍ଷ ସ୍ଥାନ ଅଧିକାର ଆମର ଲକ୍ଷ୍ୟ।–ଜୋଚିମ୍ ଲୋ, ଜର୍ମାନୀ କୋଚ୍



# ଫ୍ଲଡ୍ ଲାଇଟ୍‌ରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ

ଇନ୍ଦୋର, ୧୭।୧୧(ପି.ଟି.)

କୋଲକାତାର ଇଡେନ ଗାର୍ଡେନରେ ହେବାକୁଥିବା ଦିବାରାତ୍ର କ୍ରିକେଟ ଟେଷ୍ଟକୁ ଦୃଷ୍ଟିରେ ରଖି ଭାରତୀୟ ଖେଳାଳିମାନେ ଏଠାରେ ଫ୍ଲଡ୍ ଲାଇଟ୍‌ରେ ଅଭ୍ୟାସ କରିଛନ୍ତି। ଅଧିନାୟକ ବିରାଟ କୋହଲି, ରୋହିତ ଶର୍ମା ଏବଂ ତିନି ପେସ୍ ବୋଲର(ମହମ୍ମଦ ସାମି, ଇଶାନ୍ତ ଶର୍ମା, ଉମେଶ ଯାଦବ)ଙ୍କୁ ବାଦ୍ ଦେଇ ଅନ୍ୟ ଖେଳାଳି ଏହି ଅଭ୍ୟାସ ସେସନରେ ଯୋଗ ଦେଇଛନ୍ତି। ସ୍ଥାନୀୟ ହୋଲ୍‌କାର ଷ୍ଟାଡିୟମରେ ବାଂଲାଦେଶର ୧୯ ଉଇକେଟ ମଧ୍ୟରୁ ୧୪ଟି ଉଇକେଟ ଏହି ତିନି ପେସ୍ ବୋଲର ହାସଲ କରିଥିଲେ। ଏହି ମ୍ୟାଚରେ ଭାରତ ଏକ ଇନିଂସ ୧୩୦ ରନରେ ବିଜୟ ହାସଲ କରିଥିଲା। ତେଣୁ କୋହଲି ଓ ରୋହିତଙ୍କ ସହିତ ଏହି ପେସ୍ ବୋଲରମାନଙ୍କୁ ବ୍ରେକ୍ ଦିଆ ଯାଇଛି। ଇଡେନ୍‌ରେ ଭାରତର ସର୍ବପ୍ରଥମ

#### ପିଙ୍କ୍ ବଲ ଟେଷ୍ଟ

ପିଙ୍କ୍ ବଲ୍ ଟେଷ୍ଟ ଚଳିତମାସ ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଥମ ଟେଷ୍ଟରେ ଦ୍ୱିଶତକ ହାସଲ କରିଥିବା ମୟଙ୍କ ଅଗ୍ରୱାଲ ଓ ଉଇକେଟ କିପର ଋଦ୍ଧିମାନ ଶାହ ମଧ୍ୟ ଟ୍ରେନିଂ ସେସନରେ ଉପସ୍ଥିତ ନ ଥିଲେ। ଚେତେଶ୍ୱର ପୂଜାରା, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଋଷଭ ପନ୍ତ, ହନୁମା ବିହାରି, ଶୁବମନ୍ ଗିଲ୍ ଓ କୁଲଦୀପ ଯାଦବ ଦୀର୍ଘ ସମୟ ଅଭ୍ୟାସ କରିଥିବା ପରିଲକ୍ଷିତ ହୋଇଥିଲା। ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ, ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ଓ ଫିଲ୍ଡିଂ କୋଚ୍ ଆର. ଶ୍ରୀଧରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ୭ ଖେଳାଳି ଅଭ୍ୟାସ କରିଥିଲେ।

ପ୍ରଥମ ଟେଷ୍ଟ ୩ ଦିନରେ ଶେଷ ହୋଇ ଯାଇଥିଲା। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଅଧିକ ସମୟ ମିଳିଥିବାରୁ ଭାରତୀୟ ଖେଳାଳିମାନେ ଏଠାରେ ଆଉ ୨ ଦିନ ରହି ଲାଇଟ୍‌ରେ ଅଭ୍ୟାସ କରୁଛନ୍ତି। କେବଳ ଭାରତୀୟ ଦଳ ନୁହେଁ ବାଂଲାଦେଶ ଦଳ ମଧ୍ୟ ସମୟର ସଦୁପଯୋଗ କରିଛି। ଭ୍ରମଣକାରୀ ଦଳର ଖେଳାଳିମାନେ ମଧ୍ୟ ଲାଇଟ୍‌ରେ ଟ୍ରେନିଂ ନେଇଛନ୍ତି। ଉଭୟ ଭାରତ ଓ ବାଂଲାଦେଶ ଦଳ ୧୯ ତାରିଖରେ କୋଲକାତା ଯାଇ ଇଡେନ ଗାଡେନ ଗ୍ରାଉଣ୍ଡରେ ୨ ଦିନ ଅଭ୍ୟାସ କରିବା କାର୍ଯ୍ୟକ୍ରମ ରହିଛି।






ପିଙ୍କ୍ ବଲ ଟେଷ୍ଟ ମ୍ୟାଚ ପାଇଁ ଅଫିସିଆଲ ମାସ୍କଟ୍ 'ପିଙ୍କୁ ଓ ଟିଙ୍କୁ'ଙ୍କ ସହ ଟିକେଟ୍ ପ୍ରଦର୍ଶନ କରୁଛନ୍ତି ସୌରଭ ଗାଙ୍ଗୁଲି । ଇଡେନ୍ ଗାର୍ଡେନରେ ପିଙ୍କ୍ ବଲ ଆକୃତିର ବେଲୁନ୍।

### ଫାଇଦାରେ ରହିବେ ଭାରତୀୟ ପେସ୍ ବୋଲର

କୋଲକାତା, ୧୭।୧୧ (ପି.ଟି.)

ଶୁକ୍ରବାର ଇଡେନଗାର୍ଡେନରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦିବାରାତ୍ର ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ପିଙ୍କ୍ ବଲ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଭାରତୀୟ ବୋଲରମାନେ ଅଧିକ ଫାଇଦାରେ ରହିବେ। ଏକଥା କହିଛନ୍ତି, ବାଂଲାଦେଶର ପୂର୍ବତନ ଅଧିନାୟକ ଅମିନୁଲ ଇସ୍‌ଲାମ। ବାଂଲାଦେଶର ପ୍ରଥମ ଟେଷ୍ଟ ଶତକ ହାସଲକାରୀ ଏପରିକି ଭାରତୀୟ ପେସ୍ ଆଟାକ୍‌କୁ ୧୯୭୦ ଏବଂ ୧୯୮୦ ଦଶକର ଦୁର୍ଦ୍ଦର୍ଷ ୱେଷ୍ଟଇଣ୍ଡିଆନ ଫାଷ୍ଟ ବୋଲରଙ୍କ ସହ ତୁଳନା କରିଛନ୍ତି। ମହମ୍ମଦ ଶାମି, ଇଶାନ୍ତ ଶର୍ମା ଏବଂ ଉମେଶ ଯାଦବଙ୍କ ପେସ୍ ବୋଲିଂରେ ବିଭିନ୍ନତା ଆଣିପାରୁଛନ୍ତି। ତେଣୁ ସେମାନେ ପିଙ୍କ୍ ବଲ୍‌ରୁ ଅଧିକ ଫାଇଦା ଉଠାଇବେ ବୋଲି ଇସ୍‌ଲାମ ତାଙ୍କର ଏକ ସାକ୍ଷାତ୍‌କାରରେ ଏକଥା ପ୍ରକାଶ କରିଛନ୍ତି।

### ମାସ୍କଟ୍ ଉନ୍ମୋଚିତ

କୋଲକାତା,୧୭।୧୧ (ପି.ଟି.)

ଭାରତର ପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟ ମ୍ୟାଚ ପାଇଁ କାଉଣ୍ଟଡାଉନ୍ ରବିବାରଠାରୁ ଆରମ୍ଭ ହୋଇଛି। ହର୍ଷ ଉଲ୍ଲାସର ସହରକୁ ଗୋଲାପୀ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ବହୁ ପ୍ରତିକ୍ଷୀତ ଇଭେଣ୍ଟର ଅଫିସିଆଲ ମାସ୍କଟ 'ପିଙ୍କୁ ଟିଙ୍କୁ'ର ଉନ୍ମୋଚନ କରିଛନ୍ତି। ଗାଙ୍ଗୁଲି ମ୍ୟାଚ ଟିକେଟ ସହ ପୋଜ୍ ଦେଇଛନ୍ତି। ବାଂଲାଦେଶ ବିପକ୍ଷ ଏହି ଐତିହାସିକ ଟେଷ୍ଟ ପୂର୍ବରୁ ଇଡେନଗାର୍ଡେନରେ ଏହି ମାସ୍କଟଟି କୁନି କୁନି ପିଲାଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଷ୍ଟାଡିୟମର ଆକାଶ ମାର୍ଗରେ ଏକ ବୃହତ୍‌କାୟ ବେଲୁନ ଶୋଭା ପାଉଛି। ଭାରତ–ବାଂଲାଦେଶ ଟେଷ୍ଟ ମ୍ୟାଚ ଶେଷ ହେବା ପର୍ଯ୍ୟନ୍ତ ଏହି ବେଲୁନ୍‌ଟି ରହିବ। ସହରର ସବୁଠାରୁ ଉଚ୍ଚ ଅଟ୍ଟାଳିକା ଶହିଦ ମିନାର '୪୨' ଏବଂ କୋଲକାତା ମ୍ୟୁନିସିପାଲିଟି କର୍ପୋରେଶନର କେତୋଟି ପାର୍କକୁ ଗୋଲାପୀ ଆଲୋକରେ ସଜ୍ଜା ଯାଇଛି। ହୁଗ୍‌ଲୀ ନଦୀରେ ଚଳପ୍ରଚଳ କରୁଥିବା ଏକ ଡଙ୍ଗାରେ ଏକ ଆଲୋକିତ ଗୋଲାପୀ ବଲ ଶୋଭା ପାଉଛି। ଏହି ଡଙ୍ଗା ମ୍ୟାଚ ଆରମ୍ଭ ଅର୍ଥାତ ନଭେମ୍ବର ୨୨ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ଆଇକନିକ ହାୱଡ଼ା ଏବଂ ବିଦ୍ୟାସାଗର ସେତୁ ମଧ୍ୟରେ ଯିବା ଆସିବା କରିବ। ନଭେମ୍ବର ୨୦ରୁ ଟାଟା ଷ୍ଟିଲ ବିଲଡିଂରେ ଥ୍ରିଡି ମ୍ୟାପିଂ ଶୋଭାପାଇବ। ମେଜର୍ସ କ୍ଲବ ଗୋଲାପୀ ଆଲୋକମାଳାରେ ସଜ୍ଜିତ ହୋଇଛି। ଅନ୍ୟ କେତେକ ଏହି ଯୋଜନାରେ ନିଜକୁ ସାମିଲ କରିଛନ୍ତି। ଏହାଛଡ଼ା ସୋମବାରଠାରୁ ସମଗ୍ର ସହରରେ ବିଲ୍‌ବୋର୍ଡ, ୬ଟି ଏଲ୍‌ଇଡି ବୋର୍ଡ ଏବଂ କେତେକ ବସ୍ ଜରିଆରେ ଟେଷ୍ଟ କ୍ରିକେଟ ପ୍ରତି ଆଗ୍ରହ ଏବଂ ସଚେତନତା ସୃଷ୍ଟି କରାଯିବ। ଇଡେନଗାର୍ଡେନ ଭିତରପଟ ପାଚେରୀରେ କ୍ରିକେଟ ଖେଳ ସମ୍ପର୍କିତ ଚିତ୍ର ସ୍ଥାନ ପାଇବ। ଏଥିପାଇଁ ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ସ୍ଥାନୀୟ କ୍ରେଓକ୍ରାଫ୍ଟ ନାମକ ଏକ ଏଜେନ୍ସିର ସହାୟତା ନେଇଛି। ୨୦ ଜଣ ଚିତ୍ର ଶିଳ୍ପୀ ଦିନରାତି ଲାଗିପଡ଼ିଛନ୍ତି।

## ସାମି, ଅଗ୍ରୱାଲଙ୍କୁ ଶ୍ରେଷ୍ଠ ମାନ୍ୟତା

ଦୁବାଇ,୧୭।୧୧ (ପି.ଟି.)

#### ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ଓ ଓପନର ମୟଙ୍କ ଅଗ୍ରୱାଲ କ୍ୟାରିୟର ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ଏକ ଇନିଂସ ଓ ୧୩୦ ରନ୍‌ରେ ବିଜୟ ହାସଲ କରିବା ପରେ ରବିବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଖେଳାଳିମାନେ ଉନ୍ନତି କରିଛନ୍ତି। ସାମି ପ୍ରଥମ ଓ ଦ୍ୱିତୀୟ ଇନିଂସରେ ଯଥାକ୍ରମେ ୩ ଓ ୪ ଉଇକେଟ୍ ହାସଲ କରି ୮ଟି ସ୍ଥାନ ଉପରକୁ ଉଠି ବୋଲିଂ ତାଲିକାର ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେ ତୃତୀୟ ଶ୍ରେଷ୍ଠ ଭାରତୀୟ ବୋଲର ଭାବେ ୭୯୦ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ତେବେ ପୂର୍ବରୁ କିମ୍ବଦନ୍ତୀ ବୋଲର କପିଳ ଦେବ ୮୭୭ ଓ ଯଶପ୍ରୀତ ବୁମ୍‌ରା ୮୩୨ ପଏଣ୍ଟ ପାଇଥିଲେ।

ସେହିପରି ୨୪୩ ରନର ଦ୍ୱିଶତକ ପାଳି ଖେଳିଥିବା ଅଗ୍ରୱାଲ ଉପରକୁ ଉଠି ୧୧ତମ ସ୍ଥାନ ଅଧିକାର କରିଛନ୍ତି। ୨୮ ବର୍ଷୀୟ ଅଗ୍ରୱାଲ ପ୍ରଥମ ୮ଟି ଟେଷ୍ଟରେ ୮୫୮ ରନ ସଂଗ୍ରହ କରି ୬୯୧ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ବିଶ୍ୱର କେବଳ ୭ଜଣ ବ୍ୟାଟ୍ସମ୍ୟାନ ପ୍ରଥମ ୮ଟି ଟେଷ୍ଟରେ ଅଗ୍ରୱାଲଙ୍କଠାରୁ ଅଧିକ ରନ ସଂଗ୍ରହ କରିଛନ୍ତି। ସେମାନେ ହେଲେ ଡନ୍ ବ୍ରାଡମ୍ୟାନ (୧୨୧୦), ଇଭର୍ଟନ ୱିକ୍ସ (୯୬୮), ସୁନୀଲ ଗାଭାସ୍କର (୯୩୮), ମାର୍ଟ ଟେଲର (୯୦୬), ଜର୍ଜ ହେଡଲୀ (୯୦୪), ଫ୍ରାଙ୍କ ୱରେଲ (୮୯୦) ଓ ହର୍ବଟ ସୁଟକ୍ଲିଫ୍ (୮୭୨)।

ସେହିପରି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୪ଟି ସ୍ଥାନ ଉପରକୁ ଉଠି ବ୍ୟାଟ୍ସମ୍ୟାନ ତାଲିକାର ଯୁଗ୍ମ ୩୫ତମ ସ୍ଥାନରେ ରହିଛନ୍ତି। ସେହିପରି ଦ୍ରୁତ ବୋଲର ଇଶାନ୍ତ ଶର୍ମା ଓ ଉମେଶ ଯାଦବ ଗୋଟିଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୨୦ ଓ ୨୨ତମ ସ୍ଥାନରେ ରହିଛନ୍ତି। ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ ତାଲିକାର ଶ୍ରେଷ୍ଠ ୧୦ତମ ସ୍ଥାନରେ ରହିଛନ୍ତି ଓ ଅଲରାଉଣ୍ଡର ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି।

ବାଂଲାଦେଶ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମୁସ୍‌ଫିକର ରହିମ ୫ଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାର ୩୦ତମ ସ୍ଥାନରେ ରହିଛନ୍ତି। ସେହିପରି ଲିଟନ ଦାସ ୯୨ରୁ ୮୬ତମ ସ୍ଥାନକୁ ଉନ୍ନତି କରିଛନ୍ତି। ବୋଲିଂରେ ଆବୁ ଜାଏଦ ୧୮ଟି ସ୍ଥାନ ଉପରକୁ ଉଠି ୬୨ତମ ସ୍ଥାନରେ ରହିଛନ୍ତି।

ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ତାଲିକାରେ ଭାରତ ୩୦୦ ପଏଣ୍ଟ ପାଇ ତା'ର ଶୀର୍ଷ ସ୍ଥାନକୁ ଆହୁରି ମଜଭୁତ କରିଛି। ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ୬୦ ଲେଖାଏ ପଏଣ୍ଟ ପାଇଛନ୍ତି। ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ଗୋଟିଏ ଲେଖାଏ ସିରିଜ ଖେଳିଥିଲେ ମଧ୍ୟ କୌଣସି ପଏଣ୍ଟ ପାଇନାହାନ୍ତି।

## ଲି'ଙ୍କୁ ଟାଇଟଲ

ହଂକଂ, ୧୭।୧୧ (ଏଏଫ୍‌ପି)

#### ହଂକଂ ଓପନ ବ୍ୟାଡ୍‌ମିଣ୍ଟନ

ସ୍ଥାନୀୟ ଫେଭରାଇଟ୍ ଲି ଚିଉକ୍ ୟୁ ହଂକଂ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଜିତିଛନ୍ତି। ରବିବାର ଅନୁଷ୍ଠିତ ରୋମାଞ୍ଚକ ଫାଇନାଲରେ ସେ ଇଣ୍ଡୋନେସିଆର ଆଣ୍ଟୋନୀ ଗିଣ୍ଟିଂଙ୍କୁ ୧୬–୨୧, ୨୧–୧୦, ୨୨–୧୦ରେ ହରାଇ ଦେଇଛନ୍ତି। ଫଳରେ ପ୍ରଥମ ଥର ସେ ଏକ ବଡ଼ ଟୁର୍ନାମେଣ୍ଟ ଜିତିବାରେ ସଫଳ ହୋଇଛନ୍ତି। ହଂକଂରେ ବର୍ତ୍ତମାନ ଗଣତନ୍ତ୍ର ସପକ୍ଷବାଦୀଙ୍କର ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ ଚାଲିଛି। ସହରରେ ଉତ୍ତେଜନା ମଧ୍ୟ ଦେଖାଦେଇଛି। ଫାଇନାଲ ମ୍ୟାଚ ପଲିଟେକ୍‌ନିକ୍ ୟୁନିଭର୍ସିଟି ନିକଟରେ ଥିବା ହଂକଂ କୋଲିଜିଅମ୍‌ଠାରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଜଣେ ବିକ୍ଷୋଭକାରୀଙ୍କ ତୀର ମାଡ଼ରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଲି' କ୍ୱାର୍ଟରଫାଇନାଲରେ ଏବଂ ସେମିଫାଇନାଲରେ ଯଥାକ୍ରମେ ଡେନମାର୍କର ଏକ୍ସେଲେସେନ ଏବଂ କିଡାମ୍ବି ଶ୍ରୀକାନ୍ତଙ୍କ ଭଳି ଖେଳାଳିଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିଲେ। ଅନ୍ୟପକ୍ଷରେ ଚାଇନାର ଚେନ୍ ୟୁଫେଇ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ରବିବାର ସଂଘର୍ଷପୂର୍ଣ୍ଣ ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ପୂର୍ବତନ ବିଶ୍ୱ ଚାମ୍ପିୟନ ଥାଇଲାଣ୍ଡର ରାଚାନକ୍ ଇଣ୍ଟାନନଙ୍କୁ ୨୧–୧୮, ୧୩–୨୧ ଏବଂ ୨୧–୧୩ରେ ପରାସ୍ତ କରିଛନ୍ତି। ଦକ୍ଷିଣ କୋରିଆର ଚେଇ ସୋଲ୍ ଗ୍ୟୁ ଓ ସିଓ ସେଅଙ୍ଗ୍ ଜେଇ ଇଣ୍ଡୋନେସିଆର ମହମ୍ମଦ ଅହସାନ ଏବଂ ହେଣ୍ଡ୍ରା ସେତିୱାନଙ୍କୁ ହରାଇ ମିକ୍ସଡ ଡବଲ୍ସ ଜିତିଛନ୍ତି। ସେହିପରି ଚାଇନାର ଚେନ୍ କ୍ୱିଙ୍ଗ୍‌ଚେନ୍ ଏବଂ ଜିଆ ୟିଫାନ ମହିଳା ଡବଲ୍ସ ଫାଇନାଲ ଜିତିଛନ୍ତି। ସେମାନେ ଚାଙ୍ଗ ୟି ନା ଏବଂ କିମ୍ ହାଇରିନ୍‌ଙ୍କୁ ପରାସ୍ତ କରିଛନ୍ତି।

### ଜାପାନ ପାରାବ୍ୟାଡ୍‌ମିଣ୍ଟନ ପ୍ରମୋଦଙ୍କୁ ରୌପ୍ୟ



ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି)

ଜାପାନ ପାରାବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ଏହାର ସିଙ୍ଗଲ୍ସ ଇଭେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ରୌପ୍ୟ ପଦକ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ପ୍ରମୋଦ ଇଂଲଣ୍ଡର ଡାନିଏଲ ବେଥେଲଙ୍କଠାରୁ ୧୬–୨୧, ୧୯–୨୧ ପଏଣ୍ଟରେ ହାରି ଯାଇଛନ୍ତି। ଏଥିରେ ବିଶ୍ୱର ୧୯୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ପ୍ରମୋଦ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତା ଜାପାନର ଟୋକିଓସ୍ଥିତ ୨୦୨୦ ପାରାଅଲିମ୍ପିକ୍ ଗେମ୍ ପାଇଁ ଉଦ୍ଦିଷ୍ଟ ଷ୍ଟାଡିୟମରେ ହୋଇଥିବାରୁ ପ୍ରମୋଦ ସେଠାକାର ପରିବେଶରେ ଖେଳିବାର ଅଭିଜ୍ଞତା ହାସଲ କରିଛନ୍ତି।

### ଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ

ଭୁବନେଶ୍ୱର, ୧୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଦ୍ୱାଦଶ ଜାତୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟର ଫାଇନାଲରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର ଦଳ ୩–୨ରେ ତାମିଲନାଡୁ କ୍ରୀଡ଼ା ଛାତ୍ରାବାସକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହିତ ସମସ୍ତ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି।

## ୧୭ ବର୍ଷରୁ କମ୍ ମହିଳା ଫୁଟବଲ

# ଲାୟନ୍ସେସ ଚାମ୍ପିୟନ

କଲ୍ୟାଣୀ, ୧୭।୧୧

ଏଠାରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଲାୟନ୍ସେସ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଏହି ଦଳ ଟାଇଗ୍ରେସେସକୁ ୭–୨ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଲିଣ୍ଡା କୋମ୍ ସେର୍ତୋ (୧୭ ଓ ୫୦ତମ ମିନିଟ), ସୁମତି କୁମାରୀ(୩୭ ଓ ୫୪) ୨ଟି ଲେଖାଏ ଏବଂ ପ୍ରିୟଙ୍କା ସୁଜେଶ(୧୮), ପ୍ରିୟଙ୍କା ଦେବୀ ନାରୋଇମ୍(୩୪) ଓ ସାଇ ଶାଙ୍ଗେ (୬୯) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିପକ୍ଷ ଦଳର ନିଶା ୭୬ ଓ କରେନ ଇଷ୍ଟ୍ରୋସିଓ ୮୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟରେ ମଧ୍ୟ ଟାଇଗ୍ରେସେସ ବିପକ୍ଷରେ ଭାରି ପଡ଼ିଥିଲା ଲାୟନ୍ସେସ। ସେତେବେଳେ ୪–୧ ଗୋଲରେ ବିଜୟୀ ହୋଇଥିବାବେଳେ ଫାଇନାଲରେ ପୂର୍ବ ଅପେକ୍ଷା ଉନ୍ନତ ପ୍ରଦର୍ଶନ କରିଥିଲା। ଲିଣ୍ଡା କୋମ୍ ଗୋଲ ସ୍କୋରିଂ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଲାୟନ୍ସେସ ୪–୦ ଗୋଲରେ ଅଗ୍ରଣୀ ରହି ପ୍ରତିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କରିଥିଲା। ପ୍ରିୟା ପି.ଭି.ଙ୍କ ପ୍ରଶିକ୍ଷଣପ୍ରାପ୍ତ ଟାଇଗ୍ରେସେସ ଶେଷଭାଗରେ କେତେକ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ ହେଁ ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ଅନ୍ୟପକ୍ଷରେ ଆଲେକ୍ସ ଆମ୍ବ୍ରୋସଙ୍କ ମାଷ୍ଟରମାଇଣ୍ଡ ଆଉ ଏକ ଟାଇଟଲ ବିଜୟରେ ସହାୟକ ହୋଇଛି। ତାଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ଗତ ଅକ୍ଟୋବରରେ ୧୫ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ଟାଇଟଲ ବିଜୟୀ ହୋଇଥିଲା। ୨୦୨୦ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଭାରତରେ ଅନୁଷ୍ଠିତ ହେବ। ସେହି ଟୁର୍ନାମେଣ୍ଟ ପାଇଁ ପ୍ରତିଭା ଅନୁସନ୍ଧାନ କରିବା ଲକ୍ଷ୍ୟରେ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପ୍ ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତା ସଫଳତାର ସହ ଶେଷ ହୋଇଥିବାବେଳେ ଅନେକ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ଠାବ କରାଯାଇ ପାରିଛି। ଚାମ୍ପିୟନ ଲାୟନ୍ସେସ ଦଳର ଷ୍ଟ୍ରାଇକର ଲିଣ୍ଡା କୋମ୍ ୬ଟି ଗୋଲ ଦେଇ ଟପ୍ ସ୍କୋରର ବିବେଚିତ ହୋଇଛନ୍ତି।



୧୭ ବର୍ଷରୁ କମ୍ ମହିଳା ଫୁଟବଲ ଚାମ୍ପିୟନଶିପରେ ଚାମ୍ପିୟନ ଲାୟନ୍ସେସ ଦଳର ଖେଳାଳିମାନେ ।



# କାର୍ଯ୍ୟଦକ୍ଷତା ବୃଦ୍ଧିର ନୂଆ ଉପାୟ

ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାଉ। ତାହାର ପ୍ରଭାବ ମଧ୍ୟ କାର୍ଯ୍ୟଦକ୍ଷତା ଉପରେ ପଡିଥାଏ। ତେବେ ନିଜ କାର୍ଯ୍ୟକୁ ସୁରୁଖୁରୁରେ କରିବା ପାଇଁ ସକାରାତ୍ମକ ମାନସିକତା ରହିବା ନିହାତି ଦରକାର। ତେଣୁ ଏ କ୍ଷେତ୍ରରେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ସଙ୍ଗୀତ। ମନକୁ ହାଲକା କରିବା ପାଇଁ ଅବସର ସମୟରେ ମନ ପସନ୍ଦର ଗୀତ ଶୁଣିଲେ ତାହା କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ ବୋଲି ସଦ୍ୟତମ ସର୍ଭେରୁ ଜଣାପଡିଛି। ଏପରି ବିଷୟବସ୍ତୁକୁ ନେଇ ୟୁନିଭର୍ସିଟି ଅଫ ଓ୍ୱାଶିଂଟନ୍‌ର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଯେଉଁମାନେ ଅଧିକାଂଶ ସମୟ ମନ ପସନ୍ଦର ଗୀତ ଶୁଣନ୍ତି ସେମାନଙ୍କ କାର୍ଯଦକ୍ଷତା ସେହି ଅନୁସାରେ ଆହୁରି ସକ୍ରିୟ ରହିଥାଏ। ହେଲେ ଏହି ଗୀତ ଶୁଣିବା ଯେମିତି ମାନସିକତାକୁ ପ୍ରଭାବିତ ନ କରେ ସେଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଦଶଟି କଥା



ବୟସ ବଢ଼ିବା ସହ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ବିଶେଷ ଭାବରେ ଏହି ସମୟରେ ନିମ୍ନୋକ୍ତ ୧୦ଟି କଥାକୁ ଧ୍ୟାନ ଦେଲେ ତାହା ନିଜକୁ ସୁସ୍ଥ ରଖିବା କ୍ଷେତ୍ରରେ ଅନେକ ସହାୟକ ହୋଇପାରିବ। ପ୍ରଥମେ ନିଜ ଖାଦ୍ୟପେୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ। ଏହି ତାଲିକାରେ କାର୍ବୋହାଇଡ୍ରେଟ ଖାଦ୍ୟ ସାମିଲ କରନ୍ତୁ। ଏହି ବୟସରେ ଫ୍ୟାଟ୍‌ଯୁକ୍ତ ଖାଦ୍ୟଠାରୁ ଯେତେ ଦୂରେଇ ରହିବେ ସେତେ ଭଲ। ନିଜକୁ ସୁସ୍ଥ ରଖିବା ପାଇଁ ତଟକା ଫଳମୂଳ ଏବଂ ସବୁଜପନିପରିବାରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ବୟସ ବଢ଼ିବା ସହ ଲୁଣ ଏବଂ ମିଠାଜାତୀୟ ଖାଦ୍ୟ ବର୍ଜନ କରନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିୟମିତ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। ଏହି ସମୟରେ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ସେହି ଅନୁସାରେ ପାଣି ପିଅନ୍ତୁ। ବୟସ ବଢ଼ିଲେ ଗୋଟିଏ ଜିନିଷ ପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ। ତାହା ହେଲା ଓଜନ। ବୟସ୍କ ବ୍ୟକ୍ତି ନିଜ ଓଜନକୁ ସନ୍ତୁଳିତ ରଖିବା ଆବଶ୍ୟକ। ସେହି ଅନୁସାରେ ଖାଦ୍ୟ ଖାଆନ୍ତୁ। ବ୍ୟାୟାମକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଗୋଟିଏ କଥା ସବୁବେଳେ ମନେ ରଖିବା ଦରକାର। ନିଜକୁ ସୁସ୍ଥ ରଖିବା ନିଜ ଉପରେ ହିଁ ନିର୍ଭର କରିଥାଏ। ତେଣୁ ଏଥିପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ।

# ପଦାର୍ଥ ବିଜ୍ଞାନର ପରିଚୟ



 କମଳାକାନ୍ତ ଜେନା





ଆଜିକୁ ୫୫ ଲକ୍ଷ ବର୍ଷ ତଳେ ମଣିଷ ଜାତି ପୃଥିବୀପୃଷ୍ଠରେ ଜନ୍ମ ନେଲା। ସେବେଠାରୁ ଆମର ଗବେଷଣା ଜାରି ରହିଛି । କିନ୍ତୁ ଆଜି ଯେଉଁ ଯୁଗକୁ 'ବିଜ୍ଞାନର ଯୁଗ' ବୋଲି କୁହାଯାଉଛି, ସେହି ବିଜ୍ଞାନ ଓ ଗବେଷଣା ଆରମ୍ଭ ହୋଇଛି ମାତ୍ର ୩୦୦ ବର୍ଷ ତଳେ । ଏଇ ୩୦୦ ବର୍ଷର ଗବେଷଣା ଆମକୁ ସୁଖସୁବିଧା ଦେଇଛି । ଆମର ଭାବନାକୁ ଉନ୍ନତ କରିଛି । ଆମ ହୃଦୟରେ ଆଶା ଓ ଆକାଂକ୍ଷାର ଜୁଆର ସୃଷ୍ଟିକରିଛି ।

ଆଜିର ଯୁଗକୁ ବିଜ୍ଞାନର ଯୁଗ କୁହାଯିବାର ଯଥେଷ୍ଟ କାରଣ ରହିଛି। ସବୁ କାରଣକୁ ଗୋଟିଏ ବାକ୍ୟରେ କହିଲେ, ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ବିଜ୍ଞାନ ପ୍ରଭାବିତ କରିଛି । ଆମେ ବିଭିନ୍ନ ପ୍ରକାର ଆଉ ବିଭିନ୍ନ ଆକାରର ଜିନିଷପତ୍ର ଦେଖୁ। ସବୁ ଜିନିଷର ରଙ୍ଗ ସମାନ ନଥାଏ । ଅଥବା, ସମସ୍ତଙ୍କର ଆକୃତି ବି ସମାନ ନଥାଏ । ରଙ୍ଗ ଦେଖିବାରେ ହେଉ, କିମ୍ବା ବିଭିନ୍ନ ବସ୍ତୁର ଭିନ୍ନ ଭିନ୍ନ ଆକାର ଓ ଆକୃତି ହେଉ, ସେସବୁ ପଛରେ ରହୁଥିବା କାରଣ ବିଷୟରେ ଅନୁଶୀଳନ କଲେ, କଅଣ-କିପରି-କାହିଁକି ବୋଲି ପ୍ରଶ୍ନର ଉତ୍ତର ଖୋଜିଲେ, ସବୁଠି ବିଜ୍ଞାନର ସ୍ୱାକ୍ଷର ଦେଖିବାକୁ ମିଳେ। ପ୍ରକୃତିରେ ଘଟୁଥିବା ଘଟଣାଗୁଡିକୁ ବୁଝିବା ପାଇଁ ଆମେ କେତେବେଳେ ପଦାର୍ଥ ବିଜ୍ଞାନର ସହାୟତା ନେଉ ପୁଣି ଆଉ କେତେବେଳେ ରସାୟନ ବିଜ୍ଞାନର ସହାୟତା ନେଉ। କେତେବେଳେ ଗଣିତ, ପୁଣି ଆଉ କେତେବେଳେ ଉଦ୍ଭିଦ ବିଜ୍ଞାନ ଅଥବା ପ୍ରାଣୀବିଜ୍ଞାନର ସହାୟତା ନେଉ। ଆମେ ଏଠାରେ ପଦାର୍ଥ ବିଜ୍ଞାନର ଅର୍ଥ ବିଷୟରେ ଆଲୋଚନା କରିବା । ପଦାର୍ଥ ବିଜ୍ଞାନ ଦ୍ୱାରା ବୁଝି ହେଉଥିବା କେତେକ ସାଧାରଣ ଘଟଣା ବିଷୟରେ ଆଲୋଚନା କରିବା।

ସ୍ଥିର ଥିବା ବସ୍ତୁକୁ ଠେଲିଲେ କାହିଁକି ଚାଲେ ? ଚାଲୁଥିବା ସାଇକେଲକୁ ପଛରୁ ଟାଣିଲେ କାହିଁକି ଅଟକି ଯାଏ ? ବେଲୁନ୍‌କୁ ଜୋର୍ ଚିପିଲେ କାହିଁକି ଫାଟିଯାଏ ? ଏସବୁ ହେଉଛି ବସ୍ତୁର କଥା ଏବଂ ବସ୍ତୁର ଗତି ଓ ଶକ୍ତିର କଥା । ବସ୍ତୁ ଏବଂ ବସ୍ତୁର ଗତି ଓ ଶକ୍ତି ପଛରେ ରହିଥିବା ବିଜ୍ଞାନ ହେଉଛି ପଦାର୍ଥ ବିଜ୍ଞାନ । ବସ୍ତୁଟି ଏମିତି କାହିଁକି ଦିଶିଲା, ବସ୍ତୁଟି କାହିଁକି ଚାଲିଲା, ଯଦି ଚାଲୁଥିଲା, ତେବେ କାହିଁକି ଅଟକିଲା, ପଦାର୍ଥ ବିଜ୍ଞାନ ପାଖରେ ଏଭଳି ଅଗଣିତ ପ୍ରଶ୍ନର ଉତ୍ତର ରହିଛି । ଆମର ଦୈନନ୍ଦିନ ଜୀବନରେ ପଦାର୍ଥ ବିଜ୍ଞାନ ସମ୍ପର୍କିତ ଅନେକ ଘଟଣା ଦେଖିବାକୁ ମିଳେ। ଆମର ଦୈନନ୍ଦିନ ଜୀବନକୁ ସରସ ଓ ସୁନ୍ଦର କରିବାରେ ପଦାର୍ଥ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶ୍ୱ ବ୍ରହ୍ମାଣ୍ଡରେ ଘଟୁଥିବା ଅଗଣିତ ଘଟଣା ପଛରେ ପଦାର୍ଥ ବିଜ୍ଞାନ ରହିଛି । ଗଛରୁ ଫଳ ତଳକୁ ପଡେ କାହିଁକି, ପୃଥିବୀ ଚାରିପଟେ ଜହ୍ନମାମୁ ବୁଲୁଛି କାହିଁକି, ଆକାଶ କାହିଁକି ନୀଳ ଦିଶେ, ସକାଳର ସୂର୍ଯ୍ୟ କାହିଁକି ଲାଲ, କନିଅର ଫୁଲ କାହିଁକି ହଳଦିଆ, ଇନ୍ଦ୍ରଧନୁ ଏତେ ରଙ୍ଗିନ କାହିଁକି, ପୁନେଇଁ ଜହ୍ନ ଗୋଲ କାହିଁକି, ଶଙ୍ଖ ଫୁଙ୍କିଲେ ଶବ୍ଦ ବାହାରେ କାହିଁକି, ଘଣ୍ଟା ବାଜିଲେ ଶବ୍ଦ ବାହାରେ କାହିଁକି, ପାଣିରେ ଲୁହାକଣ୍ଟା ବୁଡିଯାଏ, କିନ୍ତୁ ଜାହାଜ କେମିତି ଭାସେ, ଏ.ସି. ଲାଗିଥିବା ଦୋକାନରେ କାଚର କାନ୍ଥ କରାଯାଏ କାହିଁକି, ବିଜୁଳି ମାରିଲା ପରେ ଘଡଘଡି ଶୁଣାଯାଏ କାହିଁକି – ଏମିତି ଲକ୍ଷ ଲକ୍ଷ ପ୍ରଶ୍ନର ସରଳ ଉତ୍ତର ହେଉଛି ପଦାର୍ଥ ବିଜ୍ଞାନ । ଏସବୁ ଘଟଣାକୁ ଆମେ ପଦାର୍ଥ ବିଜ୍ଞାନ ଦ୍ୱାରା ବୁଝି ପାରିବା। ପ୍ରକୃତିକୁ ବିରାଟ ଗବେଷଣାଗାର କହିଲେ, ପଦାର୍ଥ ବିଜ୍ଞାନ ହେଉଛି ପ୍ରକୃତି ଉପରେ ଗବେଷଣା ଜାରି ରଖିଥିବା ଗବେଷକ ଛାତ୍ର।

ପଦାର୍ଥ ବିଜ୍ଞାନ ପ୍ରସଙ୍ଗ ଆସିଲେ ସାର୍ ଆଇଜାକ୍ ନିଉଟନ୍‌ଙ୍କ କଥା ମନେ ପଡେ । ବସ୍ତୁର ଗତି ଓ ଶକ୍ତି ପଛରେ ରହିଥିବା ବିଜ୍ଞାନ ହେଉଛି ପଦାର୍ଥ ବିଜ୍ଞାନର ସଂଜ୍ଞା । କିନ୍ତୁ ନିଉଟନ୍ ହେଉଛନ୍ତି ପଦାର୍ଥ ବିଜ୍ଞାନର ସୂତ୍ରଧର, ପଦାର୍ଥ ବିଜ୍ଞାନର ପିତା । କାରଣ, ସେ ପଦାର୍ଥ ବିଜ୍ଞାନର ମୂଳମନ୍ତ୍ର ଉଚ୍ଚାରଣ କରିଥିଲେ। ବିଶ୍ୱ ବ୍ରହ୍ମାଣ୍ଡରେ ଅନେକ ଘଟଣା ଘଟୁଛି। ପ୍ରତ୍ୟେକ ଘଟଣା ପଛରେ କିଛି ନା କିଛି କାରଣ ରହିଛି। ସେହି କାରଣ ସଂପର୍କରେ ବିଶେଷ ଭାବରେ ଜାଣିବା ହେଉଛି ବିଜ୍ଞାନ । ଗଛରୁ ତଳକୁ ଫଳ ପଡିବା ବି ସେମିତିକା ଗୋଟିଏ ଘଟଣା । ଆମ ପାଇଁ ଅତି ସାଧାରଣ ଘଟଣା । କିନ୍ତୁ ନିଉଟନ୍‌ଙ୍କ ପାଇଁ ଏହା ଥିଲା ଅତି ଗୁରୁତ୍ୱପୂର୍ଣ୍ଣ ଘଟଣା। ସେଓ ଗଛରୁ ସେଓ ପଡିବା ଘଟଣା ତାଙ୍କୁ ପୃଥିବୀର ମାଧ୍ୟାକର୍ଷଣ ବିଷୟରେ ଗଭୀର ଭାବରେ ଚିନ୍ତା କରିବା ପାଇଁ ପ୍ରେରଣା ଯୋଗାଇଥିଲା । ସେ ଚନ୍ଦ୍ର ଉପରେ ପୃଥିବୀର ଆକର୍ଷଣ ବିଷୟରେ ଅନେକ ତଥ୍ୟର ସନ୍ଧାନ ପାଇଲେ । ବସ୍ତୁ ଉପରେ ବଳ ପ୍ରୟୋଗ କଲେ କିପରି ତା'ର ଅବସ୍ଥାର ପରିବର୍ତ୍ତନ ହୁଏ, ସେହି ବିଷୟରେ ଅନେକ ନିୟମ ଦୁନିଆକୁ ଜଣାଇଲେ । ଏହା ହେଉଛି ପଦାର୍ଥ ବିଜ୍ଞାନର ମୂଳ ମନ୍ତ୍ର।

ପୃଥିବୀ ଗୋଟିଏ ଗ୍ରହ, ଚନ୍ଦ୍ର ତାହାର ଉପଗ୍ରହ । ଆମେ ଜାଣୁ ପୃଥିବୀ ଚାରିପଟେ ଚନ୍ଦ୍ର ବୁଲୁଛି । ଏଥିରେ ମାଧ୍ୟାକର୍ଷଣ ବଳର ଭୂମିକା ରହିଛି। ପୃଥିବୀ ଯେମିତି ମାଧ୍ୟାକର୍ଷଣ ବଳ ଦ୍ୱାରା ଫଳକୁ ନିଜ ଆଡକୁ ଟାଣେ, ସେମିତି ଚନ୍ଦ୍ରକୁ ମଧ୍ୟ ନିଜ ଆଡକୁ ଟାଣୁଛି । ପଦାର୍ଥ ବିଜ୍ଞାନରେ ଅନୁଶୀଳନ କଲେ, ପୃଥିବୀର ମାଧ୍ୟାକର୍ଷଣ ବଳ ନଥିଲେ ଚନ୍ଦ୍ର ବୁଲିପାରିବ ନାହିଁ, ନିଜର କକ୍ଷପଥରୁ ଖସି ଶୂନ୍ୟକୁ ପଳେଇବ। ଆକାଶ ଆମକୁ ନୀଳ ଦେଖାଯିବାର କାରଣ ପଛରେ ରହିଛି ପଦାର୍ଥ ବିଜ୍ଞାନ । ସୂର୍ଯ୍ୟକିରଣ ଧଳା, କିନ୍ତୁ ସେଥିରେ ସାତଟି ରଙ୍ଗ ରହିଛି, ଯାହାକୁ ଆମେ କହୁ ବା-ଘ-ନୀ-ସ-ହ-ନା-ଲା । ଗବେଷଣାରୁ ଜଣାପଡିଛି ଯେ, ଆକାଶରେ ରହିଥିବା କ୍ଷୁଦ୍ର କଣିକାଗୁଡିକ ବାଇଗଣି ଓ ନୀଳ ରଙ୍ଗର ଆଲୋକକୁ ସବୁଠାରୁ ଅଧିକ ଶୋଷିପାରନ୍ତି, ତେଣୁ କଣିକାଗୁଡିକରୁ ନୀଳ ଓ ବାଇଗଣି ରଙ୍ଗର ଆଲୋକ ବାହାରୁଥାଏ। ଆମର ଆଖି ବାଇଗଣି ତୁଳନାରେ ନୀଳ ରଙ୍ଗର ଆଲୋକକୁ ଭଲ ଦେଖିପାରେ । ତେଣୁ ଆକାଶ ଆମକୁ ନୀଳ ଦେଖାଯାଏ ।

ବର୍ଷାଦିନେ ଆମେ ଆକାଶରେ ଇନ୍ଦ୍ରଧନୁ ଦେଖୁ । ସୂର୍ଯ୍ୟକିରଣରେ ଥିବା ରଙ୍ଗରୁ ଇନ୍ଦ୍ରଧନୁରେ ୭ଟି ରଙ୍ଗ ଆସୁଛି । ବର୍ଷା ପାଇଁ ବାୟୁମଣ୍ଡଳରେ ଭାସି ବୁଲୁଥିବା କ୍ଷୁଦ୍ର କ୍ଷୁଦ୍ର ଜଳକଣା ଭିତରେ ସୂର୍ଯ୍ୟକିରଣ ପଶିଲେ, ୭ଟି ରଙ୍ଗର ଆଲୋକ ୭ଟି ଅଲଗା ଅଲଗା କୋଣରେ ବଙ୍କେଇ ଯାଆନ୍ତି । ପୁଣି ଥରେ ସେଗୁଡିକ ଜଳବିନ୍ଦୁ ଭିତରେ ବଙ୍କେଇ ଯାଇ ଭୂଇଁ ଆଡକୁ ଗତି କରନ୍ତି । ସେହି ଆଲୋକ ଆମ ଆଖିରେ ପଡିଲେ ଆମେ ୭ଟି ରଙ୍ଗ ଥିବା ଇନ୍ଦ୍ରଧନୁ ଦେଖୁ। ବର୍ଷାଦିନେ ବିଜୁଳି ମାରିବାର କିଛି ସମୟ ପରେ ଘଡଘଡି ଶୁଣାଯାଏ । ଏସବୁ ପାଇଁ ଦାୟୀ ହେଉଛି ବାଦଲରେ ରହିଥିବା ଚାର୍ଜକଣିକା । ବିଜୁଳି ଓ ଘଡଘଡି ଏକ ସଙ୍ଗରେ ସୃଷ୍ଟି ହେଲେ ବି ଆଲୋକ କ୍ଷୀପ୍ର ବେଗରେ ଆମ ପାଖରେ ପହଞ୍ଚିଯାଏ । ଆମେ ବିଜୁଳି ଦେଖିପାରୁ । ହେଲେ ଶବ୍ଦ ଧୀରେ ଧୀରେ ଆସି ଆମ କାନପାଖରେ ପହଞ୍ଚେ । ତେଣୁ ବିଜୁଳି ମାରିବାର କିଛି ସମୟ ପରେ ଘଡଘଡି ଶୁଣୁ । ଆମ ନିତିଦିନିଆ ଜୀବନରେ ଏମିତି ଅନେକ ଘଟଣାକୁ ପଦାର୍ଥ ବିଜ୍ଞାନ ସହାୟତାରେ ବୁଝି ପାରିବା ।

ନିଉଟନ୍ ଯେମିତି ପଦାର୍ଥ ବିଜ୍ଞାନର ସୂତ୍ରଧର, ସେମିତି ଆଲବର୍ଟ ଆଇନ୍‌ଷ୍ଟାଇନ୍ ହେଉଛନ୍ତି ଆଧୁନିକ ପଦାର୍ଥ ବିଜ୍ଞାନର ସୂତ୍ରଧର । କେବଳ ନିଉଟନ୍‌ଙ୍କର ଅନୁଶୀଳନ ଦ୍ୱାରା ବିଶ୍ୱବ୍ରହ୍ମାଣ୍ଡକୁ ସଂପୂର୍ଣ୍ଣ ଭାବରେ ବୁଝିବା ସମ୍ଭବ ନଥିଲା । ହୁଏତ ଆଇନ୍‌ଷ୍ଟାଇନ୍ ତାଙ୍କର ଗବେଷଣା ତଥ୍ୟକୁ ଆମ ଭିତରେ ବାଣ୍ଟି ନଥିଲେ, ଆଜି ବିଶ୍ୱବ୍ରହ୍ମାଣ୍ଡର ଗୂଢତଥ୍ୟକୁ ବୁଝିବା ସମ୍ଭବ ହୋଇପାରି ନଥାନ୍ତି । ତେଣୁ ଆଲବର୍ଟ ଆଇନ୍‌ଷ୍ଟାଇନ୍ ହେଉଛନ୍ତି ଆଧୁନିକ ପଦାର୍ଥ ବିଜ୍ଞାନର ପିତା । ତାଙ୍କର ଆପେକ୍ଷିକତା ତତ୍ତ୍ୱ ଆଜି ପଦାର୍ଥ ବିଜ୍ଞାନକୁ ଶ୍ରେଷ୍ଠତ୍ୱର ଅଧିକାରୀ କରିପାରିଛି। ଶୂନ୍ୟରେ ଆଲୋକର ବେଗ ସବୁଠାରୁ ଅଧିକ ବୋଲି ସେ କହିଥିଲେ। ସେ ପ୍ରମାଣ କରିଥିଲେ, ତୀବ୍ରଗତିରେ ଯାଉଥିବା ବସ୍ତୁର ଲମ୍ବ କମିଯାଏ ଓ ବସ୍ତୁତ୍ୱ ବଢିଯାଏ । ସବୁଠାରୁ ଆଶ୍ଚର୍ଯ୍ୟର କଥା, ମହାକାଶରେ ଗତି କରୁଥିବା ରକେଟ୍ ଭିତରେ ବସିଥିବା ମହାକାଶଚାରୀର ବୟସ ଆମ ପରି ନବଢି ଧୀରେ ଧୀରେ ବଢେ । ଏଭଳି ଚମତ୍କାର ତଥ୍ୟ କେବଳ ଆଇନ୍‌ଷ୍ଟାଇନ୍ ଦେଇପାରିଥିଲେ, ଯାହାକୁ ନେଇ ଆଜି ଆମେ ଟାଇମ୍ ମେଶିନ୍ ତିଆରି କରିବା ପାଇଁ ଯୋଜନା କରୁଛୁ । ଟାଇମ୍ ମେଶିନ୍ ଭିତରେ ବସିଲେ ଆମର ବୟସ କମିଯାଇ ପାରିବ ଓ ବଢିଯାଇ ପାରିବ । କମିବା ବଢିବା ଆମର ଇଚ୍ଛା ଉପରେ ନିର୍ଭର କରେ । ଏସବୁ ଚମତ୍କାରିତା ଆଉ କୌଣସି ବିଜ୍ଞାନର କଥା ନୁହେଁ, ବରଂ ଆମ ପଦାର୍ଥ ବିଜ୍ଞାନର କଥା ।

"ବସ୍ତୁର ଗତି ଓ ଶକ୍ତି ପଛରେ ରହିଥିବା ବିଜ୍ଞାନ ହେଉଛି ପଦାର୍ଥ ବିଜ୍ଞାନର ସଂଜ୍ଞା । କିନ୍ତୁ ନିଉଟନ୍ ହେଉଛନ୍ତି ପଦାର୍ଥ ବିଜ୍ଞାନର ସୂତ୍ରଧର, ପଦାର୍ଥ ବିଜ୍ଞାନର ପିତା । କାରଣ, ସେ ପଦାର୍ଥ ବିଜ୍ଞାନର ମୂଳମନ୍ତ୍ର ଉଚ୍ଚାରଣ କରିଥିଲେ । ବିଶ୍ୱ ବ୍ରହ୍ମାଣ୍ଡରେ ଅନେକ ଘଟଣା ଘଟୁଛି । ପ୍ରତ୍ୟେକ ଘଟଣା ପଛରେ କିଛି ନା କିଛି କାରଣ ରହିଛି । ସେହି କାରଣ ସଂପର୍କରେ ବିଶେଷ ଭାବରେ ଜାଣିବା ହେଉଛି ବିଜ୍ଞାନ ।"



-ମୁଖ୍ୟ କୋଅର୍ଡିନେଟର, ଏମ୍. ଏସ୍‌ସି. (ଆପ୍ଲାଏଡ୍ ଫିଜିକ୍ସ), ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧



# ମାନସିକ ସ୍ୱାସ୍ଥ୍ୟ ଓ ପରିବେଶ

ପରିବେଶ ପ୍ରଦୂଷିତ ହେଲେ ତାହାର ପ୍ରଭାବ ଆମ ଜୀବନଶୈଳୀ ଉପରେ ପଡ଼ିଥାଏ। ଏଥିପାଇଁ ଆମେ ଶ୍ୱାସଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ହେଲେ ଏହାଦ୍ୱାରା ଆମର ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ ବୋଲି ନିକଟରେ ଶେଷ ହୋଇଥିବା ଗବେଷଣାରୁ ଜଣାପଡ଼ିଛି। ପରିବେଶ ପ୍ରଦୂଷିତ ହେବା ଦ୍ୱାରା ଏହାକୁ ନେଇ ଅନେକ ଚିନ୍ତିତ ରହିଥାଆନ୍ତି। ଏହି ଚିନ୍ତାଧାରା ଅଧିକ ସମୟ ଧରି ଲାଗି ରହିଲେ ତାହା ଅବସାଦ ପରି ସମସ୍ୟାର କାରଣ ସାଜିପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। କାରଣ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରଦୂଷିତ ପରିବେଶ ଦ୍ୱାରା କେତେକଙ୍କର ମାନସିକ ଅବସ୍ଥା ପ୍ରଭାବିତ ହୋଇଥିବାର ସେମାନେ ଜାଣିବାକୁ ପାଇଥିଲେ।

# ସ୍କିନ୍ କ୍ୟାନ୍‌ସର ଚିକିତ୍ସାର ସହଜ ଉପାୟ

ସ୍କିନ୍(ଚର୍ମ) କ୍ୟାନସର ଦ୍ୱାରା ଆକ୍ରାନ୍ତ ରୋଗୀଙ୍କ ପାଇଁ ଖୁସି ଖବର। ଏଥିରୁ ଉପଶମ ପାଇବାର ଏକ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ୟେଲେ ୟୁନିଭର୍ସିଟି ଅଫ୍ ସାଇନ୍ସର କ୍ୟାନସର ବିଶେଷଜ୍ଞମାନେ। ସାଧାରଣତଃ ସୂର୍ଯ୍ୟଙ୍କଠାରୁ ନିର୍ଗତ ହେଉଥିବା ଅଲଟ୍ରା ଭାୟୋଲେଟ ରଶ୍ମୀ ସଂସ୍ପର୍ଶରେ ଚର୍ମ ଅଧିକାଂଶ ସମୟ ଆସିଲେ ସ୍କିନ କ୍ୟାନସର ହେବାର ଆଶଙ୍କା ଅଧିକ ଥାଏ। ଆମେରିକାର ସେଣ୍ଟର ଫର୍ ଡିଜିଜ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେଣ୍ଟେସନ (ସିଡିସି)ର ବିଶେଷଜ୍ଞମାନେ ଏ ନେଇ ଗବେଷଣା କରିଥିଲେ। ଏହି ସମୟରେ ସେମାନେ ଚର୍ମରେ ଥିବା 'ହାଇପେରୋଟସ୍ୱଟସ'କୁ ସ୍କିନିଂ କରିଥିଲେ। ଏହାଦ୍ୱାରା ସ୍କିନ୍ କ୍ୟାନସର ଲକ୍ଷଣ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା ଆରମ୍ଭ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ଏଥିରୁ ସଫଳତା ମିଳିଥିଲା ବୋଲି ସେମାନେ ଗବେଷଣା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କିତ ବିଷୟରେ ଅଧିକ ଜାଣିବା ପାଇଁ ସେମାନେ ଚେଷ୍ଟା ଜାରି ରଖିଛନ୍ତି।



## ସ୍ୱାସ୍ଥ୍ୟ ସୂଚନା



- ରାତ୍ର ଭୋଜରେ କଦାପି ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ଏହି ତାଲିକାରେ ସବୁବେଳେ ହାଲକା ତଥା ସୁପାଚ୍ୟ ଖାଦ୍ୟ ସାମିଲ କରନ୍ତୁ।
- ବୟସ ବଢ଼ିଲେ ଦୃଷ୍ଟିଶକ୍ତିଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ବୟସ ୪୦ ଟପିଲେ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଚକ୍ଷୁ ଡାକ୍ତରଙ୍କ ନିକଟରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- କୌଣସି ରୋଗ ବିଷୟରେ ତର୍ଜମା କରି ଡାକ୍ତର ପ୍ୟାଥୋଲୋଜି ଟେଷ୍ଟ ପାଇଁ ଲେଖିଥାଆନ୍ତି। କେତେକ ଏହା ମଧ୍ୟରୁ ସବୁ ପରୀକ୍ଷାକୁ ସମାନ ଗୁରୁତ୍ୱ ନ ଦେଇ କେତେକକୁ ବାଦ୍ ଦେବାକୁ ଚାହିଁଥାଆନ୍ତି। ପ୍ରଥମେ ଏଭଳି ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। କାରଣ ଏହି ପ୍ୟାଥୋଲୋଜି ଟେଷ୍ଟକୁ ଆଧାର କରି ଡାକ୍ତର ରୋଗର ଲକ୍ଷଣ ନିରୂପଣ କରିବା ସହ ଚିକିତ୍ସା କରିଥାଆନ୍ତି।
- ଏବେ ଡାଇବେଟିସ, ବ୍ଲଡପ୍ରେସର ପରି ସ୍ୱାସ୍ଥ୍ୟ ସମସ୍ୟା ସାଧାରଣ କଥା ପାଲଟି ଗଲାଣି। ତେଣୁ ଏପରି ସମସ୍ୟା ଥିଲେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତରେ ସୁଗାର ଏବଂ ବ୍ଲଡପ୍ରେସର କେତେ ରହିଛି ତାହା ମାପି ନିଅନ୍ତୁ। ତା'ସହ ଡାକ୍ତରଙ୍କ ସହ ନିୟମିତ ସମୟ ଅନ୍ତରାଳରେ ପରାମର୍ଶ କରନ୍ତୁ।

## ସଂକ୍ଷେପରେ

### ୨୦୨୦ ପରେ ଭାରତର ଅଭିବୃଦ୍ଧି ତ୍ୱରାନ୍ୱିତ ହେବ: ବିଲ୍ ଗେଟ୍ସ

ନୂଆଦିଲ୍ଲୀ,୧୭-୧୧: ଭାରତ ନିକଟରେ ଦ୍ରୁତ ଅଭିବୃଦ୍ଧି ହାସଲ କରିବାର ଅନେକ କ୍ଷମତା ରହିଛି। ୨୦୨୦ ପରେ ଭାରତର ଜିଡିପି ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ମାଇକ୍ରୋସଫ୍ଟ ସହ ପ୍ରତିଷ୍ଠାତା ବିଲ୍ ଗେଟ୍ସ ରବିବାର କହିଛନ୍ତି। ଭାରତର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ବେଳେ ସରକାରଙ୍କୁ ଏନେଇ ଅର୍ଥନୀତିଜ୍ଞ ସମାଲୋଚନା କରିଛନ୍ତି। ଏଭଳି ସ୍ଥିତିରେ ଅଭିବୃଦ୍ଧି ନେଇ ବିଲ୍ ଗେଟ୍ସର ମନ୍ତବ୍ୟ ଆସିଛି। ସେ କହିଛନ୍ତି, ବିକାଶ କ୍ଷେତ୍ରରେ ଆଗାମୀ ଦଶକ ଭାରତର ହେବ। ଏକ ବୃହତ୍ ସଂଖ୍ୟକ ଜନସଂଖ୍ୟାକୁ ଗରିବୀରୁ ବାହାରକୁ ଆଣିବା ଦିଗରେ ସରକାର କାର୍ଯ୍ୟ କରିବା ନେଇ ସେ ଆଶାବାଦୀ। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିବେଶ ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହାବାଦ ଗେଟ୍ସ ଆଧାର ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ମାନ୍ଦାବସ୍ଥା କେବେ ଯାଏ ରହିବ ସେ ଉପରେ ଗେଟସ ସ୍ପଷ୍ଟ ଭାବେ କୌଣସି କଥା କହି ନାହାନ୍ତି।

### ଜେରଥ୍ ପାଥ୍ ଲ୍ୟାବ୍‌ର ଆଲର୍ଜି ଟେଷ୍ଟିଂ ଆରମ୍ଭ

ଭୁବନେଶ୍ୱର,୧୭-୧୧(ବ୍ୟୁରୋ): ଜେରଥ ପାଥ୍ ଲ୍ୟାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟର ପକ୍ଷରୁ ଭୁବନେଶ୍ୱର ସମେତ ରାଜ୍ୟର ବଚ୍ଛା ବଚ୍ଛା ସ୍ଥାନରେ ଆଲର୍ଜି ପରୀକ୍ଷଣ ରବିବାରଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱର ପଟିଆ ଏବଂ ଖଣ୍ଡଗିରି ସେଣ୍ଟରରେ ଲୋକମାନେ ଏହାର ଲାଭ ନେଇପାରିବେ। ଏହା ଦୁଇ ଦିନ ବ୍ୟାପି ଅନୁଷ୍ଠିତ ହେବ। ଜେରଥ୍‌ର କଲେକ୍ସନ ସେଣ୍ଟର କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ଗଜପତି, ଖଣ୍ଡଗିରି, ନବରଙ୍ଗପୁର, କୋରାପୁଟ, ରାୟଗଡା, ଭବାନିପାଟଣା, ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡା, ମୋଦିପଡା, ସମ୍ବଲପୁର, ବୁର୍ଲା, ଦେବଗଡ, ରାଉରକେଲା, ବ୍ରହ୍ମପୁର, ଗଜପତି, ଢେଙ୍କାନାଳ, କାମାକ୍ଷାନଗର, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ବାରିପଦା ଭଳି ସ୍ଥାନରେ ରହିଛି। ଫୁଡ୍, ସ୍କିନ ଏବଂ ଇନହେଲାଣ୍ଟ ବର୍ଗରେ ଏହି ପରୀକ୍ଷଣ କରାଯିବ। ପୂର୍ବାହ୍ନ ୯ରୁ ୫ ମଧ୍ୟରେ ସୁଲଭ ମୂଲ୍ୟରେ ଆଲର୍ଜି ପରିକ୍ଷଣ କରାଇବାକୁ ସୁବିଧା ପାଇପାରିବେ।

> ସାରା ଦେଶରେ ୨୬୦ ଟଚ୍ ପଏଣ୍ଟ ସହ ସେବା ଯୋଗାଣ ଆରମ୍ଭ କରିଥିଲୁ। ଶୀଘ୍ର ଏଥିରେ ଆଉ ୫୦ ନୂଆ ସେଲ୍ସ ପଏଣ୍ଟ ଯୋଡିବାକୁ ଯୋଜନା ରହିଛି।
> – ମନୋହର ଭଟ୍ଟ, ମାର୍କେଟିଂ ମୁଖ୍ୟ, କିଆ ମୋଟର୍ସ ଇଣ୍ଡିଆ



> ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଏବେ ସ୍ୱର୍ଣ୍ଣିମ ସମୟ ଚାଲିଛି। ଆଗକୁ ବିପୁଳ ସମ୍ଭାବନା ରହିଛି।
> – ରଣଜୟ ଦତ୍ତ, ଇଣ୍ଡିଗୋ ସିଇଓ



# ମାର୍ଚ୍ଚ ସୁଦ୍ଧା ବିପିସିଏଲ୍, ଏୟାର ଇଣ୍ଡିଆର ଘରୋଇକରଣ

ନୂଆଦିଲ୍ଲୀ,୧୭-୧୧

- ସ୍ପଷ୍ଟ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ
- ଖାଉଟିଙ୍କ ମନୋଭାବରେ ଉନ୍ନତି ହେଉଥିବା କହିଲେ
- ମାନ୍ଦାବସ୍ଥାରୁ ବିଭିନ୍ନ କ୍ଷେତ୍ର ଶୀଘ୍ର ବାହାରିବା ନେଇ ଆଶାବାଦୀ



୨୦୨୦ ମାର୍ଚ୍ଚ ସୁଦ୍ଧା ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍ ) ଏବଂ ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆର ଘରୋଇକରଣ ନେଇ ସମସ୍ତ ପ୍ରକ୍ରିୟା ଶେଷ ହେବ। ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏକ ଜାତୀୟ ମୁଦ୍ରିତ ଗଣମାଧ୍ୟମକୁ ସାକ୍ଷାତ୍‌କାରରେ ଏହି ସୂଚନା ଦେଇଛନ୍ତି। କ୍ଷତିରେ ଚାଲୁଥିବା ଏୟାର ଇଣ୍ଡିଆକୁ ସମ୍ପୂର୍ଣ୍ଣ ଘରୋଇକରଣ କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି। ଏହି ଧାରାରେ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ରୋଡ ଶୋ' ମଧ୍ୟ ଆୟୋଜନ କରାଯାଇଛି। ନିବେଶକମାନେ ଏୟାର ଇଣ୍ଡିଆ ଲାଗି ଭଲ ରେସପନ୍ସ ଦେଖାଇଥିବା ଜଣାପଡିଛି। ଏହି ଦୁଇ କମ୍ପାନୀର ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସାରିବାକୁ ସରକାର ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ନିର୍ମଳା ସ୍ପଷ୍ଟ କରିଛନ୍ତି।

ସୀତାରାମନ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ନେଇ ସରକାର ଅଗ୍ରସର ହେଉଛନ୍ତି। ଏହାବାଦ ଏହି ୨ କମ୍ପାନୀର ଅଂଶଧନ ବିକ୍ରି ପଦକ୍ଷେପ ଗ୍ରହଣ କରାଯାଇଛି। ଏୟାର ଇଣ୍ଡିଆ ଅଂଶଧନ ବିକ୍ରି ଲାଗି ସରକାର ପୂର୍ବରୁ ଚେଷ୍ଟା ଜାରି ରହିଥିଲେ ମଧ୍ୟ ଏବେ ଯାଏ ଏଦିଗରେ କୌଣସି ନିର୍ଯାସ ବାହାରି ନାହିଁ। ମାନ୍ଦାବସ୍ଥା ଉପରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଏଭଳି ସ୍ଥିତିକୁ ଲଢିବା ଲାଗି ସରକାର ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି। ଅନେକ କ୍ଷେତ୍ର ଧୀରେ ଧୀରେ ମାନ୍ଦାବସ୍ଥା କବଳରୁ ବାହାରିବାକୁ ଆରମ୍ଭ କରିଛନ୍ତି। ଶିଳ୍ପ କ୍ୟାପଟେନମାନେ ନୂଆ ନିବେଶ ନେଇ ଯୋଜନା ରଖିଥିବା ବେଳେ କମ୍ପାନୀଗୁଡିକର ବାଲାନ୍ସ ଶିଟ୍‌ରେ ଉନ୍ନତି ଆଣିବା ଲାଗି କମ୍ପାନୀଗୁଡିକ ଚେଷ୍ଟା ବଜାୟ ରଖିଛନ୍ତି।

ଅପରପକ୍ଷରେ ଜିଏସ୍‌ଟି ଚୋରିକୁ ରୋକିବା ଦିଗରେ ସରକାର ଯୋଜନା ହାତକୁ ନେଇଛନ୍ତି। ବିଭିନ୍ନ ବର୍ଗର ସାମଗ୍ରୀ ବିକ୍ରିରେ ଉନ୍ନତି ଆସିଲେ ରାଜସ୍ୱ ସଂଗ୍ରହ ବଢିବା ନେଇ ଆଶାବାଦୀ ରହିଥିବା ସେ ମତ ରଖିଛନ୍ତି। ପାର୍ବଣ ସମୟରେ ବ୍ୟାଙ୍କଗୁଡିକ ଆଉଟରିଚ୍ କାର୍ଯ୍ୟକ୍ରମ ଦ୍ୱାରା ସାରା ଦେଶରେ ଋଣ ଯୋଗାଣ କରିଥିବାରୁ ଗ୍ରାହକଙ୍କ ମନୋଭାବରେ ଉନ୍ନତି ଆସିଥିବା ସେ ମତ ରଖିଛନ୍ତି।



# ପାନାସୋନିକର ଲକି ଡ୍ର ବିଜେତା

ଭୁବନେଶ୍ୱର,୧୭-୧୧(ବ୍ୟୁରୋ)

ପ୍ରମୁଖ କମ୍ପାନୀ ପାନାସୋନିକ ପକ୍ଷରୁ ଏହାର 'ଡ୍ରିମ୍ ମୋର ଆଣ୍ଡ ସେଲିବ୍ରେଟ ମୋର' କଣ୍ଟେଷ୍ଟର ଭାଗ୍ୟଶାଳୀ ବିଜେତାଙ୍କୁ ରବିବାର ପୁରସ୍କୃତ କରାଯାଇଛି। ଖୋର୍ଦ୍ଧା ପଲ୍ଲାହାଟଠାରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଶୋ'ରୁମରୁ ପୂଜା ଉତ୍ସବରେ ପାନାସୋନିକ ବ୍ରାଣ୍ଡର ସାମଗ୍ରୀ କିଣିଥିବା ଗ୍ରାହକ ଏହି ଲକି ଡ୍ରରେ ସାମିଲ ହୋଇଥିଲେ। ଖୋର୍ଦ୍ଧା ମୁକ୍ତାପୁରର ଭାଗ୍ୟଶାଳୀ ବିଜେତା ମନୋରଞ୍ଜନ ବେହେରାଙ୍କୁ ପାନାସୋନିକ ପକ୍ଷରୁ ୧୧ଟି ଗୃହ ଉପକରଣ ପ୍ରଦାନ କରାଯାଇଛି। ଏହା ମଧ୍ୟରେ ଟିଭି, ଫ୍ରିଜ, ୱାଶିଂ ମେଶିନ, ଏସି, ମାଇକ୍ରୋଓଭନ, ଭାକ୍ୟୁମ କ୍ଲିନର, ଏୟାର ପ୍ୟୁରିଫାୟର ସାମିଲ ରହିଛି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା, ପାନାସୋନିକର ମାର୍କେଟିଂ ମ୍ୟାନେଜର ଏସ୍.କେ. ରଫିକୁଆଲା, ଏରିଆ ମ୍ୟାନେଜର ରାକେଶ ବାରିକ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ।



# ଅରୁନ୍ଧତୀର ନୂଆ ସଗୁନ କଲେକ୍ସନ

ଭୁବନେଶ୍ୱର,୧୭-୧୧(ବ୍ୟୁରୋ)

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସ୍ୱତନ୍ତ୍ର ବିବାହ ଗହଣା କଲେକ୍ସନ 'ସଗୁନ'ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ୱେଡିଂ କାର୍ନିଭାଲ ଅଫର ଆରମ୍ଭ କରାଯାଇଛି। ଅରୁନ୍ଧତୀର ଭୁବନେଶ୍ୱରସ୍ଥିତ ଫ୍ଲାଗଶିପ ଷ୍ଟୋରରେ ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ, ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅରୁନ୍ଧତୀ ମେହେର ନୂଆ କଲେକ୍ସନକୁ ବଜାର ପ୍ରବେଶ କରାଇଥିଲେ। ଅରୁନ୍ଧତୀର ଲକି ଡ୍ର ବିଜେତାଙ୍କ ନାମ ଏହି ଅବସରରେ ଘୋଷଣା କରାଯାଇଥିଲା। ଏଥିରେ ବିଜେତା ହୋଇ ଶୁଭ୍ରାଂଶୁ ପ୍ରଧାନ ଲଣ୍ଡନ ଭ୍ରମଣର ସୁଯୋଗ ପାଇଛନ୍ତି। ୱେଡିଂ କାର୍ନିଭାଲ ଅଫରରେ ଗ୍ରାହକମାନେ ସୁନା ଗହଣାର ଗଢା ମୂଲ୍ୟରେ ୫୦% ପର୍ଯ୍ୟନ୍ତ ରିହାତି ପାଇବେ। ନିର୍ଦ୍ଦିଷ୍ଟ ମୂଲ୍ୟର କ୍ରୟ ଉପରେ ଭିଆଇପି ଏକ୍ସକ୍ଲୁସିଭ ଲଗେଜ ମିଳିବ। ୱେଡିଂ ପରଚେଜରେ ଫ୍ରି ରିସର୍ଟ ହଲିଡେ ପ୍ୟାକେଜ ଏବଂ ବ୍ରାଇଡାଲ ମେକ୍ ଅପ୍‌ର ସୁଯୋଗ ରହିଛି। ୨୦ ବର୍ଷ ଧରି ନିରନ୍ତର ସେବା ଯୋଗାଣ ସହ ଗ୍ରାହକ ସନ୍ତୁଷ୍ଟି କ୍ଷେତ୍ରରେ ଅରୁନ୍ଧତୀ ନୂଆ ଅଧ୍ୟାୟ ସୃଷ୍ଟି କରିପାରିଛି ବୋଲି ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି।

# କଟକରେ ଖୋଲିଲା ବାର୍ବିକ୍ୟୁ ନେଶନ

ଭୁବନେଶ୍ୱର,୧୭-୧୧(ବ୍ୟୁରୋ)

ପ୍ରମୁଖ କାଜୁଆଲ ଡାଇନିଂ ରେଷ୍ଟୁରାଣ୍ଟ ଚେନ୍ ବାର୍ବିକ୍ୟୁ ନେଶନ ପକ୍ଷରୁ କଟକରେ ନୂଆ ରେଷ୍ଟୁରାଣ୍ଟ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଦରଘା ବଜାରସ୍ଥିତ ନେତାଜୀ ଶୁଭାଷ ଚନ୍ଦ୍ର ବୋଷ ଆର୍କେଡଠାରେ ୪,୨୫୦ ବର୍ଗଫୁଟରେ ଏହା ଖୋଲିଛି। ସମାଜସେବୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ, ଆର୍‌ଏମ୍ ସୁମନ ମୁଖାର୍ଜୀ, ଏଆର୍‌ଏମ୍ ଶୁଭଜିତ ଶାହା, କ୍ଲଷ୍ଟର ମ୍ୟାନେଜର ପ୍ରହ୍ଲାଦ ପାତ୍ର ଏହାକୁ ଉନ୍ମୋଚନ କରିଥିଲେ। ବାର୍ବିକ୍ୟୁର ଏହା ୧୩୮ତମ ଆଉଟଲେଟ। ଏହି ନୂଆ ଆଉଟଲେଟରେ ଏକାଥରେ ୧୦୮ ଜଣ ବସି ଖାଇବାର ସୁବିଧା ରହିଛି। ଉଭୟ ଭେଜ ଏବଂ ନନଭେଜ୍ ବର୍ଗରେ ବିଭିନ୍ନ ବ୍ୟଞ୍ଜନ ଏଠାରେ ଗ୍ରାହକ ଲାଭ କରିପାରିବେ।

# ଓଡ଼ିଶା ବଜାରରେ ଆଲିଆଞ୍ଜ ଇଣ୍ଟରନ୍ୟାଶନାଲ ହୋଲଡିଂର ପ୍ରଡକ୍ଟ




ଭୁବନେଶ୍ୱର,୧୭-୧୧(ବ୍ୟୁରୋ)

ଆଲିଆଞ୍ଜ ହୋଲଡିଂ ଲିମିଟେଡ ଓଡ଼ିଶା ବଜାରରେ ପ୍ରବେଶ କରିଛି। ବ୍ୟକ୍ତିଗତ ପ୍ରସାଧନ ସାମଗ୍ରୀ, କସ୍‌ମେଟିକ୍ସ ଓ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏହି ଏଫ୍‌ଏମ୍‌ସିଜି କମ୍ପାନୀ ଆନ୍ଧ୍ରପ୍ରଦେଶ ପରେ ଓଡିଶାକୁ ଏହାର ନେଟୱର୍କରେ ଯୋଡିଛି। କମ୍ପାନୀର କଣ୍ଟ୍ରି ହେଡ ନରେଶ ଶ୍ରୀବାସ୍ତବ, ଆଞ୍ଚଳିକ ମୁଖ୍ୟ ନାଗରାଜନ, ନିର୍ଦ୍ଦେଶକ ଆର୍.ବି.ଠାକୁର, ବିକ୍ରମ କେଶରୀ ସାହୁ, ରାଜୀବ ଲୋଚନ ଦାସ ଏହି ନୂଆ ବ୍ରାଣ୍ଡ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଓଡ଼ିଆ ସିନେମା ଅଭିନେତ୍ରୀ ଅନୁ ଚୌଧୁରୀଙ୍କୁ ଓଡିଶା ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏହି ପ୍ରଡକ୍ଟଗୁଡିକ ସୁପରମାର୍କେଟ ଏବଂ ଏଫ୍‌ଏମ୍‌ସିଜି ଷ୍ଟୋରଗୁଡିକରେ ମଧ୍ୟ ଉପଲବ୍ଧ ହେବ। ଗ୍ରାହକଙ୍କ ଚାହିଦା, ବ୍ୟବହାର ଏବଂ କ୍ରୟ କ୍ଷମତାକୁ ଦୃଷ୍ଟିରେ ରଖି ପ୍ରଡକ୍ଟଗୁଡିକୁ ବଜାର ପ୍ରବେଶ କରାଯାଇଥିବା କଣ୍ଟ୍ରି ହେଡ ଶ୍ରୀବାସ୍ତବ କହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

BUSINESS

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

EDUCATION

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା।
Mahaveer Nagar, Lewis Road, Bangalore
7325861595

DHARITRI Career appointment Every Wednesday and Saturday

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> ବର୍ତ୍ତମାନ ମୋର ଲକ୍ଷ୍ୟ କେବଳ ରନ ସ୍କୋରିଂ ଉପରେ ରହିବ। ଚୟନକର୍ତ୍ତାମାନେ ମୋ ସମ୍ପର୍କରେ ଯାହା ନିଷ୍ପତ୍ତି ନେବେ।
> – ପୃଥ୍ୱୀ ଶ', ଯୁବ କ୍ରିକେଟର



> ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲ ଏବଂ ବିଦେଶୀ ଖେଳାଳିଙ୍କୁ ବିଳମ୍ବରେ ପାଉଣା ପ୍ରଦାନ ଯୋଗୁ ବାଂଲାଦେଶ ପ୍ରିମିୟର ଲିଗ୍‌ର ଭାବମୂର୍ତ୍ତି ନଷ୍ଟ ହୋଇଛି।–ନାଜମୁଲ ହସନ, ବାଂଲାଦେଶ କ୍ରିକେଟ ମୁଖ୍ୟ



## ସଂକ୍ଷେପରେ

### ଇଂଲଣ୍ଡ ଖେଳାଳି ବହି ବିକିବା ପାଇଁ ବ୍ୟବହାର କରୁଛନ୍ତି ୱାର୍ନରଙ୍କ ନାମ

କାନବେରା,୧୭।୧୧- ବହିକୁ ଅଧିକରୁ ଅଧିକ ବିକ୍ରି କରିବା ପାଇଁ ଇଂଲଣ୍ଡ କ୍ରିକେଟରମାନେ ଡେଭିଡ୍ ୱାର୍ନରଙ୍କ ନାମ ବ୍ୟବହାର କରୁଛନ୍ତି। ଏହା କହିଛନ୍ତି ଅଷ୍ଟ୍ରେଲିଆ ଟେଷ୍ଟ ଦଳର ଅଧିନାୟକ ଟିମ୍ ପେନ। ନିକଟରେ ବେନ୍ ଷ୍ଟୋକ୍ସ ନିଜର ନୂଆ ବହି 'ଅନ୍ ଫାୟାର' ଉନ୍ମୋଚିତ କରିଛନ୍ତି। ଏଥିରେ ହେଡିଂଲେ ଟେଷ୍ଟବେଳେ ତାଙ୍କୁ ୱାର୍ନର ସ୍ଲେଜିଂ କରି ଉତ୍ତେଜିତ କରିଥିଲେ ଓ ଏହା ତାଙ୍କୁ ମ୍ୟାଚ୍ ଜିତାଇବା ପାଇଁ ପ୍ରେରିତ କରିଥିବା ଉଲ୍ଲେଖ କରିଛନ୍ତି। ଉକ୍ତ ଟେଷ୍ଟରେ ଷ୍ଟୋକ୍ସ ୧୩୫ ରନ୍‌ର ଅପରାଜିତ ଇନିଂସ ଖେଳି ଅଷ୍ଟ୍ରେଲିଆ ମୁହଁରୁ ବିଜୟ ଛଡ଼ାଇ ଆଣିଥିଲେ। ଷ୍ଟୋକ୍ସଙ୍କ ଇନିଂସ୍ ବେଳେ ମୋ ନିକଟରେ ୱାର୍ନର ପୂରା ସମୟ ସ୍ଲିପ ଅଞ୍ଚଳରେ ଫିଲ୍ଡିଂ କରୁଥିଲେ। ସମସ୍ତଙ୍କୁ କ୍ରିକେଟ ଫିଲ୍ଡରେ କଥାହେବାର ଅଧିକାର ରହିଛି। ମାତ୍ର ସେ କୌଣସି ପ୍ରକାର ସ୍ଲେଜିଂ କରିନାହାନ୍ତି। ୱାର୍ନରଙ୍କ ନାମ ବ୍ୟବହାର କରି କ୍ରିକେଟରମାନେ ବହି ବିକିବା ଇଂଲଣ୍ଡରେ ଏକ ଟ୍ରେଣ୍ଡ ପାଲଟିଲା ଭଳି ଲାଗୁଛି। ସେମାନଙ୍କୁ ଶୁଭକାମନା ବୋଲି ଅଷ୍ଟ୍ରେଲିଆ ଉଇକେଟକିପର କହିଛନ୍ତି। ଅନ୍ୟପକ୍ଷରେ ବଲ୍ ଟ୍ୟାମ୍ପରିଂ ଯୋଗୁ ଏକ ବର୍ଷ ବାସନ୍ଦାଦେଶ ଶେଷ ହେବା ପରେ ୱାର୍ନର ଆଶେସ୍ ସିରିଜ୍‌ରେ ଟେଷ୍ଟ ଫର୍ମାଟକୁ ଫେରିଥିଲେ। ଇଂଲଣ୍ଡର ଦର୍ଶକମାନେ ତାଙ୍କୁ ଖୁବ୍ ସ୍ଲେଜିଂ କରିଥିଲେ। ଏଭଳି ପରିସ୍ଥିତିରେ ୱାର୍ନର ସମ୍ପୂର୍ଣ୍ଣ ଶାନ୍ତ ରହି ସାଧାରଣ ବ୍ୟବହାର କରିଥିଲେ।

### ରେଫରିଙ୍କୁ ଧକ୍କା ମାରି ୬ ମାସ ବାସନ୍ଦ ଖେଳାଳି

ଜୋହାନ୍ସବର୍ଗ,୧୭।୧୧(ଏଏଫ୍‌ପି): କେପ ଟାଉନ ସିଟି ମିଡ୍‌ଫିଲ୍ଡର ଏମ୍‌ଫୋ ମାକୋଲାଙ୍କୁ ଏକ ମ୍ୟାଚ୍‌ବେଳେ ମିଳିଥିବା ହଳଦିଆ କାର୍ଡ ୬ ମାସ ବାସନ୍ଦାଦେଶରେ ପରିଣତ ହୋଇଛି। ଲିଗ୍ କପ୍ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳ କେଜର ଚିଫଙ୍କୁ ପେନାଲ୍ଟି ମିଳିବା ପରେ ୩୩ ବର୍ଷୀୟ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଉତ୍ୟକ୍ତ ହୋଇ ରେଫରି ଆବୋଙ୍ଗିଲେ ଟମଙ୍କୁ ଦୁଇ ହାତରେ ଧକ୍କା ମାରିଥିଲେ। ଏଭଳି ଅପରାଧ ପାଇଁ ରେଡ୍ କାର୍ଡ ମିଳିପାରେ ବୋଲି ରେଫରି ମାକୋଲାଙ୍କୁ ଚେତାଇବା ପରେ ସାଥୀ ଖେଳାଳି ତାଙ୍କୁ ଦୂରକୁ ଟାଣି ନେଇଥିଲେ। ଏହି କାରଣରୁ ମାକୋଲାଙ୍କୁ ବାସନ୍ଦ କରାଯାଇଛି। ଏହି ନିଷ୍ପତ୍ତି ଦେଶର ବହୁ ଫୁଟ୍‌ବଲରଙ୍କୁ ଚକିତ କରି ଦେଇଛି। କାରଣ ଫୁଟବଲ ଫିଲ୍ଡରେ ଏଭଳି ଘଟଣା କିଛି ନୂଆ ନୁହେଁ। ଏଥିନେଇ ଅତିକମ୍‌ରେ ଖେଳାଳିଙ୍କୁ ରେଡ୍ କାର୍ଡ କିମ୍ବା ଅର୍ଥ ଦଣ୍ଡ କିମ୍ବା ଉଭୟ ଦଣ୍ଡାଦେଶ ଦିଆଯାଏ। ଏଥିପୂର୍ବରୁ ଜଣେ ଖେଳାଳି ରେଫରିଙ୍କ ଉପରୁ ଛେପ ପକାଇବାରୁ ଏକ ବର୍ଷ ବାସନ୍ଦାଦେଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବାସନ୍ଦଦେଶକୁ ୬ ମ୍ୟାଚ୍ ପର୍ଯ୍ୟନ୍ତ ହ୍ରାସ କରାଯାଇଥିଲା। ଏଥିସହ ଜରିମାନା ବାବଦକୁ ଏକ ଲକ୍ଷ ର୍‌ୟାଣ୍ଡ (୪.୮୭ ଲକ୍ଷ ଟଙ୍କା) ଦେବାକ ପଡ଼ିଥିଲା।

■ ସୟଦ ମୁସ୍ତାକ ଅଲ୍ଲୀ ଟି୨୦

# ଓଡ଼ିଶା ପାଇଁ ସୁଯୋଗ

କଟକ ଅଫିସ,୧୭।୧୧

ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟରେ ତିଷ୍ଠି ରହିବା ଲାଗି ଓଡ଼ିଶା ପାଇଁ ସୁଯୋଗ ସୃଷ୍ଟି ହୋଇଛି। ପୂର୍ବରୁ ବର୍ଷା ଯୋଗୁ ବାତିଲ ହୋଇଥିବା ଦିଲ୍ଲୀ ବିପକ୍ଷ ମ୍ୟାଚ୍ ପୁନର୍ବାର ଆୟୋଜନ କରିବା ନିମନ୍ତେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସ୍ଥିର କରିଛି। ବିସିସିଆଇର ନୂତନ ମ୍ୟାଚ୍ ସୂଚୀରେ ଓଡ଼ିଶା ସୋମବାର ଦିଲ୍ଲୀ ଦଳକୁ ଭେଟିବ। ତେବେ ଅଧିକ ରନ୍‌ରେଟରେ ଦିଲ୍ଲୀକୁ ହରାଇଲେ ହିଁ ପରବର୍ତ୍ତୀ ରାଉଣ୍ଡକୁ ଯିବାର

**ଦିଲ୍ଲୀକୁ ଅଧିକ ରନରେଟରେ ହରାଇବାକୁ ପଡ଼ିବ**

ଆଶା ରହିଛି। ଦିଲ୍ଲୀ ୭ଟି ମ୍ୟାଚ୍‌ରୁ ୪ ବିଜୟ, ଗୋଟିଏ ପରାଜୟ ଓ ୨ଟି ଅମୀମାଂଶିତ ଫଳାଫଳ ବଳରେ ୨୦ ପଏଣ୍ଟ ହାସଲ କରି ଏଲିଟ୍ ଗ୍ରୁପ-ଇ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶା ସମାନ ସଂଖ୍ୟକ ମ୍ୟାଚ୍‌ରୁ ୩ଟି ବିଜୟ, ୪ଟି ପରାଜୟ, ୨ଟି ଅମୀମାଂଶିତ ଫଳାଫଳ ବଳରେ ୧୬ ପଏଣ୍ଟ ପାଇ ୫ମ ସ୍ଥାନରେ ରହିଛି। ରନରେଟ୍‌ରେ ସାମାନ୍ୟ ତାରତମ୍ୟ ରହିଛି। ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୪୫ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି।

ନାଗାଲାଣ୍ଡ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଦଳ ୯ ଉଇକେଟ ହରାଇ ୧୪୯ରନ କରିଥିଲା। ଏହି ମ୍ୟାଚ୍‌ରେ ଶୁଭ୍ରାଂଶୁ ସେନାପତି ୨୧ବଲରୁ ୩ ଚୌକା ଓ ୪ ଛକା ବଳରେ ସର୍ବାଧିକ ୪୨ରନ କରିଥିଲେ। ଏହାଛଡ଼ା ଅଭିଷେକ ରାଉତ ୩୬, ରାଜେଶ ଧୂପର ୨୩, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧୭ରନ କରିଥିଲେ। ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଷ୍ଟୁଆର୍ଟ ବିନ୍ନି, ଆଇ.ଲେମତୁର ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଜବାବରେ ନାଗାଲାଣ୍ଡ ୧୦୪ରନରେ ଅଲଆଉଟ ହୋଇଥିଲା। ନାଗାଲାଣ୍ଡ ପକ୍ଷରୁ ଯୋଗେଶ ଟକାୱାଲେ ଓ ଷ୍ଟୁଆର୍ଟ ବିନ୍ନି ସର୍ବାଧିକ ୩୧ରନ ଲେଖାଏ କରିଥିଲେ। ଏସ୍.ଏସ୍ ମୁନ୍ଧେ ୨୦ରନ ଓ ଏଏନ ଲଙ୍ଗଚାର ୧୪ରନ କରିଥିବା ବେଳେ ଅନ୍ୟ କେହି ବ୍ୟାଟ୍ସମ୍ୟାନ ଆଖି ଦୃଶିଆ ପ୍ରଦର୍ଶନ କରି ପାରିନାହାନ୍ତି। ଓଡ଼ିଶା ସ୍ପିନ ବୋଲିଂ ସହାୟତାରେ ବିଜୟୀ ହୋଇଛି। ଅଧିନାୟକ ଗୋବିନ୍ଦ ଓ ପପୁ ରାୟ ସର୍ବାଧିକ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ୨ଟି ଓ ଅଭିଷେକ ରାଉତଙ୍କୁ ଗୋଟିଏ ଉଇକେଟ ମିଳିଥିଲା।



ଶୁଭ୍ରାଂଶୁ ସେନାପତି

## ପୃଥ୍ୱୀଙ୍କ ଦମ୍‌ଦାର ପ୍ରତ୍ୟାବର୍ତ୍ତନ

ମୁମ୍ବାଇ, ୧୭।୧୧ (ପି.ଟି.)

ଡୋପିଂ ମାମଲାରେ ୮ ମାସ ବାସନ୍ଦ ଦଣ୍ଡ ଭୋଗି କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ଯୁବ ମୁମ୍ବାଇ ବ୍ୟାଟ୍ସମ୍ୟାନ ପ୍ରଥମ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ରବିବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟର ଆସାମ ବିପକ୍ଷ ମ୍ୟାଚ୍‌ରେ ପୃଥ୍ୱୀ ୬୩ ରନର ଏକ ଦ୍ରୁତ ଇନିଂସ ଖେଳିଥିଲେ। ମୁମ୍ବାଇ ଏହି ମ୍ୟାଚ୍‌କୁ ୮୩ ରନରେ ସହଜସାଧ ବିଜୟ ଲାଭ କରିଥିଲା। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ମୁମ୍ବାଇ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଘରୋଇ ଗ୍ରାଉଣ୍ଡରେ ସମସ୍ତଙ୍କ ନଜର ୨୦ ବର୍ଷୀୟ ଶ'ଙ୍କ ଉପରେ ରହିଥିଲା। ଡୋପ୍ ଟେଷ୍ଟରେ ବିଫଳ ହୋଇ ବାସନ୍ଦ ହେବା ପରେ ତାଙ୍କର ଏହା ପ୍ରଥମ ମ୍ୟାଚ୍ ଥିଲା। ଜୟ ବିସ୍ତଙ୍କ ସ୍ଥାନରେ ଖେଳିଥିବା ପୃଥ୍ୱୀ ସାଥୀ ଓପନର୍ ତଥା ଉଇକେଟ୍‌କିପର ଆଦିତ୍ୟ ତାରେଙ୍କ ସହ ମିଶି ପ୍ରଥମ ଉଇକେଟ୍‌ରେ ୧୩୮ ରନର ଭାଗୀଦାରି କରି ଦୃଢ଼ ମୂଳଦୁଆ ପକାଇଥିଲେ। ତାରେ ୪୮ ବଲରୁ ୮୨ (୧୨ ଚୌକା, ୧ ଛକା) ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ପରବର୍ତ୍ତୀ ବଲରେ ରିୟାନ ପରାଗଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଲୟରେ ଖେଳୁଥିବା ପୃଥ୍ୱୀ ମଧ୍ୟ ପରବର୍ତ୍ତୀ ଓଭରରେ ୬୩ ରନ (୩୯ ବଲ୍, ୭ ଚୌକା, ୨ ଛକା) ଆଉଟ୍ ହେବା ଫଳରେ ମୁମ୍ବାଇ ବ୍ୟାକ୍‌ଫୁଟ୍‌କୁ ଚାଲିଆସିଥିଲା। ତେବେ ମଧ୍ୟକ୍ରମରେ ସିଦ୍ଧେଶ ଲାଡ୍ ୧୪ ବଲରୁ ୩୨ ରନର ଅପରାଜିତ ଇନିଂସ ଖେଳିବାରୁ ମୁମ୍ବାଇ ୨୦ ଓଭରରେ ୫ ଉଇକେଟ୍ ହରାଇ ୨୦୬ ରନ କରିବାକୁ ସମର୍ଥ ହୋଇଥିଲା। ଜବାବରେ ଅବୁ ନଚିମଙ୍କ ନେତୃତ୍ୱାଧୀନ ଆସାମ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ୍ ହରାଇ ୧୨୩ ରନ କରିଥିଲା। ରିୟାନ ୩୨ ଏବଂ ଶିବଶଙ୍କର ରୟ ଓ ଅମିତ୍ ସିହ୍ନା ୨୨ ରନ ଲେଖାଏ କରିଥିଲେ। ମୁମ୍ବାଇ ପକ୍ଷରୁ ଧାୱଲ କୁଲକର୍ନୀ, ଶିଭମ ଦୁବେ ଓ ସାମ୍ସ ମୁଲାନି ୨ଟି ଲେଖାଏ ଉଇକେଟ୍ ନେଇଥିଲେ।



## ଭାରତୀୟ ମହିଳାଙ୍କୁ ୫ ସ୍ୱର୍ଣ୍ଣ, ପୁରୁଷଙ୍କୁ ୨ ରୌପ୍ୟ

**ଏସିଆନ ୟୁଥ୍ ବକ୍ସିଂ**

ଉଲାନବାତାର, ୧୭।୧୧ (ପି.ଟି.)

ମଙ୍ଗୋଲିଆର ଉଲାନବାତାରଠାରେ ଚାଲିଥିବା ଏସିଆନ ୟୁଥ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ବକ୍ସରମାନେ ଦମ୍‌ଦାର ପ୍ରଦର୍ଶନ କରି ଏକାଧିକ ପଦକ ହାସଲ କରିଛନ୍ତି। ଭାରତୀୟ ମହିଳା ବକ୍ସରମାନେ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୁରୁଷ ବକ୍ସର ୨ଟି ରୌପ୍ୟ ପଦକ ଜିତିଛନ୍ତି।

୫୧ କେ.ଜି. ବର୍ଗରେ ନାଓରେମ ଚାନୁ, ୬୪ କେ.ଜି. ବର୍ଗରେ ଭିନ୍‌କା, ୭୫ କେ.ଜି. ବର୍ଗରେ ସାନାମାଚା ଚାନୁ, ୫୪ କେ.ଜି.ରେ ପୁନମ ଓ ୮୧ କେ.ଜି.ରେ ସୁଷମା ସ୍ୱର୍ଣ୍ଣ ପଦକ ହାସଲ କରି ଭାରତ ପାଇଁ କ୍ଲିନ୍ ସୁଇପ୍ କରିଛନ୍ତି। ଅନ୍ୟପଟେ ପୁରୁଷ ବର୍ଗରେ ସଲେ ସାଏ ୪୯ କେ.ଜି. ବର୍ଗରେ ଓ ଅଙ୍କିତ୍ ନରୱାଲ ୬୦ କେ.ଜି. ବର୍ଗରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଭାରତ ଏହି ଟୁର୍ନାମେଣ୍ଟରେ ମୋଟ ଉପରେ ୧୨ଟି ପଦକ ହାସଲ କରିଛି। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀ ଚୌଧୁରୀ ୬୯ କେ.ଜି., କୋମଲପ୍ରୀତ କୌର + ୮୧ କେ.ଜି. ବର୍ଗରେ ଜୟସ୍ମିନ୍ ୫୭ କେ.ଜି. ବର୍ଗରେ, ସତେନ୍ଦର ସିଂ ୯୧ କେ.ଜ, ଓ ଅମନ + ୦୯୧ କେ.ଜି.ରେ ବ୍ରୋଞ୍ଜ ପଦକ ଜିତିଛନ୍ତି।

ପୁରୁଷ ବର୍ଗରେ ସଏ ଫାଇନାଲରେ କାଜାଖସ୍ଥାନର ବାଜାରବେ ଉଲୁ ମୁଖାମେଡସାୟଫିଙ୍କଠାରୁ ପରାସ୍ତ ହୋଇଥିଲେ। ସେହିପରି ଜାପାନର ରେଇଟୋ ସୁଟସୁମିଙ୍କଠାରୁ ପରାସ୍ତ ହୋଇ ନରୱାଲ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ମହିଳା ବର୍ଗରେ ପୁନମ ଚାଇନାର ୱେଇକି କାଇଙ୍କୁ ଓ ସୁଷମା କାଜାଖସ୍ଥାନର ବାକିଝାନକିଜ୍‌ଙ୍କୁ ହରାଇ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ଅଭୟ ନେଗିଙ୍କ ନାମରେ ଦ୍ରୁତତମ ଅର୍ଦ୍ଧଶତକ

ମୁମ୍ବାଇ, ୧୭।୧୧ (ପି.ଟି.)



ମେଘାଳୟର ଅଭୟ ନେଗି ସୟଦ ମୁସ୍ତାକ ଅଲ୍ଲୀ ଟି୨୦ କ୍ରିକେଟ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ କରିଛନ୍ତି। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ମିଜୋରାମ ବିପକ୍ଷ ମ୍ୟାଚ୍‌ରେ ୨୭ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ଅଭୟ ମାତ୍ର ୧୪ ବଲରୁ ୫୦ ରନ ପୂରଣ କରିଥିଲେ। ଏଥିସହ ଭାରତୀୟ ଘରୋଇ ଟି୨୦ କ୍ରିକେଟ୍ ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟରେ ରବିନ ଉଥପ୍ପାଙ୍କ ନାମରେ ରହିଥିବା ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡକୁ ଅଭୟ ଟପିଯାଇଛନ୍ତି। ଏଥିସହ ଭାରତ ମାଟିରେ ଟି୨୦ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ସେ ଲୋକେଶ ରାହୁଲଙ୍କ ସହ ସମକକ୍ଷ ହୋଇଛନ୍ତି। ରାହୁଲ ୨୦୧୮ରେ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୧୪ ବଲରୁ ୫୦ ରନ ପୂରଣ କରି ଏହି ରେକର୍ଡର ଅଧିକାରୀ ରହିଥିଲେ। ଅଭୟ (୫୦ ରନ, ୨ ଚୌକା, ୬ ଛକା)ଙ୍କ ଅପରାଜିତ ଇନିଂସ ବଳରେ ମେଘାଳୟ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୦୪ ରନ କରିଥିଲା। ଜବାବରେ ମିଜୋରାମ ଓପନର୍ ତରୁୱର କୋହଲି (୯୦ ରନ) ଓ ଅଧିନାୟକ କେ.ବି. ପୱନ (୭୨*)ଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୨ ଉଇକେଟ୍ ହରାଇ ୧୮୨ ରନ କରିଥିଲା।

## ବେଲ୍ଟ ଟେଷ୍ଟରେ ୫୫ କରାଟେକା ଉତ୍ତୀର୍ଣ୍ଣ

ଭୁବନେଶ୍ୱର, ୧୭।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍କଳ କରାଟେ ସ୍କୁଲର କଟକ ଶାଖା ବେଲ୍ଟ ଟେଷ୍ଟ ରବିବାର ଅନୁଷ୍ଠିତ ହୋଇ ଯାଇଛି। କଟକସ୍ଥିତ ୱାଇଏମସିଏରେ ଅନୁଷ୍ଠିତ ପରୀକ୍ଷାରେ ୫୫ କରାଟେକା ଉତ୍ତୀର୍ଣ୍ଣ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଟେଷ୍ଟରେ କଟକ ଶାଖା ପ୍ରଶିକ୍ଷକ ଗୋପାଳ ଦାସ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ, ଉମାକାନ୍ତ ବେହେରା ଏବଂ ଅନୁଗୋଳ କରାଟେ ସ୍କୁଲ ଶାଖାର ସେନ୍‌ସେଇ ଜୟଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଏଏଏଫ୍ ହେଲା ୱାର୍ଲ୍ଡ ଆଥ୍‌ଲେଟିକ୍ସ

**ନାମ ପରିବର୍ତ୍ତନ**

ନୂଆଦିଲ୍ଲୀ,୧୭।୧୧

ବିଶ୍ୱ ଆଥଲେଟିକ୍ସ ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍)ର ନାମ ପରିବର୍ତ୍ତନ ହୋଇଛି। ଆଇଏଏଏଫ୍ ଏବେ ନୂଆ ନାମ ୱାର୍ଲ୍ଡ ଆଥଲେଟିକ୍ସ ଭାବେ ପରିଚିତ ହେବ। ଏଥିସହିତ ଏହାର ଅଫିସିଆଲ ୱେବସାଇଟ୍‌ର ନାମ ପରିବର୍ତ୍ତନ ହୋଇଛି। କ୍ରୀଡ଼ାକୁ ଆହୁରି ଅଧିକ ସୁଗମ୍ୟ କରିବା ପାଇଁ ଏଭଳି ନାମ ପରିବର୍ତ୍ତନ କରାଯାଇଛି ବୋଲି କୁହାଯାଇଛି। ଏବେ ଆମେ ୱାର୍ଲ୍ଡ ଆଥଲେଟିକ୍ସରେ ପରିଣତ ହୋଇଛୁ ବୋଲି ନୂଆ ୱେବସାଇଟ୍‌ରେ ଉଲ୍ଲେଖ କରାଯାଇଛି। କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ସମ୍ପର୍କିତ ସବୁ ସୂଚନା ଏହି ୱେବସାଇଟ୍‌ରେ ମିଳି ପାରିବ। ଉଲ୍ଲେଖଥାଉ କି, ଆଇଏଏଏଫ୍ ୧୯୧୨ରେ ସ୍ଥାପିତ ହୋଇଥିଲା। ସେତେବେଳେ ଏହା ଥିଲା ଇଣ୍ଟରନ୍ୟାଶନାଲ ଆମେଚର ଆଥଲେଟିକ ଫେଡେରେଶନ ରୂପେ ଜଣାଶୁଣା ଥିଲା। ତେବେ ୨୦୦୧ରେ ଏହାର ନାମ ପୁଣି ପରିବର୍ତ୍ତନ ହୋଇଥିଲା ଓ ଆଇଏଏଏଫ୍ ରୂପେ ପରିଚିତ ଥିଲା।

## ଦ୍ୱିତୀୟ ଟି୨୦ରେ ଆଫଗାନିସ୍ତାନ ବିଜୟୀ

ଲକ୍ଷ୍ନୌ,୧୭।୧୧(ପି.ଟି.)

୨୧ ବର୍ଷୀୟ ମିଡିୟମ ପେସର କରିମ ଜନତଙ୍କ ଦମ୍‌ଦାର ପ୍ରଦର୍ଶନ (୫/୧୧) ସହାୟତାରେ ଆଫଗାନିସ୍ତାନ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୪୧ ରନରେ ପରାସ୍ତ କରିଛି। ଶନିବାର ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ହଜରାତୁଲ୍ଲା ଜଜାଇ ୨୬, କରିମ ଜନତ ୨୬, ଗୁଲବଦିନ ନାଇବ ୨୪, ନାଜିବୁଲ୍ଲା ଜଦ୍ରାନ ଅପରାଜିତ ୨୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ କେସରିକ ୱିଲିୟମ୍ସ ୩, ଜାସନ ହୋଲ୍ଡର ଓ କିମୋ ପଲ୍ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ୮ ଉଇକେଟ ହରାଇ ୧୦୬ ରନରେ ସୀମିତ ରହି ମ୍ୟାଚ୍ ହାତଛଡ଼ା କରିଥିଲା। ଏଥି ସହିତ ୨ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ଏବେ ୧-୧ ସମାନସ୍ତରରେ ପହଞ୍ଚିଛି। ମାତ୍ର ୧୧ ରନ ଦେଇ ମୂଲ୍ୟବାନ ୫ ଉଇକେଟ ଅକ୍ତିଆର କରିଥିବା ଜନତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ପଛରେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ତରଫରୁ ଉଇକେଟକିପର ଦୀନେଶ ରାମଦିନ ଅପରାଜିତ ୨୪ ରନ କରିଥିବା ବେଳେ ବାକି ସବୁ ବ୍ୟାଟ୍ସମ୍ୟାନ ବିଫଳ ହୋଇଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ଜନତ ସର୍ବାଧିକ ୫, ନବୀନ-ଉଲ- ହକ, ରସିଦ ଖାଁ ଓ ଗୁଲବଦିନ ନାଇବ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଟି୨୦ରେ ୱେଷ୍ଟଇଣ୍ଡିଜ ୩୦ ରନରେ ବିଜୟୀ ହୋଇଥିଲା।



ଉତ୍କଳ କରାଟେ ସ୍କୁଲ କଟକ ଶାଖା ବେଲ୍ଟ ଟେଷ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଟେକାମାନେ।

## ରାଜ୍ୟ ସ୍କୁଲ ଚେସ୍: ସ୍ୱପ୍ନିଳ ଚାମ୍ପିୟନ



ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୧୭।୧୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ରବିବାର ଆୟୋଜିତ ସ୍କୁଲ ଓପନ ଚେସ୍‌ରେ ସ୍ୱପ୍ନିଳ ପ୍ରିୟଦର୍ଶୀ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬.୫ ପଏଣ୍ଟ ସହିତ ଏହି ସଫଳତା ପାଇଛନ୍ତି। ଦେବୀ ନାୟକ (୬ ପଏଣ୍ଟ) ଓ ଅବିନାଶ ଆଚାର୍ଯ୍ୟ(୫.୫) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତ୍ରିଦେବ ତୀର୍ଥଙ୍କର, ଈଶାନି ଦାସ, ପ୍ରତୀକ ରାଉତ, ମୃତ୍ୟୁଞ୍ଜୟ ମଣ୍ଡଳ, ପ୍ରଭାଂଶୁ ଦାଶ, ଜ୍ଞାନଜ୍ୟୋତି ସିଂ ଓ ଅମୃତ ଶତପଥୀ ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୩ ଜଣ ଲେଖାଏ ଏବଂ ୪ ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଲେଖକ ସତ୍ୟନାରାୟଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଲୋପାମୁଦ୍ରା ମହାପାତ୍ର, ପୂର୍ଣ୍ଣିମା ସାବତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଟୁର୍ନାମେଣ୍ଟ ପରିଚାଳନା କରିଥିବାବେଳେ ରତ୍ନା ଦାଶ ସହଯୋଗ କରିଥିଲେ।

## ଅୟସକାନ୍ତଙ୍କ ଭଲ ବୋଲିଂ ସତ୍ତ୍ୱେ ଓଡ଼ିଶା ପରାସ୍ତ

କଟକ ଅଫିସ,୧୭।୧୧

ଡେରାଡୁନ୍‌ରେ ରବିବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୧୫୭ରନରେ ହାଇଦ୍ରାବାଦଠାରୁ ହାରି ଯାଇଛି। ଖରାପ ବ୍ୟାଟିଂ ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା। ତେବେ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ୪ ଉଇକେଟ ଦଖଲ କରି ଓଡ଼ିଶାକୁ ବିଜୟୀ କରାଇଥିବା ଅୟସକାନ୍ତ ସାହୁ ଏହି ମ୍ୟାଚ୍‌ରେ ମଧ୍ୟ ଭଲ ବୋଲିଂ କରି ୪ଟି ଉଇକେଟ ନେଇଥିଲେ। ଓଡ଼ିଶା ଟସ୍ ଜିତି ହାଇଦ୍ରାବାଦକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ରାହୁଲ ବୁଦ୍ଧିଙ୍କ ୭୧ ରନ ସହାୟତାରେ ଦଳ ୯ ଉଇକେଟ ହରାଇ ୨୨୦ରନ କରିଥିଲା। ଉଇକେଟ କିପର ଅଲକାନ୍ତି ପ୍ରଣୟ ୨୮, ସନ୍ତୋଷ ଗୌଡ଼ ୨୦, ମିକି ଜୈସୱାଲ ୨୭, ଏଲଗାନି ଗୌଡ଼ ୨୬ରନ କରିଥିଲେ। ୩୯ରନ ବିନିମୟରେ ଅୟସକାନ୍ତ ୪ଟି ଉଇକେଟ ଅକ୍ତିଆର କରିଥିବା ବେଳେ ବିଶ୍ୱଜିତ ମଲ୍ଲିକ ୨ଟି ଓ ପ୍ରୀତ କନୱର ସିଂ ଚୌହ୍ୱାନ, ଜାମେଲା ଭଞ୍ଜନ ମହାପାତ୍ର, ରାଜକିଶନ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୨୧ରନର ବିଜୟ ଲକ୍ଷ୍ୟ ପିଛା କରି ଓଡ଼ିଶା ମାତ୍ର ୬୩ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସୌଭାଗ୍ୟ ରଞ୍ଜନ ମିଶ୍ର ସର୍ବାଧିକ ୩୧ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ହାଇଦ୍ରାବାଦ ପକ୍ଷରୁ ରାଜାମଣି ପ୍ରସାଦ ୬ଟି ଓ କାର୍ତ୍ତିକେୟ ଅଜୟ ୪ଟି ଉଇକେଟ ଅକ୍ତିଆର କରିଥିଲେ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଅଶୋକ



କିରନ



ମିଳନ



ଫାଲଗୁନୀ



ଶଶିକାନ୍ତ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ ସୁନ୍ଦରଗଡ଼ ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା

# କମାଲ ଦେଖାଇଲେ ଛାତ୍ରୀଛାତ୍ର

ସୁନ୍ଦରଗଡ଼, ୧୭।୧୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ସମଗ୍ର ଶିକ୍ଷାର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ ବନ୍ଧପାଲିସ୍ଥିତ ସାର୍ଥକ ସ୍ୱତନ୍ତ୍ର ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାରେ ଜିଲାର ସମସ୍ତ ୧୭ ବ୍ଲକରୁ ୪୦ଜଣିଆ ଦଳ ଭାଗ ନେଇଥିଲେ। ଜିଲା ପରିବହନ ଅଧିକାରୀଙ୍କ ତରଫରୁ ସମସ୍ତ ବ୍ଲକରୁ ଏହି ପ୍ରତିଯୋଗୀମାନେ ଆସିବା ପାଇଁ ସ୍ୱତନ୍ତ୍ର ବସ ପ୍ରଦାନ କରାଯାଇଥିଲା। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ସେମାନଙ୍କ କମାଲ ଦେଖାଇଥିଲେ। ସେମାନଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର, ହୁଇଲ ଚେୟାର, ଦୌଡ, ୧୦୦ମିଟର ଦୌଡ, ଜିଲାପି ଜମ୍ପ, ଚିତ୍ରାଙ୍କନ, ତର୍କ, ନରମବଲ ଫିଙ୍ଗା ଇତ୍ୟାଦି ପ୍ରତିଯୋଗିତା ବରିଷ୍ଠ ଓ କନିଷ୍ଠ ବର୍ଗରେ ମିଶାଇ ମୋଟ ୧୨୦ଟି ବର୍ଗରେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ନେଇ ଜିଲାଦଳ ଚୟନ କରାଯାଇଥିଲା। ଏହି ପ୍ରତିଯୋଗୀମାନେ ଡିସେମ୍ବରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସମସ୍ତ ପ୍ରତିଯୋଗୀମାନଙ୍କୁ ଟ୍ରାକ ସୁଟ୍ ପ୍ରଦାନ କରାଯାଇଥିଲା। ଜିଲାର ସମସ୍ତ ସ୍ୱତନ୍ତ୍ର ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜାତୀୟ ଦିବ୍ୟାଙ୍ଗ ବୃତ୍ତି ପରାମର୍ଶକେନ୍ଦ୍ର ଭୁବନେଶ୍ୱରର ମୁଖ୍ୟ ରାମକିଶୋର ଶର୍ମା, ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷିକା ସଂଯୁକ୍ତା ବହିଦାର, ପ୍ରଧାନ ଶିକ୍ଷକ କିଶୋର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜିଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସଦର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ବ୍ଲକର ବିଆରଟି, ଶାରୀରିକ ଶିକ୍ଷା ଶିକ୍ଷକ ଓ ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ରାହୁଲ ସରାଫ, ପ୍ରତିମା ମିଶ୍ରଙ୍କ ସମେତ ସାର୍ଥକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସହାୟତା କରିଥିଲେ।



ଜିଲାସ୍ତରୀୟ ଦିବ୍ୟାଙ୍ଗ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।


୮୦ତମ ଜନ୍ମଦିନ ଶୁଭେଚ୍ଛା



ମାଳତୀ ଲତା ଦାଶ
ଗ୍ରା: ଦୁର୍ଗାପୁର ଗଡ଼ିୟଂଗ, କଟକ
୮୦ବର୍ଷର ଜନ୍ମଦିନ ଉପଲକ୍ଷେ ଆପଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ନୀରୋଗ ରଖନ୍ତୁ।
ଶୁଭେଚ୍ଛା ସହ
ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୬୦୯


## ଛାତ୍ରଙ୍କ ମୃତଦେହ ଉଦ୍ଧାର

ଧାମନଗର ୧୭।୧୧(ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ କଟସାହି ପଞ୍ଚାୟତ ପାଟଣା ସାହି ଗ୍ରାମର ମାନସ ସେନାପତି (୧୬) ନାମକ ଜଣେ ଛାତ୍ରଙ୍କ ମୃତଦେହ କପାଳି ନଦୀ ସ୍ଲୁଇସ ଗେଟ୍ ନିକଟ ଏକ କରଞ୍ଜ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି । ପୋଲିସ ଅପମୃତ୍ୟୁ ମାମଲା (ନଂ.୨୭/୧୯) ରୁଜୁ କରି ତଦନ୍ତ ଚାଲୁ ରଖିଛି।

# ତଣ୍ଟିଚିପି ବୃଦ୍ଧାଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ରାଜଗାଙ୍ଗପୁର,୧୭।୧୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା କୁକୁଡାମୁଣ୍ଡା ପଞ୍ଚାୟତ ହାତୀମୁଣ୍ଡା ଗ୍ରାମରେ ଶନିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ବୃଦ୍ଧାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଛି। ରବିବାର ପୋଲିସ ଅଭିଯୁକ୍ତ ମହେନ୍ଦ୍ର ନାଏକ (୩୬)ଙ୍କୁ ଗିରଫ କରିଛି। ହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତି ସାଢ଼େ ୧୦ଟାରେ ଗ୍ରାମର ଲାଲ ନାଏକ (୬୦) ନାମ୍ନୀ ଜଣେ ବୃଦ୍ଧା ଜୋରରେ ପାଟି କରୁଥିଲେ। ପାଟି ଶୁଣି ବୃଦ୍ଧାଙ୍କ ଘରକୁ ଲାଗି ରହିଥିବା ତାଙ୍କ ଦେଢ଼ ଶ୍ୱଶୁର ବୀରସିଂ ନାଏକ ତାଙ୍କ ଘରକୁ ଯାଇଥିଲେ। ସେଠାରେ ଗ୍ରାମର ମହେନ୍ଦ୍ର ଲାଲଙ୍କ ଛାତି ଉପରେ ବସି ତଣ୍ଟିକୁ ଚିପି ଧରିଥିଲେ। ଏପରି ନ କରିବା ପାଇଁ ମହେନ୍ଦ୍ରକୁ ସେ ବୁଝାଇଥିଲେ। ହେଲେ ମହେନ୍ଦ୍ର ସେଠାରୁ ଚାଲିଯିବା ପାଇଁ ବୀରସିଂଙ୍କୁ ଧମକ ଦେଇଥିଲେ। ସେଠାରୁ ନ ଯିବାରୁ ମହେନ୍ଦ୍ର ଭୁଜାଲି ଦେଖାଇ ବୀରସିଂଙ୍କୁ ହତ୍ୟା ଧମକ ଦେଇଥିଲେ। ବୀରସିଂ ଭୟଭୀତ ହୋଇ ଘଟଣାସ୍ଥଳରୁ ଚାଲିଯାଇ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଲାଲଙ୍କ ଘରକୁ ଯିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ମହେନ୍ଦ୍ର ନାଏକଙ୍କୁ ପୋଲିସ ଗିରଫ କରିଛି। ପୋଲିସ ଏକ ହତ୍ୟା ମାମଲା (ନଂ.୩୩୪/୧୯) ରୁଜୁ କରିଛି। ଘଟଣାର ଅଧିକ ତଦନ୍ତ ଚାଲିଛି । ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିବ ବୋଲି ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଚଷା ଭାଇ ମୋ ବୋଲ ଶୁଣ !**
**ବେଳ ଥାଉଁ ଥାଉଁ ବୁଣିବୁ ଧାନ ।**

ପାଗ ଅନୁସାରେ ଚାଷବାସ କରାଯିବା ଉଚିତ୍। ସଠିକ୍ ସମୟରେ ଚାଷକାର୍ଯ୍ୟ ଆରମ୍ଭ କରାଗଲେ ଚାଷରୁ ଭଲ ଅମଳ ମିଳିବାର ସମ୍ଭାବନା ରହିଥାଏ। ପରନ୍ତୁ ଚାଷକାର୍ଯ୍ୟରେ ହେଳା କଲେ ଲାଭ ପରିମାଣ କମିଯାଇଥାଏ। ସଅଳ ଧାନ ବୁଣିବା ଲାଭପ୍ରଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ,**
**ଅବୁଝାମଣା ରାଇଜରେ ପାଳବିଣ୍ଡା ମନ୍ତ୍ରୀ,**
**ପାଳବିଣ୍ଡା ମନ୍ତ୍ରୀଙ୍କର ଗୋଟିଏ ଆଖି କଣା,**
**ଛାଡ଼ି ପଳାଇବା ଏ ରାଇଜ, କୋଦିଣ୍ଡା ବୁଝାମଣା ।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ ତଦ୍ରୂପ। ସେ ରାଜାଙ୍କୁ ମଧ ଠିକ୍ ବାଟ ବତାଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡ଼ିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଳବିଣ୍ଡା ମାରିଥାନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେ ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଗ୍ୟାସ ସିଲିଣ୍ଡର ଲିକ୍‌ରୁ ଅଗ୍ନିକାଣ୍ଡ

### ବାପା ମୃତ, ପୁଅ ଆହତ

ସିମୁଳିଆ, ୧୭।୧୧(ଡି.ଏନ.ଏ.): ଗ୍ୟାସ ସିଲିଣ୍ଡର ଲିକରୁ ଅଗ୍ନିକାଣ୍ଡ ଘଟି ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ କନ୍ଦଡା ଅଞ୍ଚଳର ବୁଦ୍ଧିରାମ ବେହେରା(୪୨)ଙ୍କ ମୃତ୍ୟୁ ଘଟିଛି। ବୁଦ୍ଧିରାମ ଦିଲ୍ଲୀରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୫ ଦିନ ପୂର୍ବେ ବୁଦ୍ଧିରାମ ରୋଷେଇ କରି ଖାଇପିଇ ଶୋଇଥିଲେ। ରାତିରେ ଘର ମଧ୍ୟରେ ଥିବା ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇଥିଲା । ସକାଳେ ସେ ଗ୍ୟାସ ଲଗାଇବା ପାଇଁ ଉଦ୍ୟମ କରୁଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଏଥିରେ ବୁଦ୍ଧିରାମ ଗୁରୁତର ଆହତ ହୋଇଥିବା ତାଙ୍କ ପୁଅ ସାମାନ୍ୟ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ରବିବାର ତାଙ୍କର ମୃତ୍ୟୁ ହୋଇଛି।

# ଶହେରୁ ଊର୍ଦ୍ଧ୍ୱ ଦେଶରେ ରହିଛି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି

**ସୂଚନା ଅଧିକାର ଆଇନ୍ ଜରିଆରେ ମିଳିଲା ତଥ୍ୟ**

ବଲାଙ୍ଗୀର ଅଫିସ, ୧୭।୧୧

ବିଶ୍ୱର ୧୦୨ଟି ଦେଶରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଏକ କିମ୍ବା ତଦୂର୍ଦ୍ଧ୍ୱ ପ୍ରତିମୂର୍ତ୍ତି ରହିଥିବା ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟରୁ ଜଣାପଡିଛି। ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରହିଥିବା ସମୁଦାୟ ୧୦୨ଦେଶ ମଧ୍ୟରୁ ୮୨ଟି ଦେଶରେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରହିଛି। ୨୦ଟି ଦେଶରେ ଅର୍ଦ୍ଧାବୟବ ପ୍ରତିମୂର୍ତ୍ତି ରହିଥିବା ଉକ୍ତ ତଥ୍ୟରୁ ଜଣାଯାଇଛି। ଭାରତ ସରକାରଙ୍କ ବୈଦେଶିକ ବିଭାଗକୁ ବଲାଙ୍ଗୀରର ସୂଚନା କର୍ମୀ ହେମନ୍ତ ପଣ୍ଡା ଏ ନେଇ ତଥ୍ୟ ମାଗିଥିଲେ। ସୂଚନା ଅଧିକାର ଆଇନର ୬(୩) ଧାରା ଅନୁଯାୟୀ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ ପକ୍ଷରୁ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଥିବା ପଣ୍ଡା ଜଣାଇଛନ୍ତି। ତେବେ କେତୋଟି ଦେଶର ମୁଦ୍ରା ଏବଂ ଡାକ ଟିକଟରେ ଗାନ୍ଧୀଙ୍କ ଫଟୋ ରହିଛି ଏହି ସୂଚନା ସମ୍ପର୍କିତ ତଥ୍ୟ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଥିବା ପଣ୍ଡା କହିଛନ୍ତି । ବିଶ୍ୱର ବିଭିନ୍ନ ଦେଶରେ ରହିଥିବା ମହାମାନବମାନଙ୍କ ପ୍ରତିମୂର୍ତ୍ତି ସଂଖ୍ୟା ମଧରେ ଗାନ୍ଧୀ ସର୍ବାଗ୍ରେ ରହିଛନ୍ତି ବୋଲି ସୂଚନା କର୍ମୀ ପଣ୍ଡା ତଥ୍ୟ ଦେଇଛନ୍ତି।

# ପାଗଳ କୁକୁର କାମୁଡ଼ାରେ ୨୫ ଆହତ

ରାଉରକେଲା ଅଫିସ,୧୭।୧୧

ରାଉରକେଲା ଡେଲି ମାର୍କେଟ ଅଞ୍ଚଳରେ ପାଗଳା କୁକୁର କାମୁଡ଼ାରେ ୨୫ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଆଖପାଖ ଅଞ୍ଚଳରେ ବୁଲୁଥିବା ଏହି କୁକୁର କାହାକୁ କେତେବେଳେ କାମୁଡିବ ସେଇ ଆଶଙ୍କାରେ ସ୍ଥାନୀୟ ଲୋକେ ହାତରେ ବାଡି ଧରି ଘରୁ ବାହାରୁ ଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସମ୍ପୃକ୍ତ ଅଞ୍ଚଳର ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏକ ପାଗଳ କୁକୁର କାମୁଡାରେ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ବେଳେ ଆଉ କେତେ ଜଣ ଘରୋଇ ଡାକ୍ତରଖାନା ଯାଇଥିବା ଖବର ମିଳିଛି। ରବିବାର ପାଖାପାଖି ୫ ଜଣ ଏହି ପାଗଳ କୁକୁର ଆକ୍ରମଣରେ ଆହତ ହୋଇଛନ୍ତି । ସ୍ଥାନୀୟ ଯୁବକ କମଲ ପ୍ରଜାପତିଙ୍କ କହିବାନୁସାରେ ଶନିବାର ସେ ସ୍ଥାନୀୟ ପେଟ୍ରୋଲ ଟାଙ୍କିକୁ ତେଲ ପକାଇବାକୁ ଆସିଥିବା ବେଳେ ତାଙ୍କୁ ଏକ ପାଗଳ କୁକୁର ଆକ୍ରମଣ କରିଥିଲା। ପରେ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ରିକ୍ସା ଚାଳକଙ୍କୁ ଗୋଡାଇବାରୁ ସେ ରିକ୍ସା ଉପରକୁ ଚଢି ରକ୍ଷା ପାଇଥିଲେ। ରବିବାର ରାତିରେ ପାଗଳ କୁକୁର କାମୁଡ଼ାରେ ଅନ୍ୟ କେତେଜଣ ଆହତ ହୋଇଥିବା ଖବର ମିଳିଛି। ଏନେଇ କାହା ପାଖରେ ଠିକ୍ ସୂଚନା ନ ଥିବାରୁ ନାନା କଥା ଶୁଣିବାକୁ ମିଳୁଛି ।

■ ମଦ ପାଇଁ ୨ ପରିବାର ମଧ୍ୟରେ ଗଣ୍ଡଗୋଳ

# ଭାଉଜଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ, ଦିଅର ଗିରଫ

ପାଟଣା,୧୭।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଭାଉଜଙ୍କ ତଣ୍ଟି କାଟି ଜଣେ ଯୁବକ ହତ୍ୟା ଉଦ୍ୟମ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସାମାନ୍ୟ ମଦ ପାଇଁ କଳିର ପରିଣତି କେତେ କରୁଣ ହୋଇପାରେ ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପାଟଣା ଥାନା ଅନ୍ତର୍ଗତ ଗାଲଫୁଲା ଗ୍ରାମର କୃଷ୍ଣ ନାଏକଙ୍କ ପରିବାର ସହ ତାଙ୍କ ସମ୍ପର୍କୀୟ ଭାଉଜ ରତ୍ନମଣୀଙ୍କ ପରିବାର ମଧରେ ସୁସମ୍ପର୍କ ଥିଲା। ଶନିବାର ରାତିରେ ଉଭୟ ପରିବାରର ୨ ପିଲା ଏକାଠି ମଦ ପିଇଥିଲେ। ଏହା ପରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଝଗଡ଼ା ଲାଗିଥିଲା। ଏଥିରେ ଉତକ୍ଷିପ୍ତ ହୋଇ କୃଷ୍ଣ ଏକ ଧାରୁଆ ବ୍ଲେଡରେ ରତ୍ନମଣୀଙ୍କ ତଣ୍ଟିକୁ କାଟି ପକାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୧୭୯/୧୯) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସନ୍ଧ୍ୟା ରାଣୀ ଜେନା କହିଛନ୍ତି।


## ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ବରୁଣ ବିଶ୍ୱଭୂଷଣ
ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ : ୨୦.୧୦.୧୯୮୬
ତିରୋଧାନ : ୧୮.୧୧.୨୦୧୭
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା । ଆମକୁ ଏକା ଛାଡି ତୁ ଚାଲିଗଲୁ । ତୋର ଅମର ଆତ୍ମା ଚିରଶାନ୍ତି ଲାଭ କରୁ ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :
ମାଆ, ବାପା ଏବଂ ଆତ୍ମୀୟସ୍ୱଜନ
ଧ-୬୮୦୨୮

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁବାଷ ଦାସ
ବରଦାସାହି, ବ୍ରହ୍ମବରଦା, ବ୍ଲକ- ରସୁଲପୁର, ଜିଲ୍ଲା- ଯାଜପୁର
ଆବିର୍ଭାବ: ୦୧।୦୧।୧୯୩୦
ତିରୋଧାନ: ୦୮।୦୧।୨୦୧୯
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ। ତୁମର ସ୍ନେହ, ଶ୍ରଦ୍ଧା, ଶିକ୍ଷା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସହେଉ। ଶିକ୍ଷା କ୍ଷେତ୍ରରେ ତୁମର ସାଧନା ଯୁଗଯୁଗକୁ ସ୍ମରଣୀୟ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର: ଚିତ୍ତ ରଞ୍ଜନ ଦାସ, ବୋହୂ: କୁଟୁମୀନା ମହାନ୍ତି, ନାତି: ଚିରନ୍ଜୀବ୍ ଦାସ, ନାତୁଣୀ: ଚେଲେସା ଦାସ, ଝିଅ, ଜ୍ୱାଇଁ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ପ୍ରିୟଜନଗଣ ।
ଧ-୧୫୨୯୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇ. ଶଚ୍ଚିନନ୍ଦନ ଦାସ
ଦଇତାପଡ଼ା ସାହି, ପୁରୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫
(ଷଷ୍ଠୀ ମାର୍ଗଶିର ମାସ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ ।
ଧ-୧୫୧୬୯

ତୃତୀୟ ପୁଣ୍ୟତିଥି



ସ୍ୱର୍ଗତା ମନି ସାମନ୍ତରାୟ
ଆବିର୍ଭାବ: ୧୮।୧୧।୧୯୫୭
ତିରୋଧାନ: ୧୮।୧୧।୨୦୧୬
ମାମି, ଆଜି କି ୩ବର୍ଷ ହେଲା, ଆମକୁ ଛାଡ଼ି ଦିବ୍ୟଧାମକୁ ଚାଲିଗଲ। ତୁମରି ଶିକ୍ଷା, ସଂସ୍କାର ଓ ଅନୁଶାସନକୁ ପାଥେୟ କରି ଆମେ ଆଗେଇ ଚାଲୁଛୁ। ତୁମର ଅମରଆତ୍ମା ଯେଉଁଠି ବି ଥାଉ ଶାନ୍ତିରେ ଥାଉ, ବାସୁଦେବଙ୍କ ପାଖରେ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ଶ୍ରୀମନ୍ତ, ସନ୍ତୋଷ, ବୋହୂ: ସୁଜାତା, ସୋନାଲି, ଝିଅ: ଶର୍ମିଷ୍ଠା, ଜ୍ୱାଇଁ: ସୁଶାନ୍ତ, ଭଣଜା: ରାଜା, ନାତୁଣୀ: ସୁଶ୍ରୀ, ଶ୍ରୀମା, ସମୃଦ୍ଧି, ଶରନ୍ୟା, ନାତି: ସୂର୍ଯ୍ୟାଂଶୁ, ଶାଶ୍ୱତମନିଷ ।
ଧ-୧୫୨୯୫

# ସୌରଭଙ୍କ ବାୟୋଫ୍ଲକ୍ ମାଛ ଚାଷ

**ସମ୍ବଲପୁର,୧୭।୧୧(ବ୍ୟୁରୋ)**

ଢେଙ୍କାନାଳ ସିନର୍ଜି କଲେଜରେ ଇଞ୍ଜିନିୟରିଂ ସାରିବା ପରେ ବାଙ୍ଗାଲୋରର ଏକ ପ୍ରତିଷ୍ଠିତ କମ୍ପାନୀରେ ତାଙ୍କୁ ଚାକିରି ମିଳିଥିଲା। ମୋଟା ଅଙ୍କର ଦରମା ସହିତ ନାନା ସୁବିଧା ସୁଯୋଗକୁ ସେ ଉପଭୋଗ କରୁଥିଲେ। କମ୍ପାନୀ ୮ ବର୍ଷ କାମ କରିବା ଭିତରେ ସେ ଜର୍ମାନୀ ସହ ବହୁ ଦେଶରେ କାମ କରିଥିଲେ। ହେଲେ ପିଲାଟି ଦିନରୁ ସ୍ୱାଭିମାନୀ ଥିବା ଏହି ଯୁବ ଇଞ୍ଜିନିୟର ଜଣକ ସ୍ୱାବଲମ୍ବୀ ହେବା ପାଇଁ ସ୍ୱପ୍ନ ଦେଖିଲେ । ନିଜ ଜନ୍ମମାଟିରେ ସେହି ସ୍ୱପ୍ନକୁ ସାକାର କରିବା ପାଇଁ ସେ ଚାକିରି ଛାଡି ଗାଁକୁ ଫେରିଲେ। ଆରମ୍ଭ କଲେ ବାୟୋଫ୍ଲକ୍ ପ୍ରଣାଳୀରେ ମାଛ ଚାଷ, ଯାହା ଆଜି ତାଙ୍କୁ ଜଣେ ସଫଳ ଉଦ୍ୟୋଗୀର ପରିଚୟ ଦେଇଛି।

ନାଁ ତାଙ୍କର ଇଂ.ସୌରଭ ସାମନ୍ତରାୟ। ଘର ସମ୍ବଲପୁର ମହାନଗର ନିଗମ ଅଧୀନ ବୁର୍ଲା ଗୋଲକୁଣ୍ଡା ଗାଁରେ। ଆନ୍ଧ୍ର ପ୍ରଦେଶର ଜଣେ ବନ୍ଧୁ ତାଙ୍କୁ ବାୟୋଫ୍ଲକ୍ ପ୍ରଣାଳୀରେ ମାଛ ଚାଷ କରିବା ପାଇଁ ଉତ୍ସାହିତ କହିଥିଲେ। ସେଥିପାଇଁ ତାଙ୍କୁ ୧ ସପ୍ତାହ ତାଲିମ ପାଇଁ ଇଣ୍ଡୋନେସିଆ ଯିବାକୁ ପଡିଥିଲା। ସେଠାରୁ ତାଲିମ ନେଇ


ଇଂ.ସୌରଭ ସାମନ୍ତରାୟ।

- ଗୋଟିଏ କୁଣ୍ଡରୁ ମିଳୁଛି ବାର୍ଷିକ ୧ ଲକ୍ଷ ଟଙ୍କା ଲାଭ
- ମାଛ ସହିତ ପନିପରିବା, ଛତୁ ଚାଷ କରିଛି ସ୍ୱାବଲମ୍ବୀ

ଫେରିବା ପରେ ଗାଁରେ ଥିବା ପୈତୃକ ୩ ଏକ ଜମିରୁ ଦେଢ ଏକରରେ ଏକ ପୋଖରୀ ଖନନ କରିଥିଲେ। ପୋଖରୀ ପାର୍ଶ୍ୱରେ ୬ଟି ଛୋଟ ଛୋଟ କୁଣ୍ଡ ନିର୍ମାଣ କଲେ। ଏହାପରେ ସୌରଭ ବାୟୋଫ୍ଲକ୍ ପ୍ରଣାଳୀରେ ମାଛ ଚାଷ ଆରମ୍ଭ କଲେ।

ସୌରଭଙ୍କ କହିବା ଅନୁଯାୟୀ, ବିଦେଶରେ ରହି କାମ କରୁଥିବା ସମୟରେ ହଠାତ୍ ମନରେ ବ୍ୟବସାୟ କରିବା ପାଇଁ ଇଚ୍ଛା ହେଲା । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ବନ୍ଧୁମାନଙ୍କ ସହିତ ଆଲୋଚନା


ସମ୍ବଲପୁର ଗୋଲକୁଣ୍ଡାରେ ବାୟୋଫ୍ଲକ୍ ପ୍ରଣାଳୀରେ ମାଛ ଚାଷ।

କଲି । ଜଣେ ବନ୍ଧୁ ମୋତେ ବାୟୋଫ୍ଲକ୍ ପ୍ରଣାଳୀରେ ମାଛ ଚାଷ କରିବାକୁ ଉତ୍ସାହିତ କରିଥିଲେ। ଦରମାରୁ ସଞ୍ଚୟ କରି ରଖିଥିବା ଟଙ୍କାରେ ପ୍ରଥମେ ଏହି ପ୍ରକଳ୍ପ ଆରମ୍ଭ କରିଥିଲି। ପରେ ମତ୍ସ୍ୟ ବିଭାଗ ପକ୍ଷରୁ ପୋଖରୀ ଖନନ ପାଇଁ ଋଣ ମିଳିଲା । ସେଥିରୁ ୧ ଲକ୍ଷ ୨୦ ହଜାର ଟଙ୍କା ସବ୍‌ସିଡି ପାଇଛି। ଛୋଟ ଛୋଟ ଫାର୍ମ କୁଣ୍ଡ ପାଇଁ ନିଜ ହାତରୁ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। କୁଣ୍ଡରେ ମାଗୁର, ସିଙ୍ଗି, ଜଲଙ୍ଗ ଭଳି ମାଛ ଚାଷ କରାଯାଉଛି। ସେହି କୁଣ୍ଡରେ ଯାଆଁଳା ଛାଡ଼ିବାର ୬ ମାସ ପରେ ମାଛ ବିକ୍ରି କରିବା ଓଜନର ହୋଇଯାଇଥାନ୍ତି। ପୋଖରୀରୁ ବି ରୋହି,ଭାକୁଡ ଭଳି ମାଛ ଚାଷ କରାଯାଉଛି। କୁଣ୍ଡରେ ମାଛଙ୍କ ପାଇଁ ଜୈବିକ ଖାଦ୍ୟ ଦିଆଯାଉଛି। ଏଥିସହିତ ଚିନି ,ଗୁଡପାଣି ଦିଆଯାଉଛି। ୨୪ ଘଣ୍ଟା ଅମ୍ଳଜାନ ଗ୍ୟାସ କୁଣ୍ଡରେ ଭର୍ତ୍ତି କରାଯାଉଛି। ଟାଙ୍କି ପାଣିକୁ ଦୁଇ ଦିନ ଅନ୍ତରରେ ବଦଳା ଯାଉଛି । ସେହି ପାଣିକୁ ନଷ୍ଟ କରା ନ ଯାଇ ପୋଖରୀ ହିଡରେ ଚାଷ କରାଯାଉଥିବା ପୋଟଳ , ବାଇଗଣ, କୋବି, ଲାଉ, ମାଖନ,ଲଙ୍କା ଓ ଶାଗ କିଆରିରେ ମଡ଼ା ଯାଉଛି।

ଏବେ ସୌରଭ ଛତୁ ଚାଷ ବି ଆରମ୍ଭ କରିଛନ୍ତି। ମାଛ ଓ ପନିପରିବା ପରି ଛତୁର ବି ବଜାରରେ ଚାହିଦା ରହିଛି। ପ୍ରାୟ ୨୦ଜଣ ଲୋକ ସୌରଭଙ୍କ ଏହି ପ୍ରକଳ୍ପରେ କାମ କରୁଛନ୍ତି। ସ୍ଥାନୀୟ ମହିଳା ଓ ପୁରୁଷ ବେପାରୀମାନେ ଆସି ମାଛ ଓ ପନିପରିବା କିଣି ନେଉଛନ୍ତି। ଏବେ ମାଛ କିଲୋ ୧୦୦ ଟଙ୍କା ରହିଛି ଓ ବଜାରକୁ ଦେଖି ପନିପରିବା ଦର ନିର୍ଦ୍ଧାରଣ କରାଯାଉଛି ବୋଲି ସୌରଭ କହିଛନ୍ତି। ବାୟୋଫ୍ଲକ୍ ପ୍ରଣାଳୀରେ ମାଛ ଚାଷ କଲେ ଜଣେ ଚାଷୀ ଗୋଟିଏ କୁଣ୍ଡ ପିଛା ବର୍ଷକୁ ୧ ଲକ୍ଷ ଟଙ୍କା ରୋଜଗାର କରିପାରିବ। କୁଣ୍ଡ ସଂଖ୍ୟା ବଢ଼ାଇଲେ ଆୟ ପରିମାଣ ବି ବଢ଼ିବ । ଆଗକୁ ମାଛ କୁଣ୍ଡ ସଂଖ୍ୟା ବୃଦ୍ଧି କରିବା ସହ ମାଛର କଣ୍ଟା କାଡି ବାହାରକୁ ମାଛ ରପ୍ତାନି କରିବା ପାଇଁ ଯୋଜନା ରହିଛି ବୋଲି ସୌରଭ କହିଛନ୍ତି।

## ସଂକ୍ଷେପରେ

### ସମୁଦ୍ରକୁ ମାଛ ଧରିବାକୁ ଯାଇ ଧୀବର ମୃତ

**ପଦ୍ମପୁର, ୧୭।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅଡୁଆଁ ଗ୍ରାମର ଜଣେ ବ୍ୟକ୍ତି ସମୁଦ୍ରକୁ ମାଛ ଧରିବାକୁ ଯାଇ ଅସୁସ୍ଥ ହୋଇ ପରେ ମୃତ୍ୟୁମୁଖରେ ପଡିଛନ୍ତି। ମୃତକ ହେଲେ ଅଡୁଆଁ ଗ୍ରାମର ସୋମବାରୀ ମଳିକ। ଗତ ୧୪ ତାରିଖରେ ସୋମବାରୀଙ୍କ ସମେତ ୮ ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ମାରିବା ପାଇଁ ଚୁଡାମଣି ଘାଟରୁ ଏକ ବୋଟ୍ ଯୋଗେ ଯାଇଥିଲେ। ସମୁଦ୍ର ଭିତରେ ବୋଟ୍‌ରେ ସୋମବାରୀଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ସହକର୍ମୀମାନେ ତାଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲେ। ଏହାସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଘଟିବାରୁ ସେମାନେ ମାଛ ଧରା ବାତିଲ କରି ବୋଟ୍‌କୁ ଚୁଡାମଣି ଜେଟିକୁ ସୋମବାର ଫେରାଇ ଆଣିଥିଲେ ମଧ ସୋମବାରୀଙ୍କ ମୃତ୍ୟୁ ଘଟିଥିଲା।

### ବୋଲେରୋ ଧକ୍କାରେ ଯୁବକ ମୃତ

**କୁଳିଅଣା,୧୭।୧୧(ଡି.ଏନ୍.ଏ.):** ୧୮ ନଂ. ଜାତୀୟ ରାଜପଥର କୁଳିଅଣା ବଜାରଠାରେ ଶନିବାର ବିଳମ୍ବିତ ରାତିରେ ଏକ ବୋଲେରୋ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବସନ୍ତ ରଣା(୨୫)। ତାଙ୍କ ଘର କୁଳିଅଣା ଥାନା କାମତା ଗ୍ରାମରେ। ପୋଲିସ ସୂଚନା ଅନୁଯାୟୀ, ବାରିପଦା ଜଗଦ୍ଧାତ୍ରୀ ମେଳା ଦେଖି ବସ୍‌ରେ ଆସି ରାତିରେ ସେ କୁଳିଅଣା ଛକରେ ଓହ୍ଲାଇଥିଲେ। ସେଠାରେ ଠିଆ ହୋଇଥିବା ବେଳେ ଏକ ବୋଲେରୋ (ନଂ. ଓଡି୧୧କେ-୨୦୯୯) ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କୂଅରୁ ହକରଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣା
## ଏସପି କଲେ ଘଟଣାସ୍ଥଳ ପରିଦର୍ଶନ

**କଣ୍ଟାବାଞ୍ଜି, ୧୭।୧୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଆଶ୍ରମପଡା ରାଧାସ୍ୱାମୀ ସତ୍‌ସଙ୍ଗ ଆଶ୍ରମ ପଛପଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ଶନିବାର ସକାଳେ କଣ୍ଟାବାଞ୍ଜି ପୋଲିସ ଆନନ୍ଦନଗର ନିବାସୀ କମଳ ବାଗ (୨୫) ନାମକ ଜଣେ ହକରଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହାକୁ ପରିବାର ଲୋକେ ହତ୍ୟାକାଣ୍ଡ ବୋଲି ସନ୍ଦେହ କରିଥିଲେ। ରବିବାର ଏସପି ସନ୍ଦୀପ ମାଡକର କଣ୍ଟାବାଞ୍ଜି ଯାଇ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ପ୍ରାରମ୍ଭିକ ତଦନ୍ତରୁ ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଇଛି। ପ୍ରେମସମ୍ପର୍କକୁ ନେଇ କମଳକୁ ହତ୍ୟା କରାଯାଇ ଥାଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହେବାରୁ ସେହିଦିଗକୁ ଅଧିକ ତଦନ୍ତ କରାଯାଉଥିବା ଏସପି ମାଡକର ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ମୃତ କମଳଙ୍କ ପରିବାର ଲୋକେ ଥାନାକୁ ଆସି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଥିଲେ ।

## ବାଙ୍ଗାଲୋରରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିଆପାଳ, ୧୭।୧୧(ସ୍ୱ.ପ୍ର.):** ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବା ବାଲିଆପାଳର ଜଣେ ଯୁବକ ଜଗତଜ୍ୟୋତି ପଟ୍ଟନାୟକ(୨୫)ଙ୍କର ରବିବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବାଲିଆପାଳ ବ୍ଲକର ପାରୁଳିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅରବିନ୍ଦ ପଟ୍ଟନାୟକଙ୍କ ଏକମାତ୍ର ପୁଅ ଜଗତଜ୍ୟୋତି ଦୁର୍ଗାପୂଜା ପରେ ଜଣେ ସାଙ୍ଗଙ୍କ ସହିତ ବାଙ୍ଗାଲୋର ଯାଇଥିଲେ। ସେଠାରେ ସେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ଶନିବାର ଜଗତ ତାଙ୍କ ସ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ମାତ୍ର ଅପରାହ୍ଣରେ ତାଙ୍କ ସ୍ତ୍ରୀ ଜଗତ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ମୋବାଇଲ ସୁଇଚ୍ ବନ୍ଦ ଥିବାରୁ ଆଉ ଯୋଗାଯୋଗ ହୋଇପାରି ନ ଥିଲା। ରବିବାର ପୂର୍ବାହ୍ଣରେ ଜଗତଙ୍କ ରୁମ୍‌ରେ ରହୁଥିବା ଆସାମର ଜଣେ ବନ୍ଧୁ ତାଙ୍କ ଘରକୁ ଫୋନ୍ କରି କହିଥିଲେ ଯେ, ସେମାନେ ଜଗତଙ୍କୁ ଅଚେତ୍ ଅବସ୍ଥାରେ ରାସ୍ତାରୁ ପାଇ ହସ୍‌ପିଟାଲରେ ରଖିଛନ୍ତି। ତାଙ୍କ ପାଟିରୁ ରକ୍ତ ବାହାରୁଛି, ତୁରନ୍ତ ଆସିବାକୁ କହିଥିଲେ। ଏହି ଖବର ଜଣାପଡ଼ିବା ପରେ ବାଙ୍ଗାଲୋରରେ ରହୁଥିବା ତାଙ୍କ ପରିବାର ବନ୍ଧୁମାନେ ହସ୍‌ପିଟାଲକୁ ଯାଇଥିଲେ ଏବଂ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ରବିବାର ଶବ ବ୍ୟବଚ୍ଛେଦ ପରେ ସୋମବାର ଗ୍ରାମକୁ ଆସିବ ଓ ଅନ୍ତିମ ସଂସ୍କାର ହେବ। ତାଙ୍କର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। କେତେକ ତାଙ୍କୁ




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



■ ଖୋର୍ଦ୍ଧା-ବଲାଙ୍ଗୀର ଏନ୍‌ଏଚ୍ ପାଲଟିଛି ମରଣଯନ୍ତା

# ଚାରି ବର୍ଷରେ ମଲେଣି ୧୮୨

**ବୌଦ୍ଧ,୧୭।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲାର ମନମୁଣ୍ଡା ଠାରୁ ବଦଲା ପର୍ଯ୍ୟନ୍ତ ପ୍ରାୟ ୧୨୦ କିଲୋମିଟର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଗତ ଚାରିବର୍ଷ ମଧ୍ୟରେ ଜିଲାରେ ୫୯୪ଟି ସଡକ ଦୁର୍ଘଟଣାରେ ୧୮୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୧୪୧ ଜଣ ଗୁରୁତର ଆହତ ଓ ୫୪୯ ଜଣ ଆହତ ହୋଇଛନ୍ତି । ଜିଲାରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି ।

ଜିଲା ପୋଲିସ ବିଭାଗ ସୂତ୍ର ଅନୁସାରେ, ଗତ ୨୦୧୬ ମସିହାରେ ଦୁର୍ଘଟଣାରେ ୩୫ ଜଣଙ୍କ ମୃତ୍ୟୁ ହୋଇଛି । ୨୦୧୭ରେ ୪୯ଜଣ, ୨୦୧୮ରେ ୪୬ ଜଣ ଓ ୨୦୧୯ରେ ବର୍ତ୍ତମାନ ସୁଦ୍ଧା ୫୨ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି। ବର୍ତ୍ତମାନ ସମ୍ବଲପୁର-କଟକ ଏନଏଚ କାର୍ଯ୍ୟ ନିର୍ମାଣାଧୀନ ଥିବାବେଳେ ଖୋର୍ଦ୍ଧା-ବଲାଙ୍ଗୀର ଏନଏଚ ଉପରେ ଯାନବାହନ ଚଳାଚଳ ବୃଦ୍ଧି ପାଇଛି। ଏହି ରାଜପଥ ବୌଦ୍ଧ ମହାନଦୀ ବ୍ରିଜ ଛକରେ ରେଢାଖୋଲ ଦେଇ ଆସିଥିବା ରାଞ୍ଚି ବିଜୟୱାଡା ଜାତୀୟ ରାଜପଥ ସହ ସଂଯୁକ୍ତ ହୋଇ ହରଭଙ୍ଗା ବ୍ଲକର ଚାରିଛକ ଦେଇ କନ୍ଧମାଳ ସହ ସଂଯୁକ୍ତ ହୋଇଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରିଯାନ, ଯାତ୍ରୀବାହୀ ବସ, କାର, ଆମ୍ବୁଲାନ୍ସ ଓ ବାଇକ୍ ଏହି ରାଜପଥ ଦେଇ ଯାତାୟାତ କରୁଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ମନମୁଣ୍ଡା, ବାଉଁଶୁଣୀ, ସାହାଜପାଲ, ବୌଦ୍ଧ ସହର, ପୁରୁଣାକଟକ ଓ ଚାରିଛକ ଭଳି ଜନବହୁଳ ଅଞ୍ଚଳ ରହିଥିଲେ ମଧ୍ୟ ଏହିସବୁ ସ୍ଥାନରେ ସୁରକ୍ଷିତ ଟ୍ରାଫିକ ପରିଚାଳନା ପାଇଁ କୌଣସି ବ୍ୟବସ୍ଥା ନାହିଁ। ମନମୁଣ୍ଡା ବାଇପାସ କାର୍ଯ୍ୟ ଦୀର୍ଘ ବର୍ଷ ହେଲା ଚାଲିଥିଲେ ମଧ୍ୟ ବାଦ ବିବାଦ ଯୋଗୁ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ସେହିପରି ବୌଦ୍ଧ ଓ ପୁରୁଣାକଟକରେ ବାଇପାସ ରାସ୍ତା କାମ କେବଳ କାଗଜ କଲମରେ ଚାଲିଛି। ସେହିପରି ଜାତୀୟ ରାଜପଥ ଉପରେ ରହିଥିବା ଅଣଓସାରିଆ ପୋଲ ଗୁଡିକ ମଧ୍ୟ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି। କିଛି ପୋଲର ସମ୍ପ୍ରସାରଣ କାର୍ଯ୍ୟ ହାତକୁ ନିଆଯାଇଥିଲେ ମଧ୍ୟ ସେଗୁଡିକ ସମ୍ପୂର୍ଣ୍ଣ ହୋଇନାହିଁ । ଜାତୀୟ ରାଜପଥ କାର୍ଯ୍ୟ ସମ୍ପ୍ରସାରଣ, ପୋଲ ନିର୍ମାଣ, ଟ୍ରାଫିକ ବ୍ୟବସ୍ଥା, ଛକ ଓ ଜନବହୁଳ ଅଞ୍ଚଳ ଗୁଡିକୁ ଚିହ୍ନଟ, ରାସ୍ତା କଡରେ ଥିବା ସ୍କୁଲ, କଲେଜ ଚିହ୍ନଟ କରି ଟ୍ରାଫିକ ସଚେତନତା ପାଇଁ ବ୍ୟବସ୍ଥା ଗ୍ରହଣ କରାଗଲେ ଦୁର୍ଘଟଣା ରୋକାଯାଇପରିବ ବୋଲି ମତପ୍ରକାଶ ପାଇଛି ।

# ୪୦୧ ଛାତ୍ରଙ୍କୁ ଦିଆଗଲା ଟିକା

**ବରଗଡ଼ ଅଫିସ୍,୧୭।୧୧**

ବରଗଡ଼ ଜର୍ଜ ହାଇସ୍କୁଲରେ ଶନିବାର ୪୦୧ଜଣ ଛାତ୍ରଙ୍କୁ ଜାପାନିଜ୍ ଏନସେଫାଲାଇଟିସ୍ ଟିକା ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ଏହାକୁ ଆରମ୍ଭ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ବିରେନ୍ଦ୍ର ଦାଶ, ଅମୃତଲାଲ ବେହେରା, ସଚ୍ଚିଦାନନ୍ଦ ପ୍ରଧାନ, ଆଦିକନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଟିକାକରଣର ଆବଶ୍ୟକତା ଉପରେ ଛାତ୍ରମାନଙ୍କୁ ସଚେତନ କରାଇଥିଲେ । ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଅଭିଯାନରେ ପର୍ଯ୍ୟାୟକ୍ରମେ ସବୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଟିକା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ କୁଞ୍ଜ ବିହାରୀ ଭୋଇ ସୂଚନା ଦେଇଥିଲେ ।



ଜଣେ ଛାତ୍ରଙ୍କୁ ଟିକା ଦିଆଯାଉଛି ।

## ସଂକ୍ଷେପରେ

### ମନମୁଣ୍ଡା ମଣ୍ଡଳ ଭାଜପାର ୫୦ ବୁଥ୍ କମିଟି ଗଠିତ

ମନମୁଣ୍ଡା, ୧୭।୧୧ (ଡି.ଏନ.ଏ)
ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱରେ ପ୍ରାଥମିକ ସଦସ୍ୟତା ଅଭିଯାନ ଜାରି ରହିଛି। ସେହିପିଏହି ମଣ୍ଡଳରେ ୫୦ଟି ବୁଥ୍ ଗଠନ କରାଯାଇଛି। ପ୍ରତ୍ୟେକ ବୁଥ ସଦସ୍ୟମାନେ ସେମାନଙ୍କ ମଧରୁ ଜଣେ ସଭାପତି, ୩ଜଣ ଉପସଭାପତି, ଜଣେ ସାଧାରଣ ସମ୍ପାଦକ, ୨ଜଣ ସମ୍ପାଦକ ଏବଂ ଜଣଙ୍କୁ କୋଷାଧକ୍ଷ ଏବଂ ୧୨ ଜଣ କାର୍ଯ୍ୟକାରୀ ସଭ୍ୟ ମନୋନୀତ କରି କମିଟି ଗଠନ କରିଛନ୍ତି । ସେହିପରି ଏହି ମଣ୍ଡଳର ମନମୁଣ୍ଡା ଶକ୍ତିକେନ୍ଦ୍ର ପ୍ରମୁଖ ଭାବେ ପ୍ରେମଦାର ଶାହା, ଯୋଗୀନ୍ଦ୍ରପୁରର ଶ୍ରୀକାନ୍ତ ଭୋଇ, ଗୁଡଭେଲିପଦରର ରମେଶ ପ୍ରସାଦ ମଶ୍ର, ବିଲାସପୁରର କୃଷ୍ଣଚନ୍ଦ୍ର ଖଣ୍ଡଗିରି, ବରଗୋଛାର ମୋତିଲାଲା ଡାଙ୍ଗ, ଘିକୁଣ୍ଡିର ସର୍ବେଶ୍ୱର ମହାକୁଡ, ଶୁଣ୍ଡିପଦରର କମଳ କୁମାର ମିଶ୍ର ଏବଂ ଖଟଖଟିଆର ଶକ୍ତିକେନ୍ଦ୍ର ପ୍ରମୁଖ ଭାବେ ଘନଶ୍ୟାମ ବସ୍ତିଆଙ୍କୁ ମନୋନୀତ କରାଯାଇଛି ।

### ଶିକ୍ଷା ସମ୍ପର୍କିତ ଦକ୍ଷତା ତାଲିମ

ବାଉଁଶୁଣୀ, ୧୭।୧୧ (ଡି.ଏନ.ଏ)
ବୌଦ୍ଧ ବ୍ଲକ ବାଉଁଶୁଣୀ ସ୍ଥିତ ୱାଇସିଜିଏ ସ୍ୱେଚ୍ଛାସେବୀ ସଂସ୍ଥା ସଭାଗୃହରେ ଶିକ୍ଷା ସମ୍ପର୍କିତ ଦକ୍ଷତା ତାଲିମ ଶିବିର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଦୁଲିଆ, ଶଗଡା, ଗୋଛାପଡା ଗ୍ରାମପଞ୍ଚାୟତର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରୁ ୩୩ ଜଣ କର୍ମୀ ଅଂଶଗ୍ରହଣ କରିଥିଲେ । ସେହିପରି ବଘିଆପଡା ଗ୍ରାମପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆମ୍ବଝରି, ଟିକରପଡା, ବଘିଆପଡା କେନ୍ଦ୍ରରୁ ୩୨ଜଣ କର୍ମୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ମଙ୍ଗୁଳି ନାଏକ ତାଲିମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁମାନଙ୍କର ୦-୬ ବର୍ଷ ମଧରେ ବିକାଶର ଗୁରୁତ୍ୱ, ଅଙ୍ଗନୱାଡି କେନ୍ଦ୍ରରେ ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟ ପ୍ରସ୍ତୁତି ଏବଂ ଶିଶୁମାନଙ୍କର ପ୍ରାକ୍ ଶିକ୍ଷା ପାଇଁ ସୁଯୋଗ ସୃଷ୍ଟି କରିବା, ଶିଶୁର ଶାରୀରିକ, ଭାଷାଗତ ଓ ବୌଦ୍ଧିକ ବିକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶେଷରେ ସଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ୱାଇସିଜିଏ ବାଉଁଶୁଣୀ ଏବଂ ସେଭ ଦି ଚିଲଡ୍ରେନ୍ ଭୁବନେଶ୍ୱରର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



### ଡିସେମ୍ବର ୭ରୁ ଶନିଙ୍କ ବାର୍ଷିକ ଉତ୍ସବ, ଶାନ୍ତିଯଜ୍ଞ

ବୌଦ୍ଧ,୧୭।୧୧(ସ୍ୱ.ପ୍ର)
ବୌଦ୍ଧ ରଥ ସାହି ଶନି ମନ୍ଦିରରେ ଡିସେମ୍ବର ୭ ତାରିଖରେ ଶନି ମହାପ୍ରଭୁଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଏବଂ ଶାନ୍ତି ମହାଯଜ୍ଞ ଆୟୋଜିତ ହେବ । ଏ ନେଇ ମନ୍ଦିର କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଭାପତି ସଞ୍ଜୀବ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ବାର୍ଷିକ ଉତ୍ସବ ଏବଂ ଶାନ୍ତି ମହାଯଜ୍ଞ ପାଇଁ ଆଲୋଚନା କରାଯାଇଥିଲା । ପ୍ରାତଃ ସମୟରୁ ଠାକୁରଙ୍କ ଦୈନନ୍ଦିନ ସକାଳ ଧୂପ ସମ୍ପନ୍ନ କରାଯିବା ପରେ ସ୍ୱତନ୍ତ୍ର ପୂଜା ଆରମ୍ଭ ହେବ । ସକାଳ ୭ଟାରେ କଳସ ଶୋଭାଯାତ୍ରା, ୮ଟାରେ କଳସ ସ୍ଥାପନା ସହ ରାହୁ କେତୁ ଓ ଶନିଙ୍କ ସ୍ୱତନ୍ତ୍ର ବେଶ କରାଯାଇ ବାର୍ଷିକ ପୂଜା ଓ ହୋମ ଆରମ୍ଭ କରାଯିବ । ୯ ଟାରେ ନାମ ସଂକୀର୍ତ୍ତନ, ୧୦ ଟାରେ ସାମୂହିକ ୧୦୮ ଶନି ଚାଳିଶା ପାଠ କରାଯିବ। ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ କରାଯିବ। ସନ୍ଧ୍ୟା ୫ଟାରେ ସ୍ୱତନ୍ତ୍ର ବେଶ କରାଯିବା ସହ ସନ୍ଧ୍ୟା ଧୂପ ପରେ ୧୦୦୮ ସାମୂହିକ ଦୀପଦାନ କରାଯିବ। ରାତି ୮ଟାରେ ପୂର୍ଣ୍ଣାହୂତି ସମ୍ପନ୍ନ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ବୈଠକରେ ନରେନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶଙ୍କର ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବିଜ୍ଞାନ କୁମାର ସାହୁ, କୋଷାଧକ୍ଷ ସଞ୍ଜୟ କୁମାର ମହାରଣା, ଉପଦେଷ୍ଟା କାହ୍ନୁ ମିଶ୍ର, ଉପଦେଷ୍ଟା ତ୍ରିପୁରାରୀ ମିଶ୍ର, ସୁଶାନ୍ତ ମିଶ୍ର, ଚର୍ତୁଭୂଜ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସୁରଭିରେ ବରଗଡ଼ ଶିକ୍ଷା ଜିଲା ପୁରସ୍କୃତ

**ବରଗଡ଼ ଅଫିସ୍,୧୭।୧୧**

ଜିଲାରେ ଶିକ୍ଷାର ବିକାଶ ତଥା ଅନଲାଇନ ସ୍କୁଲ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡ଼ ଶିକ୍ଷାଜିଲାକୁ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ରାଜ୍ୟସ୍ତରୀୟ ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ବରଗଡ଼ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀ ଏବଂ ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ପୁରସ୍କୃତ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ଯୋଶୀ ନିଜ ଉଦ୍ୟମରେ ବରଗଡ଼ ଜିଲାର ମାଟ୍ରିକ ଛାତ୍ରୀଛାତ୍ରଙ୍କ ପାଇଁ ସାଇନିଂ ଷ୍ଟାର କାର୍ଯ୍ୟକ୍ରମ, ଗୁଣାତ୍ମକ ଶିକ୍ଷା, ସ୍କୁଲ ଭିତ୍ତିଭୂମି, କଳା, ସଂସ୍କୃତିର ବିକାଶ, ସାଧନକର୍ମୀଙ୍କ ଜରିଆରେ ମାଗଣା ଶିକ୍ଷାଦାନ ବ୍ୟବସ୍ଥା, ଷ୍ଟେପଅପ୍ ଭଳି ପୁସ୍ତକ ରଚନା, ବୌଦ୍ଧିକ ଜ୍ଞାନ ପାଇଁ ସଞ୍ଚାର ପତ୍ରିକା ପ୍ରକାଶନ ଆଦି କରିଥିବାରୁ ତାଙ୍କୁ ଏବଂ ଜିଲା ପ୍ରକଳ୍ପ ସଂଯୋଜକ ଚୋପଦାରଙ୍କୁ ଏଭଳି ସମ୍ବର୍ଦ୍ଧନା ଦିଆଯାଇଥିବା ସୂଚନା ମିଳିଛି ।



ବରଗଡ଼ ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ପୁରସ୍କାର ଗ୍ରହଣ କରୁଛନ୍ତି ।

# ବେଆଇନ କରତକଳ ଉପରେ ଚଢ଼ାଉ

**ବିଜେପୁର,୧୭।୧୧(ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ବରମୁଣ୍ଡା ଗ୍ରାମରେ ଚାଲିଥିବା ଏକ ବେଆଇନ କରତକଳ ଉପରେ ରବିବାର ବନ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ କରତକଳ ମାଲିକ ରିଲୁ ପାଣିଗ୍ରାହୀ (୫୦)ଙ୍କୁ ଗିରଫ କରାଯାଇଛି। ସେଠାରୁ ଏକ ଟ୍ରାକ୍ଟର, କରତକଳର ଯନ୍ତ୍ରାଂଶ ସମେତ ୪.୬୭୬ ସିଏଫଟିର ସିମୁଳି ଓ ନିମ୍ବ କାଠଗଣ୍ଡି ଜବତ ହୋଇଛି । ଏ ନେଇ ଏକ ମାମଲା ରୁଜୁ ହୋଇଛି। ସେହିପରି ସୋମବାର ଅଭିଯୁକ୍ତ କରତକଳ ମାଲିକଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବନ ବିଭାଗ ଏସିଏଫ ରମଣୀ ରଞ୍ଜନ ଯୋଶୀ, ଘେଁସ ରେଞ୍ଜର ଗଜେନ୍ଦ୍ର ଗଣ୍ଡ ପ୍ରମୁଖଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା ।

# କୁଇଜରେ ପ୍ରାଚୀ ଦ୍ୱିତୀୟ, ଛାୟା ବିଧାନସଭାରେ ଶୁଭଶ୍ରୀ ପଞ୍ଚମ

**ଭଟଲି,୧୭।୧୧(ଡି.ଏନ.ଏ)**

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ବରଗଡ଼ ଜିଲା ଭଟଲି ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପ୍ରାଚୀ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଗଣଶିକ୍ଷା ସଚିବ ଚିତ୍ରା ଆରୁମୁଗମ୍ ଏହି ଉତ୍ସବରେ ଅତିଥି ଭାବେ ଯୋଗଦେଇ ପ୍ରାଚୀଙ୍କୁ ପୁରସ୍କୃତ କରିଥିଲେ । ଏଥିପାଇଁ ବରଗଡ଼ ଜିଲା ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଚୋପଦାର, ଭଟଲି ବିଇଓ ଛତ୍ରପତି ସାହୁ, ଏବିଇଓ ଅରୁଣ କୁମାର ବେହେରା ଏବଂ ପ୍ରଫୁଲ୍ଲ କୁମାର ନନ୍ଦଙ୍କ ସମେତ ସିଆରସିସି ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରାଚୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଥାଉକି, ପ୍ରାଚୀ ଲଗାତର ତୃତୀୟ ଥର ପାଇଁ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି । ସେହିପରି ଭଟଲି ବ୍ଲକ ଅନ୍ତର୍ଗତ ମୂଳବାର ଶକୁନ୍ତଳା ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ଦେହେରୀ ମଧ ରାଜ୍ୟସ୍ତରୀୟ ଛାୟା ବିଧାନସଭାରେ ନିଜର ଚରିତ୍ରକୁ ଉତ୍ତମ ଭାବେ ପ୍ରଦର୍ଶନ ପୂର୍ବକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରଫେସର ହୃଷିକେଶ ସେନାପତି ଅତିଥି ଭାବେ ଯୋଗଦେଇ ଶୁଭଶ୍ରୀଙ୍କୁ ପୁରସ୍କୃତ କରିଥିଲେ ।



କୃତୀ ଛାତ୍ରୀଛାତ୍ରଙ୍କୁ ଗଣଶିକ୍ଷା ମନ୍ତ୍ରୀ ପୁରସ୍କୃତ କରୁଛନ୍ତି ।

# ମଧୁମେହ ସଚେତନତା ପଦଯାତ୍ରା

**ବରଗଡ଼ ଅଫିସ୍,୧୭।୧୧**

ବିଶ୍ୱ ମଧୁମେହ ଦିବସ ଅବସରରେ ବରଗଡ଼ ଲାୟନ୍ସ କ୍ଲବ ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମେ ଡାଇବେଟିସ ଆୱାରନେସ ୱାକାଥନ ନଦୀପଡ଼ା, ବରଗଡ଼ ଜି.ଡି ଗୋୟଲ ସ୍କୁଲରୁ ପଦଯାତ୍ରା ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଟାଉନ ହଲ ପର୍ଯ୍ୟନ୍ତ କରାଯାଇଥିଲା। ପରେ ବିଜୁ ପଟ୍ଟନାୟକ ଟାଉନ ହଲରେ ଡାଇବେଟିସ୍ ଆୱାରନେସ୍ ଟକ୍ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ବରଗଡ଼ ଲାୟନ୍ସ କ୍ଲବର ଅଧ୍ୟକ୍ଷ ଡି. ମୁରଲିକ୍ରୀଷ୍ଣା ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ମଲ୍ଟି ସ୍ପେଶିଆଲିଟି ହସପିଟାଲର ଡା. ନିଶାନ୍ତ ଦେବତା ମଧୁମେହ ରୋଗ ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ସେହିପରି ଚକ୍ଷୁ ବିଶେଷଜ୍ଞ ଡା. ସୁବଳ କର ମଧ୍ୟ ବିଭିନ୍ନ ପରାମର୍ଶ ଦେଇଥିଲେ। ସମ୍ପାଦକ ସୁଶାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିକାଶ ମଲ୍ଟି ସ୍ପେଶିଆଲିଟି ହସପିଟାଲ କର୍ମଚାରୀଙ୍କ ଦ୍ୱାରା ମଧୁମେହ, ରକ୍ତଚାପ ପରୀକ୍ଷା କରାଯାଇଥିଲା। ୧୬୩ଜଣଙ୍କ ପରୀକ୍ଷା କରାଯାଇ ଥିବାବେଳେ ୨୧ଜଣଙ୍କ ମଧୁମେହ ଚିହ୍ନଟ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଦୀପକ ବଲୋଦିଆ, ନବୀନ ଲାଠ, କିଶନ ଅଗ୍ରୱାଲ, ଆୟୁଷ ଗୁପ୍ତା, ସଙ୍କେତ ଅଢ଼ଗେରା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ବରଗଡ଼ରେ ମଧୁମେହ ସଚେତନତା ପଦଯାତ୍ରା ।

### ସୁପ୍ରିୟା ସ୍ମାରକୀ ଫୁଟବଲ
# ମହୁଲେ, ଜାଣ୍ଡୋଲ ବିଜୟୀ

**ବରଗଡ଼ ଅଫିସ୍,୧୭।୧୧**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚରେ ମହୁଲେ, ଜାଣ୍ଡୋଲ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ମହୁଲେ ଓ କାଦୋବାହାଲ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ମହୁଲେ ୨-୧ ଗୋଲରେ ବିଜୟୀ ହୋଇଥିଲା। ମହୁଲେର ଯୁଧିଷ୍ଠିର ଭୁଏ ୨ଟି ଗୋଲ ଏବଂ ପ୍ରତିପକ୍ଷ ଦଳର ପରମେଶ୍ୱର କୁମୁରା ଗୋଟିଏ ଗୋଲ ସ୍କୋର କରିଥିଲେ । ସେହିପରି ଜାଣ୍ଡୋଲ ଓ ଚିଚିଣ୍ଡା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ଜାଣ୍ଡୋଲ ୧-୦ ଗୋଲରେ ବିଜୟୀ ହୋଇଥିଲା। ଜାଣ୍ଡୋଲର ଲିଙ୍ଗରାଜ ଭୁଏ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ। ଶୁଭମ ପାତ୍ର, ସୁରେଶ ଦାଶ, ଉମେଶ ଭୋଇ, ନିରଞ୍ଜନ ମହାକୁର, ସୁରେଶ ବେହେରା, ଶ୍ରୀନିବାସ ରାଓ, ଅଶ୍ୱିନୀ ମେହର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ ।

# ମଧୁମେହ ସଚେତନତା କାର୍ଯ୍ୟକ୍ରମ

**ଅତାବିରା, ୧୭।୧୧ (ଡି.ଏନ.ଏ)**

ଭେଡେନ ବ୍ଲକ ମାନପୁର ଗ୍ରାମରେ ରବିବାର ମଧୁମେହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଧୁମେହର କାରଣ, ସନ୍ତୁଳିତ ଆହାର, ମଧୁମେହର ଉପଚାର, ବ୍ୟାୟାମ ଆଦି ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ନୂଆ ରୋଗୀ ଚିହ୍ନଟ କରାଯିବା ସହିତ ୯୫ଜଣଙ୍କ ପରୀକ୍ଷା କରାଯାଇଥିଲା। ଲରମ୍ବା ଲାୟନ୍ସ କ୍ଲବ ଗୋଲ୍ଡର ସଭାପତି ସଞ୍ଜୀବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଡା. ଅରୁଣ କୁମାର ଶର୍ମା, ଲାୟନ୍ସ କ୍ଲବ ସମ୍ପାଦକ ରଜନୀକାନ୍ତ ପାଣିଗ୍ରାହୀ, ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ମାନପୁର ଗ୍ରାମର ମାଲୁ ବିଶି ଯୁବକମାନେ ସହଯୋଗ କରିଥିଲେ। ଅତାବିରା ବ୍ଲକ ଲରମ୍ବା ଲାୟନ୍ସ କ୍ଲବ ଗୋଲ୍ଡ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




ମଧୁମେହ ସଚେତନତା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

# ଶିଶୁ, ବାଳ ଶିବିର ଉଦ୍‌ଘାଟିତ

**ଅତାବିରା, ୧୭।୧୧ (ଡି.ଏନ.ଏ)**

ଭେଡେନ ବ୍ଲକ ଅନ୍ତର୍ଗତ ଖୁଣ୍ଟୁଲିପାଲି ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଶିଶୁ ଓ ବାଳ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବାଟିକା ଭାଇଭଉଣୀ ମାଁ ବିନ୍ଧ୍ୟବାସିନୀ ପୀଠ, କମାରଶାଳ ଆଦି ସ୍ଥାନକୁ ଭ୍ରମଣ କରିଥିଲେ। ଏହି ଅବସରରେ ପରିଚାଳନା କମିଟି ସଭାପତି ସଞ୍ଜୀବ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭେଡେନ ସଙ୍କୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ମୁଖ୍ୟଅତିଥି, ଅଶୋକ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର, ଉପସଭାପତି ଶମ୍ଭୁରାମ ତ୍ରିପାଠୀ, ସମ୍ପାଦକ ସୂର୍ଯ୍ୟନାରାୟଣ ପଣ୍ଡା, ସନାତନ ମିଶ୍ର, ସାନ୍ତ୍ୱନା ପୁରୋହିତ, ସୁଜିତ ଆଚାର୍ଯ୍ୟ, ଶିଶୁ ବାଟିକା ପ୍ରମୁଖ ପଦ୍ମିନୀ ଭୋଇ, ମୁନୁ ବଢ଼େଇ, ସୁପ୍ରଭା ସା, ସୁବ୍ରତ ଶତପଥି, ନିଶାନ୍ତ ମହାରଣା, ନିରଞ୍ଜନ ପର୍ଡିଆ, ମାନିନୀ ସାହୁ, ସତ୍ୟଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଓମ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।



ଶିଶୁ ଓ ବାଳ ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଫୁଟବଲ: କ୍ଷୀରାପାଲି, ସିଆଲଖଣ୍ଡହଥା ବିଜୟୀ

**ଭେଡ଼େନ,୧୭।୧୧(ଡି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଖେଳ ପଡ଼ିଆରେ ଫୁଟବଲ ମହୋତ୍ସବ-୨୦୧୯ର ରବିବାର ଦ୍ୱିତୀୟ ଦିବସ ମ୍ୟାଚରେ କ୍ଷୀରାପାଲି ଓ ସିଆଲଖଣ୍ଡହଥା ଦଳ ବିଜୟୀ ହୋଇଛନ୍ତି। ରବିବାର ପ୍ରଥମ ମ୍ୟାଚ୍‌ରେ କ୍ଷୀରାପାଲି ଦଳ ନାଗପଡ଼ା ଏକାଦଶକୁ ୬-୧ ଗୋଲ ବ୍ୟବଧାନରେ ପରାସ୍ତ କରଛି। ବିଜୟୀ ଦଳର ବିଶିକେଶନ ସେଠଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ରବିବାର ଦ୍ୱିତୀୟ ମ୍ୟାଚ୍‌ରେ ସିଆଲଖଣ୍ଡହଥା ଦଳ ମହୁଲପାଲି ଏକାଦଶକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛି । ବିଜୟୀ ଦଳର ବିନୋଦ ଗରିଆଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କୃଷ୍ଣଚନ୍ଦ୍ର ରାଜୁ, ଗୋପାଳ ସେଠ, କେନାଲ ଡ଼ିଭିଜନ ଏସଡ଼ିଓ ରବିନ୍ଦ୍ର କୁମାର ସେଠୀ, ପୁରାତନ ଛାତ୍ର ଅରୁଣ କୁମାର ହୋତା ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରେଫରୀ ପଞ୍ଚାନନ ପାତ୍ର ଏବଂ ଅନୀଲ ବାଗ, ଗୁଣବନ୍ତ ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ତନଭି ସାହୁ ଏବଂ ସଞ୍ଜୟ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ଥୁଆପାଲି ଓ ପତ୍ରାପାଲି ମଧରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ରେମଣ୍ଡା ଫୁଟବଲ ମହୋତ୍ସବରେ ଅତିଥି ଓ ଖେଳାଳି ।



"ମୋ ବିରୋଧରେ ଅଣାଯାଇଥିବା ଯୌନଶୋଷଣ ଅଭିଯୋଗ ମିଛ ଓ ଭିତ୍ତିହୀନ, ମୋର ଦୁଇ ଝିଅ ଥିବାବେଳେ ମୁଁ ଏପରି କିପରି କରିପାରିବି।
-ଅନୁ ମଲିକ୍,
ମ୍ୟୁଜିକ୍ କମ୍ପୋଜର

## ସଂକ୍ଷେପରେ

### ମନମୁଣ୍ଡା ଅଞ୍ଚଳ ବିକାଶ ପାଇଁ କମିଟି ଗଠିତ

ମନମୁଣ୍ଡା, ୧୭।୧୧ (ଡି.ଏନ.ଏ)
ମନମୁଣ୍ଡା ଅଞ୍ଚଳର ବିକାଶ ପାଇଁ ରବିବାର ସ୍ଥାନୀୟ ଡାକ ବଙ୍ଗଳାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବୈଦ୍ୟନାଥ ହୋତା ଅଧକ୍ଷତା କରିଥିଲେ। ରାଜନୈତିକ ଓ ପ୍ରଶାସନିକ ଆନ୍ତରିକତା ଅଭାବରୁ ମନମୁଣ୍ଡା ଅଞ୍ଚଳର ବିକାଶ ହୋଇପାରୁ ନ ଥିବାରୁ ବୈଠକରେ କ୍ଷୋଭପ୍ରକାଶ ପାଇଥିଲା। ପରେ ଏକ ୧୧ ଜଣିଆ କମିଟି ଗଠନ କରାଗଲା। ଏଥିରେ ବୈଦ୍ୟନାଥ ହୋତା, ବିପ୍ରଚରଣ ବେହେରା, ସୁଧିର ମହାକୁଡ, ଅକୃର ବେହେରା, ରାଧେଶ୍ୟାମ ସାହୁ, ଛନ୍ଦାଚରଣ ମେହେର, ଶିବନାରାୟଣ ଚୌଲିଆ, ଜାନୀ ସେନାପତି, ଆଶିଷ ସାହୁ, ବିରଜାନନ୍ଦନ ଦାନୀ ଏବଂ ଓକିଲ ତ୍ରିନାଥ ପ୍ରଧାନଙ୍କୁ ମନୋନୀତ କରାଯାଇଛି । ଆଗାମୀ ଦିନରେ ଆଖପାଖ ସମସ୍ତ ପଞ୍ଚାୟତର ନେତା, ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ ବଡଧରଣର ସାଧାରଣ ସଭା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଶେଷରେ ଅକ୍ରୁର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ବୀର ବିର୍ସାମୁଣ୍ଡାଙ୍କ ଜୟନ୍ତୀ କାର୍ଯ୍ୟକ୍ରମ

# ଏକାଠି ହୋଇ ସଂଗ୍ରାମ କରିବାକୁ ଆହ୍ୱାନ

**ବରଗଡ଼ ଅଫିସ୍,୧୭।୧୧**

ବୀର ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଓ ସମ୍ବିଧାନ ଦିବସ ଅବସରରେ ରବିବାର ବରଗଡ଼ ସୌଖିନ କଳାକାର ମଞ୍ଚଠାରେ ମିଳିତ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଲିଙ୍ଗରାଜ ଆଜାଦ, ଶୁଦ୍ରମୁକ୍ତି ଅଭିଯାନର ଆବାହକ ପବିତ୍ର ଦେହେରୀ, ଆଦିବାସୀ ନେତା ଗୋବର୍ଦ୍ଧନ ଭୋଏ, ଆନନ୍ଦ କୁଜୁର, ଡୋଲାମଣି କନ୍ଧେର, ନେପାଳେଶ୍ୱର ତାଣ୍ଡି, ଜେଠୁ ଭୋଇ, ଗୁଣମଣି ସୁନାନୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଆଦିବାସୀ, ଦଳିତ, ପଛୁଆବର୍ଗ, ସଂଖ୍ୟାଲଘୁଙ୍କ ପାଇଁ ସମ୍ବିଧାନରେ ସମସ୍ତ ପ୍ରାବଧାନ ରହିଥିବା ସତ୍ତ୍ୱେ ତାଙ୍କୁ ଅଧିକାରରୁ ବଞ୍ଚିତ କରାଯାଉଥିବାରୁ ଏକାଠି ହୋଇ ସଂଗ୍ରାମ କରିବାର ସମୟ ଆସିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିର୍ସା ମୁଣ୍ଡା ସଂଘର୍ଷ ବାହିନୀର ସଭାନେତ୍ରୀ ମ୍ୟାରିୟମ ବାର୍ଲା, ବଳରାମ ଦୀପ, ସୀତାରାମ ମେହେର, ସାବିତ୍ରୀ ବାଇଫୁଲେ ସଂଗଠନର ଶକୁନ୍ତଳା ସୁନା, ଟିକେଶ୍ୱରୀ ଛତର ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ । ସେହିପରି ମହମ୍ମଦ ଅଲିମ, ଗୁରୁପ୍ରୀତ ସିଂ, ରମେଶ ମହାପାତ୍ର, ଭବାନୀ ସାହୁ, ରମେଶ ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଆଦିବାସୀ ବେଶଭୂଷାରେ ସଜ୍ଜିତ ହୋଇ ମହିଳା, ପୁରୁଷ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଶିଶୁମାନେ ବିର୍ସାମୁଣ୍ଡା ବେଶଭୂଷାରେ ଥିବାବେଳେ ପାରମ୍ପରିକ ଆଦିବାସୀ ନାଚରେ ଶୋଭାଯାତ୍ରା ଗାନ୍ଧୀଛକରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ ଚୂଳଧର, ରାଉତପଡ଼ା, ବରଗଡ଼ ମୁଣ୍ଡାପଡ଼ାର ସାଂସ୍କୃତିକ ଦଳ ଯୋଗ ଦେଇଥିଲେ। ଅଜିତ ପାଣିଗ୍ରାହୀ ସଂଗ୍ରାମୀ ଗୀତ ଗାଇଥିବାବେଳେ କବି ଲକ୍ଷ୍ମଣ ସୁନା କବିତା ପାଠ କରିଥିଲେ ।



ବୀର ବିର୍ସାମୁଣ୍ଡାଙ୍କ ଜୟନ୍ତୀ, ସମ୍ବିଧାନ ଦିବସ ପାଳନ ଅବସରରେ ଶୋଭାଯାତ୍ରା ।

# ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପାଇଁ ସ୍ମୃତିଦିବସ ପାଳିତ

**ବୌଦ୍ଧ,୧୭।୧୧(ସ୍ୱ.ପ୍ର)**

ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ଦୁର୍ଘଟଣାରେ ମୃତ ବ୍ୟକ୍ତିମାନଙ୍କ ଆତ୍ମାର ସଦ୍‌ଗତି କାମନା କରି ଜିଲାସ୍ତରୀୟ ସ୍ମୃତି ଦିବସ ଟାଉନହଲରେ ପାଳିତ ହୋଇଯାଇଛି। ଏହି ସ୍ମୃତି ସଭାରେ ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା, ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତାର ଅଭାବ ଓ ଗାଡି ଚାଳନା ସମୟରେ ଅବହେଳା ଦୁର୍ଘଟଣା ପାଇଁ ମୁଖ୍ୟତଃ ଦାୟୀ ବୋଲି ମୁଖ୍ୟଅତିଥି ରାଓ ପ୍ରକାଶ କରିଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଳକମାନେ ଗାଡି ଚାଳନା ସମୟରେ ସତର୍କ ରହିଲେ ଦୁର୍ଘଟଣାକୁ ଅନେକାଂଶରେ ରୋକାଯାଇପାରିବ ବୋଲି ମତ ରଖିଥିଲେ। ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଭାଗୀରଥି ନାୟକ ସଭାରେ ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ପ୍ରବୀର କୁମାର ଦାସ ମଞ୍ଚ ପରିଚାଳନା ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଏସ. ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଜିଲାସ୍ତରୀୟ ସ୍ମୃତିଦିବସ ସଭାରେ ମଞ୍ଚାସୀନ ଅତିଥି ।

# ୧୮ରୁ କୁଷ୍ଠରୋଗୀ ଚିହ୍ନଟ ଅଭିଯାନ ଆରମ୍ଭ

**ବୌଦ୍ଧ,୧୭।୧୧(ସ୍ୱ.ପ୍ର)**

ଆସନ୍ତା ନଭେମ୍ବର ୧୮ ତାରିଖରୁ ବୌଦ୍ଧ ବିଜ୍ଞାପିତ ଅଞ୍ଚଳରେ କୁଷ୍ଠରୋଗୀ ଚିହ୍ନଟ ଅଭିଯାନ ଆରମ୍ଭ ହେବାକୁ ଯାଉଛି । ଏହି କ୍ରମରେ ଜିଲା ସମନ୍ୱୟ କମିଟି ବୈଠକ ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ତାଲିମ କେନ୍ଦ୍ରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମଦନମୋହନ ପ୍ରଧାନ ସୂଚନା ଦେଇଥିଲେ, ଏହି କାର୍ଯ୍ୟକ୍ରମ ନଭେମ୍ବର ୧୮ରୁ ୩୦ ତାରିଖ ଯାଏ ଚାଲିବ । ବୌଦ୍ଧ ବିଜ୍ଞାପିତ ଅଞ୍ଚଳରେ ମୋଟ ୧୭ଟି ୱାର୍ଡରେ ୭ଜଣ ଅଙ୍ଗନୱାଡ଼ି କର୍ମୀ ଓ ୧୦ ଜଣ ଆଶାକର୍ମୀ ଘର ଘର ବୁଲି ସର୍ଭେ ଦ୍ୱାରା କୁଷ୍ଠରୋଗର ଲକ୍ଷଣ ଥିବା ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବେ ଓ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦିଆଯିବ। କୁଷ୍ଠ ରୋଗ ସମ୍ପର୍କରେ ଜନସଚେତନତା ବୃଦ୍ଧି ପାଇଁ ଶାମ୍ବରଥ ନାମରେ ଏକ ସଚେତନତା ରଥ ୫ ଦିନ ଧରି ପ୍ରଚାର କରିବ । ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍‌ଓ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଜିଲା କୁଷ୍ଠ ଅଧିକାରୀ ଡା. ହେମ୍ବ୍ରମ, ଜିଲା ଯକ୍ଷ୍ମା ଅଧିକାରୀ ଡା. ଭାରତୀ ରାଉତ, ଜାତୀୟ ସ୍ୱାସ୍ଥ୍ୟ ମିଶନର ରୂପକ ମହାପାତ୍ର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା କୁଷ୍ଠ ପରାମର୍ଶଦାତା ଡା. ସୌମ୍ୟକାନ୍ତ ସତ୍ୟସୁନ୍ଦର ତଥା ସ୍ୱାସ୍ଥ୍ୟ ବିଭାଗର ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ ।




ବୈଠକରେ ମଞ୍ଚାସୀନ ବିଭାଗୀୟ ଅଧିକାରୀ ।



ଫାସେଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଚାଲିଛି।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ଔଷଧ ବଣ୍ଟନ

**ଘଣ୍ଟାପଡା, ୧୭।୧୧ (ଡି.ଏନ.ଏ)**

କନ୍ଧମାଳ ବ୍ଲକ କୁଲୁତାଯୋର ପଞ୍ଚାୟତ ଫାସେଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କନ୍ଧମାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶମ୍ଭୁ ପ୍ରସାଦ ସାହୁ ଏବଂ ସମାଜସେବୀ ପ୍ରେମରାଜ ରଣାଙ୍କ ତତ୍ତ୍ୱାବଧାନରେ ରବିବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୨୪୦ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ଏଥିରେ ଭୁବନେଶ୍ୱର କିମ୍ସର ଡା. ଅଖିଳ ରେଡ୍ଡୀ ଓ ଜଗଦୀଶ କୁନାଲ, ଫାର୍ମାସିଷ୍ଟ କାହ୍ନୁଚରଣ ମହାକୁଡ ଏବଂ ଆଟେଣ୍ଡାଣ୍ଟ ତପନ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା କରିବା ସହ ଔଷଧ ବିତରଣ କରିଥିଲେ । ଶିକ୍ଷାବିତ ନୀଳାଞ୍ଚଳ ଭୋଇ, କୁଲୁତାଯୋର ପଞ୍ଚାୟତ ନାଏବ ସରପଞ୍ଚ ଲିଙ୍ଗରାଜ ଧରୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଜୁ ବାହିନୀ ସଦସ୍ୟ, ଶିକ୍ଷକ ଓ ଛାତ୍ରୀଛାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ସିମେଣ୍ଟନଗର ବିକାଶ ସ୍କୁଲର କ୍ରୀଡ଼ା ଉତ୍ସବ

**ବରଗଡ଼ ଅଫିସ୍,୧୭।୧୧**

ବରଗଡ଼ ସିମେଣ୍ଟନଗର ସ୍ଥିତ ବିକାଶ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ସନାତନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଏଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ବାପୁନୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଦିଲୀପ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉଦଘାଟନୀ ସମାରୋହରେ ବରଗଡ଼ ସିମେଣ୍ଟ କାରଖାନାର ମୁଖ୍ୟ ପରିଚାଳକ ମନୋଜ କୁମାର ଶ୍ରୀବାସ୍ତବ ମୁଖ୍ୟଅତିଥି, ସୁରକ୍ଷା ପରିଚାଳକ କିଶୋର ଚନ୍ଦ୍ରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । କ୍ରୀଡ଼ା ଶିକ୍ଷକ ଷ୍ଟାଲିନ ଦାଶ କ୍ରୀଡ଼ା ଉତ୍ସବ ପରିଚାଳନା କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

# ୪୭ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼ ଅଫିସ୍,୧୭।୧୧**

କୁମ୍ଭୋ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସେବା ଭାରତୀ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ୪୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରରେ ସମାଜସେବୀ ଶିବାନନ୍ଦ ମଟାରୀ, ସହଦବେ ପ୍ରଧାନ ଅତିଥି ଭାବେ ଯୋଗଦାନ କରିଥିଲେ । ସେବା ଭାରତୀର ସଂଯୋଜକ ଫକୀର ମୋହନ ଜାଲ ଶିବିର ପରିଚାଳନା କରିଥିବାବେଳେ ଭୀମସାର, ବୁର୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ଶିବିରରେ କୁମ୍ଭୋ, କୁଟୁରାପାଲି, ମେଣ୍ଡାପାଲି, ମୁଛମଲଦା, ବିର୍ଜୁପାଲି, ପିକ୍ରିଝରଣ, ସାନସରାଇପାଲି ଆଦି ଅଞ୍ଚଳର ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ ।



ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି ।

# ନାମ ମଣ୍ଡପର ଭୂମି ପୂଜନ, ଶୁଭସ୍ତମ୍ଭ ସ୍ଥାପିତ

**ବାଉଁଶୁଣୀ, ୧୭।୧୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ସ୍ଥିତ ଶ୍ରୀ ଶ୍ରୀ ଭୁବନେଶ୍ୱର ମହାଦେବ ମନ୍ଦିର ନାମ ମଣ୍ଡପର ଭୂମିପୂଜନ ଓ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି । ମନ୍ଦିର ଉନ୍ନୟନ ପରିଷଦ ସଭାପତି ଅଶୋକ କୁମାର ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଉତ୍ସବରେ ପୂଜକ ଭାବେ ହରେକୃଷ୍ଣ ପୁରୋହିତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ନାରାୟଣ ଦେହୁରୀ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଗୁଣନିଧି ମେହେର, ସୁମନ୍ତ ସେଠୀ, ନୀଳାଦ୍ରି ମହାକୁଳ, ବିକ୍ରମ ମହାକୁଳ, ଚାପଧାରୀ ପ୍ରଧାନ, ବାବାରାମ ଦେହୁରୀ, ରମେଶ ପାତ୍ର, କୃଷ୍ଣଚନ୍ଦ୍ର ମେହେର, ଉଦୟନାଥ ଶର୍ମା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



ଭୁବନେଶ୍ୱର ମହାଦେବ ମନ୍ଦିରରେ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି ।

# ଫୁଟବଲ ଟୁର୍ନାମେଣ୍ଟ: ଲୋଇସିଂହା ଚାମ୍ପିୟନ

**ଝାରବନ୍ଧ, ୧୭।୧୧ (ଡି.ଏନ.ଏ)**

ଝାରବନ୍ଧ ଗ୍ଲୋବାଲ ସ୍ପୋର୍ଟିଂ ତରଫରୁ ତିନିଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ ଦଳ ସହିତ କଦଳୀପାଲି, ୟୁନାଇଟେଡ ବରଗଡ, ଜିଲା ଫୁଟବଲ କ୍ଲବ ନୂଆପଡା, ଜାରିଂ, ଏପିଜେ ଫୁଟବଲ କ୍ଲବ ଲୋଇସିଂହା, ସମ୍ବଲପୁର ଓ ବଲାଙ୍ଗୀର ଦଳ ଅଂଶଗ୍ରହଣ କରିଥିଲେ। ଏପିଜେ ଫୁଟବଲ କ୍ଲବ ଲୋଇସିଂହା ଓ ବରଗଡ ୟୁନାଇଟେଡ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା । ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୨ ବ୍ୟବଧାନରେ ଲୋଇସିଂହା ଦଳ ବିଜେତା ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ଝାରବନ୍ଧ ସରପଞ୍ଚ ଧନମତୀ ପାଣ୍ଡେ, କନ୍ଦାଡଙ୍ଗର ସରପଞ୍ଚ ଲାଲେଶ୍ୱରୀ ପଟେଲ, ଝାରବନ୍ଧ ଜୁନିୟର କଲେଜ ଅଧକ୍ଷ ସାନନ୍ଦ କୁମାର ସାହୁ, ହୃଷିକେଶ ବରିହା, ବୀରାଦିତ୍ୟ ସାହୁ, ଆଶୁତୋଷ ବରିହା, ବିଇଓ ରଞ୍ଜିତ ଭୋଇ, ଲକ୍ଷ୍ମଣ ବରିହା ପ୍ରମୁଖ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। ଭବାନୀ ଶଙ୍କର ମାଝୀ, ପ୍ରଶାନ୍ତ କୁମାର ବେହେରା, ଚିତ୍ତରଞ୍ଜନ ପାଣ୍ଡେ, ଗୌରାଙ୍ଗ ପାଣ୍ଡେ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଗ୍ଲୋବାଲ ସ୍ପୋର୍ଟିଂର ନବନିର୍ମିତ କ୍ଲବ ଗୃହ ଉଦଘାଟିତ ହୋଇଥିଲା।




ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି ।

# ୨୦ରୁ ବରଗଡ଼ ପୁସ୍ତକମେଳା

**ବରଗଡ଼ ଅଫିସ୍,୧୭।୧୧**

ବରଗଡ଼ ପୁସ୍ତକମେଳା ଆସନ୍ତା ୨୦ତାରିଖରୁ ଆରମ୍ଭ ହେବ । ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ଏହି ପୁସ୍ତକମେଳା ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଚଳିତ ମାସ ୨୯ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବଧି ମଧ୍ୟରେ ପ୍ରତିଦିନ ଅପରାହ୍ନ ୨ଟା ୩୦ମିନିଟ୍‌ରୁ ରାତ୍ରି ସାଢ଼େ ୯ଟା ପର୍ଯ୍ୟନ୍ତ ପୁସ୍ତକମେଳା ଷ୍ଟଲ ଖୋଲାଯିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଚଳିତବର୍ଷ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷ ପାଳନ ହେଉଥିବାବେଳେ ଗାନ୍ଧୀ ସ୍ମୃତି ପାଠାଗାରର ମଧ୍ୟ ସୁବର୍ଣ୍ଣ ଜୟନ୍ତୀ ସମ୍ବତ୍ସର। ଫଳରେ ଅନ୍ୟ ଥର ଅପେକ୍ଷା ଏଥର ପୁସ୍ତକମେଳାରେ ଅଧିକ କିଛି କାର୍ଯ୍ୟକ୍ରମ ରହିଛି । ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପରିସରରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ଅରୁଣ ମହାନ୍ତି ଏହି ସୂଚନା ଦେଇଥିଲେ । ସେ କହିଥିଲେ, ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ହେବାକୁ ଥିବା ଏହି ପୁସ୍ତକ ମେଳାରେ ମୋଟ୍ ୧୨୯ଟି ଷ୍ଟଲର ବ୍ୟବସ୍ଥା କରାଯାଇ ଥିବାବେଳେ ସେଥିରେ ୮୦ଟି କେବଳ ପୁସ୍ତକ ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ରହିଛି। ସେହିପରି ବାକି ଷ୍ଟଲ ମଧ୍ୟରୁ କିଛି ଷ୍ଟଲ ଶିକ୍ଷା ଉପକରଣ, ୨ଟି ବନୌଷଧି ଏବଂ ୧୫ଟି କୁଟୀର ଶିଳ୍ପ ପାଇଁ ଉଦ୍ଦିଷ୍ଟ ରହିଛି । ୩ଟି ଷ୍ଟଲକୁ କେବଳ ପ୍ରଦର୍ଶନୀ ନିମନ୍ତେ ମୃଣ୍ମୟ ଗାନ୍ଧୀ ମୂର୍ତ୍ତୀ, ଗାନ୍ଧୀ ଚିତ୍ର ସମ୍ବଳିତ ସାବରମତୀ ଆଶ୍ରମ ଭଳି ସଜ୍ଜିତ କରାଯିବ । ପୁସ୍ତକମେଳାର ଗୋଟିଏ ସନ୍ଧ୍ୟା ଗାନ୍ଧୀ ଆଲୋଚନା, ଗାନ୍ଧୀ ନାଟକ ପାଇଁ ସଂରକ୍ଷିତ ରହିଛି ବୋଲି ସୂଚନା ଦିଆଯାଇଥିଲା ।

ଓଡ଼ିଶାର ପଶ୍ଚିମାଞ୍ଚଳର ସୁଯୋଗ୍ୟ ସାରସ୍ୱତ ସନ୍ତାନ ସ୍ୱର୍ଗତ ବିନୋଦ ନାୟକଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ତାଙ୍କ ଗ୍ରାମପଥ କବିତାର ଦୃଶ୍ୟାୟନ ରହିଥିବାବେଳେ ବାର୍ଷିକ ମୁଖପତ୍ରରେ ଏକ ଶ୍ରଦ୍ଧାଞ୍ଜଳି ଆଲେଖ୍ୟ ସ୍ଥାନ ପାଇଥିବା ପାଠାଗାର ସଭାପତି ମହାନ୍ତି ସୂଚନା ଦେଇଥିଲେ । ସେହିପରି ବିଭିନ୍ନ ସନ୍ଧ୍ୟାରେ ପଦ୍ମଶ୍ରୀ ହଳଧର ନାଗଙ୍କ କବିତା ଆବୃତ୍ତି, ବ୍ୟଙ୍ଗକବି ସମ୍ମିଳନୀ, ମହିଳାଙ୍କ କାର୍ଯ୍ୟକ୍ରମ, ଗଣମାଧ୍ୟମ, ମହିମାଧର୍ମୀ ଆଲୋଚନାଚକ୍ର ସହିତ ସନ୍ଥକବି ଭୀମଭୋଇ ନାଟକ ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି । ଆସନ୍ତା ୨୩ତାରିଖ ଅପରାହ୍ନ ୩ଟାରୁ ସନ୍ଧ୍ୟା ୯ଟା ପର୍ଯ୍ୟନ୍ତ ଜିଲା ଶିକ୍ଷା ବିଭାଗର କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରାଯାଇଥିବା ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଗାନ୍ଧୀ ସ୍ମୃତି ପାଠାଗାରର ସମ୍ପାଦକ ମନୋରଞ୍ଜନ ସାହୁ, ବିକ୍ରମାଦିତ୍ୟ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ ।



ଖବରଦାତା ସମ୍ମିଳନୀରେ ଗାନ୍ଧୀ ସ୍ମୃତି ପାଠାଗାରର କର୍ମକର୍ତ୍ତାବୃନ୍ଦ।

## ସଂକ୍ଷେପରେ

### ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଯାପିତ

**ସଇଁତଳା, ୧୭।୧୧ (ଡି.ଏନ.ଏ.)**- ବଲାଙ୍ଗୀର ଜିଲା ସଇଁତଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଯାପିତ ହୋଇଯାଇଛି। ସଭାରେ ଜିଲା ମଙ୍ଗଳ ଅଧିକାରୀ ପରମାନନ୍ଦ ପୃଷ୍ଟି ସଭାପତିତ୍ୱ କରିଥିଲେ। ଅତିଥିଭାବେ ଅତିରିକ୍ତ ଜିଲାପାଳ ପରକ୍ଷୀତ ସେଠୀ, ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ବିଜୟ ଦାଶ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ଦେଇ ମଞ୍ଚ ପରିଚାଳନା କରିଥିଲେ। ଏହି ଜିଲାସ୍ତରୀୟ ପ୍ରତିଯୋଗୀତରେ ୨୧ଜଣ କୃତିତ୍ୱ ଅର୍ଜନ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।

# ସଡକ ସୁରକ୍ଷା ନିୟମ ମାନିଲେ ଦୁର୍ଘଟଣା ହ୍ରାସ ପାଇବ

## ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚାଇ ଥିବା ୨ ଯୁବକ ସମ୍ମାନିତ

**ସୋନପୁର,୧୭।୧୦(ନି.ପ୍ର.)**

ସଡକ ଦୁର୍ଘଟଣାରେ ବହୁ ମୂଲ୍ୟବାନ ଜୀବନହାନି ହେଉଛି। ଏଭଳି ମୃତ୍ୟୁ ସଂଖ୍ୟା ଦେଶରେ ଦିନକୁ ଦିନ ବଢୁଛି । ପ୍ରାକୃତିକ ବିପର୍ଯ୍ୟୟ ଓ ଆତଙ୍କବାଦୀ ଆକ୍ରମଣରେ ଯେତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ହେଉଛି ସଡକ ଦୁର୍ଘଟଣାରେ ତାଠୁ ଢେର ଗୁଣା ଅଧିକ ଲୋକଙ୍କ ମୃତ୍ୟୁ ହେଉଛି। ଏହା ସାରା ବିଶ୍ୱ ପାଇଁ ଚିନ୍ତାଜନକ ବିଷୟ। ତେବେ ଏହାର ପ୍ରତିକାର ଆମ ହାତରେ ଅଛି। ସମସ୍ତେ ସଡକ ସୁରକ୍ଷା ନିୟମ ମାନି ଚଳିଲେ ଦୁର୍ଘଟଣା ଯଥେଷ୍ଟ ହ୍ରାସ ପାଇବ ବୋଲି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ବିଶ୍ୱ ସ୍ମୃତି ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ଏହି ମତବ୍ୟକ୍ତ କରିଛନ୍ତି। ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଓ ଜିଲା ସଡକ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଆହୁରି କହିଲେ ଯେ ମଦ୍ୟପାନ କରି ଓ ମୋବାଇଲ ବ୍ୟବହାର କରି ଗାଡି ଚଳାଇବା ଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଛି । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଭିନ୍ନ କାରଣ ଯୋଗୁଁ ସଡକ ଦୁର୍ଘଟଣା ବୃଦ୍ଧି ପାଉଥିବା କହିଥିଲେ । ହେଲମେଟ୍ ବ୍ୟବହାର ନ କରିବା, ଦ୍ରୁତ ଗତିରେ ଗାଡି ଚଳାଇବା, ରାସ୍ତାରେ ସାଇନ ଏଜ୍ ଓ ବ୍ଲାକ୍‌ସ୍ପଟ୍ ଚିହ୍ନଟ ନ ହେବା ମୁଖ୍ୟ କାରଣ ବୋଲି ଦର୍ଶାଇଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ କହିଥିଲେ ଲୋକଙ୍କ ମଧ୍ୟରେ ସଚେତନତା ପାଇଁ ପ୍ରତିବର୍ଷ ନଭେମ୍ବର ମାସ ତୃତୀୟ ରବିବାର ଏହି ଦିବସ ପାଳନ କରାଯାଉଛି। ଜିଲାରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଏଥିପାଇଁ ଗତ ୪ମାସ ମଧ୍ୟରେ ଦୁର୍ଘଟଣା ହ୍ରାସ ପାଇଛି। ଆଗାମୀ ଦିନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସଡକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପଟ୍ଟନାୟକ କହିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆନ୍ଥୋନି ତିର୍କୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଦିଲ୍ଲୀପ କୁମାର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ସୋନପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା, ବୀରମହାରାଜପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପଦାର, ରେଆରର ସଭାପତି ଗୌରିଶ୍ୟାମ ପଣ୍ଡା, ସମ୍ପାଦକ ଅନଙ୍ଗ ନେଗୀ, ଜିଲା ସଡକ ସୁରକ୍ଷା କମିଟିର ସଭ୍ୟ ସ୍ୱାଧୀନ ମେହେର, ମୃତ୍ୟୁଞ୍ଜୟ ଶତପଥୀ ଓ ପୁରୁଷୋତ୍ତମ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାର ବର୍ଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଥିବା ସୋନପୁର ସହର ନୂଆପଡାର ରାଜକୁମାର ମେହେର ଓ ଜୟଶଙ୍କର ମେହେରଙ୍କୁ ଏହି ଅବସରରେ ୨ ହଜାର ଟଙ୍କାର ଚେକ୍ ଓ ମାନପତ୍ର ଜିଲାପାଳ ପ୍ରଦାନ କରିଥିଲେ। ସରକାରଙ୍କ ଗୁଡ୍ ସମରିଟାନ ପଲିସି ଆସିବା ପରେ ଜିଲାରେ ପ୍ରଥମ ଥର ପାଇଁ ସଡକ ଦୁର୍ଘଟଣାରେ ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ୨ ଯୁବକ ସମ୍ମାନିତ ହୋଇଛନ୍ତି । ଏହା ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ଆଶା କରାଯାଉଛି । ଦିବସ ପାଳନ ପ୍ରାରମ୍ଭରେ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମୃତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।


ସଡକ ଦୁର୍ଘଟଣାରେ ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଥିବା ୨ ଯୁବକଙ୍କୁ ଜିଲାପାଳ ସମ୍ମାନିତ କରୁଛନ୍ତି ।

### ପ୍ଲାଟିନମ୍ ଜୁବିଲି ପାଇଁ ରାଜେନ୍ଦ୍ର କଲେଜରେ ସଫେଇ ଅଭିଯାନ

**ବଲାଙ୍ଗୀର ଅଫିସ, ୧୭।୧୧**

ରାଜେନ୍ଦ୍ର ସ୍ୱୟଂଶାସିତ କଲେଜର ୭୫ ବର୍ଷ ପୂର୍ତ୍ତି ଅବସରରେ ଡିସେମ୍ବର ୨୭ରୁ ୩୧ ପର୍ଯ୍ୟନ୍ତ ପ୍ଲାଟିନମ୍ ଜୁବିଲି ପାଳନ କରାଯିବ । ଏଥିପାଇଁ କଲେଜ ପୁରାତନ ଛାତ୍ର ସଂଘ ଅଣ୍ଟା ଭିଡିଛି। ଏହି ଅବସରରେ ରବିବାର ପୁରାତନ ଛାତ୍ର ସଂଘର ଶତାଧିକ ସଦସ୍ୟ ଓ ବର୍ତ୍ତମାନ୍‌ର ଛାତ୍ରୀଛାତ୍ର ସ୍ଥାନୀୟ କଲେଜ ଛକରୁ କଲେଜ ପରିସର ପର୍ଯ୍ୟନ୍ତ ସଫେଇ କରିଥିଲେ। ପୁରାତନ ଛାତ୍ର ସଂଘ ସଭାପତି ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଫେଇ ଅଭିଯାନରେ ଜିଲାପାଳ ଅରିନ୍ଦମ ଡାକୁଆ ସାମିଲ ହୋଇ ଉତ୍ସାହିତ କରିଥିଲେ। ଏଥିରେ ସମ୍ପାଦକ ଅରବିନ୍ଦ ଦାସ, କୋଷାଧ୍ୟକ୍ଷ ଡ ଶ୍ରୀକର ମିଶ୍ର, ସତ୍ୟସୁନ୍ଦର ଭଞ୍ଜ, ଅରୁଣ ମିଶ୍ର, ମଦନ ମୋହନ ମିଶ୍ର, ମନରଞ୍ଜନ ଯୋଶୀ, ହରିନାରାୟଣ ପୂଜାରୀ ଯୋଗଦାନ କରିଥିଲେ।

# ଦୁର୍ନୀତିଗ୍ରସ୍ତଙ୍କୁ ଗିରଫ ଦାବିରେ ଯୁବକଙ୍କ ଅନଶନ

**ସୋନପୁର,୧୭।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା କଳାପଥର ସତ୍ୟବାଦୀ ବିଦ୍ୟାପୀଠ ହାଇସ୍କୁଲରେ ହୋଇଥିବା ଦୁର୍ନୀତିରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ ଦାବିରେ ଉକ୍ତ ଗ୍ରାମର ଅଶ୍ୱିନୀ କୁମାର ମହାକୁଡ ନାମକ ଯୁବକ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ହାଇସ୍କୁଲ ନାମରେ ୧୨ଏକର ୮୭୭ ଡିସିମିଲ ଜମି ରହିଛି। ଉକ୍ତ ଜମି ମଧ୍ୟରୁ ୯ ଏକର ଜମିରେ ୨୦୦୧ରୁ ୨୦୧୫ ପର୍ଯ୍ୟନ୍ତ କପା ଚାଷ ହୋଇଥିଲା । ଏପରିକି କପା ମଧ୍ୟ ସରକାରୀ ବିକ୍ରୟ କେନ୍ଦ୍ରରେ ବିକ୍ରି ହୋଇଛି । ଏପରିକି ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ୨୦୦୬ ରୁ ୨୦୧୮ ପର୍ଯ୍ୟନ୍ତ ନିଜେ ରହି ବାହାରେ ରହୁଥିବା ଦର୍ଶାଇ ସରକାରଙ୍କଠାରୁ ଘରଭଡା ନେଇଛନ୍ତି । ତେବେ ଏହି ବିଦ୍ୟାଳୟ ଜମିରେ ଚାଷ ହୋଇଥିବା ସମ୍ପର୍କରେ ଅଶ୍ୱିନୀ ଲିଖିତ ଭାବରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯିବାରେ ଜମି ଚାଷ ସମ୍ପର୍କିତ କୌଣସି ରେକର୍ଡ ନ ଥିବା ସେ ପ୍ରକାଶ କରିଛନ୍ତି । ତେଣୁ ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ସେ ଚଳିତ ବର୍ଷ ଜୁନ ମାସ ୨୫ ଓ ୨୬ ତାରିଖରେ ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବାରୁ ବୀରମହାରାଜପୁର ଉପଜିଲାପାଳ ଏହି ଘଟଣାର ତଦନ୍ତ କରିଥିଲେ । ତେବେ ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୨୫୪୨/ତା୭।୮।୧୯ରିଖ ଅନୁସାରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜମି ଚାଷ ସମ୍ପର୍କିତ କୌଣସି ଲିଖିତ ରେକର୍ଡ ଦେଖାଇ ପାରିବା ନ ଥିଲେ। ତେବେ ସେ ଉକ୍ତ ଚାଷ ଜମିରୁ ୨୦୧୨ରୁ ୨୦୧୮ ମଧ୍ୟରେ ୨ ଲକ୍ଷ ୬୦ ହଜାର ଟଙ୍କା ଆଣିଥିବା ସ୍ୱୀକାର କରିଥିବା ଦର୍ଶାଇଥିଲେ । ଏପରିକି ଉକ୍ତ ଟଙ୍କାରୁ ୧ ଲକ୍ଷ ୧୫ହଜାର ୫୨୧ ଟଙ୍କା ବ୍ୟାଙ୍କରେ ଜମା କରିବା ସହ ବାକି ଟଙ୍କାକୁ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟରେ ବିନିଯୋଗ କରିଥିବା ମଧ୍ୟ ସ୍ୱୀକାର କରିଥିଲେ। ଉପଜିଲାପାଳ ତାଙ୍କ ତଦନ୍ତ ରିପୋର୍ଟରେ ଏହା ଉଲ୍ଲେଖ କରି ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ଉକ୍ତ ରିପୋର୍ଟ ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ଦ୍ୱାରା ବର୍ତ୍ତମାନ ସମ୍ପୃକ୍ତ ପ୍ରଧାନଶିକ୍ଷକ କନ୍ଧୁଧର ଛୁରା ନିଲମ୍ବିତ ହୋଇଛନ୍ତି । ତେବେ ଏଥିରେ ୨୫ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ଓ ଏହି ଦୁର୍ନୀତିରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ କର୍ମଚାରୀ ଜଡିତ ଥିବାରୁ ସମସ୍ତ ଦୋଷୀ ବ୍ୟକ୍ତିଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଆପରାଧିକ ମାମଲା ରୁଜୁ କରି ତୁରନ୍ତ ଗିରଫ କରିବାକୁ ଦାବି କରି ମହାକୁଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଠାରୁ ଆମରଣ ଅନଶନରେ ବସିଛନ୍ତି । ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସୁସ୍ଥ ହେଲା ପରେ ରବିବାର ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ଅନଶନରେ ବସିଛନ୍ତି । କିନ୍ତୁ ତାଙ୍କ ସହିତ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା କରୁ ନ ଥିବା ସେ ଅଭିଯୋଗ କରିଛନ୍ତି ।


ଅନଶନରେ ବସିଥିବା ଅଶ୍ୱିନୀ କୁମାର ମହାକୁଡ ।

# ମାରୱାଡି ସମାଜର ଭାଗବତ ପାରାୟଣ


ଭାଗବତ ପାରାୟଣ ଅବସରରେ ଆୟୋଜିତ କୃଷ୍ଣଲୀଳାର ଏକ ଦୃଶ୍ୟ।

**ଡୁଙ୍ଗୁରିପାଲି, ୧୭।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର ପରିସରରେ ମାରୱାଡି ସମାଜ ପକ୍ଷରୁ ଗତ ୧୦ତାରିଖରୁ ଆରମ୍ଭ ହୋଇଥିବା ସପ୍ତାହ ବ୍ୟାପୀ ଭାଗବତ ପାରାୟଣ ୧୬ ତାରିଖ ଉଦ୍‌ଯାପିତ ହୋଇଯାଇଛି। ବୃନ୍ଦାବନରୁ ଆସିଥିବା ଭଗବତ ପ୍ରବଚକ ସଞ୍ଜୟ କୃଷ୍ଣ ଉପାଧ୍ୟାୟ ଭାଗବତ ମହାତ୍ମ୍ୟ, ଦଶ ଅବତାର ଦର୍ଶନ ଓ ପରିକ୍ଷିତ ଜନ୍ମ, କୃଷ୍ଣଜନ୍ମ, ଗୋପଲୀଳା, କୃଷ୍ଣ ବିବାହ, କୃଷ୍ଣ ସୁଦାମା ଭେଟ ଆଦି ପୌରାଣିକ କଥାବସ୍ତୁକୁ ଲୋକଙ୍କୁ ସୁନ୍ଦର ଭାବରେ ପାରାୟଣ ଓ ଅଭିନୟ ମାଧ୍ୟମରେ ବୁଝାଇଥିଲେ। ଏହି ଅବସରରେ କଥାବସ୍ତୁକ ନାଟ୍ୟ ରୂପାନ୍ତର କରାଯାଇଥିଲା। ବାମନ ଭୂମିକାରେ ଅଂଶ ଅଗ୍ରୱାଲ, ନରସିଂହ ପ୍ରେମ ଅଗ୍ରୱାଲ, ପ୍ରହଲ୍ଲାଦ ଶିବମ ଅଗ୍ରୱାଲ, ନନ୍ଦ ରାଜା ଅମିତ ଅଗ୍ରୱାଲ, ଯଶୋଦା ରିତୁ ଅଗ୍ରୱାଲ, ବାସୁଦେବ ବିଷ୍ଣୁ ଅଗ୍ରୱାଲ, ମୁସ୍କାନ ଅଗ୍ରୱାଲ କୃଷ୍ଣ, ରାଧା ସୁଜାତା ମିତ୍ତଲ, କୃଷ୍ଣ ଭୂମିକାରେ ମନିଷା ଅଗ୍ରୱାଲ, ସୁଦାମା ଭୂମିକାରେ ବିଷ୍ଣୁ ଅଗ୍ରୱାଲଙ୍କ ଅଭିନୟ ବେଶ ଚମତ୍କାର ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାରୱାଡି ସମାଜ ସଭାପତି ବିଷ୍ଣୁ ଅଗ୍ରୱାଲ, ସମ୍ପାଦକ ସାଉଁରିଆ ଅଗ୍ରୱାଲ, ମାରୱାଡି ଯୁବାମଞ୍ଚ ସଭାପତି ଅନୀଲ ଅଗ୍ରୱାଲ, ସମ୍ପାଦକ ଲଛମନ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ପରମାନନ୍ଦ ବାଳାଶ୍ରମର ଦ୍ୱିତୀୟ ବାର୍ଷିକ ଉତ୍ସବ

**ଅମରପାଲି, ୧୭।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାସ୍ଥିତ ପରମାନନ୍ଦ ଅନାଥ ବାଳାଶ୍ରମର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଳାଶ୍ରମ ପ୍ରତିଷ୍ଠାତା ସପନ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ଶ୍ରୀକୃଷ୍ଣ ପ୍ରଧାନ, ସାମାଜିକ କର୍ମୀ ରାମପ୍ରସାଦ କର୍ଣ୍ଣ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, କୁଇଜ ଆଦି ପ୍ରତିଯୋଗୀତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାଳାଶ୍ରମ ତରଫରୁ ଅସହାୟ ଶୁକମୁନିଙ୍କୁ ଚିକିତ୍ସା ପାଇଁ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବାଳାଶ୍ରମ ପ୍ରତିଷ୍ଠାତାଙ୍କ କହିବା ଅନୁଯାୟୀ ୨ବର୍ଷ ହେବ ପଞ୍ଜିକରଣ ହୋଇଥିଲେ ମଧ୍ୟ ପ୍ରଶାସନିକ ଅନୁମତି ନ ମିଳିଥିବାରୁ ବାଳାଶ୍ରମରେ ଅନାଥ ପିଲାଙ୍କୁ ରଖାଯାଇ ପାରୁନାହିଁ ।


ବାର୍ଷିକ ଉତ୍ସବରେ ଜଣେ ଅସହାୟଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

# କୁଳତା ଜାତି ମହାସଭା ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ କୁଳତା ସମାଜର ବରିଷ୍ଠ କର୍ମକର୍ତ୍ତା ।

**ଅମରପାଲି, ୧୭।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁରଜିଲା କୁଳତାସମାଜଆନୁକୂଲ୍ୟରେ ଉଲୁଣ୍ଡା ବ୍ଲକ କନ୍ଧେଇପାଲିଠାରେ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଉପଖଣ୍ଡସ୍ତରୀୟ ସଚେତନତା ଓ କୁଳତା ଜାତି ମହାସଭା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲା ବିଶାଳଖିଣ୍ଡା ଗ୍ରାମରେ ଓଡିଶା ଓ ଛତିଶଗଡ ରାଜ୍ୟ ମିଳିତ ଭାବରେ ୨୪ତମ କୁଳତା ଜାତି ମହାସଭା ଆସନ୍ତା ଡିସେମ୍ବର ୨୭ରୁ ଓ ୨୯ ତାରିଖ ଯାଏ ହେବ । ଏଥିପାଇଁ ଉକ୍ତ ପ୍ରସ୍ତୁତି ବୈଠକ କରାଯାଇଥିଲା । ଉକ୍ତ ବୈଠକରେ ବିଭିନ୍ନ ସ୍ଥାନରୁ ଗ୍ରାମ୍ୟସ୍ତରୀୟ, ଗ୍ରାମ ପଞ୍ଚାୟତ, ବ୍ଲକ ସ୍ତରୀୟ କୁଳତା ସମାଜର ପରିଚାଳନା କମିଟି ସଦସ୍ୟା ଓ ସଦସ୍ୟ ଯୋଗଦେଇଥିଲେ । ଉଲୁଣ୍ଡା ବ୍ଲକ କୁଳତା ସମାଜ ସଭାପତି ନାରାୟଣ ପଧାନଙ୍କ ସଭାପତିତ୍ୱରେ ବୀରମହାରାଜପୁର ବ୍ଲକ କୁଳତା ସମାଜ ସଭାପତି କର୍ଣ୍ଣରାଜ ପଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସୋନପୁର ଜିଲା କୁଳତା ସମାଜ ସମ୍ପାଦକ କ୍ଷେତ୍ରବାସୀ ପଧାନ ୨୪ତମ ମହାସଭା କାର୍ଯ୍ୟସୂଚୀ, ବିଭିନ୍ନ ଦିଗଓ ସୋନପୁର ଜିଲାର ଭୂମିକା ଉପରେ ଆଲୋଚନା କରିଥିଲେ। ଉଲୁଣ୍ଡା ବ୍ଲକ କୁଳତା ସମାଜ ସମ୍ପାଦକ ଶମ୍ଭୁ ପ୍ରସାଦ ପଧାନ ଜାତୀୟ ସମ୍ବିଧାନ ଉପରେ ଆଲୋଚନା ସମେତ ସମସ୍ତ ମହାସଭାରେ ଯୋଗଦାନ କରିବାକୁ ଆହ୍ୱାନ କରିଥିଲେ । ବୃନ୍ଦାବନ ପଧାନ, ନେହେରୁ ପଧାନ, ଜଗଦୀଶ ପଧାନ, ସଚ୍ଚିଦାନନ୍ଦ ବେହେରା, ରାଜୁରାମ ଭୋଇ, ତ୍ର୍ୟମ୍ବକ ଭୋଇ, ଭାସ୍କର ବେହେରା, କାଳିଆ ବିଶ୍ୱାଳ, ମହାଦେବ ଭୋଇ, କେଶବ ବୁଧିଆ, ରାଜୀବ ପଧାନ, ସନ୍ତୋଷ ପଧାନ, ବୀରମହାରାଜପୁର କୁଳତା ସମାଜ ସମ୍ପାଦକ ଘାସିରାମ ସାହୁ, ଚଣ୍ଡାଳ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭିକ୍ଷାରଥି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ■ବିଦ୍ୟାଳୟ ସମୂହ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

# ସୋନପୁର ବ୍ଲକ ଚାମ୍ପିୟନ


ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

**ସୋନପୁର,୧୭।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ପଡିଆରେ ଚାଲିଥିବା ବିଦ୍ୟାଳୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସୋନପୁର ଓ ବୀରମହାରାଜପୁର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୋନପୁର ୪ଉଇକେଟ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଫଳରେ ଆସନ୍ତା ୨୬ତାରିଖରେ ଅନୁଗୋଳଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍‌ରେ ସୋନପୁର ଦଳ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛି। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ ସୋନପୁର ଓ ଉଲୁଣ୍ଡା ଏବଂ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ତରଭା ଓ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବି.ସତ୍ୟନାରାୟଣ ରାଓ, ଜୟନାରାୟଣ ମେଣ୍ଡଲି, ଶ୍ୟାମସୁନ୍ଦର ପାତ୍ର ଓ ପୁରୁଷୋତ୍ତମ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ସୋନପୁର ଓ ରନର୍ସ ଅପ ବୀରମହାରାଜପୁର ଦଳକୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଦିବାକର ନାଏକ, ଜନମୁରା ସମିତି ସଭ୍ୟ ସୁବ୍ରତ ସେଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟ ସ୍ତରରୁ କ୍ରୀଡା ପ୍ରତିଭାଙ୍କୁ ଚିହ୍ନଟ କରିବା ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ବୋଲି କହିଥିଲେ। କୋଶଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମାନନ୍ଦ ନାଏକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସଞ୍ଜୟ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଭା ପରେ ଜିଲା ଶିକ୍ଷା ଅଧିକାରୀ ମିଞ୍ଜଙ୍କ ଦ୍ୱାରା ପତାକା ଅବତରଣ କରାଯାଇଥିଲା।

# ଖବରକାଗଜ ବିକ୍ରେତାଙ୍କ ମାତୃ ବିୟୋଗ


ଅନୁରୀ ପ୍ରଧାନ ।

**ଅମରପାଲି, ୧୭।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଟିଠିପାଲି ଗ୍ରାମର ଧରିତ୍ରୀ ଖବରକାଗଜ ବିକ୍ରେତା ବସୁଦେବ ପ୍ରଧାନଙ୍କ ମାତା ଅନୁରୀ ପଧାନ(୬୫)ଙ୍କ ବିୟୋଗ ଘଟିଛି। ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବୁର୍ଲା ମେଡିକାଲରେ ଚିକିତ୍ସା କରାଯାଇ ଘରକୁ ଅଣାଯାଇଥିଲା। ଶନିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ଏକମାତ୍ର ପୁତ୍ର ବସୁଦେବ ମୁଖାଗ୍ନି ଦେଇଥିଲେ। ଅନୁରୀ ଜଣେ ଧର୍ମ ପାରାୟଣ ମହିଳା ଥିଲେ ।

## କନ୍ଧେନବୁଢୀ ଫୁଟବଲ ଟୁର୍ନାମେଣ୍ଟ

# ଅମାମୁଣ୍ଡାକୁ ହରାଇ ସରଲାକାନୀ ଚାମ୍ପିୟନ

**ଉଲୁଣ୍ଡା, ୧୬।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମା' କନ୍ଧେନବୁଢୀ ଆଦିବାସୀ କ୍ଲବ ସାନଅଙ୍କରିଆ ତରଫରୁ ଆୟୋଜିତ ୨୩ତମ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁନ୍ଦରଗଡ ସରଲାକାନୀ ଦଳ ବଲାଙ୍ଗୀର ଅମାମୁଣ୍ଡାକୁ ଟାଇବ୍ରେକର ୪–୩ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହାପୂର୍ବରୁ ପୁଲ 'ବି'ର ଖେଳାଯାଇଥିବା ମ୍ୟାଚଗୁଡିକରେ ବରଗଡ ୟୁନାଇଟେଡ ଦଳ ସମ୍ବଲପୁରକୁ ୧–୦ଗୋଲରେ ଏବଂ ସରଲାକାନୀ ଦଳ ବୌଦ୍ଧ ପୁରୁଣାକଟକ ଦଳକୁ ୩–୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ସରଲାକାନୀ ଦଳ ବରଗଡ ୟୁନାଇଟେଡକୁ ୨–୦ଗୋଲରେ ପରାସ୍ତ କରି ଫାଇନାଲରେ ଅମାମୁଣ୍ଡା ଦଳ ସହିତ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ଖେଳସବୁକୁ ରେଫରୀ ଅଭି ମହାନନ୍ଦ, ନନ୍ଦୁ ନାଏକ, କୃଷ୍ଣ ମାହାର ଓ କିଶୋର ଭୋଇ ପରିଚାଳନା କରିଥିବା ବେଳେ ବିମଳ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ପ୍ରମୁଖ ଟୁଲୁ ପଣ୍ଡାଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ, ଖେଳପ୍ରେମୀ ବଣ୍ଟି ପାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜୟୀ ସରଲାକାନୀ ଦଳକୁ ଟ୍ରଫି ସହ ୪ ହଜାର ଏବଂ ଉପବିଜେତା ଅମାମୁଣ୍ଡା ଦଳକୁ ଟ୍ରଫି ସହ ୩ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହା ସହିତ ଶ୍ରେଷ୍ଠ ରକ୍ଷଣଭାଗରେ ଆକାଶ ଓରାମ, ଗୋଲକିପରରେ ଦାମ କପାଟ, ମ୍ୟାନ ଅଫ ଦି ଫାଇନାଲ ଭାବେ ସୁବ୍ରତ ମରପାଚି ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ସରଲାକାନୀର ବିଜୁ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ପରିଚାଳନାରେ ରଞ୍ଜନ ବିଶ୍ୱାଳ, ସୁଧୀର ଭୋଇ, ତ୍ରିଲୋଚନ ନାଏକ, ସୁମାସ ଭୋଇ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।



ଯେଉଁମାନେ ଅତୀତର ଭୁଲ୍‌କୁ ଭୁଲିଯାଆନ୍ତି, ସେମାନେ ପୁଣି ସେଇ ଭୁଲ୍ କରିବସନ୍ତି।
-ଜର୍ଜ ଶାନ୍ତାୟନ



## ସଂକ୍ଷେପରେ

### ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପାଇଲା କୁତୁର୍ଲା ହାଇସ୍କୁଲ

**ଦେଓଗାଁ,୧୭।୧୧(ଡି.ଏନ.ଏ.)-** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ସୁରଧନୁ ହାଇସ୍କୁଲକୁ ରାଜ୍ୟସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଚଳଚ୍ଚିତ୍ର ଅଭିନେତା ରତନ ମେହେର ମାନପତ୍ର ଓ ୧୦ ହଜାର ଟଙ୍କାର ପୁରସ୍କାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କଠାରୁ ଗ୍ରହଣ କରିଛନ୍ତି ।

### ଶୁଲିଆ ମହୋତ୍ସବ କମିଟି ଗଠିତ

**ଦେଓଗାଁ,୧୭।୧୧(ଡି.ଏନ.ଏ.)-** ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ କୁମୁରିଆରେ ଶୁଲିଆ ଯାତ୍ରା ଡିସେମ୍ବର ୩୧ରେ ଅନୁଷ୍ଠିତ ହେବ । ଏଥିପାଇଁ ରବିବାର ଏକ କମିଟି ଗଠିତ ହୋଇଛି। ବିବସ୍ୱ ଭୋଇଙ୍କ ସଭାପତିତ୍ୱରେ ମହୋତ୍ସବ ପାଇଁ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ମୟ ପ୍ରଧାନୀ, ଉପସଭାପତି ଅନନ୍ତ ଚୌହାନ ଓ ପ୍ରଫୁଲ୍ଲ ଦାଶ, ସମ୍ପାଦକ ପ୍ରଭାତ କୁମାର ପାତ୍ର, ସହସମ୍ପାଦକ ଗଜେନ୍ଦ୍ର ପାଣି ଓ ସତ୍ୟ କାଲସାଏ, କୋଷାଧକ୍ଷ ସୂର୍ଯ୍ୟ ରଣା ମନୋନୀତ ହୋଇଛନ୍ତି।

### ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଯାପିତ

**ସଇଁତଲା, ୧୭।୧୧ (ଡି.ଏନ.ଏ.)-** ସଇଁତଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଯାପିତ ହୋଇଯାଇଛି । ସଭାରେ ଜିଲା ମଙ୍ଗଳ ଅଧିକାରୀ ପରମାନନ୍ଦ ପୃଷ୍ଟି ସଭାପତିତ୍ୱ କରିଥିଲେ। ଅତିଥିଭାବେ ଅତିରିକ୍ତ ଜିଲାପାଳ ପରକ୍ଷୀତ ସେଠୀ, ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ରାମପୁର ହାଇସ୍କୁଲ ପ୍ରଧାନଶିକ୍ଷକ ବିଜୟ ଦାଶ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିଦ୍ୟୁତ୍‌ଲତା ଦେଇ ମଞ୍ଚ ପରିଚାଳନା କରିଥିଲେ । ଏହି ଜିଲାସ୍ତରୀୟ ପ୍ରତିଯୋଗୀତରେ ୨୧ଜଣ କୃତିତ୍ୱ ଅର୍ଜନ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି।

### କ୍ରୀଡା ଶିକ୍ଷକ ସଂଘ ଗଠିତ

**ବେଲପଡା, ୧୭।୧୧(ଡି.ଏନ.ଏ.)-** ବେଲପଡା ବ୍ଲକରେ କାର୍ଯ୍ୟରତ ହାଇସ୍କୁଲ, ଏମଇ ସ୍କୁଲ କ୍ରୀଡା ଶିକ୍ଷକଙ୍କୁ ନେଇ ଏକ ବୈଠକ ଖପ୍ରାଡୁଙ୍ଗୁରିଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବେଲପଡା ଡିଆର ମହେର ହାଇସ୍କୁଲ କ୍ରୀଡା ଶିକ୍ଷକ କୁଶଧ୍ୱଜ ମହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପିଇଟି, ପିଆଇମାନଙ୍କୁ ନେଇ ଏକ ସଂଘ ଗଠନ ପାଇଁ ସ୍ଥିର ହୋଇଥିଲା। ସଭାପତି ଭାବେ ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଉପସଭାପତି ପ୍ରମୋଦ କୁମାର ଠାକୁର, ସମ୍ପାଦକ କୁଶଧ୍ୱଜ ମେହେର, ସହ ସମ୍ପାଦକ ସଂକୀର୍ତ୍ତନ୍ୟ ବେହେରା, କୋଷାଧ୍ୟକ୍ଷ ସରୋଜ କୁମାର ବିଶ୍ୱାଳ,ସଂଯୋଜକ ଭାବେ ଅଭୟ କୁମାର ସିଂ ବୁଡେକଙ୍କୁ ମନୋନୀତ କରାଯାଇଥିଲା ।






ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। କାର୍ଯ୍ୟକ୍ରମରେ ପ୍ରତିଭାଗୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି।

ନେହେରୁ ଯୁବ କେନ୍ଦ୍ର ତରଫରୁ ଯୁବ ନେତୃତ୍ୱ ବିକାଶ ତାଲିମ କାର୍ଯ୍ୟକ୍ରମ

# ଯୁବକଙ୍କ ନେତୃତ୍ୱରେ ସମାଜ ଆଗକୁ ଯିବ

**ନୂଆପଡା ଅଫିସ,୧୭।୧୧**

ଯୁବକମାନଙ୍କ ମଧ୍ୟରେ ଅମାପ ଶକ୍ତି ଭରି ରହିଛି। ସେମାନେ ଆଗକୁ ଆସି ନୂତନ ସମାଜକୁ ମାର୍ଗଦର୍ଶନ କରିବାର ଜରୁରୀ ରହିଛି । ଏମାନଙ୍କ ମଧ୍ୟରେ ନେତୃତ୍ୱ ନେବାର କୌଶଳର ବିକାଶ ଜରୁରୀ। ଏମାନେ ଆଗକୁ ଆସିଲେ ସମାଜ ଆଗକୁ ଯିବ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ଭରଦ୍ୱାଜ ମଣ୍ଡପରେ ନେହେରୁ ଯୁବ କେନ୍ଦ୍ର ତରଫରୁ ଆୟୋଜିତ ଯୁବ ନେତୃତ୍ୱ ବିକାଶ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ଏହି ମତ ପୋଷଣ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପଜିଲାପାଳ ତରଣୀସେନ ନାଏକ ମୁଖ୍ୟ ଅତିଥି ଏବଂ ଅଧ୍ୟାପକ କପିଳଦେବ ପାଣିଗ୍ରାହୀ ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟ ଅତିଥି, ସାମାଜିକ ସଙ୍ଗଠନ କଦମର ସମ୍ପାଦିକା ଯାଜ୍ଞସେନୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏଥିରେ ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ଆଶିଷ କୁମାର ଠାକୁର ସଭାପତିତ୍ୱ କରିଥିଲେ। କେନ୍ଦ୍ରର ଲେଖାପାଳ ଦ୍ୱିତୀୟା ବନଛୋର ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ୨୬ଗୋଟି ଯୁବ ଅନୁଷ୍ଠାନରୁ ଯୁବତୀଯୁବକମାନେ ଯୋଗ ଦେଇଥିଲେ। ଏଥିରେ ତିନି ଦିନ ଧରି ଡା. ଲଳିତ ମୋହନ ବିଶି, ବିଦ୍ୟାଧର ମେହେର, ବିଶ୍ୱଜିତ ପାଣିଗ୍ରାହୀ, ସାଏରା ଖାନ, ଏଚ.କେ. ଦଣ୍ଡସେନା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷକମାନେ ଯୁବକମାନଙ୍କୁ ଜୀବନ ଜିଇଁବାର କୌଶଳ ସହ ସମାଜକୁ ଦିଗଦର୍ଶନ ଦେବାକୁ ନେତୃତ୍ୱ ନେବାର ବିଭିନ୍ନ ମାଧ୍ୟମ ଉପରେ ପୁଙ୍ଖାନୁପୁଙ୍ଖ ତାଲିମ ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ଯୁବତୀଯୁବକମାନେ ମଧ୍ୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରି ସେସବୁର ସମାଧାନର ରାସ୍ତା ପଚାରି ବୁଝିଥିଲେ। ଏହି ଦିନି ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ନେହେରୁ ଯୁବ କେନ୍ଦ୍ରର ବିଶ୍ୱଜିତ ପାଣିଗ୍ରାହୀ, ଟେକରାମ ପାଣ୍ଡେ, ମୁକେଶ ପାଣ୍ଡେ, ସଂଗ୍ରାମ କେଶରୀ ସିଂହ, ଟିକେଶ୍ୱର ହଂସ ପ୍ରମୁଖ ସହଯୋଗିତା କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଯୁବତୀଯୁବକମାନେ ବିଭିନ୍ନ ଶିକ୍ଷାଧର୍ମୀ ନାଟକ ପରିବେଷଣ କରିଥିଲେ। ଏହାକୁ ସମସ୍ତେ ମନଭରି ମଜା ନେଇଥିଲେ।

# ପ୍ଲାଟିନମ୍ ଜୁବିଲି ପାଇଁ ରାଜେନ୍ଦ୍ର କଲେଜରେ ସଫେଇ ଅଭିଯାନ

**ବଲାଙ୍ଗୀର ଅଫିସ, ୧୭।୧୧**

ରାଜେନ୍ଦ୍ର ସ୍ୱୟଂଶାସିତ କଲେଜର ୭୫ ବର୍ଷ ପୂର୍ତ୍ତି ଅବସରରେ ଡିସେମ୍ବର ୨୭ରୁ ୩୧ ପର୍ଯ୍ୟନ୍ତ ପ୍ଲାଟିନମ୍ ଜୁବିଲି ପାଳନ କରାଯିବ । ଏଥିପାଇଁ କଲେଜ ପୁରାତନ ଛାତ୍ର ସଂଘ ଅଣ୍ଟା ଭିଡିଛି। ଏହି ଅବସରରେ ରବିବାର ପୁରାତନ ଛାତ୍ର ସଂଘର ଶତାଧିକ ସଦସ୍ୟ ଓ ବର୍ତ୍ତମାନ୍‌ର ଛାତ୍ରୀଛାତ୍ର ସ୍ଥାନୀୟ କଲେଜ ଛକରୁ କଲେଜ ପରିସର ପର୍ଯ୍ୟନ୍ତ ସଫେଇ କରିଥିଲେ। ପୁରାତନ ଛାତ୍ର ସଂଘ ସଭାପତି ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଫେଇ ଅଭିଯାନରେ ଜିଲାପାଳ ଅରିନ୍ଦମ ଡାକୁଆ ସାମିଲ ହୋଇ ଉତ୍ସାହିତ କରିଥିଲେ । ଏଥିରେ ସମ୍ପାଦକ ଅରବିନ୍ଦ ଦାସ, କୋଷାଧକ୍ଷ ଡ ଶ୍ରୀକର ମିଶ୍ର, ସତ୍ୟସୁନ୍ଦର ଭଞ୍ଜ, ଅରୁଣ ମିଶ୍ର, ମଦନ ମୋହନ ମିଶ୍ର, ମନରଞ୍ଜନ ଯୋଶୀ, ହରିନାରାୟଣ ପୂଜାରୀ ଯୋଗଦାନ କରିଥିଲେ । ଏହାପରେ ପୁରାତନ ଛାତ୍ରଙ୍କ ଅଫିସ ପରିସରରେ ଛାତ୍ରନେତା ସମାବେଶ ଅନୁଷ୍ଠିତ ହୋଇଥିଲା । ହେମନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଛାତ୍ର ନେତା ଗୋପାଳ ଚନ୍ଦ୍ର ଚୋପଦାର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଲଳିତ କୁମାର ନାୟକ, ଆବାହକ ସୁଶାନ୍ତ ନାଏକ, ମାନଭଞ୍ଜନ ପାଢ଼ୀ ମଞ୍ଚାସୀନ ଥିଲେ । ସମ୍ପାଦକ ଅରବିନ୍ଦ ଦାସ ସ୍ୱାଗତ ବକ୍ତବ୍ୟ ରଖି ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ପୂର୍ବତନ ଛାତ୍ରନେତା ଗୋପାଳ ଚନ୍ଦ୍ର ନାୟକ, ସୁଧୀର ଚାନ୍ଦ, ସ୍ୱାଧୀନ ପଣ୍ଡା, ଜୟନ୍ତ ମହାନ୍ତି, ରତନ ମହାରଣା, ନରେନ୍ଦ୍ର ପାଣିଗ୍ରାହୀ, ମଦନ ଗୋପାଳ ପଣ୍ଡା ପ୍ରମୁଖ ବକ୍ତବ୍ୟ ଦେଇ କଲେଜ ଦିନର ସ୍ମୃତିଚାରଣ କରିଥିଲେ ।



ରାଜେନ୍ଦ୍ର କଲେଜ ସଫେଇ ଅଭିଯାନରେ ଉପସ୍ଥିତ ପୁରାତନ ଓ ବର୍ତ୍ତମାନ ଛାତ୍ରୀଛାତ୍ର ।

ଜିଲା କଳାକାର ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

# ଶେଖ୍ ଅବଦୁଲ ଥିଲେ ନୃତ୍ୟ, ସଙ୍ଗୀତ, ଅଭିନୟର ତ୍ରିବେଣୀ



ଜିଲା କଳାକାର ସଂଘ ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର ଅଫିସ, ୧୭।୧୧**

ବଲାଙ୍ଗୀର ଜିଲା କଳାକାର ସଂଘ ପକ୍ଷରୁ ସ୍ଥାନୀୟ ଅମଲା ଭବନଠାରେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ କଳାକାର, ଅଭିନେତା ତଥା ନୃତ୍ୟ ନିପୁଣ ଶେଖ୍ ଅବଦୁଲ ହକ୍ (୯୫)ଙ୍କ ବିୟୋଗରେ ଜିଲାର ବରିଷ୍ଠ କଳାକାରମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂଘ ସଭାପତି ଅବଦୁଲ ଜମାଲ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରଭାକର ମିଶ୍ର, ଉପସଭାପତି ବାସୁଦେବ ମେହେର, କୋଷାଧ୍ୟକ୍ଷ ପ୍ରଭଞ୍ଜନ ରାୟଗୁରୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ୍ ପଦ୍ମଚରଣ ଆଚାର୍ଯ୍ୟ, ସ୍ୱର୍ଗତ ହକ୍‌ଙ୍କ ଦୁଇ ସୁପୁତ୍ର ଶେଖ୍ ଜଲାଉଦ୍ଦିନ ଓ ଶେଖ ଅବଦୁଲ ହକିବ୍ ମଞ୍ଚାସୀନ ଥିଲେ । ବରିଷ୍ଠ କଳାକାର, ବୁଦ୍ଧିଜୀବୀ ଓ କଳାପ୍ରେମୀ ଦିବଙ୍ଗତ ହକ୍‌ଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମୂହ ପ୍ରାର୍ଥନା କରିଥିଲେ । ଅତିଥିଙ୍କ ସହ କଳାକାର ମୁରଲୀଧାରୀ ପତି, ଦିଲୀପ କୁମାର ସିଂଦେଓ, ସୁରେଶ ଚନ୍ଦ୍ର ସାହୁ, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ନବୀନ କୁମାର କୁଅଁର, ବିଶିଷ୍ଟ କଳାକାର ତଥା ଏନ୍‌ଏସ୍‌ଡି ପ୍ରଶିକ୍ଷକ ରାମଚନ୍ଦ୍ର ସାହୁ, ବୀରେନ୍ଦ୍ର କୁମାର ଝାଙ୍କର ସ୍ୱର୍ଗତ ଶେଖ୍ ଅବଦୁଲ ହକ୍‌ଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ହକ୍ ସଙ୍ଗୀତ, କଳା ଓ ନୃତ୍ୟ ଅଭିନୟ ଦିଗରେ ସମର୍ପିତ ଥିଲେ । ତାଙ୍କ କଳା ସମର୍ପଣ ଯୋଗୁଁ ଗାଁଗାଁରେ ସେ ସାଂସ୍କୃତିକ ବାତାବରଣ ଭରି ଦେଉଥିଲେ । ନୃତ୍ୟ, ସଙ୍ଗୀତ ଓ ନାଟକ କ୍ଷେତ୍ରର ସେ ଥିଲେ ତ୍ରିବେଣୀ ସଙ୍ଗମ। ସମଗ୍ର ଓଡିଶାରେ ତାଙ୍କ ଭଳି ଜଣେ ପ୍ରତିଭା ବିରଳ ବୋଲି ଅତିଥି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଜିଲା କଳାକାର ସଂଘ ପକ୍ଷରୁ କଳାକାର ପରିଚିତି ପ୍ରକାଶ କରାଯିବ ବୋଲି ସଭାପତି ଖାନ୍ ସୂଚନା ଦେଇଥିଲେ ।

### ମହଦାରେ ବିଶାଳ ଆଦିବାସୀ ମେଳି

**ଟିଟିଲାଗଡ଼, ୧୭।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଲୁଥୁରବନ୍ଧ ପଞ୍ଚାୟତ ଅନ୍ତର୍ଗତ ମହଦା ଗ୍ରାମରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଆହ୍ୱାନକ୍ରମେ ରବିବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜଡାନ ଦେବୀଙ୍କଠାରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ପରେ ଅନୁଷ୍ଠିତ ସଭାରେ ସଂଘର ବ୍ଲକ ସଭାପତି ପଦ୍ମନ ପ୍ରଧାନୀ ଅଧ୍ୟକ୍ଷତା କରିଥିଲେ। ଆଦିବାସୀଙ୍କୁ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର, ଉଚ୍ଚଶିକ୍ଷାରେ ୨୩ପ୍ରତିଶତ ସ୍ଥାନ ସଂରକ୍ଷଣ, ପଦୋନ୍ନତିରେ ସଂରକ୍ଷଣ, ନକଲି ଆଦିବାସୀ ଚିହ୍ନଟ, ଜାଲ ଜାତି ପ୍ରମାଣପତ୍ର ରଦ୍ଦ, ଅଣଆଦିବାସୀଙ୍କ ଜବରଦଖଲରେ ଥିବା ଆଦିବାସୀଙ୍କ ଜମି ଫେରସ୍ତ, ଆଟ୍ରୋସିଟି ଆଇନ କଡାକଡି କରିବାକୁ ସଂଘ ନେତାମାନେ ସମାବେଶରେ ଦାବି କରିଥିଲେ। ସଂଘ ଜିଲା ସଭାପତି ବ୍ରଜକିଶୋର ସଂଭୋଇ, ଓଡିଶା ଆଦିବାସୀ ମହାସଂଘ ଉପସଭାପତି ପରମାନନ୍ଦ ମାଝୀ, ମହାସଚିବ ନିରଞ୍ଜନ ବିଶି, ଜିଲା ସଂଗଠକ ହେମେନ୍ଦ୍ର ହାଂସଦା, ପ୍ରକାଶ ମାଝୀ, ସଦା ମାଝୀ, ଭକ୍ତରାମ ମାଝୀ, ସନ୍ତୋଷ ପୁଟା, ରମେଶ ମାଝୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପ୍ରଫୁଲ୍ଲ ପ୍ରଧାନୀ ଧନ୍ୟବାଦ ଅର୍ପଣ କରିଥିଲେ।

ଠିକାଦାର ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ

# ୩ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୧୭।୧୧**

ସରକାରଙ୍କ ବିଚିତ୍ର ନୀତି ଯୋଗୁଁ ଏବେ ନିର୍ମାଣ ଠିକାଦାରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କ ନ୍ୟାଯ୍ୟ ଦାବିକୁ ଅଣଦେଖା କରାଯାଉଛି । ଫଳରେ ଠିକାଦାରମାନେ ସରକାରୀ ଠିକା କାମ କରିବାରେ କ୍ଷତି ଓ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଦିଗରେ ସରକାର ତୁରନ୍ତ ପଦକ୍ଷେପ ନନେଲେ ଠିକାଦାର ସଂଘ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ରବିବାର ସ୍ଥାନୀୟ ସାମ୍ବାଦିକ ଭାବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ସରକାରଙ୍କ ପକ୍ଷରୁ ଚିଠି କରାଯାଇ ମାଇନର ମିନେରାଲରେ ନିର୍ମାଣ ସାମଗ୍ରୀର ଅନୁମତି ପତ୍ର ଓ ରୟାଲଟି ରସିଦ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ଏଭଳି ବ୍ୟବସ୍ଥା ନ ଥିଲା । ଏବେକାର ଅନୁମତି ପତ୍ର ଓ ରୟାଲଟି ବ୍ୟବସ୍ଥାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ଓଡିଶା ସରକାର ବିଭିନ୍ନ ଠିକା କାର୍ଯ୍ୟରେ ୧୪.୯୯ ପ୍ରତିଶତ କମ୍‌ରେ କାର୍ଯ୍ୟ କରିବାକୁ ନିୟମ ବ୍ୟବସ୍ଥା କରିଛନ୍ତି । ଏହାଦ୍ୱାରା ଠିକାଦାରମାନେ ଅସୁବିଧାର ସମ୍ମୁଖୀନ ହେବା ସହ ଠିକା କାମର ମାନ ଗୁଣାତ୍ମକ ରହୁନାହିଁ । ଏଣୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଛନ୍ତି । ୨୦୧୪ ମସିହାରେ ସ୍ଥିରୀକୃତ ସିଡ୍ୟୁଲ୍ଡ ମୂଲ୍ୟକୁ ସରକାରସ୍ତରରେ ଏପର୍ଯ୍ୟନ୍ତ ପରିବର୍ତ୍ତିତ କରାଯାଇନାହିଁ । ଇତିମଧ୍ୟରେ ବିଭିନ୍ନ ଉପକରଣ, ସାମଗ୍ରୀ ଓ ଦ୍ରବ୍ୟର ମୂଲ୍ୟରେ ଅହେତୁକ ବୃଦ୍ଧି ହୋଇଥିଲେ ମଧ ସିଡ୍ୟୁଲ୍ଡ ମୂଲ୍ୟ ପରିବର୍ତ୍ତନ କରାଯାଇ ନ ଥିବାରୁ ଠିକାଦାରମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି । ୨୦୧୯ ମସିହା ସରିବାକୁ ବସିଲାଣି, ଏଣୁ ତୁରନ୍ତ ସରକାରଙ୍କ ପୂର୍ବ ନିର୍ଦ୍ଧାରିତ ସିଡ୍ୟୁଲ୍ଡ ମୂଲ୍ୟର ପୁନଃ ଆକଳନ କରିବାକୁ ସଂଘ ପକ୍ଷରୁ ଦାବି ଜଣାଯାଇଛି । ଆଗାମୀ ୭ ଦିନ ମଧ୍ୟରେ ସରକାର ଉପରୋକ୍ତ ୩ ଦଫା ଦାବି ଉପରେ ବିଚାର ନକଲେ ବଲାଙ୍ଗୀର ଠିକାଦାର ସଂଘ ପକ୍ଷରୁ ପୂର୍ତ୍ତ, ଜନସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ଲୋୟର ସୁକ୍‌ତେଲ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ, ମ୍ୟୁନିସିପାଲଟି ଓ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ତଥା ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟର ସମସ୍ତ ନିର୍ମାଣ କାମକୁ ବନ୍ଦ କରି ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଆସନ୍ତା ୨୨ ତାରିଖରେ ଭୁବନେଶ୍ୱର ନିର୍ମାଣ ସୌଧଠାରେ ଓଡିଶା ଠିକାଦାର ମହାସଂଘର ମହାଅଧିବେଶନରେ ବଲାଙ୍ଗୀର ଜିଲା ଠିକାଦାର ସଂଘ ଯୋଗଦେବ ବୋଲି ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ ଠିକାଦାର ସଂଘର ସୁକାନ୍ତ ପରିଚ୍ଛା, ଗୋପାଳ ଦାନୀ, ଦେବାଶିଷ ପୁରୋହିତ, ଚିତ୍ତରଞ୍ଜନ ମିଶ୍ର, ଝୁଲୁ ପୁରୋହିତ, ଶରତ ରାଉତ, ସୁବ୍ରତ ମହାପାତ୍ର, ଅମିତ ମହାନ୍ତି, ରିଙ୍କୁ ଜେନା, ପ୍ରଦୀପ ଦାସ, ରାଧାରମଣ ବଗର୍ତ୍ତୀ, ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ଜିଲା ଠିକାଦାର ସଂଘ କର୍ମକର୍ତ୍ତା।

# ଜାନୁୟାରୀ ୫ରୁ ଭାଲେର ଧନୁଯାତ୍ରା

**ବଲାଙ୍ଗୀର ଅଫିସ, ୧୭।୧୧**

ଆସନ୍ତା ଜାନୁଆରୀ ୫ରୁ ୧୦ତାରିଖ ପର୍ଯ୍ୟନ୍ତ ଭାଲେରଠାରେ ଧନୁଯାତ୍ରା ଶତବାର୍ଷିକୀ ସମାରୋହ ଅନୁଷ୍ଠିତ ହେବ । ଏହାକୁ ଆକର୍ଷଣୀୟ କରିବାକୁ ଧନୁଯାତ୍ରା ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାରଠାରୁ ଯୋଜନା ଆରମ୍ଭ ହୋଇଛି । ଭାଲେର ଗାଁ ବୃହତ୍ ବରଗଛ ତଳେ ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଧନୁଯାତ୍ରା ପରିଷଦ ସଭାପତି ବ୍ରହ୍ମାନନ୍ଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ନବୀନ ନନ୍ଦ, ସହସମ୍ପାଦକ ସୁମନ୍ତ ନାଏକ, କୋଷାଧ୍ୟକ୍ଷ ବିଧୁଶେଖର ନନ୍ଦ, ଜିଲା ପରିଷଦ ସଦସ୍ୟ ରାଜକିଶୋର ନାଏକ, ସଭ୍ୟ ତେଜରାଜ ସିଂ, ସତ୍ୟପୀର ପାତ୍ର, ନୀଳାମ୍ବର ପାଣିଗ୍ରାହୀ, ସରୋଜ ନାଏକ, ନୀଳାଚଳ ନାଏକ, ସୁବଳ ନାଏକ, ମେହମୁଦ୍ଦିନ୍ ଖାନ୍, ଗୋକୁଳାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ କିଭଳି ସାଂସ୍କୃତିକ ଦଳ ଆସିବେ ସେନେଇ ଆଲୋଚନା ହୋଇଥିଲା । ପ୍ରଚାର ପ୍ରସାର କ୍ଷେତ୍ରରେ ପଛରେ ପଡିଥିବାରୁ ଶହେ ବର୍ଷରେ ପହଞ୍ଚିଥିଲେ ମଧ ଧନୁଯାତ୍ରା ଆୟୋଜନ ଦିଗରେ ସରକାର ଆନ୍ତରିକତା ଦେଖାଉ ନ ଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶିତ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା ।




ଭାଲେରଠାରେ ଧନୁଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଦସ୍ୟ ।

# ୭୨ ବର୍ଷରେ ମଧ ମିଳିପାରୁନି ବାର୍ଦ୍ଧକ୍ୟ ଭତ୍ତା

## ଦୋହେଲପଡା ଗ୍ରାମରେ ପରିବାର ମଙ୍ଗଳ ଯୋଜନା ବିଫଳ

**ଖଡ଼ିଆଳ, ୧୭।୧୧ (ଡି.ଏନ.ଏ)**

ନୂଆପଡା ଜିଲା ଖଡିଆଳ ବ୍ଲକ ଦୋହେଲପଡା ଗ୍ରାମରେ ସରକାରଙ୍କ ଦ୍ୱାରା ଅନେକ ଗୁଡିଏ ଯୋଜନା ନାଗରିକ ମାନଙ୍କୁ ଦିଆଯାଉଥିଲେ ସୁଦ୍ଧା ଅନେକଗୁଡିଏ ଯୋଜନା ସାଧାରଣ ଲୋକଙ୍କ ପାଖକୁ ପହଞ୍ଚି ପାରୁନାହିଁ। ସେହିପରି ସରକାରଙ୍କ ପରିବାର ମଙ୍ଗଳ ଯୋଜନାର ଗୋଟିଏ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଦୋହେଲପଡା ଗ୍ରାମରେ। ଏହି ପଞ୍ଚାୟତର ଚାନ୍ଦେଲ ଗ୍ରାମରେ ରହନ୍ତି ବିଧବା ତିଲୋତ୍ତମା ହୋତା। ସ୍ୱାମୀ ଉତଥାଙ୍ଗଧର ହୋତା। ସ୍ୱାମୀଙ୍କ ମୃତ୍ୟୁର ୫ରୁ ୬ ବର୍ଷ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିପାରୁନାହିଁ। ବାରମ୍ବାର ସରପଞ୍ଚଙ୍କରୁ ଆରମ୍ଭ କରି ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ମଧ ଲିଖିତ ଜଣାଇଥିଲେ ସୁଦ୍ଧା ତାର ସୁଫଳ ପାଇପାରିନାହାନ୍ତି। ସେହିପରି ଦୋହେଲପଡା ପଞ୍ଚାୟତରେ ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା ମଧ ମିଳିପାରୁନାହିଁ। ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଥିବାବେଳେ ଅଯୋଗ୍ୟ ବ୍ୟକ୍ତିମାନେ ପାଉଛନ୍ତି। ସେହିପରି ସରକାରଙ୍କ ଦ୍ୱାରା ହୋଇଥିବା ପିଠା କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରରେ ଅଭିଯୋଗ ଗ୍ରହଣ କରି ମଧ ତାକୁ ଭୁଲି ଯାଇଛନ୍ତି ବୋଲି ଗ୍ରାମର ସରପଞ୍ଚ ନିଦ୍ରା ହରିଜନ କ୍ଷୋଭ ପ୍ରକାଶ କରି କହିଛନ୍ତି । ସେହିପରି ସରକାରଙ୍କ ପରିବାର ମଙ୍ଗଳ ଯୋଜନାରେ ମିଳୁଥିବା ଆର୍ଥିକ ସହାୟତାରୁ ଅନେକ ବିଧବା ବଞ୍ଚିତ ହୋଇଛନ୍ତି। ଏହି ଦୋହେଲପଡା ଗ୍ରାମ ପଞ୍ଚାୟତର ଟେନେକୋ ନିଆଲ (୭୪), କାଳିଆ ଭୋଇ (୬୩), ସୁରେଖା ଭୋଇ (୬୫), ଅରଚ୍ଛୁ ହରିଜନ (୬୩), ଭୁମି ନିଆଲ (୬୨), ମକାରୁ ହିଆଲ (୬୩), ବଡମାଲ ତାଣ୍ଡି (୬୫)ଙ୍କୁ ଏପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳି ନଥିବା ବେଳେ ସ୍ୱାମୀ ପରିତ୍ୟକ୍ତା ସବିତା ସଗରିଆ ଓ ତିଲବିନି ତାଣ୍ଡି ତଥା ବିଧବା ତ୍ରିବେଣୀ ନିଆଲଙ୍କୁ ଭତ୍ତା ମିଳି ପାରୁନାହିଁ। ସେହିପରି ଏହି ଗ୍ରାମ ପଞ୍ଚାୟତର ଚାନ୍ଦେଲ ଗ୍ରାମର କ୍ଷୀରମଣୀ ଦଣ୍ଡସେନାଙ୍କ ସ୍ୱାମୀ ଗଣେଷ ଦଣ୍ଡସେନା କିଡନୀ ରୋଗରେ ତିନି ବର୍ଷ ତଳେ ମୃତ୍ୟୁବରଣ କରିଥିଲେ ମଧ ତାଙ୍କୁ ଏପର୍ଯ୍ୟନ୍ତ ବିଧବା ଭତ୍ତା ମିଳିନାହିଁ। କିମ୍ବା ପରିବାର ମଙ୍ଗଳ ଯୋଜନାରେ ଆର୍ଥିକ ସହାୟତା ମିଳିପାରିନାହିଁ। ସେହିପରି ଯଗଳମଲି ଦଣ୍ଡସେନା (୭୦) ବର୍ଷ ହୋଇଥିଲେ ଏବଂ ସ୍ୱାମୀର ମୃତ୍ୟୁର ୬ବର୍ଷ ହୋଇଥିବା ସତ୍ତ୍ୱେ ମଧ ପ୍ରଶାସନର ଦ୍ୱାରସ୍ଥ ହୋଇ ଏପର୍ଯ୍ୟନ୍ତ ଭତ୍ତା ପାଇନାହାନ୍ତି। ସେହିପରି ଗ୍ରାମର ସୁକାନ୍ତି ଗୁରୁ ତାଙ୍କ ସ୍ୱାମୀ ରୁପେଶ୍ୱର ଗୁରୁ ମାନସିକ ସନ୍ତୁଳନ ହରାଇ ୧୫ ବର୍ଷ ହେଲା କୁଆଡେ ଚାଲି ଯାଇଥିବା ବେଳେ ତାଙ୍କର ଦୁଇ ପୁଅଙ୍କୁ ଧରି ଅନ୍ୟଘର ଆଶ୍ରୟ ନେଉଛନ୍ତି । ଏପରିସ୍ଥଳେ ସରକାରଙ୍କ ଏହି ସବୁ ଯୋଜନା କାହା ପାଇଁ ବୋଲି ଦୋହେଲପଡା ଗ୍ରାମବାସୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କେଶବ ବେହେରା, ସରପଞ୍ଚ ନିଦ୍ରା ହରିଜନ, ୱାର୍ଡ ମେମ୍ବର ସନମନା ହରିଜନ, ସବିତା ହରିଜନ, ସାନଟା ହରିଜନ କ୍ଷୋଭ ପ୍ରକାଶ କରିଛନ୍ତି ।



ଭତ୍ତା ପାଇବାରୁ ବଞ୍ଚିତ ଲୋକେ।



"ମିଥ୍ୟା ଯେତେବେଳେ କାର୍ଯ୍ୟରେ ପରିଣତ ହୁଏ, ସେତେବେଳେ ତାହାର ନାମ ହୋଇଥାଏ ଭୁଲ୍।
- ମାଇକେଲ ଲାଣ୍ଡନ୍



## ସଂକ୍ଷେପରେ

### ବିକାଶ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଭବାନୀପାଟଣା,୧୭।୧୧(ଡି.ଏନ୍.ଏ.): ଭବାନୀପାଟଣା ବିକାଶ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଆଥଲେଟିକ ଆସୋସିଏଶନ ସମ୍ପାଦକ ଜଗମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ନିର୍ଦ୍ଦେଶକ ଡି. ଶ୍ୟାମ ଡି.ରାମ କୁମାର, ଡି. ବିଜୟା, ଡି. ବିଭି ସତ୍ୟନାରାୟଣ ପ୍ରମୁଖ ଯୋଗ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଦୌଡ ସମେତ ବିଭିନ୍ନ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ପ୍ରବୀଣ କୁମାର ଏବଂ ଶିବଶମ୍ଭୁ ପ୍ରଧାନ ପ୍ରତିଯୋଗିତ ପରିଚାଳନା କରିଥିଲେ।

### ସୁରେନ୍ଦ୍ର ମେମୋରିଆଲ ଅଲଓଡିଶା ଫୁଟବଲ
### ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ବିଜୟୀ

ଦେଓଗାଁ, ୧୭।୧୧ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନି ଷ୍ଟାଡିୟମରେ ଚାଲିଥିବା ପଞ୍ଚମ ସୁରେନ୍ଦ୍ର ମେହେର ମେମୋରିଆଲ ଅଲ ଓଡିଶା ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ଚତୁର୍ଥ ଦିବସ । ଏହି ଦିନ ଆମ୍ବେଦକର କ୍ଲବ କୋରାପୁଟ ବନାମ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ନୂଆପଡା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ମହିନ୍ଦ୍ରା ୨-୦ ଗୋଲରେ ବିଜୟୀ ହୋଇଥିଲା । ଶ୍ରୀବତ୍ସ ମେହେର, ପ୍ରଶାନ୍ତ ଥନାପତି, ଲକ୍ଷ୍ମୀ ମହାନ୍ତି, କୁନ୍ତେ ମେହେର ଖେଳ ପରିଚାଳନା କରିଥିଲେ । ପରିଚାଳନା କମିଟି ସଭାପତି ସୁରେଶ କୁମାର ମେହେରଙ୍କ ସଭାପତିତ୍ୱ ତଥା ପ୍ରମୋଦ କୁମାର ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ କୁମାର ଦୋରା, ସମ୍ମାନୀତ ଅତିଥି ଜିଲା ପରିଷଦ ସଭ୍ୟ ଶୁଶୀଲ କୁମାର ଚାନ୍ଦ, ଗୁରୁଦେବ ରଣା, ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ଯୁବନେତା ବିଭୂତି ଭୂଷଣ ମିଶ୍ର, ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ ।

ଡିସେମ୍ବର ଶେଷ ସପ୍ତାହରେ ଦ୍ୱିତୀୟ ଟୋକିମରା ପର୍ବ

# ଆଦିବାସୀଙ୍କ ପୋଡ଼ବଳି ଯାତ୍ରା ଉଦ୍‌ଯାପିତ

କଳମପୁର,୧୭।୧୧ (ଡି.ଏନ.ଏ.)



ପୋଡ଼ ବଳି ଯାତ୍ରା ଅବସରରେ ପୂଜାର୍ଚ୍ଚନା କରାଯାଉଛି।

କଳାହାଣ୍ଡି ଜିଲା କଳମପୁର ବ୍ଲକ ଅଧୀନ ଖଣ୍ଡିଡଙ୍ଗରିଗୁଡ଼ା ଗ୍ରାମରେ ଡିସେମ୍ବର ମାସର ଶେଷ ସପ୍ତାହରେ ହେବାକୁ ଥିବା ଟୋକିମରା ପର୍ବ ଉଦ୍ଦେଶ୍ୟରେ ରବିବାର ଆଦିବାସୀଙ୍କ କୃଷିଭିତ୍ତିକ ପର୍ବ ପୋଡ଼ ବଳି ଯାତ୍ରା ସମ୍ପନ୍ନ ହୋଇଯାଇଛି। ପୋଡ଼ ବଳି ଯାତ୍ରା କାର୍ଯ୍ୟକ୍ରମ ଅବସରରେ ନଭେମ୍ବର ୩ ତାରିଖରେ ଆଦିବାସୀଙ୍କ ପରମ୍ପରା ଅନୁଯାୟୀ ବାଲିକଢ଼ା ଯାଇ ନଭେମ୍ବର ୧୦ ତାରିଖରେ ବାଲି ବୋହୋଲେନ କାର୍ଯ୍ୟ ରୀତି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା। ଶେଷରେ ରବିବାର ପୋଡ଼ ବଳି ଯାତ୍ରା ହୋଇଥିଲା। ଖଣ୍ଡିଡଙ୍ଗରିଗୁଡା ଗ୍ରାମରେ କେଉଁ ପୁରାତନ କାଳରୁ ପୋଡ଼ ବଳି ଯାତ୍ରା ହୋଇଆସୁଥିବା ବେଳେ ୨୦୧୭ରୁ ଟୋକିମରା ପର୍ବ ଆରମ୍ଭ କରାଯାଇଛି। ଚଳିତ ବର୍ଷ ଶେଷ ସପ୍ତାହରେ ଦ୍ୱିତୀୟ ଟୋକିମରା ପର୍ବ ଆୟୋଜନ ନେଇ ପ୍ରସ୍ତୁତି ଚାଲିଥିବା ଗ୍ରାମର ବରିଷ୍ଠ ନାଗରିକ ମତ ପ୍ରକାଶ କରିଛନ୍ତି। ଚାଷ କାର୍ଯ୍ୟ ଶେଷ ପରେ ଗ୍ରାମ୍ୟ ଦେବଦେବୀ ଓ ମାଟି ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆଦିବାସୀମାନେ ଏହି ଯାତ୍ରା ପାଳନ କରିଥାନ୍ତି। ଏହିପର୍ବ ପାଳନ କରିବା ପାଇଁ ଧାର୍ଯ୍ୟ ହୋଇଥାଏ ଦିନ, ବାର, ତିଥି। ଯାତ୍ରାରେ ତନ୍ତ୍ର ବିଦ୍ୟାର ଉପାସନା କରାଯାଉଥିବା ବେଳେ ପୂଜକମାନେ ନିଷ୍ଠାର ସହ ପୂଜା କାର୍ଯ୍ୟ କରିଥାନ୍ତି।। ଦୁଇ ମାସ ଧରି ପାଳନ ହୋଇଥିବା ଏହି କୃଷି ଭିତ୍ତିକ ପର୍ବ ଦଶହରାରୁ ବାଲିକଢ଼ା ହୋଇ ପୌଷ ପୂର୍ଣ୍ଣମାରେ ସମ୍ପନ୍ନ ହୋଇଥାଏ। ଗ୍ରାମ୍ୟ କମିଟି ସଭାପତି ସୁଦର୍ଶନ ମାଝି, ସମ୍ପାଦକ ଅପସିଂ ମାଝି, କୋଷାଧ୍ୟକ୍ଷ ଗୌତମ ବିହାରୀ ପ୍ରମୁଖ ପର୍ବରେ ନେତୃତ୍ୱ ନେଇଛନ୍ତି। ଗ୍ରାମର ବେଲାଲସେନ ବିହାରି, ଝୁଲପୁ ବାଗ, ଲିମେଶ୍ୱର ବାଗ, ପବିତ୍ର ବାଗ, ଭଗବାନ ବିହାରି, ସୁଶାନ୍ତ ବିହାରି, ପବିତ୍ର ମାଝି, ସୁଶାନ୍ତ ମାଝି, ଫକିର ବାଗ, ଚକେତନ ମାଝି, ଗୌତମ ମାଝି, ମିନିକେତନ ମାଝି, ସନ୍ତୋଷ ମାଝି, ନୀଳକଣ୍ଠ ସିନାନୀ, ନବୀନା କୁମାରଙ୍କ ସହ ଗ୍ରାମବାସୀ ସହଯୋଗ କରୁଛନ୍ତି। କ୍ଷୀରସିନ୍ଧୁ ବାଗ, ରବିଶଙ୍କର କୁମାର ଯାତ୍ରାର ଧାରାବିବରଣୀ ଦେଇଥିଲେ।

# ଭବାନୀପାଟଣାରେ ଜାତୀୟ ପ୍ରେସ ଦିବସ ପାଳିତ

ଭବାନୀପାଟଣା, ୧୭।୧୧ (ଡି.ଏନ୍.ଏ.)

ଜିଲା ପ୍ରଶାସନ ଏବଂ ସାମ୍ବାଦିକ ସଂଘର ମିଳିତ ଉଦ୍ୟମରେ ଭବାନୀପାଟଣା ସହରସ୍ଥିତ ଅମଲା ଭବନଠାରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସତ୍ୟନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର, ସିଆର୍‌ପିଏଫ କମାଣ୍ଡାଣ୍ଟ ବିପ୍ଲବ ସରକାର, ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା, ଖବରଦାତା ଉମାଶଙ୍କର କର ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ସଂଘ ସମ୍ପାଦକ ରଜନୀକାନ୍ତ ମିଶ୍ର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲାର ବରିଷ୍ଠ ଖବରଦାତା ଶାନ୍ତନୁ ବେହେରାଙ୍କୁ ଶ୍ରେଷ୍ଠ ଖବରଦାତା ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କଲେଜର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାମ୍ବାଦିକ ସଂଘର ସମ୍ପାଦକ ରଜନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ ଜଣେ ଖବରଦାତାଙ୍କୁ ସମ୍ମାନିତ କରୁଛନ୍ତି।

# ଭଏସ୍ ଅଫ୍ କଳାହାଣ୍ଡି: ସୁନନ୍ଦା ଚାମ୍ପିୟନ

ଭବାନୀପାଟଣା,୧୭।୧୧ (ଡି.ଏନ୍.ଏ.)

ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା 'ଭଏସ୍ ଅଫ୍ କଳାହାଣ୍ଡି-୨୦୧୯' କାର୍ଯ୍ୟକ୍ରମରେ ସ୍ଥାନୀୟ କଣ୍ଠଶିଳ୍ପୀ ସୁନନ୍ଦା ରାଣୀ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ କଳାହାଣ୍ଡି ଜିଲାର ବହୁ ପ୍ରତିଭାବାନ କଣ୍ଠ ଶିଳ୍ପୀ ଯୋଗଦେଇଥିଲେ। ପ୍ରତିଯୋଗିତାରେ ୩୨ଜଣ ପ୍ରତିଯୋଗୀ ପ୍ରଥମ ପର୍ଯ୍ୟାୟରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଦ୍ୱିତୀୟ ପର୍ଯ୍ୟାୟକୁ ୧୬ଜଣ ପ୍ରତିଯୋଗୀ ଉତ୍ତୀର୍ଣ୍ଣ ହୋଇଥିଲେ। ତୃତୀୟ ପର୍ଯ୍ୟାୟକୁ ୧୧ ଜଣ ଏବଂ ଚୂଡାନ୍ତ ପର୍ଯ୍ୟାୟକୁ ୬ଜଣ ପ୍ରତିଯୋଗୀ ଉନ୍ନୀତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସୁନନ୍ଦା ରାଣୀ ମିଶ୍ର ସର୍ବାଧିକ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦୈତାରୀ ରଣା ଦ୍ୱିତୀୟ ଏବଂ ଯଶଶ୍ରୀ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ବରିଷ୍ଠ କଣ୍ଠ ଶିଳ୍ପୀ ଅରମାନ୍ ଖାଁ ମହାଗୁରୁ, ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ଅଧ୍ୟାପିକା ସସ୍ମିତା ମହାନ୍ତି, ସଂଗ୍ରାମ କେଶରୀ ସରାଫ୍, ରଜନୀକାନ୍ତ ମୁନୀ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବର ଅନ୍ତିମ ସନ୍ଧ୍ୟାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## କୁଲିହାରୀରେ ମଦ ଜବତ କଲେ ମହିଳା

ଜୁନାଗଡ଼,୧୭।୧୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ କଲିହାରୀ ଗ୍ରାମର ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରବିବାର ସନ୍ଧ୍ୟାରେ ଗ୍ରାମର ବିଶ୍ୱନାଥ ବାଗଙ୍କ ଘରୁ ୮୫ ଲିଟର ମଦ ଜବତ କରିଥିଲେ। ଏନେଇ ମହିଳାମାନେ ଜୁନାଗଡ଼ ଅବକାରୀ ବିଭାଗକୁ ସୂଚନା ଦେଇଥିଲେ। ଜୁନାଗଡ଼ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ କର୍ମଚାରୀଙ୍କ ସହ ପହଞ୍ଚି ଘଟଣାର ତଦନ୍ତ କରି ମଦ ଜବତ କରିଥିଲେ। ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ବିଶ୍ୱନାଥ ବାଗଙ୍କୁ ଗିରଫ କରିଥିଲା। ସୋମବାର ବିଶ୍ୱନାଥଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ରାଜ୍ୟସ୍ତରୀୟ ଶିଶୁ ନାଟକ, ନୃତ୍ୟ ମହୋତ୍ସବ

ଭବାନୀପାଟଣା,୧୭।୧୧(ଡି.ଏନ୍.ଏ.)

କଳାହାଣ୍ଡିଜିଲା ଭବାନୀପାଟଣା ସହରସ୍ଥିତ କଳାହାଣ୍ଡି ଲେଖକ କଳାପରିଷଦଠାରେ ସଙ୍ଗମ ଅନୁଷ୍ଠାନ ପକ୍ଷରୁ ଷଷ୍ଠ ରାଜ୍ୟସ୍ତରୀୟ ଶିଶୁ ନାଟକ ଏବଂ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ସଙ୍ଗମର ସଭାପତି ରାଜେନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷା ସନ୍ତୋଷୀ ଦାଶ, ସମ୍ମାନିତ ଅତିଥି ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ଶୁଭ୍ରାଂଶୁ ଶେଖର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସଙ୍ଗମର ପ୍ରତିଷ୍ଠାତା ସଦସ୍ୟ କଳାକାର ସ୍ୱର୍ଗତ ମନୋଜ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ବରଗଡ଼ ଜିଲା ପଦ୍ମପୁର ବୋଡାସମ୍ବର ସାହିତ୍ୟ ସଂସ୍କୃତି ଅନୁଷ୍ଠାନର ଶିଶୁ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକକୁ ରାଜେନ୍ଦ୍ର ମହାନ୍ତି ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ନାଟକ ପ୍ରତିଯୋଗିତାରେ ଉମେଶ ଚନ୍ଦ୍ର ଶତପଥୀ ଓ ନିମାଇଁ ଚରଣ ବିଚାରକ ଭାବେ ରହିଥିଲେ। କାର୍ଯ୍ୟକ୍ରମରେ ଚକ୍ରଧର ମହାରଣା, ଯୋଗୀନ୍ଦ୍ର ରଣା, ଯତୀନ୍ଦ୍ର ରଣା ପ୍ରମୁଖ ସହଯୋଗ କରିଥିଲେ।

# ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକଙ୍କ ଦାବିପତ୍ର

କୋକସରା,୧୭।୧୧ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କନିଷ୍ଠ(ଚୁକ୍ତି ଭିତ୍ତିକ) ଶିକ୍ଷକ ସଂଘ ପକ୍ଷରୁ ଦରମା ବୃଦ୍ଧି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋକସରା ଏବିଇଓଙ୍କୁ ରବିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ସଂଘ ପକ୍ଷରୁ ଦରମା ବୃଦ୍ଧି ନେଇ ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯାଗ ହୋଇଛି। ଏହା ଶିକ୍ଷକମାନଙ୍କ ପ୍ରତି ଦୁଃଖର ବିଷୟ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ନଭେମ୍ବର ୨୦ତାରିଖ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ୨୦ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। କୋକସରା ବ୍ଲକ କନିଷ୍ଠ ଶିକ୍ଷକ ସଂଘ ସଭାପତି ସୁନୀଲ କୁମାର ଦାସ, ସମ୍ପାଦକ ନବୀନ ନାଏକଙ୍କ ନେତୃତ୍ୱରେ କନିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରମୁଖ କୋକସରା ଏବିଇଓ ତୋଫାନ ମାଝିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



କୋକସରା ବ୍ଲକ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଗୋଷ୍ଠୀସ୍ତରୀୟ ପେନସନ ଅଦାଲତ

ଲାଞ୍ଜିଗଡ଼,୧୭।୧୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଗଣଶିକ୍ଷା ବିଭାଗ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠି ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ପେନସନ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ କିରାଣି ଲକ୍ଷ୍ମଣ କୁମାର ସାହା ଉପସ୍ଥିତ ରହି ପେନସନ୍ ଧାରୀଙ୍କ ଅଭିଯୋଗ ଶୁଣିଥିଲେ। ଅଞ୍ଚଳର ବହୁ ପେନସନଧାରୀ ଉପସ୍ଥିତ ରହି ନିଜ ଅଭିଯୋଗ ରହିଥିଲେ।

# ବିଦ୍ୟାଳୟସ୍ତରୀୟ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ଜୁନାଗଡ଼,୧୭।୧୧ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଅନୁଚିନ୍ତନ ତଥା ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତପିମଣି ଜାନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ବାଳା ଦେବୀ ଯୋଗଦେଇ ମୋ ସ୍କୁଲ ଅଭିଯାନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ଲଳିତ କୁମାର ନେଗୀ, ଶିକ୍ଷକ ସରୋଜ କୁମାର ପଣ୍ଡା, ମୋ ସ୍କୁଲ ଅଭିଯାନର ସୁକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକର ବିଭିନ୍ନ କ୍ଲଷ୍ଟରର ସିଆର୍‌ସିସି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ।



ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଲଡୁଗାଁ ଯୁକ୍ତ ୨ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

କୋକସରା,୧୭।୧୧ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲଡୁଗାଁ ଯୁକ୍ତ ୨ ମହାବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଲଡୁଗାଁ ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ.ନିହାରକାନ୍ତ ପଣ୍ଡା କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଫୁଲ୍ଲ ମାଝି, କମଲୁଲାଲ ଗୋୟଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଜୟପାଟଣା କଲେଜ ଅଧ୍ୟକ୍ଷ ବ୍ୟୋମକେଶ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ପ୍ରଫୁଲଚନ୍ଦ୍ର ମାଝି, କମଲୁଲାଲ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ୨୦ଟି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବାଳକ ବିଭାଗରେ ଛାତ୍ର କାହ୍ନା ଶବର, ବାଳିକା ବିଭାଗରେ ଛାତ୍ରୀ ହିମାଦ୍ରୀ ନିଆଲ ଶ୍ରେଷ୍ଠ ଖେଳାଳି ଭାବେ ଚୟନ ହୋଇଥିଲେ। ପ୍ରତିଯୋଗିତାକୁ କଲେଜର ଖେଳ ଶିକ୍ଷକ ବୀରେନ୍ଦ୍ର ନାରାୟଣ ଦାଶ ପରିଚାଳନା କରିଥିବାବେଳେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଖେଳ ଶିକ୍ଷକ କିଶନ ଧଙ୍ଗଡାମାଝିଙ୍କ ସହ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ପ୍ରେମାନନ୍ଦ ସା ଧାରାବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପିକା କଲ୍ୟାଣୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ବେଆଇନ ମୋରମ୍ ଖୋଳାକୁ ବିରୋଧ

ଭବାନୀପାଟଣା, ୧୭।୧୧ (ଡି.ଏନ୍.ଏ.)

**ବଳରାମପୁର ଗ୍ରାମ**
- ଶ୍ମଶାନ ଘାଟ ନଷ୍ଟ ହେଉଥିବା ଅଭିଯୋଗ
- ମୋରମ୍ ଖୋଳା ବନ୍ଦ ନ ହେଲେ ଆନ୍ଦୋଳନ ଚେତାବନୀ

ଭବାନୀପାଟଣା ସଦର ବ୍ଲକ ବଳରାମପୁର ଗ୍ରାମ ଶ୍ମଶାନରୁ ବେଆଇନ ଭାବେ ମୋରମ ଖୋଳାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମ ନିକଟ ପାହାଡ ତଳେ ସରକାରୀ ଜାଗାରେ ଗ୍ରାମବାସୀ ବହୁ ବର୍ଷରୁ ଶ୍ମଶାନ ପାଇଁ ବ୍ୟବହାର କରିଆସୁଛନ୍ତି। ହେଲେ ଏହି ଜାଗାରେ ବର୍ତ୍ତମାନ ପ୍ରତିଦିନ ବେଆଇନ ଭାବେ ମୋରମ୍ ଖୋଳାଯାଉଛି । ଗ୍ରାମବାସୀଙ୍କ ବାରମ୍ବାର ବିରୋଧ ସତ୍ତ୍ୱେ ଶ୍ମଶାନରୁ ମୋରମ୍ ଚୋରାଚାଲାଣ ହେଉଛି । ମୋରମ୍ ଖୋଳା ଯୋଗୁ ଶ୍ମଶାନରେ ଗାତ ସୃଷ୍ଟି ହେବା ସହ ନଷ୍ଟ ହେଉଥିବାରୁ ଗ୍ରାମବାସୀ ମୃତଦେହ ଶତ୍କାର ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ଜଣେ ଠିକାଦାର ଜେସିବି ମେଶିନ ସାହାଯ୍ୟରେ ଶ୍ମଶାନରୁ ମୋରମ୍ ଖୋଳୁଥିଲେ। ସେତିକିବେଳେ ଗ୍ରାମର ସୁଦର୍ଶନ ସା, ନାରାୟଣ ସା, ଶ୍ରୀନିବାସ ସା, ବୈଦ୍ୟନାଥ ସା, ରତ୍ନାକର ସା, ତ୍ରିନାଥ ସା, ଯଦୁମଣି ସା, ଦୋଳଗୋବିନ୍ଦ ସା, ଅଚ୍ୟୁତାନନ୍ଦ ସା ପ୍ରମୁଖ ଦେଖି ମୋରମ୍ ଖୋଳାକୁ ବିରୋଧ କରିଥିଲେ। ପରେ ଗ୍ରାମବାସୀ ପହଞ୍ଚି ମୋରମ୍ ଖୋଳା ବନ୍ଦ କରିବାକୁ ଦାବି କରିଥିଲେ। ଫଳରେ ଜେସିବି ମେଶିନ ଫେରିଯାଇଥିଲା। ଆଗାମୀ ଦିନରେ ଶ୍ମଶାନରେ ବେଆଇନ ମୋରମ୍ ଖୋଳା ବନ୍ଦ ନ ହେଲେ ଗ୍ରାମବାସୀ ରାଜରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ବଳରାମପୁର ଶ୍ମଶାନରୁ ବେଆଇନ ମୋରମ ଖୋଳାକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ନଭେମ୍ବର ୧୮/୨୦୧୯



## ସଂକ୍ଷେପରେ

### ଶିଶୁମନ୍ଦିରରେ କନ୍ୟା ଶିବିର

ଗୁଡ଼ଭେଲା,୧୭।୧୧(ଡି.ଏନ.ଏ.) ବଲାଙ୍ଗୀର ଜିଲା ତୁଷୁରା ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ବାଳ ଓ କନ୍ୟା ଶିବିରକୁ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାଜେଶ ସରାଫ ଉଦ୍‌ଘାଟନ କରିଛନ୍ତି । ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହେଉଛି। ପ୍ରାରମ୍ଭ ଓ ବୋଧ ଶିଶୁଙ୍କୁ ସ୍ଥାନୀୟ କନ୍ଦାମୁଣ୍ଡା ଗ୍ରାମକୁ ନିଆଯାଇଥିବା ବେଳେ ବାଳ ଭାରତୀ ବିଭାଗର ଶିଶୁଙ୍କୁ ମାନସିକ ବିକାଶ ସକାଶେ ଅମୃତ କଳସ କାର୍ଯ୍ୟକ୍ରମ କରାଯାଇଥିଲା । କନ୍ୟା ଭାରତୀ ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସଚ୍ଚିଦାନନ୍ଦ ଭୋଇ, ପୁଷ୍ପାଞ୍ଜଳି ମିଶ୍ର, ଦେବାଶିଷ ସାହୁ, ଗଣେଶ୍ୱର ମେହେର ଓ ତେଜସ୍ୱିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବବିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ଲକସ୍ତରୀୟ କ୍ରିକେଟ ଖେଳାଳି ଚୟନ

ଲୋଇସିଂହା, ୧୭।୧୧(ଡି.ଏନ.ଏ) ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ସ୍କୁଲସ୍ତରୀୟ ବାଳକ ବର୍ଗ କ୍ରିକେଟ ଖେଳାଳି ଚୟନ ଶିବିର ଉଦ୍‌ଯାପିତ ହୋଇଯାଇଛି । ଜିଲାସ୍ତରୀୟ ପ୍ରତିଯୋଗୀତା ପାଇଁ ୧୬ ଜଣ ଶ୍ରେଷ୍ଠ ଖେଳାଳି ବଛାଯାଇଛି । ସେମାନେ ଆସନ୍ତା ୨୧ତାରିଖରେ ପାଟଣାଗଡ ବ୍ଲକ ଧଣ୍ଡାମୁଣ୍ଡାଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ । ୧୫ ଓ ୧୬ ତାରିଖ ଦୁଇଦିନ ଧରି ଲୋଇସିଂହା ଷ୍ଟାଡିୟମରେ ଆୟୋଜିତ ଚୟନ ଶିବିରରେ ବ୍ଲକର ବିଭିନ୍ନ ସ୍କୁଲର ୫୦ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ । ବ୍ଲକ କ୍ରୀଡା ଶିକ୍ଷକ ସଂଘ ସମ୍ପାଦକ ଶ୍ୟାମସୁନ୍ଦର ମେହେରଙ୍କ ତତ୍ତ୍ୱାବଧାନରେ ବରିଷ୍ଠ କ୍ରୀଡା ଶିକ୍ଷକ ଦୁର୍ବଦଳ ବାଗ, ସତ୍ୟନାରାୟଣ ଥନାପତି, ଶର୍ମିଷ୍ଠା ବିଶ୍ୱାଳ, ପୁରନ୍ଦର ସେଠ, କରୁଣାକର କର୍ତ୍ତି ପ୍ରମୁଖ ଶବିର ପରିଚାଳନା କରିଥିଲେ ।

### ଗାଁ ସାଥୀ ସଂଘର ପ୍ରସ୍ତୁତି ବୈଠକ

ଲୋଇସିଂହା,୧୭।୧୧(ଡି.ଏନ.ଏ) ବିଭିନ୍ନ ଦାବି ନେଇ ରାଜ୍ୟଗାଁ ସାଥୀ ସଂଘ (ମେଟ) ପକ୍ଷରୁ ବିଧାନ ସଭା ସମ୍ମୁଖରେ ଗତ ୪ ତାରିଖଠାରୁ ଧରଣା ଚାଲିଛି । ଉକ୍ତ ଧାରଣା ତଥା ବିକ୍ଷୋଭ ସଭାରେ ସାମିଲ ପାଇଁ ବଲାଙ୍ଗୀର ଜିଲା ଗାଁ ସାଥୀ ସଂଘର ଏକ ପ୍ରସ୍ତୁତି ବୈଠକ ଲୋଇସିଂହାଠାରେ ଅନୁଷ୍ଠିତ ହୋଇଯାଇଛି । ଲୋଇସିଂହା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଲୋଇସିଂହା ବ୍ଲକ ସଂଗଠକ ତଥା ଜିଲା ଉପସଭାପତି ହିମାଞ୍ଚଳ ମେହେର ଅଧ୍ୟକ୍ଷତା କରିଥିଲେ । ଜିଲା ସଭାପତି ସଞ୍ଜୟ ଗଡତ୍ୟା, ସମ୍ପାଦକ ଆନନ୍ଦ ମିଶ୍ର, ସହସମ୍ପାଦକ ନବଘନସିଂ, କୋଷାଧ୍ୟକ୍ଷ ରମେଶ ବିଶ୍ୱାଳ ଏପରି ଜିଲାର ୬୦ଜଣ ଗାଁ ସାଥୀ ବୈଠକରେ ଯୋଗଦେଇଥିଲେ ।

### ଚକ୍ଷୁ ପରୀକ୍ଷା ଶିବିର

ଲୋଇସିଂହା,୧୬।୧୧(ଡି.ଏନ.ଏ.) ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶବିରରେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ୪୧ଜଣ ଚକ୍ଷୁ ସମସ୍ୟା ଥିବା ରୋଗୀଙ୍କର ପରୀକ୍ଷା କରାଯାଇଥିଲା। ସେଥିରୁ ୧୮ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ପଠାଯାଇଥିଲା । ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ଓ ହୀରାପୁର ପଞ୍ଚାୟତ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ତ୍ରିଲୋଚନ ନେତ୍ରାଳୟର ଡାକ୍ତରଷ୍ଟାପ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ । ଶିବିରକୁ ସରପଞ୍ଚ ରୀନା ବିଶି, ସମିତି ସଭ୍ୟାଙ୍କ ସମେତ ଗୋପୀ ବିଶି, ରମାକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

### ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ସମସ୍ୟା

ଲାଠୋର, ୧୭।୧୧ (ଡି.ଏନ.ଏ.) ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅନ୍ତର୍ଗତ ଫୁଲଝର ଅଙ୍ଗନୱାଡି କେନ୍ଦ୍ର ନଳକୂପ ଅଚଳ ରହିଛି। ଏଥିପାଇଁ ହିତାଧିକାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘବର୍ଷରୁ ଏଠାରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଜରିଆରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲିଥିଲା। ବର୍ତ୍ତମାନ ଏହି କେନ୍ଦ୍ରରୁ ୩୦ ଜଣ ପ୍ରିସ୍କୁଲ ଶିଶୁ, ୭ ଜଣ ଗର୍ଭବତୀ, ୧୦ ଜଣ ପ୍ରସୂତି ଏବଂ ୨୫ଜଣ ୬ ମାସରୁ ୩ ବର୍ଷ ଶିଶୁ ଏହିପରି ୭୨ଜଣ ହିତାଧିକାରୀଙ୍କୁ ସେବା ଯୋଗାଇ ଦିଆଯାଉଛି। ବିଶେଷ କରି ପ୍ରିସ୍କୁଲ ଶିଶୁମାନେ ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘମାସରୁ କେନ୍ଦ୍ରର ନଳକୂପ ଖରାପ ଥିଲା। ଗତ ଆଠ ଦିନ ହେବ ଏହାର ହ୍ୟାଣ୍ଡିଲ ଭାଙ୍ଗି ନଳକୂପ ଅଚଳ ହୋଇ ପଡିଛି। ବିଭାଗୀୟ କର୍ତ୍ତୃପକ୍ଷ ଅଚଳ ନଳକୂପକୁ ତୁରନ୍ତ କାର୍ଯ୍ୟକ୍ଷମ କରବାକୁ ଗ୍ରାମବାସୀ ଦାବି କରିଛନ୍ତି।

■ତୁଷୁରା ଏନଏସିରେ ସ୍ୱଚ୍ଛ ଭାରତ ମିଶନ ଫେଲ୍

# ଆବର୍ଜନାରେ ଭରିଗଲାଣି ଡ୍ରେନ

ଗୁଡ଼ଭେଲା,୧୭।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ଏନଏସିରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଫେଲ ମାରିଥିବା ଅଭିଯୋଗ ହେଉଛି। ୧୧ଟି ୱାର୍ଡ଼କୁ ନେଇ ଗଠିତ ଏହି ଏନଏସିର ୩, ୪ ଓ ୫ ନମ୍ବର ୱାର୍ଡ଼ରେ କୁଢକୁଢ ଆବର୍ଜନା ଜମା ହୋଇ ରହିଛି। ଅଗ୍ରସେନ ଭବନ ଛକଠାରୁ ସୋନଗଡ ନଦୀକୁ ସଂଯୋଗ କରୁଥିବା ଡ୍ରେନ ସଫା କରାଯାଉନାହିଁ। ଫଳରେ ଉକ୍ତ ଡ୍ରେନ ପଲିଥିନ, ମଇଳା, ଥରମୋକୋଲ ପ୍ଲେଟ, ପ୍ଲାଷ୍ଟିକ ଗ୍ଲାସରେ ଭରି ଯାଇଛି । ସେହିପରି ତୁଷୁରା-ବଲାଙ୍ଗୀର ମୁଖ୍ୟରାସ୍ତାର ଧରୁଆପଡା ଛକଠାରେ ମଧ୍ୟ ଡ୍ରେନ ସଫା କରାଯାଉ ନଥିବାରୁ ମଶା ପ୍ରାର୍ଦୁଭାବ ଦିନକୁ ଦିନ ବଢ଼ି ଚାଲିଛି। ଏପରିକି ତୁଷୁରା ଥାନା ପାଖରେ ଆର୍ବଜନା ଜମା ହୋଇ ରହିଛି। ଉକ୍ତ


ତୁଷୁରା-ବଲାଙ୍ଗୀର ମୁଖ୍ୟରାସ୍ତାର ଧରୁଆପଡା ଛକରେ ପୋତି ହୋଇ ପଡିଥିବା ଡ୍ରେନ।

ସ୍ଥାନରେ ଦୁଇଟି ଡ଼ଷ୍ଟବିନ ଯୋଗାଇ ଦେବା ପାଇଁ ପଡାବାସୀଙ୍କ ପକ୍ଷରୁ ଦାବି ହେଉଥିଲେ ମଧ୍ୟ ସୁଫଳ ମିଳି ନାହିଁ। ସହର ମୁଖ୍ୟ ରାସ୍ତା ସହ ଶାଖା ରାସ୍ତା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି। ଏନଏସି ପକ୍ଷରୁ ଚାରିବର୍ଷ ତଳେ ସମସ୍ତ ୱାର୍ଡ଼ ପାଇଁ ଆବଶ୍ୟକ ସଂଖ୍ୟକ ଡ଼ଷ୍ଟବିନ କିଣା ଯାଇଥିଲା। କିନ୍ତୁ ଏହାର ଏକ ବର୍ଷ ବିତି ନଥିଲେ ମଧ ପ୍ରାୟ ଡ଼ଷ୍ଟବିନ ଭାଙ୍ଗି ନଷ୍ଟ ହୋଇ ଗଲାଣି । ଏଣୁ ଲୋକେ ନିଜ ଘରୁ ବାହାରୁଥିବା ଅଳିଆ ଆର୍ବର୍ଜନା ରାସ୍ତାରେ ଫୋପାଡ଼ି ଦେଉଥିବା ଦେଖିବାକୁ ମିଳୁଛି। ଏ ନେଇ ଏନଏସି କାର୍ଯ୍ୟନିର୍ବାହି ଅଧିକାରୀ ବିପିନ ବିହାରୀ ଦୀପ କହନ୍ତି , ଯେ ଡ଼ଷ୍ଟବିନଗୁଡ଼ିକ ଆମ ପାଖରେ ଅଛି ତାହାକୁ ଲୋକେ ନିଜ ଘର ଆଗରେ ରଖିବାକୁ ପସନ୍ଦ କରୁ ନାହାନ୍ତି। ଯେଉଁଠି ଦରକାର ଲୋକେ କହିଲେ ଆମେ ଯୋଗାଇ ଦେବୁ। ତେବେ ସହରକୁ ସଫାସୁତାର ରଖିବାକୁ ପ୍ରୟାସ ଚାଲିଛି ଓ ଏଥିପାଇଁ ଲୋକଙ୍କୁ ସଚେତନା କରାଯାଇଛି ବୋଲି ସେ କହଛନ୍ତି ।


ଦୁର୍ଘଟଣାରେ ଗୋଡ କଟିଯିବା ପରେ ରବୀନ୍ଦ୍ର ଘରେ ପଡିରହିଛନ୍ତି ।

## ରବୀନ୍ଦ୍ରଙ୍କୁ ମିଳିବ କୃତ୍ରିମ ଗୋଡ଼

ବଲାଙ୍ଗୀର ଅଫିସ,୧୭।୧୧

ବଲାଙ୍ଗୀର ସହର ସୁଦପଡ଼ା ନିବାସୀ ରବୀନ୍ଦ୍ର ପ୍ରଧାନ ଦିନମଜୁରିଆ ଭାବେ କାମ କରୁଥିଲେ। ଗତ ୬ ମାସ ତଳେ ଏକ ଟ୍ରେନ୍ ଦୁର୍ଘଟଣାରେ ତାଙ୍କର ଦୁଇ ଗୋଡ କଟିଯାଇଥିଲା । ଫଳରେ ସେ ସବୁଦିନ ପାଇଁ ଅକର୍ମଣ୍ୟ ହୋଇଯାଇଛନ୍ତି। ଗରିବୀ ଭିତରେ ବଞ୍ଚି ଆସିଥିବା ରବୀନ୍ଦ୍ରଙ୍କ ଦୁଇ ଗୋଡ କଟିଯିବା ପରେ ବର୍ତ୍ତମାନ ସେ ଅସୁବିଧାରେ ଜୀବନ କାଟୁଛନ୍ତି। ତାଙ୍କ ବିଷୟରେ ଜାଣିବା ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ପକ୍ଷରୁ ତାଙ୍କୁ ସହଯୋଗ କରିବାକୁ ଉଦ୍ୟମ କରାଯାଇଛି। ପ୍ରଥମେ ତାଙ୍କ ପାଇଁ ଏକ ଭିନ୍ନକ୍ଷମ ପ୍ରମାଣ ପତ୍ର ଯୋଗାଡ କରାଯାଇଛି। ପରେ ଫାଉଣ୍ଡେଶନର ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇବା ସହ ସହାୟତା ପାଇଁ ନିବେଦନ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ରଙ୍କୁ ହୁଇଲ ଚେୟାର ଶୀଘ୍ର ଦେବେ ବୋଲି ଜଣାଇଛନ୍ତି । ଏହାସହିତ ଫାଉଣ୍ଡେଶନ୍ ପକ୍ଷରୁ ତାଙ୍କ କୃତ୍ରିମ ଗୋଡ ଲଗାଇବା ବ୍ୟବସ୍ଥା କରାଯିବ ବୋଲି ଅନୁଷ୍ଠାନ ସଂଯୋଜକ ପ୍ରୀତମ ବରାଟ୍ ସୂଚନା ଦେଇଛନ୍ତି ।

## ରୋବଟ ନିର୍ମାଣ ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ,୧୭।୧୧(ଡି.ଏନ୍.ଏ.)

ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସହାୟତାରେ ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ ପରିସରରେ ରୋବର୍ଟ ନିର୍ମାଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଇସପାଲ ସୁନା ଅଧ୍ୟକ୍ଷତା କରିଥିଲେ। ପ୍ରଶିକ୍ଷକଭାବେ ଅଧ୍ୟାପକ ପ୍ରଫେସର ଅଶୋକ କୁମାର ଭୋଇ, ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ରୋବର୍ଟ ନିର୍ମାଣ ସମ୍ପର୍କରେ ସଚେତନ କରିବା ସହିତ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ବ୍ଲକର ଖପ୍ରାଖୋଲ, ଲୁହାସିଂହା, ଲାଠୋର, ଧଣ୍ଡାମୁଣ୍ଡା, ରେଙ୍ଗାଲି, ଦେଦର୍ହ ପ୍ରମୁଖ ଉଚ୍ଚ ବିଦ୍ୟାଳୟର ୭ଜଣ ଲେଖାଏଁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସାମ୍ପ୍ରତିକ ସମୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଜ୍ଞାନ କୌଶଳର ବ୍ୟବହାର ସହିତ ରୋବର୍ଟର ଆବଶ୍ୟକତା ଏବଂ ଏ ନେଇ ଗବେଷଣାତ୍ମକ ଶିକ୍ଷା ପ୍ରତି ଉତ୍ସାହିତ ହେବାକୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସାଦ ମେହେର, ବୀଣାପାଣି ଭୋଇ, ଓମପ୍ରକାଶ ମେହେର ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

## ରାସ୍ତା, ବ୍ରିଜ ନିର୍ମାଣ ପାଇଁ ସର୍ଭେ

ଦେଓଗାଁ,୧୭।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ହାଇସ୍କୁଲ ଛକରୁ ବଡଡୁଙ୍ଗୁରୀପାଲି ଭାୟା ବଗଡା ଛକ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ଓ ପୋଲକୁ ଶନିବାର ବିଭାଗୀୟ ଅଧିକାରୀ ସର୍ଭେ କରିଛନ୍ତି । ୮କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପ୍ରଧାନମନ୍ତ୍ରୀ ରାସ୍ତା ଓ ବଡଡୁଙ୍ଗୁରିପାଲି କନ୍ଧେନଯୋର ପୋଲ ଓ ବଗଡା ନିକଟସ୍ଥ କେଉଁଟିଯୋର ପୋଲକୁ ବିଭାଗୀୟ ଯନ୍ତ୍ରୀ, ଅଧିକାରୀ ସର୍ଭେ କରିବା ପରେ ଲେଆଉଟ ଦେଇଥିଲେ। ଅଞ୍ଚଳବାସୀଙ୍କ ଦାବି ପରେ ରାଜ୍ୟ ସରକାର ଏହି ପ୍ରକଳ୍ପକୁ ମଞ୍ଜୁର ମିଳିଥିବାରୁ ସାଧାରଣରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ବିଭାଗ


ବିଭାଗୀୟ ଅଧିକାରୀମାନେ ହେବାକୁ ଥିବା ପୋଲ ନିର୍ମାଣ ପାଇଁ ସର୍ଭେ କରୁଛନ୍ତି ।

ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଏସଡିଓ ବିରେନ୍ଦ୍ର କୁମାର ତ୍ରିପାଠୀ, ଯନ୍ତ୍ରୀ ପ୍ରଦୀପ କୁମାର ଲାଲ, ଠିକାଦାର ଲାଲ ପଣ୍ଡା, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ତଥା ପୂର୍ବତନ ଦେଓଗାଁ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର ଉପସ୍ଥିତ ଥିଲେ ।

■ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ଫୁଟବଲ ଟୁର୍ନାମେଣ୍ଟ

## ସୁଜିଆ ଫୁଟବଲ, ବକଟି ଭଲିବଲ ଚାମ୍ପିୟନ


ଫୁଟବଲ ଫାଇନାଲ ମ୍ୟାଚରେ ସୁଜିଆ ଓ ବଡଟିକା ଦଳର ଖେଳାଳିମାନେ।

ଲୋଇସିଂହା, ୧୭।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ନେହେରୁ ଯୁବକେନ୍ଦ୍ର ଓ ପାଣ୍ଡରୀଡୁଙ୍ଗରୀ ଜନକଲ୍ୟାଣ କ୍ଲବ ମିଳିତ ଆନୁକୂଲ୍ୟରେ ପାଣ୍ଡରୀଡୁଙ୍ଗରୀ ଗ୍ରାମରେ ଚାଲିଥିବା ଦୁଇଦିନିଆ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗୀତା ଓ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ସରପଞ୍ଚ ଶାନ୍ତିଲତା ବହିଆ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଖେଳ ପଡିଆରେ ବକଟି, ବଡଟିକା, ତେନ୍ତୁଲିଖୁଣ୍ଟି, ବୁର୍ଡା, ଜଡାମୁଣ୍ଡା ପାଣ୍ଡରୀଡୁଙ୍ଗରୀ, ଖଲିଆପାଲି ଓ ରୋତ ଦଳକୁ ନେଇ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ସୁଜିଆ ଓ ବଡଟିକା ଏକାଦଶ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା । ଏଥିରେ ୨-୦ଗୋଲରେ ସୁଜିଆ ବିଜୟୀ ହୋଇଥିଲା । ବିଜୟ ରଣା, ଜ୍ୟୋତିର୍ମୟ ରାଉତ ଓ ସାଥୀ ଖେଳ ପରିଚାଳନା କରଥିଲେ । ଶନିବାର ଅନୁଷ୍ଠିତ ଭଲିବଲ ପ୍ରତିଯୋଗିତାରେ ବକଟି ବିଜେତା ଓ ବଡଟିକା ଉପବିଜେତା ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ମୁଖ୍ୟ ଅତିଥି, ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ସମ୍ପାଦକ ରବି ବହିଆ, ସ୍ଥାନୀୟ ସରପଞ୍ଚ ବହିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଫୁଟବଲ ଚାମ୍ପିୟନ ଦଳକୁ ୫ ହଜାର ଓ ରନର୍ସ ଅପ ଦଳକୁ ୩ ହଜାର ସହ ଟ୍ରଫି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ । ସେହିପରି ଭଲିବଲ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ରାଶି ଦେଇ ପୁରସ୍କୃତ କରାଯାଇଥିଲା ।

## ୯୭୦ ଛାତ୍ରୀଛାତ୍ର ନେଲେ ଜାପାନି ଏନସେଫାଲାଇଟିସ ଟିକା

ଲାଠୋର, ୧୭।୧୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର ଚାରିଗୋଟି ସବସେଣ୍ଟର ଅଧିନରେ ଥିବା ୮ ବିଦ୍ୟାଳୟରେ ଜାପାନୀ ଏନସେଫାଲାଇଟିସ ଟିକାକରଣ କରାଯାଇଛି । ୬ରୁ ୧୫ବର୍ଷର ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ସାନଗୁର୍ଜିଭଟା ସବସେଣ୍ଟର ସାନଗୁର୍ଜିଭଟା ବିଦ୍ୟାଳୟରେ ୧୨୯, ଚାଉଳଡିଆ ୫୨, ସୁନାମୁଦି ସବସେଣ୍ଟର ସରେଇବାହାଲ ବିଦ୍ୟାଳୟରେ ୨୮୦, ସମଲେଶ୍ୱରୀ ବିଦ୍ୟାଳୟରେ ୩୩, ମାଲପଡା ସବସେଣ୍ଟର ଭାଲୁଟୁଆଁ ବିଦ୍ୟାଳୟରେ ୩୦, ଭରୁଆମୁଣ୍ଡା ବିଦ୍ୟାଳୟରେ ୧୨୧, ଲାଠୋର ସବସେଣ୍ଟର ହାଟପଦାପଡା ବିଦ୍ୟାଳୟରେ ୮୮, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୩୭ ଜଣ ଜେଇ ଟିକା ନେଇଛନ୍ତି। ଏହି କାର୍ଯ୍ୟରେ ମହିଳା ସ୍ୱାସ୍ଥ୍ୟକର୍ମୀ ଲତା ଭୁଏ, ମମତା ଭୋଇ, ହାରାବତୀ ଲୁହା, କଳ୍ପନା ମେହେର ନିୟୋଜିତ ହୋଇଥିଲେ। ଏହି ଟିକାକରଣ ପାଇବାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କୁ ଆଗାମୀ ପର୍ଯ୍ୟାୟରେ ଦିଆଯିବ ବୋଲି ସୂଚନା ଦିଆଯାଇଛି।

■ଖପ୍ରାଖୋଲରେ ବିର୍ସା ମୁଣ୍ଡା ଜୟନ୍ତୀ

## ଅଧିକାର ପାଇଁ ଲଢେଇ କରିବାକୁ ଆହ୍ୱାନ


ବିର୍ସା ମୁଣ୍ଡା ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିମାନେ।

ଖପ୍ରାଖୋଲ, ୧୭।୧୧(ଡି.ଏନ.ଏ.) ବଲାଙ୍ଗୀର ଜିଲା ଖପ୍ରାଖୋଲ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିର୍ସା ମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ ସମାରୋହ ଏସ୍‌ଟି, ଏସ୍‌ସି କର୍ମଚାରୀ ସଂଘ ଆନୁକୂଲ୍ୟରେ ରବିବାର ପାଳିତ ହୋଇଯାଇଛି । ଏସ୍‌ଟି, ଏସସି କର୍ମଚାରୀ ସଂଘ ସଭାପତି ରାହାସ ବିହାରୀ ମଲ୍ଲିକ ସମାବେଶରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବେଲପଡା ବିଡିଓ ଭିକ୍ଟର ସୋରେନ୍, ମୁଖ୍ୟବକ୍ତା ଖପ୍ରାଖୋଲ ବିଡିଓ ତରଣୀ ସୁନା, ସମ୍ମାନିତ ଅତିଥି ହରିଶଙ୍କର ବନାଞ୍ଚଳ ଅଧିକାରୀ ଶ୍ରୀବତ୍ସ କୁମୁରା, ବେଲପଡା ଏବିଡିଓ ରାମବିଳାସ ମଙ୍ଗରାଜ, ସଂଘ ଉପସଭାନେତ୍ରୀ ବିଦ୍ୟୁତପ୍ରଭା ନାଗ, ହେମସାଗର ମାଝୀ, ଲଳିତ ସୁନା, ଟିକେଶ୍ୱର ଧରୁଆ, ସାମାଜିକ କର୍ମୀ ରାଜେଶ ଝାଙ୍କର, କବି ସତ୍ୟାନନ୍ଦ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିର୍ସା ମୁଣ୍ଡାଙ୍କ ଜୀବନୀ, ସଂଗ୍ରାମର କାହାଣୀ ଅବତାରଣା କରିଥିଲେ। ଜାତି ଓ ଜନ୍ମ ମାଟିର ସୁରକ୍ଷା ପାଇଁ ତାଙ୍କ ଜୀବନ ବ୍ୟାପୀ ଲଢେଇ ଉପରେ ଆଲୋକପାତ କରାଯାଇଥିଲା। ଅଧିକାର ପାଇଁ ସମସ୍ତେ ସଂଗଠିତ ହୋଇ ଲଢେଇ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ନିହାର ରଞ୍ଜନ ଭୋଇ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଜଳଧର ତାଣ୍ଡି ସ୍ୱାଗତ ଭାଷଣ ଦେଇଥିଲେ । ବନବିହାରୀ ମହାନନ୍ଦ, ଶଶିକାନ୍ତ ବିଶି, ଗୋଲାପ ବିଶି, ଶ୍ରୀଧର ନାଗ, ବଳରାମ ସୁନା, କ୍ଷୀରଧର ବରିହା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଜୟନ୍ତୀ ସଭା ଆୟୋଜିତ ହୋଇଥିଲା। ଧରମ ସିଂ ଧରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶ୍ରୀପତି କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।

ବଡ଼ଟିକାରେ କପାଚାଷୀଙ୍କ ସମାବେଶ

## ମାଟି ପରୀକ୍ଷା କରି ଚାଷ କରିବାକୁ ଗୁରୁତ୍ୱ

ଲୋଇସିଂହା,୧୭।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଟଡିକା ଗ୍ରାମର ଏକ କପା ଚାଷୀ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି । ନାଥ ବାୟୋଜିନ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀର, ବରଗଡ, ବୌଦ୍ଧ ଓ ନୂଆପଡା ଅଞ୍ଚଳର କପାଚାଷୀ ଯୋଗଦେଇଥିଲେ। ବଲାଙ୍ଗୀର ଜିଲା ଭାରପ୍ରାପ୍ତ ମୁଖ୍ୟ କୃଷି ଅଧିକାରୀ ବିଶେଶ୍ୱର ସାହୁ, ବିଭିନ୍ନ ଜିଲାର ଅତିଥି କପାଚଷୀ ବଡଟିକା ଗ୍ରାମର କପା ଚାଷ କ୍ଷେତ୍ର ବୁଲି ଦେଖିଥିଲେ । ଏହି



ବଡଟିକା କପାଚାଷୀ ସମାବେଶରେ ମଞ୍ଚାସୀନ ଅତିଥି ।

ଉପଲକ୍ଷେ ଅଗ୍ରଣୀ ଚାଷୀ ରୁଦ୍ରକିଶୋର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଜିଲା କୃଷି ଅଧିକାରୀ ସାହୁ ମୁଖ୍ୟ ଅତିଥି, ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଜିଲା ସଂଯୋଜକ କୃଷ୍ଣଚନ୍ଦ୍ର ଦନ୍ତା, ଆରଏମ ନାରାୟଣପ୍ରସାଦ ଜେନା, ଚିତ୍ରସେନ ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ମୁଖ୍ୟ ଜିଲା କୃଷି ଅଧିକାରୀ କପାକ୍ଷେତ୍ର ଦେଖି ସନ୍ତୋଷବ୍ୟକ୍ତ ପ୍ରକାଶ କରିଥିଲେ । କଳା ଓ ଲାଲ ମାଟି କପା ଚାଷ ପାଇଁ ଉତ୍କୃଷ୍ଟ ବୋଲି କହିଥିଲେ । ଅପରପକ୍ଷେ ସରକାରୀ ଭାବେ ବିଟି କପା ଚାଷକୁ ବାରଣ କରାଯାଇଛି । ହେଲେ ଚାଷୀମାନେ ଅଧିକ ଅମଳ ପାଇଁ ଏପରି ବିହନ ଅପଣାଇବାକୁ ବାଧ୍ୟ ହେଉଥିବା ସେ କହିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାର ମାଟି ପରୀକ୍ଷା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଚାଷୀମାନେ ସଚେତନ ହୋଇ ମାଟି ପରୀକ୍ଷା କରି ଚାଷ କଲେ ଅଧିକ ଲାଭାନ୍ୱିତ ହେବେ ବୋଲି ମୃତ୍ତିକା ପରୀକ୍ଷାଗାର ସଂଯୋଜକ ଦନ୍ତା କହିଥିଲେ । ମନହର ସ୍ୱାଇଁ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ।

## ଲୁର୍କୀ ଧନୁଯାତ୍ରା ପାଇଁ କଂସ ବରଣ, ଶୁଭସ୍ତମ୍ଭ ସ୍ଥାପନ

ଗୁଡ଼ଭେଲା,୧୭।୧୧(ଡି.ଏନ.ଏ.) ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଲୁର୍କୀ ଗ୍ରାମରେ ଜାନୁୟାରୀ ୫ ତାରିଖରୁ ଧନୁଯାତ୍ରା ଆରମ୍ଭ ହେବ। ଏଥିପାଇଁ ରବିବାର କଂସ ବରଣ ଓ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାନୁୟାରୀ ୧୧ତାରିଖ ଯାଏ ହେବାକୁ ଥିବା ଧନୁଯାତ୍ରାରେ ପାଟଣାଗଡ ଅଧିନ ବାଗମୁଣ୍ଡା ଗ୍ରାମର ଦିଲୀପ ମେହେର କଂସ ଭୂମିକାରେ ଅଭିନୟ କରିବା ପାଇଁ କମିଟି ପକ୍ଷରୁ ବାରଣ କରାଯାଇଥିଲା। ଏହା ସହିତ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ପୂଜାରେ ମନୋଜ ପ୍ରଧାନ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ସରୋଜ ପ୍ରଧାନ, ଭୁପାଳ ଚନ୍ଦ୍ର ପ୍ରଧାନ, ଭବାନୀ ଶଙ୍କର ସାହୁ, ପଞ୍ଚାନନ ନାଏକ ଓ ଆନନ୍ଦ ପ୍ରଧାନ ଏଥିରେ ସହଯୋଗ କରିଥିଲେ । ମିନାବଜାର, ଅପେରା ଓ ସଞ୍ଚାର ମୁଖ୍ୟ ଆକର୍ଷଣ ରହିବ ବୋଲି ଆୟୋଜକ କମିଟି ସଳତ୍ରରୁ ଜଣାପଡିଛି।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍

## ସଂକ୍ଷେପରେ

### ଜୁଲୁମବାହାଲ ଆଶ୍ରମ ସ୍କୁଲରେ ବିଜ୍ଞାନ ମେଳା

**ହେମଗିର, ୧୭।୧୧ (ଡି.ଏନ.ଏ)-** ଜୁଲୁମବାହାଲ ଆଶ୍ରମ ସ୍କୁଲରେ ବିଜ୍ଞାନ ଓ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ସମାଜସେବୀ ସୁନୀଲ କୁମାର ପାଟଯୋଶୀ, ସମ୍ମାନିତ ଅତିଥି ଭାବରେ କୁଶମେଳ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯଜ୍ଞକୁମାର ପଟେଲ, ସରପଞ୍ଚ ଉପେନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମୀନା କୁମାରୀ ଶତପଥି ସଭାପତିତ୍ୱ କରିଥିଲେ। ଏହି ମେଳାରେ ଛାତ୍ରୀଛାତ୍ର ମୁଖ୍ୟତ ପରିବେଶ ସୁରକ୍ଷା ଉପରେ ପର୍ଯ୍ୟବେଶିତ ପ୍ରକଳ୍ପ ତିଆରି କରି ପ୍ରଦର୍ଶିତ କରିଥିଲେ। ପ୍ରକଳ୍ପଗୁଡିକ ବେଶ୍ ମନଛୁଆଁ ଓ ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ବହନ କରୁଥିବାରୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ବନମାଳୀ ବାଗ ପରିଚାଳନା କରିଥିଲେ। ଏହି ଅବସରରେ ଗାଇଡ ଶିକ୍ଷକ ଅନନ୍ତ କୁଆ, ବିନ୍ଦିଆରାଣୀ ପଧାନଙ୍କୁ ସମ୍ମାନିତ କରିଥିଲେ। ଶେଷରେ ଶିକ୍ଷକ ଦୟାନିଧି ମାଝି ଧନ୍ୟବାଦ ଦେଇଥିଲେ। ମେଳାର ସମସ୍ତ କାର୍ଯ୍ୟରେ ଆଶ୍ରମ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ତୁଡାଲଗା ୟୁପି ସ୍କୁଲର ଶତବାର୍ଷିକ ପାଳନ ପ୍ରସ୍ତୁତି ବୈଠକ

**ବଡ଼ଗାଁ, ୧୭।୧୧ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ସ୍କୁଲର ଶତବାର୍ଷିକ ପାଳନ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶତବାର୍ଷିକ ପାଳନ ପାଇଁ ଗଠିତ କମିଟିର ସଭାପତି ଗଣେଶ୍ୱର ପିଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିରଞ୍ଚି ବେହେରା, ବୀରେନ୍ଦ୍ର ରାଉତରାୟ, ଚନ୍ଦ୍ରଭାନୁ ଜେନା, ଫକୀର ଜେନା, ମଧୁସୂଦନ ମିଞ୍ଜ, ବିକାଶ ମୁଦୁଲି, ମଣି ଲାକ୍ରା, ମୋହନ ମାଝୀ, ରଥି ମାଝୀ, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନମିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଆସନ୍ତା ମାସ ୧୪ ରୁ ୧୬ ତାରିଖ ୩ ଦିନ ଶତବାର୍ଷିକ ପାଳନ କରିବା ପାଇଁ ସ୍ଥିର କରାଯିବା ସହ କିପରି ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା।

### ବଡଗାଁ ଅଞ୍ଚଳରେ ଧାନ ଅଭାବୀ ବିକ୍ରି

**ବଡ଼ଗାଁ, ୧୭।୧୧ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ଧାନର ଅଭାବୀ ବିକ୍ରି ହେଉଥିବା ଚାଷୀମାନଙ୍କଠାରୁ ଜଣାପଡିଛି। ଏ ଯାଏଁ ମଣ୍ଡି ଖୋଲି ନ ଥିବାରୁ ଗୋଡା ଧାନ ଅମଳ କରିଥିବା ଚାଷୀମାନେ ବାଧହୋଇ ଖର୍ଚ୍ଚ ତୁଲାଇବା ପାଇଁ ବେପାରୀଙ୍କୁ କିଲୋପ୍ରତି ମାତ୍ର ୧୨ ଟଙ୍କା ଦରରେ ବିକ୍ରି କରୁଛନ୍ତି। ମଣ୍ଡି ଖୋଲି ନ ଥିବାରୁ ବେପାରୀଙ୍କ ପାଇଁ ଏହା ସୁଯୋଗ ଭଳି ହୋଇଛି । ଧାନ ଅମଳ ପରେ ବିଭିନ୍ନ ପର୍ବ ପର୍ବାଣୀ ହେଉଥିବାରୁ ଚାଷୀମାନେ ଧାନ ବିକ୍ରି କରୁଥିବା ସେମାନେ କହନ୍ତି। ଚାଷୀମାନେ ଉଚିତ ମୂଲ୍ୟ ପାଇବା ପାଇଁ ହେଲେ ସରକାର ଯଥାଶୀଘ୍ର ମଣ୍ଡି ଖୋଲିବା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି କୁହାଯାଇଛି ।

# ପଞ୍ଚାୟତ ଫଣ୍ଡର ଅପବ୍ୟବହାର

**ନୂଆଗାଁ, ୧୭।୧୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକରେ ସରକାରୀ ଫଣ୍ଡର ଅପବ୍ୟବହାର ନେଇ ଅଭିଯୋଗ ଆସିଛି। ନୂଆଗାଁ ବ୍ଲକ ଅନ୍ତର୍ଗତ ନୂଆଗାଁ ସଦର ପଞ୍ଚାୟତରେ ଏଭଳି ହୋଇଛି। ଉକ୍ତ ପଞ୍ଚାୟତରେ ଗତ ୨ରୁ ୩ ବର୍ଷ ପୂର୍ବେ ଏକ ଲୁହାରେ ବିରାଟକାୟ ଗେଟ ନିର୍ମାଣ ହୋଇଥିଲା। ଯାହା ସମ୍ପୂର୍ଣ୍ଣ ଭାବରେ ଠିକ୍ ଥିଲା। ହେଲେ ଏହି ଗେଟକୁ ବର୍ତ୍ତମାନ ପଞ୍ଚାୟତ କର୍ତ୍ତୃପକ୍ଷ ଭାଙ୍ଗିଦେଇ ସେଠାରେ ଏକ କଂକ୍ରିଟ ଯୁକ୍ତ ଗେଟ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯାହାକୁ କଡା ବିରୋଧ କରିଛନ୍ତି ଉକ୍ତ ପଞ୍ଚାୟତର ୧୫ ନମ୍ବର ୱାର୍ଡର ୱାଡମେମ୍ବର ଅନନ୍ତ କୁମାର ସାହୁ, ପଞ୍ଚାୟତର ନାଏବ ସରପଞ୍ଚ କୁଶଳ ରୋଶନ ଟୋପ୍ପ। ସେମାନଙ୍କ ଅଭିଯୋଗ ହେଲା ପଞ୍ଚାୟତରେ କୌଣସି ଉନ୍ନୟନ କାର୍ଯ୍ୟ ପାଇଁ ଆବଶ୍ୟକୀୟ ବୈଠକ ଡକାଯାଇ ନାହିଁ। କୌଣସି କାର୍ଯ୍ୟ କରିବା ପୂର୍ବରୁ ନାଏବ ସରପଞ୍ଚଙ୍କ କୌଣସି ମତାମତ ନିଆଯାଉଛି କିମ୍ବା ଜଣାଶୁଣା ୱାର୍ଡ ମେମ୍ବର ମାନଙ୍କ ମତାମତ ନିଆଯାଉନି। ଯେଉଁ ୱାର୍ଡ ମେମ୍ବରମାନେ ସରଳ ଓ ଯେଉଁମାନଙ୍କୁ ସରକାରୀ ନିୟମ ବିଷୟରେ ଏତେଟା ଜଣାନାହିଁ ସେମାନଙ୍କୁ ହାତରେ ରଖି ପଞ୍ଚାୟତ କର୍ତ୍ତୃପକ୍ଷ ମନମୁଖି କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ କରୁଛନ୍ତି। ଏପରିକି କେତେକ ୱାର୍ଡ ମେମ୍ବର ଓ ନାଏବ ସରପଞ୍ଚ ପଞ୍ଚାୟତର କୌଣସି ୱାର୍ଡରେ ଉନ୍ନୟନ କାର୍ଯ୍ୟ ପାଇଁ କୌଣସି




ନୂଆଗାଁ ସଦର ପଞ୍ଚାୟତରେ ଗେଟ ନିର୍ମାଣ ଚାଲିଛି।

- **ଗେଟ ଥାଇ ଚାଲିଛି ଗେଟ ନିର୍ମାଣ**
- **ୱାର୍ଡ ମେମ୍ବରଙ୍କ କଡା ବିରୋଧ**
- **ସଦର ନୂଆଗାଁ ପଞ୍ଚାୟତରେ ଚାଲିଛି ଏଭଳି କାର୍ଯ୍ୟ**
- **ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ**

ପ୍ରସ୍ତାବ ଦେଲେ ତାକୁ ଅଣଦେଖା କରାଯାଉଛି। କେବଳ ନିଜ ଲୋକଙ୍କୁ କାମ ଦିଆଯାଉଥିବା ସେମାନେ ପ୍ରକାଶ କରିଛନ୍ତି। ପଞ୍ଚାୟତରେ ଯେହେତୁ ଗୋଟିଏ ଗେଟ ଥିଲା ତାକୁ ଭାଙ୍ଗି ଆଉ ଗୋଟେ ଗେଟ ନିର୍ମାଣ କରିବାର କୌଣସି ଯଥାର୍ଥତା ନାହିଁ। କେବଳ ପଞ୍ଚାୟତ ଫଣ୍ଡର ଅପବ୍ୟବହାର ସାଙ୍ଗକୁ ଠିକାଦାର ପୋଷା ନୀତିରେ ଏଭଳି ମନମୁଖି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ନୂଆଗାଁ ପଞ୍ଚାୟତର ନିର୍ବାହୀ ଅଧିକାରୀ ଡ. ସରଫଙ୍କୁ ତାଙ୍କୁ ମୋବାଇଲ ନମ୍ବରରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହିଁ ସେ ଫୋନ ଉଠାଇ ନ ଥିଲେ। ନିକଟରେ ନୂଆଗାଁ ମାର୍କେଟରୁ ପାଣି ନିଷ୍କାସନ ପାଇଁ ପାଇପ ଯୋଗେ ଡ୍ରେନ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରାୟ ୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ପ୍ରକାଶିତ ହୋଇଥିଲା। ଏହି କାର୍ଯ୍ୟ ମଧ୍ୟ ନୂଆଗାଁ ପଞ୍ଚାୟତ ପାଣ୍ଠିରୁ ଖର୍ଚ୍ଚ କରାଯାଇଥିଲା। ନୂଆଗାଁ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କ ନାଁରେ ଥିଲା ଏହି କାର୍ଯ୍ୟାଦେଶ। ହେଲେ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ଜଣକ ନିଜ ମନଇଚ୍ଛା ଭାବରେ କାର୍ଯ୍ୟ କରିଥିଲେ। ୮ଇଞ୍ଚ ବଦଳରେ ୬ ଇଞ୍ଚ ପାଇପ ଲଗାଇ କାମ କରିଥିଲେ। ଏହାକୁ ନେଇ ବୁଦ୍ଧିଜୀବି ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରାତାରାତି କାମ ସାରି ବିଲ କରିଥିବା ଏହି ନିମ୍ନମାନର କାର୍ଯ୍ୟର ତଦାରଖ ଏପର୍ଯ୍ୟନ୍ତ ଠିକ୍ ଭାବରେ କରାଗଲା ନାହିଁ। ବର୍ତ୍ତମାନ ପୁଣି ପଞ୍ଚାୟତରେ ଏଭଳି ବେଆଇନ ଭାବରେ ଗେଟ ଥାଇ ଗେଟ ନିର୍ମାଣ ପଞ୍ଚାୟତର ପ୍ରକୃତ କାର୍ଯ୍ୟ କରିବାର ଶୈଳୀକୁ ପଦାରେ ପକାଇ ଦେଇଛି। ପଞ୍ଚାୟତର ଏଭଳି ମନମୁଖି କାର୍ଯ୍ୟର ଉପଯୁକ୍ତ ତଦନ୍ତ କରିବାକୁ ୱାର୍ଡ ମେମ୍ବର ସାହୁ ଓ ନାଏବ ସରପଞ୍ଚ ଟୋପ୍ପ ଦାବି କରିଛନ୍ତି।

## ମ୍ୟାଲେରିଆ, ଅନ୍ୟାନ୍ୟ ଭୂତାଣୁଜନିତ ରୋଗ ନିୟନ୍ତ୍ରଣ ସଚେତନତା ବୈଠକ

**କୁଆଁରମୁଣ୍ଡା,୧୭।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବଣ, ପାହାଡ଼ଘେରା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ବିଶେଷ କରି ମ୍ୟାଲେରିଆ ଓ ଅନ୍ୟାନ୍ୟ ଭୂତାଣୁଜନିତ ରୋଗର ଦୂରୀକରଣ ଓ ନିବାରଣ ପାଇଁ ଶନିବାର କୁଆଁରମୁଣ୍ଡା ବିଡିଓଙ୍କ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଡିଓ ଭବାନୀଶଙ୍କର ପାଢୀ ଅଧ୍ୟକ୍ଷତା କରିଥିଲେ। କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା. ଶ୍ରୀମନ୍ତ ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି ଅବସରରେ ବ୍ଲକସ୍ତରରେ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏଥିରେ ସଂସ୍କାର ସ୍ୱେଚ୍ଛାସେବୀ ସଙ୍ଗଠନର ସମ୍ପାଦକ ଅମୂଲ୍ୟ ଜେନା, କୁଆଁରମୁଣ୍ଡା ବନ ରେଞ୍ଜ ଅଧିକାରୀ ସୁଧାଂଶୁ ଚନ୍ଦ୍ର ସାହାଣୀ,ସିଡିପିଓ ଆନାସ୍ତାସିଆ ଲାକ୍ରା ପ୍ରମୁଖଙ୍କୁ ନେଇ ଗଠନ କରାଯାଇଛି। ଉକ୍ତ ଟିମ୍ ବ୍ଲକ ଅଞ୍ଚଳରେ ସୃଷ୍ଟି ହେଉଥିବା ଉପରୋକ୍ତ ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ନିରାକରଣ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବ ବୋଲି ଜଣାପଡ଼ିଛି।



କୁଆଁରମୁଣ୍ଡା ବିଡିଓଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ମ୍ୟାଲେରିଆ ସଚେତନତା ବୈଠକ।



ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଏବିଭିପି କର୍ମକର୍ତ୍ତା।

## ଏବିଭିପି ତରଫରୁ ବିର୍ସା ମୁଣ୍ଡା ଜୟନ୍ତୀ

**ସୁନ୍ଦରଗଡ଼, ୧୭।୧୧ (ଡି.ଏନ୍.ଏ.)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସୁନ୍ଦରଗଡ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଶିକ୍ଷାନୁଷ୍ଠାନଠାରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସୁମିତ ନାଏକଙ୍କ ଅଧ୍ୟକ୍ଷତାରେ ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଅଧ୍ୟାପକ ଆଲୋକ ଚୌଧୂରୀ, ବିଜୟ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବିର୍ସା ମୁଣ୍ଡାଙ୍କ ଜୀବନୀ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ବିଦ୍ୟାର୍ଥୀ ପରିଷଦର ନଗର ସଭାପତି ସଞ୍ଜୀବ କୁମାର ନାଏକ, ସମ୍ପାଦକ ବିଶାଳ ପଟେଲ, ସହସମ୍ପାଦକ ଗୋପାଲ ନାଏକ, ତନ୍ମୟୀ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜଗାଙ୍ଗପୁରରେ ଜାତୀୟ ପ୍ରେସ ଦିବସ

**ରାଜଗାଙ୍ଗପୁର, ୧୭।୧୧ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରଠାରେ ସୁନ୍ଦରଗଡ ଜିଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ପକ୍ଷରୁ ଶନିବାର ଜାତୀୟ ପ୍ରେସ ଦିବସ- ୨୦୧୯ ପାଳିତ ହୋଇଯାଇଛି। ଜାତୀୟ ପ୍ରେସ ଦିବସରେ ସାମ୍ବାଦିକ ସଂଘ ପକ୍ଷରୁ ରାଜଗାଙ୍ଗପୁର କମ୍ୟୁନିଟି ସେଣ୍ଟରଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏଥିରେ ରାଜଗାଙ୍ଗପୁର ପୌରପରିଷଦ ଉପାଧକ୍ଷ ଅଶୋକ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନେ ସତ୍ୟ ପଥରେ ଯାଇ ଲୋକଙ୍କ ସମସ୍ୟାକୁ ଠିକ ଭାବରେ ଉପସ୍ଥାପନା କଲେ ସାଧାରଣ ଜନତାଙ୍କ ସମସ୍ୟା ଦୂର ହେବା ସାଙ୍ଗକୁ ଆମ ଦେଶ ଆଗକୁ ବଢ଼ିବ ବୋଲି ମତ ଦେଇଥିଲେ । ସୁନ୍ଦରଗଡ ଜିଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘର ସଭାପତି ପଙ୍କଜ କୁମାର ସାହୁ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପରେ ରାଜଗାଙ୍ଗପୁର ପୂର୍ତ୍ତ ବିଭାଗର ଡାକବଙ୍ଗଳାଠାରେ ସାମ୍ବାଦିକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ବାଦକମାନେ ଅଂଶ ଗ୍ରହଣ କରି ସେମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରି ଏକଜୁଟ ହୋଇ ରହିବା ପାଇଁ ନିଷ୍ପତ୍ତି ନେଇଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତି କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୧୭।୧୧ (ଡି.ଏନ୍.ଏ)**

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁନ୍ଦରଗଡ଼ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟଠାରେ ନିଶାମୁକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ କେନ୍ଦ୍ର ସଞ୍ଚାଳିକା ବ୍ରହ୍ମକୁମାରୀ ଜ୍ୟୋତ୍ସ୍ନାଙ୍କ ତତ୍ତ୍ୱାବଧାନରେ ମାଉଣ୍ଟଆବୁସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଶିକ୍ଷକ ତଥା ପ୍ରଚାରକ ଭାବେ ବ୍ରହ୍ମକୁମାର ରାଜୀବ ଭାଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନିଶା ସେବନ ଦ୍ୱାରା କିପରି ନିଜର ପରିବାର ତଥା ସମାଜର କ୍ଷତି ଘଟିଥାଏ ଓ ଏଥିଯୋଗୁ ଘଟୁଥିବା ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓ ପରେ ବାର୍ତ୍ତାଳାପ ଦ୍ୱାରା କିଭଳି ନିଶା କବଳିତ ବ୍ୟକ୍ତିଙ୍କୁ ସୁସ୍ଥ କରିହେବ ସେ ସମ୍ପର୍କରେ ବୁଝାଇଥିଲେ। ପରେ କେନ୍ଦ୍ରୀୟ ବିଦ୍ୟାଳୟ, ମାହେଶ୍ୱରୀ ଯୁକ୍ତ ୨ ବିଦ୍ୟାଳୟ ଓ ପ୍ରୟାସ ଯୁକ୍ତ ୨ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରୀ ଛାତ୍ରଙ୍କ ସମେତ ରିଜର୍ଭ ପୋଲିସ ଲାଇନ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀମାନଙ୍କୁ ଏହି ନିଶା ସେବନର ଅପକାରିତା ସମ୍ବନ୍ଧରେ ସଚେତନ କରାଯାଇଥିଲା। ବ୍ରହ୍ମକୁମାର ଉମେଶ ବେହେରା, ବ୍ରହ୍ମକୁମାରୀ ନିରୁପମା କିରଣ, ଦୀପାଞ୍ଜଳି, ପଦ୍ମନ, ଡିଲେଶ୍ୱର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟଠାରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ଆୟୋଜିତ ନିଶାମୁକ୍ତି କାର୍ଯ୍ୟକ୍ରମ।

## ପଦଯାତ୍ରାରେ ବାହାରିଥିବା ସତ୍ୟବ୍ରତଙ୍କୁ ଲେଫ୍ରିପଡ଼ାରେ ସମ୍ବର୍ଦ୍ଧନା

**ଲେଫ୍ରିପଡା,୧୭।୧୧(ଡି.ଏନ.ଏ.)**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା, ମହାନଦୀର ଜଳ ସମସ୍ୟାର ଯଥାଶୀଘ୍ର ସମାଧାନ ଏବଂ ପୋଲାଭରମ୍ ପ୍ରକଳ୍ପକୁ ବନ୍ଦ୍ କରିବା ଦାବି ନେଇ ପଦଯାତ୍ରାରେ ବାହାରିଥିବା ସତ୍ୟବ୍ରତ ଦାସଙ୍କୁ ରବିବାର ଲେଫ୍ରିପଡ଼ାରେ ସମ୍ବର୍ଦ୍ଧନା ଦିଆଯାଇଛି। ଜଗତସିଂହପୁର ଜିଲା ଅନ୍ତର୍ଗତ ଭଗବାନ ସିଣ୍ଡୋଳ ଗ୍ରାମର ଯୁବକ ସତ୍ୟବ୍ରତ ସମଗ୍ର ଓଡ଼ିଶାର ୩୧୪ ବ୍ଲକ୍‌କୁ ପଦଯାତ୍ରାରେ ବାହାରିଥିବା ବେଳେ ରବିବାର ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍‌ରେ ପହଞ୍ଚିଛନ୍ତି। ସ୍ଥାନୀୟ ଲେଫ୍ରିପଡାଠାରେ ବିଜୁ ଯୁବବାହିନୀ ସଭାପତି ଭବାନୀଶଙ୍କର ବିରଗଣ୍ଡିଆ, ବ୍ଲକ୍ ମୁଖ୍ୟକିରାଣୀ ହାଡୁ ବାଗ୍, ଗଣମାଧ୍ୟମ ପ୍ରତିନିଧି ରାଜୁ ପ୍ରଧାନ ସହ ସ୍ଥାନୀୟ ଯୁବକମାନେ ବ୍ଲକ୍ କାର୍ଯ୍ୟାଳୟରେ ସତ୍ୟବ୍ରତଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ରବିବାର ଛୁଟିଦିନ ହେବା ଯୋଗୁ ପରେ ସତ୍ୟବ୍ରତ ଲେଫ୍ରିପଡାରେ ଗୋଷ୍ଠୀଉନ୍ନୟନ ଅଧିକାରୀ ଅନୁପସ୍ଥିତ ରହିଥିବାରୁ ଉପସ୍ଥିତ ରହିଥିବା ବ୍ଲକ୍ ମୁଖ୍ୟ କିରାଣୀ ହାଡୁ ବାଗ୍‌ଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ଦାବିନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସତ୍ୟବ୍ରତ ଜୁଲାଇ ୧୦ରୁ ଯାଜପୁର ଜିଲାର ବଡଚଣା ବ୍ଲକ୍‌ରୁ ପଦଯାତ୍ରା ଆରମ୍ଭ କରି କେନ୍ଦ୍ରାପଡା, ଭଦ୍ରକ, ବାଲେଶର, ମୟୁରଭଞ୍ଜ, କେନ୍ଦୁଝର ଜିଲା ଦେଇ ସୁନ୍ଦରଗଡ ଜିଲାରେ ପହଞ୍ଚି ସୁନ୍ଦରଗଡ ଜିଲାର ୧୬ଗୋଟି ବ୍ଲକ୍‌କୁ ମୋଟ୍ ୧୩୦ଦିନ ଅତିକ୍ରମ କରି ୨୫୦୦କି.ମି.ରୁ ଊର୍ଦ୍ଧ୍ୱ ପାଦରେ ଚାଲିଥିବା ପ୍ରକାଶ କରିଛନ୍ତି।




ସତ୍ୟବ୍ରତ ଦାସଙ୍କୁ ଲେଫ୍ରିପଡ଼ାରେ ସମ୍ବର୍ଦ୍ଧନା ଦିଆଯାଉଛି।

## ଆଶାକର୍ମୀ ସଂଘର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

**ସୁନ୍ଦରଗଡ଼,୧୭।୧୧ (ଡି.ଏନ୍.ଏ)**

ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ୩ୟ ରାଜ୍ୟ ସମ୍ମିଳନୀ,ଏଆଇଟିୟୁସି ଶତବାର୍ଷିକୀ ସମାରୋହ ସୁନ୍ଦରଗଡ ନାରୀ କଲ୍ୟାଣ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀ ଓ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମହିଳା ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ପ୍ରଚାର କରୁଥିଲେ ମଧ୍ୟ ମହିଳା ଆଶାକର୍ମୀମାନେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବା ଏକ ଦିବାସ୍ୱପ୍ନରେ ପରିଣତ ହୋଇଥିବା ନେଇ ଉଦବେଗ ପ୍ରକାଶ କରାଯାଇଛି। ଆଶାକର୍ମୀମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ଅନୁଦାନ ମିଶାଇ ମାସକୁ ମାତ୍ର ୩ହଜାର ୫ଶହ ଟଙ୍କା ଭତ୍ତା ଦେଇ ଶୋଷଣ କରାଯାଉଥିବାରୁ ଗଭୀର ଉଦବେଗ ପ୍ରକାଶ ପାଇଥିଲା। ଜନନୀ ସୁରକ୍ଷା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାକୁ ନେଇ ସୁରକ୍ଷିତ ପ୍ରସବ କରାଇଲେ ମାତ୍ର ୬୦୦ଟଙ୍କା ମିଳିବାର ବ୍ୟବସ୍ଥା ଥିଲା। ଏଆଇଟିୟୁସି ନେତୃତ୍ୱରେ ନିଖିଳ ଓଡିଶା ଆଶାକର୍ମୀ ସଂଘର ଲଗାତାର ଆନ୍ଦୋଳନ ପରେ

- **ଏଆଇଟିୟୁସି ଶତବାର୍ଷିକୀ ସମାରୋହ ଉଦ୍‌ଯାପିତ**
- **ରାଜ୍ୟ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ**

ବର୍ତ୍ତମାନ ଏହା ମାସିକ ୩ହଜାର ୫ଶହ ଟଙ୍କାରେ ପହଞ୍ଚିଛି। ଦ୍ରୁତ ଶିଳ୍ପାୟନ ନାମରେ ଲଗାମଛଡା ଭାବେ ଜୀବାଶ୍ମ -ଫସିଲ -କୋଇଲା -ଖଣିଜ ତୈଳ ଜାଳେଣୀ ବ୍ୟବହାର ଯୋଗୁ ଉତ୍ପନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ଜଳବାୟୁ, ଜରୁରୀ ପରିସ୍ଥିତି ଘୋଷଣା ସହ ଏହି ବିପଦର ମୁକାବିଲା ପାଇଁ ବିକଳ୍ପ ଭାବେ ନିରନ୍ତର ନବୀକରଣୀୟ ସବୁଜ ଶକ୍ତିର ପ୍ରୋତ୍ସାହନ ପାଇଁ ଯୁଦ୍ଧକାଳୀନ ପଦକ୍ଷେପ ନେବାକୁ ଦାବି ପ୍ରସ୍ତାବ ଗୃହୀତ ହୋଇଛି। ଏହି ଅଧିବେଶନରେ ଆଗାମୀ ୩ବର୍ଷ ପାଇଁ ନିଖିଳ ଓଡିଶା ଆଶାକର୍ମୀ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ବିଜୟ ଜେନା, ଉପସଭାପତି ଭାବେ ପ୍ରବୀଣ ଦାସ, ରାଜେନ୍ଦ୍ର ସିଂ, ପଞ୍ଚାନନ ମହାକୁଡ, ବିକାଶ ବେହୁରିଆ ଓ ଦେବାଶୀଷ ଘୋଷ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦିକା ଭାବେ ନମିତା ସାହୁ, କାନ୍ତିପ୍ରଭା ନାଏକ ଓ ସସ୍ମିତା ପାଢୀ, ରାଜ୍ୟ ସମ୍ପାଦିକା ଭାବେ ଅନିଲତା ପାତ୍ର, ମମତା ପ୍ରଧାନ, ସିମ୍ପ୍ରେଜା ବାଡା ଓ ସୁନୀତି ପଟେଲ, କୋଷାଧ୍ୟକ୍ଷ ଭାବେ ଗୀତାଞ୍ଜଳି ପ୍ରଧାନଙ୍କ ସମେତ ୨୨ଜଣ କାର୍ଯ୍ୟକାରୀ କମିଟି ସଭ୍ୟା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଏହା ପୂର୍ବରୁ ଶନିବାର ଅପରାହ୍ନରେ ପ୍ରବୀଣ ଦାସ, ଅନିଲତା ପାତ୍ର ଓ ପ୍ରବୀର କମ୍ପଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀଙ୍କ ଅଧ୍ୟକ୍ଷତାରେ ପ୍ରତିନିଧି ଅଧିବେଶନକୁ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ଡ. ସୌରୀବନ୍ଧୁ କର ଉଦ୍‌ଘାଟନ କରିଥିଲେ। ସଂଘର ସାଧାରଣ ସମ୍ପାଦକା ନମିତା ସାହୁ ବିଗତ ସମ୍ମିଳନୀଠାରୁ ଇତି ମଧ୍ୟରେ ସମଗ୍ର ଦେଶର ଓ ବିଶେଷ କରି ଓଡିଶାର ରାଜନୈତିକ, ଅର୍ଥନୈତିକ, ସାମାଜିକ ଓ ସଂଘର ସାଙ୍ଗଠନିକ ବିବରଣୀ ଉପସ୍ଥାପନ କରିଥିଲେ। ଉପସାଧାରଣ ସମ୍ପାଦିକା ମାତିଲଦା କୁଲୁ ବିଭିନ୍ନ ଦାବି ଓ ଆନ୍ଦୋଳନ ପ୍ରସ୍ତାବ ଆଗତ କରିଥିଲେ। ଏହି ସମ୍ମିଳନୀରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ ଉଦ୍‌ବୋଧନ ଦେଇଥିଲେ। ଏହି ପ୍ରତିନିଧି ଅଧିବେଶନକୁ ଟୁଡୁ ମାନସିଂ, ସକିନୀ ପାହନ, ମୁସ୍ଥଲିନ୍ ବେଗମ୍, ସନ୍ତୋଷିନୀ ପଣ୍ଡା, ରଞ୍ଜୁ ବେହେରା, ସୁମତି ପଟେଲ, ନିରୁପମା ସ୍ୱାଇଁ, ଭଗବତୀ ନାୟକ, କେ ସନ୍ଧ୍ୟାରାଣୀ ପାତ୍ର, ବବିତା ରାଉତ, କ୍ରାନ୍ତିପ୍ରଭା ନାୟକ, ମିତାଞ୍ଜଳି ସିଂହ, ମେରୀ କିଶୋରୀ ସାଙ୍ଗା, ପୁଷ୍ପାଞ୍ଜଳୀ ବେହେରା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମ୍ମିଳନୀକୁ ପାଚିକା ସହାୟିକା ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି କମଲ ଷଣ୍ଢ, ଜୟଶ୍ରୀ କେମିକାଲ ଏମ୍ପ୍ଲଇଜ୍ ୟୁନିୟନର ସାଧାରଣ ସମ୍ପାଦକ ରଞ୍ଜିତ ପ୍ରଧାନ, କୋଲମାଇନସ୍ କର୍ମଚାରୀ ସଂଘର ଡି ପି. ରାୟ, ସର୍ବଭାରତୀୟ ଏଲିମେଣ୍ଟାରୀ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଧନଞ୍ଜୟ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।



“ କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର

ରାଉରକେଲା ଅଫିସ,୧୭।୧୧- ରାଉରକେଲା ସେକ୍ଟର-୧୯ ଥାନା ଅନ୍ତର୍ଗତ ଗୁଣ୍ଡିଚା ମନ୍ଦିର ପଛରୁ ରବିବାର ମଧାହ୍ନରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ମୃତଦେହ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ଚିହ୍ନଟ ହୋଇପାରିନି। ସ୍ଥାନୀୟ ବ୍ୟବସାୟୀ ଏନେଇ ଥାନାକୁ ଖବର ଦେବା ପରେ ପୋଲିସ ମୃତଦେହ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ୨୦ରେ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ରାଉରକେଲା ଅଫିସ,୧୭। ୧୧- କେନ୍ଦ୍ର ସରକାରଙ୍କ ଅପାରଗତା ତଥା ଆର୍ଥିକ ମାନ୍ଦାବସ୍ଥା, ନିତ୍ୟ ବ୍ୟବହୃତ ଦ୍ରବ୍ୟର ଆକାଶ ଛୁଆଁ ଦରବୃଦ୍ଧି ଓ ବେକାର ସମସ୍ୟାକୁ ନେଇ ଆସନ୍ତା ୨୦ରେ ଜିଲା କଂଗ୍ରେସ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏନେଇ ବରିଷ୍ଠ ନେତା ରବି ରାୟ ସୂଚନା ପ୍ରଦାନ କରି କହିଛନ୍ତି, ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଆନ୍ଦୋଳନ କରାଯିବ। କେନ୍ଦ୍ର ସରକାର ଦେଶବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତା ହାତେଇବା ପରେ ଏବେ ଭୁଆଁ ବୁଲା ନୀତି ଧରିଛନ୍ତି। ପ୍ରତି କ୍ଷେତ୍ରରେ ଅସ୍ଥିରତାକୁ ଲୋକେ ସାମନା କରୁଛନ୍ତି। ଭାଜପା ସରକାର ଅମଳରେ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି ବୋଲି ରାୟ ପ୍ରକାଶ କରିଛନ୍ତି।

### ଛିନତାଇ ଅଭିଯୋଗରେ ୩ ଗିରଫ

ରାଉରକେଲା ଅଫିସ, ୧୭।୧୧ ରବିବାର ଭୋର ସମୟରେ ଜଣେ ମହିଳାଙ୍କ ମୋବାଇଲ ଛଡ଼ାଇ ନେଇ ଫେରାର ମାରିଥିବା ଅଭିଯୋଗରେ ସେକ୍ଟର-୧୯ ଥାନା ପୋଲିସ ୩ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ନାବାଳକ ଥିବା ପୋଲିସ ସନ୍ଦେହ କରି ନାମ ପ୍ରକାଶ କରିବାକୁ ମନା କରିଛି। ମିଳିଥିବା ସୂଚନା ଅନୁସାରେ ସେକ୍ଟର-୧୯ରେ ରହୁଥିବା ଦିଶା ମୁଖାର୍ଜୀ ରବିବାର ଭୋର ୬ଟା ସମୟରେ ଚାଲିବା ପାଇଁ ଫିଟନେସ ପାର୍କକୁ ଯାଉଥିଲେ। ଏହି ସମୟରେ ୩ ଜଣ ଯୁବକ ଏକ ବାଇକରେ ଆସି ଦିଶାଙ୍କ ମୋବାଇଲ ଲୁଟି ନେଇ ଫେରାର ମାରିଥିଲେ। ଏ ନେଇ ଦିଶା ସେକ୍ଟର-୧୯ ଥାନା ପୋଲିସକୁ ଜଣାଇଥିଲେ। ପୋଲିସର ମୋବାଇଲ ଟିମ ତୁରନ୍ତ ଆସି ଉକ୍ତ ଯୁବକମାନଙ୍କ ପିଛା କରିଥିଲା। ଶେଷରେ ଝିରପାଣି ପାଖରେ ଉକ୍ତ ୩ ଯୁବକଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଥିଲା। ତେବେ ଗିରଫ ଯୁବକମାନେ ନାବାଳକ ଥିବା ପୋଲିସ ଅନୁମାନ କରୁଛି। ଏହାସହ ସୋମବାର ଗିରଫ ଯୁବକମାନେ ନାବାଳକ ଅଟନ୍ତି କି ନାହିଁ ଜଣାପଡ଼ିବ ବୋଲି ପୋଲିସ କହିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୩/୨୦୧୯) ରୁଜୁ କରିବା ସହ ବ୍ୟବହୃତ ବାଇକକୁ ଜବତ କରିଛି।

■ ଡିୱାଇଏଫ୍‌ଆଇ ସମ୍ମିଳନୀରେ ଆନ୍ଦୋଳନ ପାଇଁ ଆହ୍ୱାନ

# ସମସ୍ତଙ୍କୁ ଶିକ୍ଷା ଓ ନିଯୁକ୍ତି ଦାବି

ରାଉରକେଲା ଅଫିସ, ୧୭।୧୧



ଡିୱାଇଏଫ୍‌ଆଇ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ବିରୋଧୀ ନିତୀ ବିରୋଧରେ ତଥା ସମସ୍ତଙ୍କୁ ଶିକ୍ଷା ଓ ନିଯୁକ୍ତି ଦାବିରେ ଡିୱାଇଏଫ୍‌ଆଇ ସୁନ୍ଦରଗଡ ଜିଲା କମିଟିର ୧୩ଶ ଜିଲା ସମ୍ମିଳନୀ ସେକ୍ଟର-୧୬ ସ୍ଥିତ ଶ୍ରମିକ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଯୁବ ସମାଜକୁ ସଂଗଠିତ କରି ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ସମ୍ମିଳନୀରେ ସଭାପତି ମଣ୍ଡଳୀ ଭାବେ ରାଜକିଶୋର ପ୍ରଧାନ, ବିଶ୍ୱଜିତ ମାଝୀ, ମନୋଜ ମିର୍ଦ୍ଧା, ମନୋଜ ପୁର୍ତ୍ତୀ ସମ୍ମିଳନୀରେ ଅଧକ୍ଷତା କରିଥିଲେ। ସଙ୍ଗଠନର ରାଜ୍ୟ ସଂଯୋଜକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ସମ୍ମିଳନୀକୁ ଉଦଘାଟନ କରିଥିଲେ। ଦେଶ ସ୍ୱାଧୀନ ହେବା ପରଠାରୁ ଶାସକ ଗୋଷ୍ଠୀ ଯୁବ ସମାଜକୁ ପ୍ରତାରିତ କରିଛନ୍ତି। ନିର୍ବାଚନ ସମୟରେ ଯୁବ ସମାଜକୁ ନିଜ ସ୍ୱାର୍ଥରେ ନିୟୋଜିତ କରୁଛନ୍ତି। କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ପ୍ରତିବର୍ଷ ୨କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ଭୁଲ ନୀତି ଯୋଗୁ କାରଖାନା ଗୁଡ଼ିକ ବନ୍ଦ ହେବା ଏବଂ ଏଥିରେ କାର୍ଯ୍ୟ କରୁଥିବା ଯୁବକମାନେ ବର୍ତମାନ ସମୟରେ ବେକାର ହୋଇଯାଇଛନ୍ତି ବୋଲି ସେ କହିଥିଲେ। ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ଏଆଇଡିଡବ୍ଲ୍ୟୁଏର ଜିଲା ସମ୍ପାଦକ ସାଲୋମୀ ମିଞ୍ଜ, କର୍ମଚାରୀ ନେତା ଭାଗିରଥୀ ଟୁଡୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ଲାଲ ବାହାଦୁର ମହାନ୍ତ ରାଜନୈତିକ ଓ ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ୩ବର୍ଷ ପାଇଁ ୨୧ ଜଣିଆ ଜିଲା କମିଟି ୫ଜଣିଆ କର୍ମକର୍ତ୍ତା କମିଟି ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ରାଜକିଶୋର ପ୍ରଧାନ, ସମ୍ପାଦକ ଭାବେ ଶେଖର ଶର୍ମା ନିର୍ବାଚିତ ହୋଇଥିଲେ। ଉପସଭାପତି ଭାବେ ମନୋଜ ମିର୍ଦ୍ଧା, ସନ୍ତୋଷ ସିଂ, ବାଦଲ ବାରିକ, ବିନୟ ଯାଦବ, ଯୁଗ୍ମ ସମ୍ପାଦକ ଭାବେ ମହମ୍ମଦ ଆରିଫ, ପ୍ରଭାତ ପାତ୍ର ଓ ନିର୍ମଳ ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ କବି ପ୍ରଧାନ, ସତ୍ୟମ ତନ୍ତୀ, ରାଜେଶ ନାୟକ, ପରେଶ ମହାନ୍ତି, ଚିତ୍ତରଞ୍ଜନ ଖମାରୀ, ସୂର୍ଯ୍ୟକାନ୍ତ ସାହୁ, ସମ୍ପିତ ସ୍ୱାଇଁ, ମନୋଜ ପୁର୍ତ୍ତୀ, ପୂର୍ଣ୍ଣଚନ୍ଦ୍ର କିସାନ, କମଳିନୀ ମହାନ୍ତ, ଡାନିଏଲ ଲାକ୍ରା, କୁନି ପ୍ରଧାନ, ଧମ୍ବରୁଧର ଦେହୁରୀ ପ୍ରମୁଖ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି।



ମିସନସଣ୍ଡେ ପକ୍ଷରୁ ସଫେଇ ଅଭିଯାନରେ ସାମିଲ କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଉଛନ୍ତି।

## କ୍ଲିନ କୋର୍ଟ, ଗ୍ରୀନ କୋର୍ଟ ନେଇ ମିଶନ ସଣ୍ଡେ ପକ୍ଷରୁ ସଫେଇ

ରାଉରକେଲା ଅଫିସ,୧୭।୧୧

ଓଡ଼ିଶା ହାଇକୋର୍ଟଙ୍କ ଆଗ୍ରହକ୍ରମେ ରାଉରକେଲା ସିଭିଲ ଓ ଦୌରା ଜଜ କୋର୍ଟ ପରିସରରେ ମିଶନ ସଣ୍ଡେ ପକ୍ଷରୁ ଶତାଧିକ ସ୍ୱେଚ୍ଛାସେବୀଙ୍କ ସହଯୋଗରେ କୋର୍ଟ ୟାର୍ଡ ମଧ୍ୟରେ ଥିବା ଅନାବନା ଗଛ କଟାଯାଇ ପରିଷ୍କାର କରାଯାଇ ଥିଲା। ଦୀର୍ଘଦିନ ଧରି କୋର୍ଟ ପରିସରରେ ପଡି ରହିଥିବା ଅଳିଆ ଆବର୍ଜନା ଉଠା ଯାଇଥିଲା। କୋର୍ଟ ପରିସରକୁ କିପରି ସରସ ସୁନ୍ଦର କରାଯାଇ ପାରିବ ସେନେଇ ସଙ୍ଗଠନ କର୍ମକର୍ତ୍ତା ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ସଫେଇ ପରେ ଆରଏମସି ଗାଡି ମାଧମରେ ଦୁଇ ଟ୍ରକ ଆବର୍ଜନା ଫିଙ୍ଗା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫାମିଲି କୋର୍ଟ ଜଜ ଧନୁର୍ଦ୍ଧର ସେନାପତି, ଏଡିଜେ ଦୀପକ କୁମାର, ସବ ଜଜ ନରେଶ ମହାନ୍ତି, ଏସଡିଜେଏମ ରଞ୍ଜନ ପ୍ରଧାନ, ଜେଏମ୍‌ଏଫସି (ରୁରାଲ) ଏସ୍.ଏସ୍. ସେନାପତି, ଜଜ ପ୍ରୀତି ମହାପାତ୍ରଙ୍କସମେତ ମିଶନ ସଣ୍ଡେ ସଭାପତି ଡ. ପି.କେ.ପଣ୍ଡା. ଭଗବାନ ପତି, ପି.ସି.ମିଶ୍ର, ପି.କେ.ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ରମେଶ ବଳ, ସମ୍ପାଦକ ଅକ୍ଷୟ ସାହୁ, ଆଇନଜୀବୀ ଅନୁସୂୟା ପଣ୍ଡା, ରବିମିଶ୍ର, ପି.କେ. ନାୟକ ଓ ବିଜୟ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ମଧୁମେହ ସଚେତନତା ଶୋଭାଯାତ୍ରା

ରାଉରକେଲା ଅଫିସ,୧୭।୧୧

ରାଉରକେଲା ଡାଇବେଟିଜ ଫୋରମ ଆନୁକୂଲ୍ୟରେ ରବିବାର ସକାଳ ୭ଟାରେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ୪୯ତମ ମାସିକ ରାଲି ରାଉରକେଲା ମଧୁସୂଦନ ଛକ ନିକଟରୁ ବାହାରି ମୁଖ୍ୟ ମାର୍ଗ ଦେଇ ଉଦିତନଗରଠାରେ ସମାପ୍ତ ହୋଇଥିଲା। ଏହାକୁ ବରିଷ୍ଠ ଡାକ୍ତର ଏସ୍.କେ.ରଥ ଓ ସ୍ନେହା ବଂଶଲ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ସୁରେଶ ବଂଶଲ, ରାହାସ ବିହାରୀ ମହାପାତ୍ର, ଏଲଏନ କର, ଏସଆର ସାମଲ ଓ ପିକେ ଦାସ ପ୍ରମୁଖ ଡାକ୍ତର ଉପସ୍ଥିତ ଥିଲେ। ସାରନଗରୀ ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ଏଥିରେ ମହାବୀର ପଣ୍ଡା, ଏସକେ ସିଂ, ରାଉରକେଲା ଗାୟତ୍ରୀ ଶକ୍ତିପୀଠରୁ ନିତ୍ୟାନନ୍ଦ ଦାସ, ବ୍ରିଜମୋହନ ଅଗ୍ରୱାଲ, କେବି ଦାସ ଓ ଗୋବିନ୍ଦ ପଣ୍ଡିତ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ମଧୁମେହ ରୋଗୀ ନିଜ ଜୀବନ ଶୈଳୀକୁ ନିୟନ୍ତ୍ରିତ କରିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ବିଶେଷକରି ଖାଦ୍ୟ ପାନୀୟରେ ସାବଧାନ ରହିବା, ଯୋଗ, ପ୍ରଣାୟମ ଆଦି ବ୍ୟାୟାମ ଆପଣାଇବାକୁ ଆହ୍ୱାନ ଦିଆଯାଇଥିଲା। ନିୟମିତ ଚଲାବୁଲା କରିବା ସହ ନିୟମିତ ରକ୍ତ ପରୀକ୍ଷା କରିବାକୁ ଉପସ୍ଥିତ ଡାକ୍ତରମଣ୍ଡଳୀ କହିଥିଲେ। ଏଭଳି ନିୟମକୁ କଡାକଡି ପାଳନ କଲେ ମହାମାରୀ ଭଳି ବ୍ୟାପୀ ଚାଲିଥିବା ମଧୁମେହରୁ ମୁକ୍ତି ମିଳି ପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନରେ ସଭା ସମିତି ଆୟୋଜନ କରାଯାଇ ମଧୁମେହ ସଚେତନତା ବାର୍ତ୍ତା ପ୍ରଦାନ କରିବାକୁ ଉପସ୍ଥିତ ଡାକ୍ତର ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ସନ୍ତୋଷ ପାରିଖ ଓ ହରିଓମ ବଂଶଲଙ୍କ ସମେତ ଶତାଧିକ ନାଗରିକ ଉପସ୍ଥିତ ଥିଲେ।



ରାଉରକେଲା ଡାଇବେଟିସ ଫୋରମ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ଅଶୋକ ସିଂଘଲଙ୍କୁ ଭାରତ ରତ୍ନ ମିଳୁ

ରାଉରକେଲା ଅଫିସ,୧୭। ୧୧

ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ପୁରୋଧା ତଥା ବିଶ୍ୱ ହିନ୍ଦୁ ପରିଷଦର ଅନ୍ତଃରାଷ୍ଟ୍ରୀୟ ଅଧକ୍ଷ ସ୍ୱର୍ଗତ ଅଶୋକ ସିଂଘଲଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଛନ୍ତି ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ। ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ସିଂଘଲଙ୍କୁ ଭାରତ ରତ୍ନ ସହ ତାଙ୍କ ନାମରେ ଏକ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଉ। ସିଂଘଲଙ୍କ ୪ର୍ଥ ତିରୋଧାନ ଦିବସ ଅବସରରେ କୁସୁମ ଏଭଳି ଦାବି କରିଛନ୍ତି। ତାଙ୍କ କହିବାନୁସାରେ ସିଂଘଲଙ୍କ ତ୍ୟାଗ ଓ ତପସ୍ୟା ତଥା ହିନ୍ଦୁ ସମାଜ ପାଇଁ ରହିଥିବା ଅବଦାନକୁ କେବେ ଗୌଣ କରି ହେବ ନାହିଁ। ସଂସଦରୁ ସମ୍ବିଧାନ ଯାଏ ସବୁ କ୍ଷେତ୍ରରେ ଅବହେଳିତ ହିନ୍ଦୁଙ୍କ ପାଇଁ ସେ ନିଷ୍ଠାର ସହ କାର୍ଯ୍ୟ କରି ଯାଇଛନ୍ତି। ହିନ୍ଦୁ ଧାର୍ମିକ ଅଧିକାରର ମୂଲ୍ୟାୟନ କରିଥିବା ସିଂଘଲ ଏନେଇ ନିଜ ନିଷ୍ପତ୍ତିରେ ଜୀବନବ୍ୟାପୀ ଅଟଳ ରହିଥିଲେ। ସମାଜ ବ୍ୟବସ୍ଥାରେ ଜାତି ଧର୍ମ ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ କେହି ଅବହେଳାର ଶିକାର ହେଉ ଏଭଳି ଚାହୁଁ ନ ଥିଲେ ସିଂଘଲ। ଏନେଇ ସେ ନିଜ ଜୀବନକୁ ଜଳାଞ୍ଜଳି ଦେବାକୁ ପଛାଇ ନ ଥିଲେ। ତାଙ୍କ ଜୀବନ ଆଧାତ୍ମିକ ଅଧିଷ୍ଠାନ ଉପରେ ପର୍ଯ୍ୟବସିତ ଥିଲା। ଜ୍ଞାନ ଭକ୍ତି ଓ କର୍ମର ସମନ୍ୱୟରେ ଜାଜ୍ୱଲ୍ୟମାନ ସିଂଘଲ ଦେଶ ମାତୃକାର ନିରଳସ ସେବା କରିଥିବାରୁ ଭାରତ ରତ୍ନ ପାଇବାକୁ ହକଦାର ବୋଲି କୁସୁମ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

■ ଅଶୋକ ସିଂଘଲଙ୍କୁ ଶ୍ରଦ୍ଧାଞ୍ଜଳି

# ରାମ ଜନ୍ମଭୂମି ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଥିଲେ ସିଂଘଲ



ରକ୍ତଦାନ ଶିବିରରେ ବଜରଙ୍ଗ ଦଳର କର୍ମକର୍ତ୍ତା।

ରାଉରକେଲା ଅଫିସ, ୧୭।୧୧

**୮୨ୟୁନିଟ ରକ୍ତ ସଂଗ୍ରହ**

ବିଶ୍ୱ ହିନ୍ଦୁ ପରିଷଦର ଶୀର୍ଷ ନେତା ଅଶୋକ ସିଂଘଲଙ୍କୁ ରବିବାର ବଜରଙ୍ଗ ଦଳ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ କୋଏଲ ନଗରଠାରେ ପ୍ରାନ୍ତ ଗୋରକ୍ଷା ପ୍ରମୁଖ ରାଜୁ ସିଂଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆୟୋଜିତ ରକ୍ତଦାନ ଶିବିରରେ ଦଳର କର୍ମୀମାନେ ରକ୍ତଦାନ କରିଥିଲେ। ଏଥିରେ ମୋଟ ୮୨ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଉପସ୍ଥିତ ଦଳର କର୍ମକର୍ତ୍ତା କହିଲେ, ଆଜନ୍ମ ବ୍ରହ୍ମଚାରୀ ଅଶୋକ ସିଂହଲ ରାମ ଜନ୍ମଭୂମି ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଥିଲେ। ତାଙ୍କ ନୀତି ଆଦର୍ଶ ଅନ୍ୟମାନଙ୍କୁ ସର୍ବଦା ଆକୃଷ୍ଟ କରୁଥିଲା। ଜଣେ ସଚ୍ଚା ଦେଶଭକ୍ତ ଭାବେ ସେ ସଂଘର ଦାୟିତ୍ୱ ଅତି ନିର୍ଭୀକ ଓ ଉତ୍ତମ ଭାବେ ପରିଚାଳନା କରିଥିଲେ। ଦେଶର ସାମାଜିକ ଓ ରାଜନୈତିକ ପୃଷ୍ଠଭୂମିକୁ ନିର୍ମଳ କରିବାକୁ ସେ ଚେଷ୍ଟା କରିଥିଲେ। ସଂଘର ଅଧକ୍ଷ ରୂପେ ସେ ଦାୟିତ୍ୱ ନେବା ପରେ ନୂଆ ଦିଗଦର୍ଶନ ଦେଇଥିଲେ। ତାଙ୍କ ଚିନ୍ତା ଚେତନାରେ ସର୍ବଦା ସାମଗ୍ରିକ ଉନ୍ନତି ହିଁ ବସା ବାନ୍ଧି ରହିଥିଲା। ତାଙ୍କର ଗୁଣ ଗରିମା ଦେଶ ବିଦେଶରେ ବେଶ ଆଦୃତି ଲାଭ କରିଥିଲା। ତାଙ୍କ ଭଳି ଜଣେ ସଚ୍ଚା ସ୍ୱୟଂସେବକଙ୍କ ଏ ଦେଶ ଓ ଜାତି ପ୍ରତି ଅବଦାନକୁ କେବେ ଭୁଲି ହେବ ନାହିଁ ବୋଲି ଏଥିରେ ଉପସ୍ଥିତ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏ କାର୍ଯ୍ୟକ୍ରମରେ ଶଙ୍କର ବର୍ମା, ରଜତ ବିଶ୍ୱକର୍ମା, ସୁରଜ କୁମ୍ଭାର, ଦୀପ୍ତି କୁମ୍ଭାର, ରଞ୍ଜନ ମହାତୋ, ରଞ୍ଜିତ ମହାରଣା, ହାପି ପଟ୍ଟନାୟକ, ଶ୍ରୀକାନ୍ତ ରାୟ, ପ୍ରତାପ କୁମ୍ଭାର, ବିକାଶ କଚ୍ଛୱା, ବାସୁଦେବ କୁମ୍ଭାର ଓ ସଚିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାୟାଧର ମାନସିଂ ଓ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ରାଉରକେଲା ଅଫିସ, ୧୭।୧୧

ରାଉରକେଲାର ପ୍ରଗତିଶୀଳ ସାହିତ୍ୟାନୁଷ୍ଠାନ ଓଡିଆ ଭାଷା ବିକାଶ ମଞ୍ଚ ଓ ରଘୁନାଥପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଅନୁକୁଲ୍ୟରେ କବି ଡା. ମାୟାଧର ମାନସିଂହ ସ ଧରତି ଆବା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଞ୍ଜବିହାରୀ ରାଉତ ମୁଖଅତିଥି , ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ଏବଂ ସମାଜିକ କର୍ମୀ, ଧନଞ୍ଜୟ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି ମାୟାଧର ମାନସିଂହ ଏକଧାରରେ ଜଣେ କବି, ନାଟ୍ୟକାର, ଶିକ୍ଷାବିତ ଓ ବିଶିଷ୍ଟ ସମାଲୋଚନ ଭାବେ ପରିଚିତ ଥିଲେ ବୋଲି ମୁଖ୍ୟଅତିଥି ରାଉତ କହିଥିଲେ। ଏହାସହ ବିର୍ସା ମୁଣ୍ଡାଙ୍କୁ ଧରତି ଆବା ରୂପେ ଅଭିହିତ କରି ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରେମ ପ୍ରଣୟ, ସ୍ୱଦେଶ ପ୍ରୀତି ଓ ପ୍ରକୃତି ପ୍ରେମର କବି ଡା. ମାନସିଂହ ବିଗତ ୫୦ବର୍ଷ ଧରି କବିତା, ନାଟକ, ସମାଲୋଚନା ସାହିତ୍ୟକୁ ପରିପୁଷ୍ଟ କରି ଯାଇଥିଲେ ବୋଲି ମୁଖ୍ୟବକ୍ତା ମହାପାତ୍ର କହିଥିଲେ। ସେହିପରି ବିର୍ସା ମୁଣ୍ଡା ଇଂରେଜମାନଙ୍କ ବିରୋଧରେ ଲଢ଼ିଥିଲେ ତାହା ଅନନ୍ୟ ବୋଲି ମତପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜେନା ଉଭୟ ମହାତ୍ମାଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ସେମାନଙ୍କ ଜୀବନୀରୁ ଉଦବୁଦ୍ଧ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀ ଖୁସି ଦାସ ଓ ସୋନାଲିସା ସାହୁ ଏବଂ ଛାତ୍ର ବରୁଣ ସମାସୀ ଉଭୟଙ୍କ ଜୀବନୀ ଉପରେ ପ୍ରବନ୍ଧ ପାଠ କରିଥିଲେ। ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ କୃତୀ ଉତ୍ତରଦାତାଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର ସାହୁ, ସୀମନ୍ତିନୀ ରାଉତ, ଅପର୍ଣ୍ଣା ସାମଲ, ଲିତାଞ୍ଜଳୀ ସାହୁ, ବାସନ୍ତୀ କୁମାରୀ ସ୍ୱାଇଁ, ଅରୁଣା ନାୟକ, ସାଗରିକା ସାହୁ ପ୍ରମୁଖ ସହଯୋଗ କରିଥିଲେ।



ମାୟାଧର ମାନସିଂ ଓ ବିର୍ସା ମୁଣ୍ଡା ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ସଚେତନ ନାଗରିକ ମଞ୍ଚ ପକ୍ଷରୁ ପ୍ରସ୍ତୁତି ବୈଠକ

ରାଉରକେଲା ଅଫିସ, ୧୭।୧୧

ଆସନ୍ତା ଡିସେମ୍ବର ୧ରେ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ହେବାକୁ ଥିବା ରାଉରକେଲା ସଚେତନ ନାଗରିକ ମଞ୍ଚର ୫ମ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଆମ୍ବଗାନସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ଡ. ଭାବଗ୍ରାହୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହରର ବହୁ ବରିଷ୍ଠ ନାଗରିକ ତଥା ମଞ୍ଚର ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇ ଆସନ୍ତା ବାର୍ଷିକ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ସମ୍ପାଦକ ପି.ପି.ରାୟ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥିଲେ । ଉତ୍ସବର ସଫଳତା ନିମନ୍ତେ ଗଠିତ ବିଭିନ୍ନ କମିଟି ପକ୍ଷରୁ ନିଆଯାଇଥିବା ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ଆସନ୍ତା ୧ ତାରିଖରେ ସ୍ଥାନୀୟ ସିଭିକ ସେଣ୍ଟର ଠାରେ ସଚେତନ ନାଗରିକ ମଞ୍ଚର ୫ମ ବାର୍ଷିକ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ।


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

ଏଥିରେ ରାଜ୍ୟର ବହୁ ବରିଷ୍ଠ ରାଜନେତା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଆୟୋଜିତ ବୈଠକରେ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଉପସ୍ଥିତ ଥିବା ସଦସ୍ୟମାନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ମଞ୍ଚର କାର୍ଯ୍ୟକାରୀ ସଭାପତି ପୀତବାସ ମିଶ୍ର ଉତ୍ସବର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଇଚ୍ଛୁକ ବ୍ୟକ୍ତିମାନେ ସ୍ମରଣିକା ନିମନ୍ତେ ଉପାଦେୟ ଲେଖା ପଠାଇବା ପାଇଁ ଅନୁରୋଧ କରିଥିଲେ । ଆଇନଜୀବୀ ରମେଶ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ବୈଠକରେ ଇଂ ଭରତ ଚନ୍ଦ୍ର ଦାସ, ଡ.ରାହାସ ବିହାରୀ ମହାପାତ୍ର, ଜଗବନ୍ଧୁ ଜେନା, କୁଞ୍ଜବିହାରୀ ରାଉତ, ଡ.ବସନ୍ତ କୁମାର ଦାସ, ନିରଞ୍ଜନ ଦାସ, ଚିତ୍ତରଞ୍ଜନ ଦାସ, ରାଜକିଶୋର ମିଶ୍ର, ସୁରେଶ ଚନ୍ଦ୍ର ଗୁପ୍ତା, ଇଂ ଅଭୟ କୁମାର ଦାସ, ଡ.ଉମାକାନ୍ତ ପଣ୍ଡା, ଶୈଳେନ୍ଦ୍ର କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଉପେନ୍ଦ୍ର କୁମାର ନାୟକ, ସୁବ୍ରତ କୁମାର ମଲ୍ଲିକ, ଶିବଚରଣ ବୋଇତି, ଡ.ସୁବାସ ଚନ୍ଦ୍ର ଲେଙ୍କା, ଚନ୍ଦ୍ରମଣି ଦାସ, ବିଶ୍ୱନାଥ ପଟ୍ଟନାୟକ, ପାର୍ଥସାରଥି ମହାପାତ୍ର, ବୃନ୍ଦାବନ ମହାନ୍ତି, କିଶୋରୀ ମୋହନ କର, ଏ.ଆର.କ୍ୟୁରେସି, ହାଡ଼ିବନ୍ଧୁ ମହାପାତ୍ର, ଉମାଶଙ୍କର ତିୱାରୀ, ଫକିର ମୋହନ ପାଣି, ପ୍ରତିମା ମହାପାତ୍ର, କାମାକ୍ଷା ନାରାୟଣ ଚୋବେ, ଜ୍ଞାନରଞ୍ଜନ ମିଶ, ଜଟାଧାରୀ ମାଝୀ ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ ବୋଲି ସାଧାରଣ ସମ୍ପାଦକ ରାୟ ଜଣାଇଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୮ ନଭେମ୍ବର, ୨୦୧୯



ମୋ ବିରୋଧରେ ଅଣାଯାଇଥିବା ଯୌନଶୋଷଣ ଅଭିଯୋଗ ମିଛ ଓ ଭିତ୍ତିହୀନ, ମୋର ଦୁଇ ଝିଅ ଥିବାବେଳେ ମୁଁ ଏପରି କିପରି କରିପାରିବି।
-ଅନୁ ମଲିକ୍,
ମ୍ୟୁଜିକ୍ କମ୍ପୋଜର



## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଂକୁଳସ୍ତରୀୟ ବାର୍ଷିକ କ୍ରୀଡା

ବାଲିଶଙ୍କରା, ୧୭।୧୧ (ଡି.ଏନ.ଏ)- ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି ସୁନ୍ଦରଗଡ ତରଫରୁ ରବିବାର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡା ମହୋତ୍ସବ ବାଲିଶଙ୍କରା ବଙ୍ଗଳା ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବାଲିଶଙ୍କରା ସରସ୍ୱତୀ ଶିଶୁ ମନ୍ଦିର ସଭାପତି ଯୁଗେଶ୍ୱର ସାହୁଙ୍କ ନେତୃତ୍ୱରେ ଏହା ପାଳିତ ହୋଇଯାଇଛି। ସର୍ବ ପ୍ରଥମେ ଛାତ୍ରୀଛାତ୍ରଙ୍କ ତରଫରୁ ମଶାଲ ଜାଳି ଖେଳ ପଡିଆରେ ପହଞ୍ଚି ସ୍ଥାପନ କଲାପରେ ସଭା ଆରମ୍ଭ କରି ଶପଥ ପାଠ କରାଯାଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ଅମିତ କୁମାର ଠାକୁର ଯୋଗଦେଇ ଉଦବୋଧନ ଦେଇ କହିଥିଲେ କି ପାଠ ଅଧ୍ୟୟନ କରିବା ସହିତ ଖେଳକୁଦ କଲେ ଶରୀର ସୁସ୍ଥ ରହିବା ସହିତ ମନସ୍ଥିରତା ରହିଥାଏ । ସଂକୁଳ ସଂଯୋଜକ ସୁନୀଲ କୁମାର ପଟେଲ, ଜନ୍ମଜୟ ପଟେଲ, କେଶବ ଚନ୍ଦ୍ର ରଣା, ପ୍ରଦୀପ କୁମାର ନନ୍ଦ, ଅଭିମନ୍ୟୁ ରାଉତ, ଅଙ୍କିତାରାଣୀ ଦେଓ, ନବୀନ ଚନ୍ଦ୍ର କରାଲି ଖେଳ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ ସଙ୍କୁଳସ୍ତରୀୟ କ୍ରୀଡାରେ ୯ଟି ବିଦ୍ୟାଳୟ ଯୋଗଦେଇଥିଲେ ।

■ ଝାରସୁଗୁଡ଼ା ଜିଲା କ୍ରିକେଟ ଲିଗ୍

# ବ୍ରଜରାଜନଗର ଆମ୍ବିଶନ କ୍ଲବ ଚାମ୍ପିୟନ

ବେଲପାହାଡ଼, ୧୭।୧୧ (ଡି.ଏନ୍.ଏ.): ଲିଓ ୟୁଥ ଆସୋସିଏଶନ ପକ୍ଷରୁ ଟିଆର୍ଏଲ୍ ଷ୍ଟାଡ଼ିୟମରେ ଆୟୋଜିତ ଜିଲା କ୍ରିକେଟ ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ବ୍ରଜରାଜନଗର ଆମ୍ବିଶନ କ୍ଲବ ବେଲପାହାଡ଼ର ଲିଓ ୟୁଥ ଆସୋସିଏଶନକୁ ୨୬ ରନ୍‌ରେ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ଆମ୍ବିଶନ କ୍ଲବ ଟସ୍ ଜିତି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୬୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଲିଓ ୟୁଥ ୨୪.୩ ଓଭରରେ ୧୦ ଉଇକେଟ ହରାଇ ୧୩୮ ରନ୍ କରିଥିଲା। ଲିଓ ୟୁଥ ଦଳର ଏମ୍‌ଡି କୈଫ ଗୋଟିଏ ଉଇକେଟ ନେଇଥିବା ବେଳେ ଆମ୍ବିଶନ ଦଳର ସଫି ହୁସେନ ୩ଟି ଉଇକେଟ ହାସଲ କରିଥିଲେ। ଅମ୍ପାୟର ସଞ୍ଜୟ ମିଶ୍ର ଏବଂ ମନୋଜ ସିଂ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

ଉଦ୍‌ଯାପନୀ ଉତ୍ସବରେ ଟିଆର୍ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡ.ତାରାପଦ ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଆମ୍ବିଶନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲିଓ ୟୁଥ ଦଳକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ। ଓଡ଼ିଶା କ୍ରିକେଟ ସଂଘର ଯୁଗ୍ମ ସମ୍ପାଦକ ମେହେତାବ ଖାନ, ଜିଲା କ୍ରିକେଟ ସଂଘ ସଭାପତି ପ୍ରଜ୍ୱଳ ପଟେଲ, ଟିଆର୍ଏଲ୍ କ୍ରୋସକି ସୁରକ୍ଷା ଅଧିକାରୀ ପ୍ରଫୁଲ୍ଲ ରଥ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଆମ୍ବିଶନ ଦଳର ସଫି ହୁସେନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍, ଲିଓ ୟୁଥ ଦଳର ଜଗଜିତ ମହାନ୍ତିଙ୍କୁ ମ୍ୟାନ ଅଫ ଦି ସିରିଜ ଓ ବେଷ୍ଟ ବୋଲର୍ ଏବଂ ଆମ୍ବିଶନ ଦଳର ରୋହିତ ପାଶୱାନଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା।

### ନିଆଁ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଲଇକେରା, ୧୭।୧୧ (ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା ଲଇକେରା ଥାନା ସାହାସପୁର ଫାଣ୍ଡି ଅଧୀନ କାଦୋଦରହ ଗ୍ରାମରେ ରବିବାର ସନ୍ଧ୍ୟାରେ ଜଣେ ମହିଳା ଦେହରେ କିରୋସିନ ଢାଳି ନିଆଁ ଲାଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ କାଦୋଦରହ ଗାଁର ସୁରେନ୍ଦ୍ର ରଣାଙ୍କ ସ୍ତ୍ରୀ ବଲ୍ଲଭି ରଣା(୩୧)।

ପୋଲିସର ସୂଚନା ମୁତାବକ, ବଲ୍ଲଭି ସନ୍ଧ୍ୟାରେ ଘର ପଛ ପଟେ ଥିବା ପାଇଖାନାକୁ ଯାଇଥିଲେ। ପରେ ସେ କବାଟ ବନ୍ଦ କରି ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ହେଲେ ମୃତ୍ୟୁର କାରଣ ଜଣାପଡି ନାହିଁ।

ସଡ଼କ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

# ବଡ଼ଗାଁରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବଡ଼ଗାଁ, ୧୭।୧୧ (ଡି.ଏନ.ଏ) ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିସି)ରେ ରବିବାର ପୂର୍ବାହ୍ନରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଓ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଏମଭିଆଇ ରାମଦାସ ଟିଡୁ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ପରିବହନ ଅଧିକାରୀ (ଏଆରଟିଓ) ସସ୍ମିତା ବେହେରା, ଅବସରପ୍ରାପ୍ତ ଶିକ୍ଷକ ଛବିଳ ସେଠ, ବଡ଼ଗାଁ ଥାନା ଏଏସଆଇ ହେମନ୍ତ ବେହେରା, ଗଣମାଧ୍ୟମ ପ୍ରତିନିଧି ମୀନାକ୍ଷୀ ନାଏକ ଯୋଗଦେଇଥିଲେ। ମୁଖ୍ୟଅତିଥି ଟିଡୁ, ଚଳିତ ବର୍ଷ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ସେ କହିଥିଲେ, ଆଜିର ଦିନରେ ଆନ୍ତର୍ଜାତିକ ସ୍ତରରେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସ୍ମୃତିରେ ଏହା ପାଳନ କରାଯାଉଛି । ପୃଥିବୀରୁ ବାର୍ଷିକ ୧୪ ଲକ୍ଷ ଲୋକଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ



ବଡ଼ଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ରରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ହେଉଛି । ଏହା ମହାମାରୀ ରୋଗରୁ କମ୍ ନୁହେଁ । ଏହାକୁ କିପରି କମ କରାଯିବ ସେ ନେଇ ସଚେତନତାର ବାର୍ତ୍ତା ଦେଇଥିଲେ। ସୁନ୍ଦରଗଡ ଜିଲା ଓଡିଶାରେ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ସର୍ବାଧିକ। ୨୦୧୯ର ନୂଆ ନିୟମକୁ କିପରି କଡାକଡି କରାଯାଇଛି ସୂଚନା ଦେଇଥିଲେ। ସମସ୍ତ ଅତିଥି ମୃତକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏଆରଟିଓ ବେହେରା, ଅବସରପ୍ରାପ୍ତ ଶିକ୍ଷକ ସେଠ ସଡକ ସୁରକ୍ଷା ଉପରେ ପ୍ରାଞ୍ଜଳଭାବେ ବୁଝାଇଥିଲେ । ଜୟ ଯବାନ ଜୟ କିଷାନ କୃଷକ ସଙ୍ଗଠନର ସଭାପତି ରବୀନ୍ଦ୍ର ପଟେଲ, ସତ୍ୟନାରାୟଣ ନାୟକ, ଗୌରାଙ୍ଗ ପୃଷେଟ, ସଡକ ଦୁର୍ଘଟଣାରେ ମୃତ ଭୋଇପାଲିର ରମେଶ ପଟେଲ, ସାଲବିରାର ଭବାନୀ ଶଙ୍କର ତ୍ରିପାଠୀ, ବଡଗାଁର ଆଲିଚାନ୍ଦ ବାରିକ, ତୁଡାଲଗାର ବଷ୍ଟି, ସଚିତ ପାଉଲେଙ୍କ ସ୍ମୃତିଚାରଣ କରିଥିଲେ । ପୋଲିସ ପକ୍ଷରୁ ବୈଠକରେ ଶୋଭାଯାତ୍ରାରେ ଲିଫଲେଟ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଇଟିସି ନିର୍ଦ୍ଦେଶକ ଡ. ଅରୁଣ ନାୟକ ଅଧକ୍ଷତା କରିଥିଲେ ।

# କେନ୍ଦୁପତ୍ର ତୋଳାଳି ଓ ସିଜ୍‌ନାଲ କର୍ମଚାରୀଙ୍କ ବୈଠକ

ବଡ଼ଗାଁ, ୧୭।୧୧ (ଡି.ଏନ.ଏ) ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ କେନ୍ଦୁପତ୍ର କାର୍ଯ୍ୟାଳୟ ପରିସରରେ ଶନିବାର କେନ୍ଦୁପତ୍ର ତୋଳାଳି ଓ ସିଜନାଲ କର୍ମଚାରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଉରକେଲା ଡିଭିଜନ ସମ୍ପାଦକ କ୍ଷେତ୍ର ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସଂଘର ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା ଯୋଗଦେଇଥିଲେ । ବୈଠକରେ ରେଞ୍ଜ ଅଞ୍ଚଳର ତୋଳାଳି ଓ ସିଜନାଲ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟ ସମ୍ପାଦକ ମୁର୍ତ୍ତୁଜା ତୋଳାଳିମାନଙ୍କୁ ଏକ ହଜାର କେରି ପରିବର୍ତ୍ତେ ୨ ହଜାର କେରି ଧାର୍ଯ୍ୟ କରିଥିବା ଯୋଗ୍ୟଙ୍କୁ ଓ ସିଜିନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରୀ ଠିକ ଅନୁପାତରେ ନ ବଢ଼ିଥିବା ହେତୁ ସଂଘ ଏହାକୁ ବିରୋଧ କରି ଆଗାମୀ ୨୯ ତାରିଖ ଭୁବନେଶ୍ୱର ପିସିସିଏଫ ଅଫିସ ଘେରାଉ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦେବା ସହ ଘେରାଉକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ବନ୍ଧେଇ ଶ୍ରମିକଙ୍କୁ ବୋନସ, ମଜୁରୀ ଓ କେତେକ ଛାତ୍ରୀଛାତ୍ରଙ୍କୁ ଛାତ୍ର ବୃତ୍ତି ମିଳି ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା । କେନ୍ଦୁପତ୍ର ବିକ୍ରିରେ ଦର ଠିକ କରାଯାଇ ନ ଥିବାରୁ ମାନ୍ଦାବସ୍ଥା ସୃଷ୍ଟି ହେଉଛି। ଏଥିଯୋଗୁଁ ସଂସ୍ଥା ବିପଦଗ୍ରସ୍ତ ହେବାର ଆଶଙ୍କା ଥିବାରୁ ସଂଘକୁ ଶକ୍ତିଶାଳୀ କରିବାକୁ ରାଜ୍ୟ ସମ୍ପାଦକ ମୁର୍ତ୍ତୁଜା ଆହ୍ୱାନ ଦେଇଥିଲେ । ବୈଠକରେ ସୁନ୍ଦରଗଡ ହେଡ ଚେକର ଶୋଭାରାମ ପ୍ରଧାନ, ବଡଗାଁର ହେଡ ଚେକର୍ ଭୋଳାନାଥ ରଣା, ରେଞ୍ଜ ସେକ୍ରେଟାରୀ ବିରଞ୍ଚି ରାଉତ, ଜନ୍ମଜୟ ସାହୁ, ନିରାକାର ଖିଲାରୀ, ନିରଞ୍ଜନ ଭୈସାଲ ପ୍ରମୁଖ କର୍ମକର୍ତ୍ତାମାନେ ତୋଳାଳି ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ ।



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ।



କିଞ୍ଜିରକେଲା ସେକ୍ସନ ଅଞ୍ଚଳରେ ହାତୀପଲ ଯୋଗୁଁ ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି।

# କିଞ୍ଜିରକେଲା ଅଞ୍ଚଳରେ ହାତୀପଲ ଉପଦ୍ରବ: ଧାନ ଚାଷ କ୍ଷତି

ବାଲିଶଙ୍କରା, ୧୭।୧୧ (ଡି.ଏନ.ଏ) ସୁନ୍ଦରଗଡ଼ ଜିଲା ଉଜ୍ଜଳପୁର ରେଞ୍ଜ କିଞ୍ଜିରକେଲା ସେକ୍ସନ ଅନ୍ତର୍ଗତ ରଷ୍ଟି କେନ୍ଦୁଡିହି, ବ୍ରାହ୍ମଣମରା, ତିଲଡେଗା, ଗାଇଡେଗା, କିନିକବନ୍ଧ, ଜବଲାଡିହି ଗ୍ରାମରେ ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଫଳରେ ଧାନ ଚାଷକୁ ଖାଇ ମାଡିଦଳି ଦେବାରୁ ବ୍ୟାପକ କ୍ଷତି ଘଟିଚାଲିଛି। ଏନେଇ ଚିନ୍ତାରେ ଚାଷକୁଳ ଅଛନ୍ତି। କେତେ ଧାରକରଜ କରି ଦିନରାତି ଖଟି ପରିଶ୍ରମ କରି ନିଜର ଜୀବନ ଜୀବିକାକୁ ପରିପୋଷଣ କରିବା ପାଇଁ ଧାନଚାଷ, ପନିପରିବା ଇତ୍ୟାଦି ଚାଷ କରିଥିଲେ। ମାତ୍ର ହାତୀ ଯୋଗୁ ତାହା ଧୂଳିସାତ ହୋଇଯାଇଛି। ବନବିଭାଗ ପକ୍ଷରୁ ଅଞ୍ଚଳରୁ ହାତୀପଲଙ୍କୁ ଘଉଡାଇବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ନିକଟସ୍ଥ ଖଡିଟୁଙ୍ଗୁରୀ, ପୋଢ଼ବନ୍ଧା, ସଲିହାଦାଣ୍ଡ ଜଙ୍ଗଲରେ ରହି ନିତିଦିନ ସନ୍ଧ୍ୟା ସମୟରେ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରିବା ଯୋଗୁ ଚାଷୀ ପାଇଁ ଚିନ୍ତାର ବିଷୟ ପାଲଟିଛି । ପରିତାପର ବିଷୟ କି ଏହି ଗ୍ରାମରେ ହାତୀପଲଙ୍କ ଶବ୍ଦରେ ରାତି ଅନିଦ୍ରାରହି ଭୟରେ ରହୁଥିବା ଦୁଃଖଭରା କଣ୍ଠରେ ଅଞ୍ଚଳର ଜନସାଧାରଣ ପ୍ରକାଶ କରିଛନ୍ତି । ଏହି ହାତୀ ପଲକୁ ଅଞ୍ଚଳରୁ ଘଉଡାଇବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେବାପାଇଁ ଅଞ୍ଚଳବାସୀଙ୍କ ଦାବି କରିଛନ୍ତି।

### ଛାତ୍ରଙ୍କ ବିୟୋଗରେ ଶୋକ ସଭା

କୋଲାବିରା, ୧୭।୧୧ (ଡି.ଏନ୍.ଏ.): କୋଲାବିରା ବ୍ଲକ ସମାସିଂହା ସରକାରୀ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ର ଟିକେଶ୍ୱର ବନଛୋରଙ୍କ ବିୟୋଗରେ ସ୍କୁଲରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଧାବୀ ଛାତ୍ର ଥିଲେ। ମିଳିଥିବା ସୂଚନା ମୁତାବକ, ଟିକେଶ୍ୱର ଜ୍ୱରରେ ଆକ୍ରାନ୍ତ ହୋଇ ଝାରସୁଗୁଡ଼ାର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ବିଦ୍ୟାଳୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ପାକେଲପଡ଼ାରେ ରକ୍ଷକ ସଚେତନତା କାର୍ଯ୍ୟକ୍ରମ

ଲଇକେରା, ୧୭।୧୧ (ଡି.ଏନ୍.ଏ.) ଝାରସୁଗୁଡ଼ା ଜିଲା ପାକେଲପଡ଼ା ବିଜୁ ଯୁବବାହିନୀ ପକ୍ଷରୁ ରବିବାର ରକ୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ନିମସାଗର ପାନ, ସମ୍ପାଦକ ସନେଜ ମାଝିଙ୍କ ନେତୃତ୍ୱରେ ବାଇକ୍ ଆରୋହୀମାନଙ୍କୁ ସଡ଼କ ସୁରକ୍ଷା ସଂକ୍ରାନ୍ତରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ହେଲମେଟ ପିନ୍ଧିଥିବା ବାଇକ୍ ଆରୋହୀଙ୍କୁ ଚକୋଲେଟ୍ ଦେଇ ସ୍ୱାଗତ କରାଯାଇଥିଲା। ଆକାଶ ମରେହୀ, ଅରୁଣ ମାଝି, ଆକାଶ ହଂସ, ସତ୍ୟ ଛୁରା, ରୂପେଶ ପାଢୀ, ଜିତୁ, ଲିପନ, ରଞ୍ଜନ ଏବଂ ଦୀପକ ବାବୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ରକ୍ଷକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜୁ ଯୁବବାହିନୀ ସଦସ୍ୟ।

ଲଇକେରା ବ୍ଲକ ଚାଷୀ ସଂଗଠନର ବୈଠକ

# ନଭେମ୍ବର ୨୨ରୁ ଧାନ କିଣା ଆରମ୍ଭ

ଲଇକେରା, ୧୭।୧୧ (ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଚାଷୀ ସଂଗଠନ ପକ୍ଷରୁ ପାକେଲପଡ଼ା ଧାଙ୍ଗରୀନଚା ଜଙ୍ଗଲ ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାଷୀମାନେ କିପରି ସୁଚାରୁ ଭାବେ ଧାନ ବିକି ପାରିବେ ନେଇ ଆଲୋଚନା ହୋଇଥିଲା। ହେଲେ ଧାନ କିଣା ନେଇ ମାର୍କେଟୟାର୍ଡଗୁଡିକରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇ ନ ଥିବା ନେଇ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ । ଆସନ୍ତା ୨୨ତାରିଖରୁ ଜିଲାରେ ଧାନ କିଣା ଆରମ୍ଭ ହେଉଥିବାବେଳେ ଲଇକେରାରେ ଧାନ କିଣା ଶୁଭାରମ୍ଭ ହେବା ନେଇ ବୈଠକରେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ଚାଷୀ ସଂଗଠନର କର୍ମକର୍ତ୍ତା ଚୟନ କରାଯାଇଥିଲା। ୪ଟି ସମବାୟ ସମିତିରୁ ୨ଜଣ ଲେଖାଏଁ ପ୍ରତିନିଧିଙ୍କୁ ଚୟନ କରାଯାଇଥିଲା। ଲଇକେରା ସେବା ସମବାୟ ସମିତି ଅଧୀନରୁ ଦିଲୀପ ବେହେରା, ଉମାଶଙ୍କର ପ୍ରଧାନ ସାହାସପୁର ସେବା ସମବାୟ ସମିତି ଅଧୀନରୁ ସରୋଜ ପଟେଲ, ସବ୍ୟସାଚୀ ସାହୁ ପାକେଲପଡ଼ା ସେବା ସମବାୟ ଅଧୀନରୁ ପୌଲସ୍ତ୍ରୀ ପଟେଲ, ଅଶୋକ ପଟେଲ ବାବୁଛିପିଡିହି ସେବା ସମବାୟ ସମିତି ଅଧୀନରୁ ଜେନାମଣୀ ପଟେଲ ଓ ପ୍ରଦୀପ ତ୍ରିପାଠୀଙ୍କୁ ଚୟନ କରାଯାଇଛି। ବ୍ଲକ ସଂଗଠନ ସଭାପତି ଭାବେ ହେମନ୍ତ ସାଗର କୁମୁରା, ସମ୍ପାଦକ ଭାବେ ସୁଧର୍ମା ପଟେଲ, ସହସମ୍ପାଦକ ଭାବେ ଅବନୀ ଦାଶ ଏବଂ କୋଷାଧ୍ୟକ୍ଷ ଭାବେ ସାହାସପୁରର ସଞ୍ଜୟ ସୁକୁମାର ପଟେଲ ଏବଂ ୧୧ଟି ପଞ୍ଚାୟତରୁ ୨ଜଣ ଲେଖାଏଁ ସଭ୍ୟ ବ୍ଲକ ସଂଗଠନ ପାଇଁ ମନୋନୀତ ହୋଇଛନ୍ତି।



ଲଇକେରା ବ୍ଲକ ଚାଷୀ ସଂଗଠନ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଏବଂ ଚାଷୀମାନେ।